# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୯/୨୦୨୨ (୧୪ ପୃଷ୍ଠା) | Bhubaneswar, Friday, August 19/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୨୬୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଜୟନ୍ତୀଙ୍କୁ ସ୍ୱର୍ଣ୍ଣ**

ବେଙ୍ଗାଲୁରୁର ଶ୍ରୀ କାନ୍ତିରାଭା ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ ଓପନ ଜାତୀୟ ପାରା ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଜୟନ୍ତୀ ବେହେରା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୪

୧୦

**ସୁରଜଙ୍କ ଅଡୁଆ ବଢ଼ିଲା**

ବଲିଉଡ୍‌ର ଦିବଂଗତ ଅଭିନେତ୍ରୀ ଜିଆ ଖାନ୍‌ଙ୍କ ମା' ରାବିଆ ଖାନ୍ ଅଭିନେତା ସୁରଜ ପାଞ୍ଚୋଲିଙ୍କ ବିରୋଧରେ କୋର୍ଟରେ ବୟାନ ରେକର୍ଡ କରାଇଛନ୍ତି।



## ବନ୍ୟା ପାଇଁ ଏଏସ୍‌ଓ ପରୀକ୍ଷା ସ୍ଥଗିତ

**କଟକ ଅଫିସ, ୧୮।୮:** ରାଜ୍ୟରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ୨୧ ତାରିଖରେ ହେବାକୁ ଥିବା ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ଲିଖିତ ପରୀକ୍ଷା ସ୍ଥଗିତ ରଖାଯାଇଛି। ଏନେଇ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଖୁବ୍‌ଶୀଘ୍ର ଉକ୍ତ ପରୀକ୍ଷା ପାଇଁ ପରବର୍ତ୍ତୀ ତାରିଖ ଘୋଷଣା କରାଯିବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ୭୯୬ଟି ଏଏସ୍‌ଓ ପଦବୀ ପୂରଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏହାପରେ ଓପିଏସ୍‌ସି କର୍ତ୍ତୃପକ୍ଷ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରି ଲିଖିତ ପରୀକ୍ଷା ପାଇଁ ୨୧ ତାରିଖକୁ ଧାର୍ଯ୍ୟ କରିଥିଲେ। ପ୍ରାୟ ୨ଲକ୍ଷ ପରୀକ୍ଷାର୍ଥୀ ଏହି ପରୀକ୍ଷା ପାଇଁ ଆବେଦନ କରିଥିଲେ।






## କଟକରେ ଡେଙ୍ଗୁ ମୃତ୍ୟୁ ଅଭିଯୋଗ

**କଟକ ଅଫିସ,୧୮।୮:** କଟକ ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ. ୨୬ ଭଗତପୁର ଅଞ୍ଚଳର ଡେଙ୍ଗୁରେ ଆକ୍ରାନ୍ତ ଜଣେ ଯୁବକଙ୍କ ବୁଧବାର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକଙ୍କ ନାମ ଦୀପକ ମୁଦୁଲି (୩୬)। ପରିବାର ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଗତ ସପ୍ତାହରେ ଦୀପକଙ୍କୁ ଜ୍ୱର ହୋଇଥିଲା। ସେ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ଗତ ୧୫ ତାରିଖରେ ରକ୍ତ ନମୁନା ପରୀକ୍ଷାରୁ ସେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ତେବେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ବୁଧବାର ସକାଳେ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଛି। ତେବେ ଏସମ୍ପର୍କରେ ସରକାରୀ ଭାବେ କୌଣସି ସୂଚନା ଦିଆଯାଇ ନାହିଁ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟଙ୍କୁ ପଚାରିବାରୁ ଏନେଇ ତାଙ୍କ ନିକଟରେ କୌଣସି ତଥ୍ୟ ହସ୍ତଗତ ହୋଇନାହିଁ। ଏସ୍‌ସିବି ମେଡିକାଲରୁ ତଥ୍ୟ ମିଳିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସହରରେ ଏହା ପୂର୍ବରୁ କୌଣସି ଡେଙ୍ଗୁ ମୃତ୍ୟୁ ହୋଇନାହିଁ। ସରକାରୀ ଭାବେ ଘୋଷଣା କରାଗଲେ ଚଳିତ ବର୍ଷର ଏହା ପ୍ରଥମ ଡେଙ୍ଗୁ ମୃତ୍ୟୁ ହେବ ବୋଲି ଡା. ଛୋଟରାୟ କହିଛନ୍ତି। ଅପରପକ୍ଷରେ କଟକ ମହାନଗର ନିଗମ(ସିଏମ୍‌ସି)ର ଖାମଖିଆଲ ମନୋଭାବ ଯୋଗୁ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ଶେଷ କେଉଁଠି



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ହେଲିକପ୍ଟର ଯୋଗେ ଆକାଶମାର୍ଗରୁ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖୁଛନ୍ତି।

# ଆକାଶମାର୍ଗରୁ ବନ୍ୟାଞ୍ଚଳ ଦେଖିଲେ ମୁଖ୍ୟମନ୍ତ୍ରୀ

### ୫ ଜିଲାକୁ ୧୫ ଦିନ, ଆଉ ୫ ଜିଲାକୁ ୭ ଦିନ ରିଲିଫ୍ ଦେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୮।୮(ବ୍ୟୁରୋ)**

ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ଯେଉଁ ଗାଁଗୁଡ଼ିକରେ ପାଣି ପଶିଛି ସେଠାରେ ବିପନ୍ନ ଲୋକମାନଙ୍କୁ ୧୫ ଦିନ ରିଲିଫ୍ ସହାୟତା ଦିଆଯିବ। ସେହିପରି ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ ଓ ଅନୁଗୋଳ ଜିଲାର ପାଣି ପଶିଥିବା ଗାଁ ଲୋକଙ୍କୁ ୭ ଦିନ ପାଇଁ ରିଲିଫ୍ ଦିଆଯିବ। ଗୁରୁବାର ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ପାଣି ଛାଡ଼ିବାର ୭ ଦିନ ମଧ୍ୟରେ କ୍ଷୟକ୍ଷତି ଆକଳନ କରିବା ଏବଂ ଏହାର ୧୫ଦିନ ଭିତରେ ଘରଭଙ୍ଗା ଓ ଫସଲ କ୍ଷତି ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ କେନ୍ଦ୍ରାପଡ଼ା ଜିଲାର ଲୁଣା, ଚିତ୍ରୋତ୍ପଳା ନଦୀର ଦ୍ୱୀପାଞ୍ଚଳ, ମହାନଦୀର ଶାଖା ପାଇକା ନଦୀର ଦ୍ୱୀପାଞ୍ଚଳ, ଜଗତ୍‌ସିଂହପୁର ଜିଲାର କୁଜଙ୍ଗ, ନାଉଗାଁ ଓ ପୁରୀ ଜିଲାର ଗୋପ, ନିମାପଡ଼ା, ☞ପୃଷ୍ଠା–୪

## ଲଘୁଚାପ: ୨ ଦିନ ପ୍ରବଳ ବର୍ଷା

### କେନ୍ଦୁଝର, ମୟୂରଭଞ୍ଜକୁ ରେଡ୍‌ୱାର୍ନିଂ

**ଭୁବନେଶ୍ୱର,୧୮।୮(ବ୍ୟୁରୋ)**

ଉତ୍ତର ପୂର୍ବ ବଙ୍ଗୋପସାଗର, ପୂର୍ବ ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଶୁକ୍ରବାର ଏହା ଉତ୍ତର-ପଶ୍ଚିମ ଦିଗ ଦେଇ ଗତି କରି ଅଧିକ ଘନୀଭୂତ ହେବ। ଏହାର ପ୍ରଭାବରେ ୧୯ ଓ ୨୦ ତାରିଖରେ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସତର୍କତା ସ୍ୱରୂପ କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ରେଡ୍‌ୱାର୍ନିଂ ଜାରି କରାଯାଇଛି। ଶୁକ୍ରବାର କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼,ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର, ଯାଜପୁର, ବାଲେଶ୍ୱର ଏବଂ ଭଦ୍ରକ ଜିଲାରେ ପ୍ରବଳ ବର୍ଷା ହୋଇପାରେ। ସମ୍ପୃକ୍ତ ଜିଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଝାରସୁଗୁଡ଼ା, ବରଗଡ଼, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା ଓ ପୁରୀ ଜିଲାରେ ମଧ୍ୟ ପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଇଛି। ସେହିପରି ଶନିବାର ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ସମ୍ବଲପୁର, ବରଗଡ଼, ସୋନପୁର ଏବଂ ବଲାଙ୍ଗୀର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏହି ସବୁ ଜିଲା ପାଇଁ ମଧ୍ୟ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ☞ପୃଷ୍ଠା–୪

## ବଢ଼ି ଅଞ୍ଚଳରେ ବଢୁଛି ଦୁର୍ଦ୍ଦଶା

### ହୀରାକୁଦର ୧୨ ଗେଟ୍ ବନ୍ଦ

**ଭୁବନେଶ୍ୱର/ସମ୍ବଲପୁର, ୧୮।୮(ବ୍ୟୁରୋ)**

ଛତିଶଗଡ଼ରେ ବର୍ଷା ନାହିଁ। ହୀରାକୁଦକୁ ଜଳ ପ୍ରବାହ ହ୍ରାସ ପାଇଛି। ଫଳରେ ମହାନଦୀ ଏବଂ ଏହାର ଶାଖାନଦୀରେ ବନ୍ୟାପାଣି ଖସିବା ଆରମ୍ଭ କରିଛି, ଯାହା ବଢ଼ି ଅଞ୍ଚଳବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତ କରିଛି। ତେବେ ପାଣିଘେରରେ ଥିବା ୧୨ ଜିଲାର ୨ ଲକ୍ଷ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଅନ୍ୟପଟେ ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଦୁଇଦିନ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ବନ୍ୟା ବିପନ୍ନଙ୍କ କଷ୍ଟ ବଢ଼ିବା ଆଶଙ୍କା ଦେଖାଦେଇଛି।

ଗଣମାଧ୍ୟମକୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ପ୍ରଦୀପ କୁମାର ଜେନା କହିଛନ୍ତି, ଉପର ମୁଣ୍ଡରେ ବର୍ଷା ନ ଥିବାରୁ ମହାନଦୀରେ ଅଧିକ ପାଣି ପ୍ରବେଶ କରୁନାହିଁ। ହୀରାକୁଦର ୧୨ ଗେଟ୍ ବନ୍ଦ କରାଯାଇଛି। ଜଳଭଣ୍ଡାରକୁ ୩ ଲକ୍ଷ ୮୫ ହଜାର ୮୪୦ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୨୮ ଗେଟ୍ ଦେଇ ୪ ଲକ୍ଷ ୮୧ ହଜାର ୪୯୭ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ୨ ଦିନ ପୂର୍ବେ ହୀରାକୁଦର ଜଳସ୍ତର ୬୨୭ ଫୁଟ୍ ଥିବାବେଳେ ଗୁରୁବାର ୬୨୪.୪୩ ଫୁଟ୍‌କୁ ହ୍ରାସ ପାଇଛି। ଲଘୁଚାପ ଆସୁଥିବାରୁ ଏହାକୁ ୬୨୨ ଫୁଟ୍‌କୁ କମାଇବାକୁ ଉଦ୍ୟମ ଚାଲିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ହୀରାକୁଦ ଜଳସ୍ତର ୬୨୨ ଫୁଟ ତଳକୁ ଆଣିବାକୁ ଚେଷ୍ଟା କରାଯାଉଛି। ଲଘୁଚାପ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ☞ପୃଷ୍ଠା–୪

## ନରସିଂହପୁର ଜଙ୍ଗଲରେ ଆଉ ଏକ ଆହତ ଦନ୍ତା ଠାବ

**ନରସିଂହପୁର,୧୮।୮(ସ୍ୱ.ପ୍ର.)**

କିଛି ଦିନର ଅନ୍ତର ପରେ ପୁଣି ଥରେ ଚର୍ଚ୍ଚାକୁ ଆସିଛି କଟକ ଜିଲା ଆଠଗଡ଼ ବନଖଣ୍ଡ। ଏହି ବନଖଣ୍ଡ ଅଧୀନ ନରସିଂହପୁର ପୂର୍ବାଞ୍ଚଳ ଦେବଭୂମି ଜଙ୍ଗଲ ନୂଆପଡ଼ା ସେକ୍ସନ ଚନ୍ଦ୍ରପଡ଼ା ଗ୍ରାମ ନିକଟରେ ଗୁରୁବାର ଏକ ଆହତ ଦନ୍ତା ହାତୀ ଠାବ ହୋଇଛି। ସୂଚନା ପାଇବା ପରେ ବନ ବିଭାଗ ତରଫରୁ ସାତକୋଶିଆ ବନ୍ୟପ୍ରାଣୀ ଚିକିତ୍ସକ ଓ ନରସିଂହପୁର ପ୍ରାଣୀଧନ ଚିକିତ୍ସକଙ୍କ ସହାୟତାରେ ହାତୀକୁ ଟ୍ରାଙ୍କୁଲାଇଜ କରି ତା'ର ଚିକିତ୍ସା ଆରମ୍ଭ କରାଯାଇଛି। ହାତୀଟିର ବୟସ ୩୫ରୁ ୪୦



- ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା ଆରମ୍ଭ
- ହାତୀ ଶରୀରରେ ଏକାଧିକ କ୍ଷତ
- ହାତୀ-ହାତୀ ମଧ୍ୟରେ ଲଢ଼େଇରୁ କ୍ଷତ ହୋଇଛି: ଡିଏଫ୍‌ଓ

ବର୍ଷ ହୋଇଥିବା ଅନୁମାନ କରାଯାଉଛି। ତାର ପଛପାଖ ପିଚା ଓ ଲାଞ୍ଜର ଏକାଧିକ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ବାମ ପାର୍ଶ୍ୱରେ ୩ଟି ଏବଂ ଦକ୍ଷିଣ ପାର୍ଶ୍ୱରେ ଗୋଟିଏ କ୍ଷତ ଚିହ୍ନଟ କରାଯାଇଛି। କ୍ଷତଗୁଡ଼ିକ ଗଭୀର ନ ଥିବାବେଳେ ମେଟାଲ ଡିଟେକ୍ଟରରେ ପରୀକ୍ଷା ପରେ ଗୁଳିବିଦ୍ଧ ସମ୍ପର୍କରେ କୌଣସି ତଥ୍ୟ ନ ଥିବା ବନ ବିଭାଗ ☞ପୃଷ୍ଠା–୪

## ପାହାଡ଼ରୁ ମାଟି ଅତଡ଼ା ଧସି ୨ ମୃତ

**ବୈପାରିଗୁଡା,୧୮।୮ (ଡି.ଏନ୍.ଏ.)**

କୋରାପୁଟ ଜିଲା ବୈପାରିଗୁଡା ବ୍ଲକ ଗୁପ୍ତେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଗୁପ୍ତେଶ୍ୱର ନିକଟବର୍ତ୍ତୀ କୋଲାବ ନଦୀକୂଳରେ ଥିବା ପାହାଡ଼ରୁ ମାଟି ଅତଡ଼ା ଧସି ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଦୋରାଗୁଡ଼ା ଗ୍ରାମର ତ୍ରିଲୋଚନ ଦୁରୁଆ ଏବଂ ହଳଦୀକୁଣ୍ଡ ଗ୍ରାମର ସେଲେମୁ ଦୁରୁଆ।

ପ୍ରକାଶ ଯେ, ମଙ୍ଗଳବାର ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ନଦୀକୁ ମାଛ ଧରିବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ କେତେ ଜଣ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ଗୁରୁବାର ତ୍ରିଲୋଚନ ଓ ସେଲେମୁଙ୍କ ମୃତଦେହ ମାଟି ତଳୁ ମିଳିଥିଲା। ଏ ସମ୍ପର୍କରେ ତ୍ରିଲୋଚନଙ୍କ ପୁଅ ତୁଳାରାମ ପୋଲିସକୁ ଖବର ଦେବା ପରେ ବୈପାରିଗୁଡା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଅନ୍ୟ ୨ ଜଣ ସ୍ୱାମୀ-ସ୍ତ୍ରୀ ଏପର୍ଯ୍ୟନ୍ତ ନିଖୋଜ ଥିବା ଜଣାପଡିଛି। ସେମାନେ ହେଲେ ହଳଦୀକୁଣ୍ଡ ଗ୍ରାମର ଗୁରା ଦୁରୁଆ ଏବଂ ତାଙ୍କ ସ୍ୱାମୀ ମାଧବ ଦୁରୁଆ।

# ଚାରି ମହଲାରୁ ଡେଇଁ ରୋଗୀ ମୃତ

### ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ପୁଣି ଅଘଟଣ

**ଢେଙ୍କାନାଳ ଅଫିସ, ୧୮।୮**

ମାନସିକ ଚାପରେ ବ୍ଲେଡ୍‌ରେ ଗୋଡ଼ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ଯୁବକ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟର ୫ ମହଲା କୋଠାରୁ ଡେଇଁ ପଡ଼ିଥିଲେ। ଗତ ୧୩ ତାରିଖରେ ଘଟିଥିବା ଏହି ଘଟଣା ରାଜ୍ୟରେ ସୃଷ୍ଟି କରିଥିଲା ଆଲୋଡ଼ନ। ଏହାର ଠିକ୍ ୪ ଦିନ ପରେ ଗୁରୁବାର ଅନୁରୂପ ଘଟଣା ଘଟିଛି। ଦୁର୍ଯ୍ୟୋଧନ ନାୟକ (୫୦) ନାମକ ଜଣେ ରୋଗୀ ମେଡିକାଲର ୪ ମହଲାରୁ ଡେଇଁପଡ଼ି ଆତ୍ମହତ୍ୟା କରିଛନ୍ତି। ସୁରକ୍ଷାରେ ଅବହେଳା କାରଣରୁ ସେ ଏଭଳି ଚରମ ପଦକ୍ଷେପ ନେଲେ ବୋଲି ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗତ ୪ ବର୍ଷ ମଧ୍ୟରେ ଏଭଳି ୪ ଜଣ ରୋଗୀ ଆତ୍ମହତ୍ୟା କଲେଣି। ବାରମ୍ବାର ଏଭଳି ଅଭାବନୀୟ ଘଟଣା ଘଟୁଥିଲେ ମଧ୍ୟ ମେଡିକାଲ କର୍ତ୍ତୃପକ୍ଷ ଏହାକୁ ଅତ୍ୟନ୍ତ ହାଲୁକା ଭାବେ ନେଉଛନ୍ତି। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଉନାହିଁ। ତେଣୁ ମାନସିକ ଚାପର ଶିକାର ହୋଇ ଡାକ୍ତରଖାନାରେ ଭର୍ତ୍ତି ହେଉଥିବା ରୋଗୀ ଜୀବନ ହାରୁଛନ୍ତି ବୋଲି ବୁଦ୍ଧିଜୀବୀ କହିଛନ୍ତି। ଅନ୍ୟପଟେ ଜିଲାପାଳ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।




- ସୁରକ୍ଷା ବ୍ୟବସ୍ଥା ଉପରେ ଅଙ୍ଗୁଳି ଉଠାଇଲେ ପରିବାର
- ଶଯ୍ୟା ମିଳିଲାନି, ତଳେ ଶୁଆଇ ଦିଆଯାଇଥିଲା ସାଲାଇନ୍
- ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ, ସୁରକ୍ଷା ସଂସ୍ଥାକୁ ନୋଟିସ

ମୃତକଙ୍କ ପରିବାର ସଦସ୍ୟଙ୍କ କହିବା କଥା, ପରଜଙ୍ଗ ଥାନା ଲୋଧଣି ଗ୍ରାମର ଦୁର୍ଯ୍ୟୋଧନ ଯାଜପୁର ଜିଲା ଚଣ୍ଡିଖୋଲର ଏକ ହୋଟେଲରେ କାମ କରୁଥିଲେ। ବୁଧବାର ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କ ଭଣଜା ଅଶୋକ ନାୟକଙ୍କ ସହ ବସ୍ ଯୋଗେ ଗ୍ରାମକୁ ଯାଉଥିଲେ। ରାତି ପ୍ରାୟ ୧୦ଟାବେଳେ ଢେଙ୍କାନାଳରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଦୁର୍ଯ୍ୟୋଧନ ଚିକିତ୍ସାଳୟର ୪ ମହଲାରେ ଥିବା ପୁରୁଷ ଭେଷଜ ବିଭାଗ ୱାର୍ଡରେ ଚିକିତ୍ସିତ ହେଉଥିଲେ। ହାଇପର ଟେନ୍‌ସନ ଯୋଗୁଁ ତାଙ୍କର ରକ୍ତଚାପ ବଢ଼ିଯାଇଥିଲା। ତଥାପି ତାଙ୍କୁ ଶଯ୍ୟା ଦିଆ ଯାଇ ନ ଥିଲା। ଚଟାଣରେ ଶୁଆଇ ସାଲାଇନ୍ ଦିଆଯାଇଥିଲା। ଭଣଜାଙ୍କ ଆଖି ଲାଗିଯାଇଥିବାବେଳେ ଭୋର୍ ପ୍ରାୟ ୪ଟାରେ ଦୁର୍ଯ୍ୟୋଧନ ଝରକା ପଟେ ୪ ମହଲାରୁ ଡେଇଁ ପଡିଥିଲେ। ତଳେ ଥିବା ଲୁହା ଗ୍ରୀଲ୍ ଉପରେ ପଡ଼ିଯିବାରୁ ତାଙ୍କ ଶରୀରରେ ଗ୍ରୀଲ୍ ଉପରେ ଥିବା ତୀକ୍ଷ୍ଣ ତୀର ଗଳିଯାଇଥିଲା। ପାଟିତୁଣ୍ଡ ଶୁଣି ଅଶୋକ ତଳକୁ ଯାଇ ଦେଖିବା ବେଳକୁ ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ହୋଇସାରିଥିଲା। ସୂଚନା ପାଇ ପରିବାର ଲୋକେ ପହଞ୍ଚିଥିଲେ। ଚିକିତ୍ସାରେ ଅବହେଳା ଓ ସୁରକ୍ଷା ଅଭାବରୁ ଏଭଳି ଘଟଣା ଘଟିଥିବା ମୃତ ଦୁର୍ଯ୍ୟୋଧନଙ୍କ ଝିଅ ପିଙ୍କି ଅଭିଯୋଗ କରିଛନ୍ତି।

ଜିଲାପାଳ ସରୋଜ କୁମାର ସେଠୀ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ସିଡିଏମ୍‌ଓ ଡା. ଅଶୋକ କୁମାର ଦାଶ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ☞ପୃଷ୍ଠା–୪


INSTITUTE OF ENTREPRENEURSHIP DEVELOPMENT, ODISHA
An Institute of
MSME Department, Govt. of Odisha

ADMISSION NOTICE 2022-23

IMBA

INTEGRATED MASTER OF BUSINESS ADMINISTRATION
(Affiliated to Utkal University)

QUALITY EDUCATION IN GOVT. INSTITUTE

| COURSE | DURATION | COURSE FEE |
|---|---|---|
| BBA (IMBA FIRST 3 YEARS) | 3 YEARS | ₹ 25,000/- per year |
| | Eligibility : The candidate should have passed +2 or its equivalent in any discipline with minimum 45% marks in aggregate. | |
| MBA LATERAL ENTRY (IMBA LAST 2 YEARS) | 2 YEARS | ₹ 60,000/- per year |
| | Eligibility : The candidate should have passed 3 year BBA (six semesters) from any recognized university with minimum 50% marks in aggregate. | |

Applications are invited for admission into IMBA 5 years programme for the session 2022-23. Interested candidates can collect the Application Form personally from IED Odisha on payment of ₹ 500/- (₹ 200/- for SC/ST/PH Candidates) in shape of cash or DD in favour of IED ODISHA IMBA, payable at Bhubaneswar. Details of Forms and prospectus can be downloaded from our website.
*Hostel Facility is available in Institute's Campus.

| | |
|---|---|
| Last date for submission of IMBA Application Form with all relevant documents and fees: | 02.09.2022 |
| Commencement of Admission into IMBA 1st Semester and 7th Semester at IED Odisha | 07.09.2022 |

Plot No. 123, Sector-A, Zone-A, Mancheswar Indl. Estate, Near Postal Printing Press, PO:Rasulgarh, Bhubaneswar-751010, Ph. 0674-2585609/2587176, Mob. 7978120939, 9437163828, 9437491548
Website : www.iedodisha.org.in, Email : iedodisha87@gmail.com

**ମହାକାଶରେ ଭାରୋତ୍ତୋଳନ**

ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନରେ ଜଣେ ମହାକାଶଚାରୀ ଭାରୋତ୍ତୋଳନ କରିବା ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ଇଟାଲୀୟ ୟୁରୋପୀୟ ସ୍ପେସ୍ ଏଜେନ୍ସି(ଇଏସ୍ଏ) ମହାକାଶଚାରୀ ସାମନ୍ଥା କ୍ରିଷ୍ଟୋଫୋରେଟି ବୁଧବାର ଭାରୋତ୍ତୋଳନ ବେଳର ଭିଡିଓ ଟୁଇଟ୍ କରିଛନ୍ତି। ୭୩ ସେକେଣ୍ଡରେ ଏହି ଭିଡିଓରେ ୱେଟ୍‌ଲିଫ୍ଟିଂ ଭଳି ବ୍ୟାୟାମ କାହିଁକି ଗୁରୁତ୍ୱପୂର୍ଣ୍ଣ ତାହା କହିଛନ୍ତି।

## ସଂକ୍ଷେପରେ

### ଭୂସ୍ଖଳନରେ ୧୬ ମୃତ

ବେଜିଂ,୧୮।୮: ଚାଇନାର କିଙ୍ଘାଇ ପ୍ରଦେଶରେ ପ୍ରବଳ ଝଡ଼ବର୍ଷା ଯୋଗୁ ଭୂସ୍ଖଳନ ହୋଇଛି। ଏକ ନଦୀର ଗତିପଥ ବଦଳିଯିବାରୁ ହଠାତ ପାଣି ମାଡ଼ିଆସି ୧୬ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୮ ଜଣ ନିଖୋଜ ହୋଇଯାଇଛନ୍ତି। ୬ ଗ୍ରାମର ୬,୦୦୦ରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଚଳିତ ଗ୍ରୀଷ୍ମ ଋତୁରେ ଚାଇନାର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ଓ ବନ୍ୟା ଦେଖାଦେଇଥିବାବେଳେ ଅନ୍ୟ କେତେକ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ମରୁଡ଼ି ଦେଖାଦେଇଛି। ୬୦ ବର୍ଷ ମଧ୍ୟରେ ଏଭଳି ଗ୍ରୀଷ୍ମ ପ୍ରବାହ ଓ ଅନାବୃଷ୍ଟି ଦେଖାଦେଇ ନ ଥିଲା।

### ଛାତ୍ରୀଙ୍କୁ ଯୌନ ଶୋଷଣ: ପ୍ରିନ୍ସିପାଲ, ଅଧ୍ୟାପକ ଗିରଫ

ଧରୱାଡ଼,୧୮।୮: କର୍ଣ୍ଣାଟକର ଧରୱାଡ଼ସ୍ଥିତ ଏକ ଘରୋଇ କଲେଜରେ ଛାତ୍ରୀଙ୍କୁ ଯୌନ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ କଲେଜର ସଭାପତି, ପ୍ରିନ୍ସିପାଲ ଓ ଅଧ୍ୟାପକମାନଙ୍କ ବିରୋଧରେ ପୋକ୍ସୋ ଆଇନରେ ମାମଲା ରୁଜୁ ହୋଇଛି। କଲେଜ ସଭାପତି ଫେରାର ଥିବାବେଳେ ପ୍ରିନ୍ସିପାଲ ଓ ଅଧ୍ୟାପକମାନଙ୍କୁ ପୋଲିସ ଗିରଫ କରିଛି। ୨ ପୀଡ଼ିତାଙ୍କୁ ହସ୍ପିଟାଲ, ମନ୍ଦିର ଆଦି ନେବା ବାହାନାରେ ଅଭିଯୁକ୍ତମାନେ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ତଦନ୍ତ ପରେ ୧୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଯୌନ ଶୋଷଣର ଶିକାର ହୋଇଥିବା ଜଣାପଡ଼ିଥିଲା।

### ମନ୍ଦିର ଅର୍ଥ ଭାଗବଣ୍ଟାକୁ ନେଇ ସାଧୁଙ୍କ ମଧ୍ୟରେ ସଂଘର୍ଷ

ଅଯୋଧ୍ୟା,୧୮।୮(ଆଇଏଏନ୍ଏସ୍): ଉତ୍ତରପ୍ରଦେଶର ଅଯୋଧ୍ୟାରେ ମନ୍ଦିରକୁ ମିଳିଥିବା ଦାନ ଅର୍ଥ ଭାଗବଣ୍ଟାକୁ ନେଇ ଗୁରୁବାର ଦୁଇଗୋଷ୍ଠୀ ସାଧୁଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଅଯୋଧ୍ୟା କୋତ୍ୱାଲି ଥାନା ଅନ୍ତର୍ଗତ ନରସିଂହ ମନ୍ଦିରରେ ଏହି ଗଣ୍ଡଗୋଳ ବେଳେ ବୋମାମାଡ଼ ଭଳି ଶବ୍ଦ ହୋଇଥିଲା। ତେବେ ବୋମା ନୁହେଁ, ଏହା ବାଣ ଥିଲା ବୋଲି ପୋଲିସ କହିଛି। ମନ୍ଦିର ମାଲିକାନା ଓ ଆୟକୁ ନେଇ ମହନ୍ତ ଓ ପୂଜକମାନଙ୍କ ମଧ୍ୟରେ ୨ ମାସ ହେଲା ବିବାଦ ଲାଗିରହିଥିଲା। ସଂଘର୍ଷରେ ସମ୍ପୃକ୍ତ ଦୁଇ ଗୋଷ୍ଠୀର ଲୋକଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି।

### ମହାରାଷ୍ଟ୍ର ଉପକୂଳରେ ଅସ୍ତ୍ର ଭର୍ତ୍ତି ବୋଟ୍

କୋଲକାତା,୧୮।୮: ମହାରାଷ୍ଟ୍ର ଉପକୂଳରୁ ଗୁରୁବାର ଜବତ ହୋଇଥିବା ଏକ ଅସ୍ତ୍ରଭର୍ତ୍ତି ବୋଟ୍‌କୁ ନେଇ ଆତଙ୍କ ସୃଷ୍ଟି ହୋଇଥିଲା। ରାଇଗଡ଼ ଉପକୂଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଥିଲା। ବୋଟ୍‌ଟି ଅଷ୍ଟ୍ରେଲୀୟ ଦମ୍ପତିଙ୍କର ବୋଲି ଜଣାପଡ଼ିବା ପରେ ଆତଙ୍କବାଦ ସହ ସମ୍ପୃକ୍ତ ନ ଥିବା ସ୍ପଷ୍ଟ ହୋଇଛି। ଇଞ୍ଜିନ ଖରାପ ହେବାରୁ ଉକ୍ତ ଦମ୍ପତି ସମୁଦ୍ରରେ ଏହାକୁ ଛାଡ଼ି ଚାଲିଯାଇଥିଲେ ବୋଲି ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ କହିଛନ୍ତି। ବୋଟ୍‌ରେ କ'ଣ ପାଇଁ ଅସ୍ତ୍ରଶସ୍ତ୍ର ଥିଲା ତାହା ଜଣାପଡ଼ି ନାହିଁ। ପୋଲିସ ଓ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ ତଦନ୍ତ ଚଳାଇଛି। ମୁମ୍ବାଇଠାରୁ ୧୯୦ କି.ମି. ଦୂର ରାଇଗଡ଼ର ହରିହରେଶ୍ୱର ଉପକୂଳରୁ ମତ୍ସ୍ୟଜୀବୀମାନେ ଉକ୍ତ ବୋଟ୍‌କୁ ପାଇଥିଲେ। ସେଥିରେ ୩ ଏକେ-୪୭ ରାଇଫଲ, କିଛି ଗୁଳି ଏବଂ ଦସ୍ତାବିଜ ମିଳିଥିଲା। ଲେଡି ହାନ୍ ନାମକ ୧୬ ମିଟର ଲମ୍ବର ଏହି ବୋଟ୍‌ର ମାଲିକ ଅଷ୍ଟ୍ରେଲୀୟ ମହିଳା ହାନା ଲୌଣ୍ଡରଗନ୍। ତାଙ୍କ ସ୍ୱାମୀ ଜେମ୍ସ ହର୍ବର୍ଟ ବୋଟ୍‌ର କ୍ୟାପ୍‌ଟେନ। ବୋଟ୍‌ଟି ମସ୍କାଟ ଦେଇ ୟୁରୋପ ଯାଉଥିବାବେଳେ ଜୁନ୍ ୨୬ରେ ଇଞ୍ଜିନ୍‌ରେ ତ୍ରୁଟି ଦେଖାଦେବାରୁ ଏହାକୁ ଛାଡ଼ିଦିଆଯାଇଥିଲା।

# ଜିନ୍‌ପିଙ୍ଗଙ୍କ ସାମୁଦ୍ରିକ ଅଭିସନ୍ଧି



**ବିସ୍ତାରବାଦୀ ଚାଇନାର ରାଷ୍ଟ୍ରପତି ଆସନ ଛାଡ଼ିବାକୁ ଚାହୁଁ ନ ଥିବା କମ୍ୟୁନିଷ୍ଟ ପାର୍ଟି ନେତା ଶି ଜିନ୍‌ପିଙ୍ଗ୍ ନିଜ ମହତ୍ତ୍ୱାକାଂକ୍ଷା ଚରିତାର୍ଥ କରିବା ଲାଗି ସମୁଦ୍ରକୁ ଏକ ରଣନୈତିକ ଅସ୍ତ୍ର ରୂପେ ବ୍ୟବହାର କରୁଛନ୍ତି। ୱେଷ୍ଟର୍ନ ପାସିଫିକ୍ ଓସେନ୍ ହେଉ କି ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ସବୁଠି ଚାଇନାର ସାମରିକ ଉପସ୍ଥିତି ଷ୍ଟ୍ରଙ୍ଗ୍‌ମ୍ୟାନ୍ ଜିନ୍‌ପିଙ୍ଗ୍‌ଙ୍କ ଗୁପ୍ତ ଅଭିସନ୍ଧି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।**

## ଭାରତ ମହାସାଗରରେ ୩ ନୌସେନା ଘାଟି

ନୂଆଦିଲ୍ଲୀ,୧୮।୮

ଆଫ୍ରିକୀୟ ରାଷ୍ଟ୍ର ଜିବୁଟିରେ ଚାଇନାର ନୌସେନା ଘାଟି ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇଛି। ଭାରତ ମହାସାଗରରେ ଡ୍ରାଗନ୍ ନିଜ ଯୁଦ୍ଧବିମାନଗୁଡ଼ିକୁ ମୁତୟନ କରିଥିବା ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ଦୃଶ୍ୟମାନ ହେଉଛି। ଜିବୁଟ ନୌସେନା ଘାଟି ହେଉଛି ବେଜିଂର ପ୍ରଥମ ଦରିଆପାରି ମିଲିଟାରି ବେସ୍, ଯାହାକୁ ୫୯୦ ନିୟୁତ ଡଲାର ବ୍ୟୟରେ ନିର୍ମାଣ କରାଯାଇଛି। ୨୦୧୬ରୁ ଏହାର ନିର୍ମାଣ କାର୍ଯ୍ୟ ଚାଲିଛି। ଆଡେନ୍ ଉପସାଗର ଓ ଲୋହିତ ସାଗରକୁ ପୃଥକ୍ କରୁଥିବା ବାବ୍-ଏଲ୍-ମନ୍‌ଦେବ ପ୍ରଣାଳୀରେ ଏହି ନୌସେନା ଘାଟିର ଅବସ୍ଥିତି ରଣନୈତିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଜିବୁଟି ବେସ୍‌କୁ ଏକ ଆଧୁନିକ ଦୁର୍ଗ ରୂପେ ସଜାଯାଇଛି, ଯହିଁରୁ ପ୍ରତ୍ୟକ୍ଷ ଭାବେ ଆକ୍ରମଣ କରାଯାଇପାରିବ ବୋଲି ଜଣେ ନୌସେନା ବିଶ୍ଳେଷକ କହିଛନ୍ତି।

ମାକ୍ସରରୁ ସଂଗୃହୀତ ଏହି ଉପଗ୍ରହ ଚିତ୍ରରେ ଚାଇନାର ୟୁଝାଓ ବର୍ଗର ତଥା ୩୨୦ ମିଟର ଲମ୍ବ ବିଶିଷ୍ଟ ଏକ ଯୁଦ୍ଧଜାହାଜ(ଟାଇପ୍-୦୭୧) ଉକ୍ତ ନୌସେନା ଘାଟିରେ ରହିଥିବାବେଳେ ସେଠାରୁ ହେଲିକପ୍ଟର ଚଳାଚଳ କରୁଥିବା ଦେଖିବାକୁ ମିଳିଛି। ନିର୍ମାଣ କାର୍ଯ୍ୟ ଜାରି ରହିଥିବାବେଳେ ଏହି ଘାଟି ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ବୋଲି ଅବସରପ୍ରାପ୍ତ ଭାଇସ୍ ଆଡ୍‌ମିରାଲ ଶେଖର ସିହ୍ନା କହିଛନ୍ତି। ଏହି ଉପଗ୍ରହ ଚିତ୍ର ଏଭଳି ସମୟରେ ସାମ୍ନାକୁ ଆସିଛି, ଯେତେବେଳେ କି ଚାଇନା ଏହାର ୨୫,୦୦୦ ଟନ୍ ସାଟେଲାଇଟ୍ ଓ




ବାଲାଷ୍ଟିକ୍ ମିଶାଇଲ୍ ଟ୍ରାକିଂ ଜାହାଜ ୟୁଆନ୍ ୱାଙ୍ଗ୍ ୫କୁ ଶ୍ରୀଲଙ୍କାର ହମ୍ବନଟୋଟାରେ ମୁତୟନ କରିଛି। ନୂଆଦିଲ୍ଲୀର ବାରଣ ସତ୍ତ୍ୱେ ଅଗଷ୍ଟ ୧୬ରେ କଲମ୍ବୋ ଏହାକୁ ଉକ୍ତ ବନ୍ଦରରେ ପ୍ରବେଶ ଅନୁମତି ଦେଇଛି। ଚାଇନା ଏହାକୁ ଏକ ଗବେଷଣାମୂଳକ ଜାହାଜ ବୋଲି କହୁଥିବାବେଳେ ଭାରତ ମତରେ ୟୁଆନ୍ ୱାଙ୍ଗ୍ ୫ ଗୁପ୍ତଚରଗିରି ପାଇଁ ଉଦ୍ଦିଷ୍ଟ। ବିଦେଶୀ ଉପଗ୍ରହ, ଏରିଆଲ ଆସେଟ୍ସ ଓ କ୍ଷେପଣାସ୍ତ୍ର ବ୍ୟବସ୍ଥାକୁ ଏହା ସହଜରେ ଠାବ କରିପାରିବ। ହମ୍ବନଟୋଟା ବନ୍ଦରରୁ ଭାରତର ଦୂରତା ୯୯୦ କି.ମି.। ଏହା କୋଚି ବନ୍ଦରରୁ ୧୧୨୮ କି.ମି. ଏବଂ ବିଶାଖାପାଟଣା ବନ୍ଦରରୁ ୧୪୮୫ କି.ମି. ଦୂରରେ ଅବସ୍ଥିତ। ସେହିପରି ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଙ୍ଗଠନ (ଡିଆର୍‌ଡିଓ)ର ମହାକାଶ କାର୍ଯ୍ୟକ୍ରମ ପାଇଁ ଉତ୍‌କ୍ଷେପଣ ଭିତ୍ତିଭୂମି ପ୍ରଦାନ କରୁଥିବା ଶ୍ରୀହରିକୋଟାର ସତୀଶ ଧୱନ ମହାକାଶ କେନ୍ଦ୍ରରୁ ହମ୍ବନଟୋଟାର ଦୂରତା ହେଉଛି ୧୧୦୦ କି.ମି.।

ଶ୍ରୀଲଙ୍କା ଓ ଜିବୁଟିରେ ଚାଇନାର ଉପସ୍ଥିତି ଉଭୟ ଦେଶରେ ବେଜିଂର ଦୀର୍ଘକାଳୀନ ମହତ୍ତ୍ୱାକାଂକ୍ଷୀ ଯୋଜନା 'ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍' ଅଧୀନ ଆର୍ଥିକ ନିବେଶ ସହ ଜଡ଼ିତ। ଏହାବାଦ୍ ପାକିସ୍ତାନର ଗ୍ୱାଦର ବନ୍ଦରରେ ଚାଇନା ଜାହାଜଗୁଡ଼ିକର ଚଳାଚଳ ମଧ୍ୟ ଭାରତ ପାଇଁ ଚିନ୍ତା ବୃଦ୍ଧିର କାରଣ ସାଜିଛି। ଭାରତ-ଚାଇନା ମଧ୍ୟରେ ସୀମା ବିବାଦ ଲାଗିରହିଥିବାବେଳେ କିଛି ବର୍ଷ ହେଲା ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)ରେ ଉଭୟ ଦେଶର ସୈନ୍ୟ ମୁହାଁମୁହିଁ ହେଉଛନ୍ତି। ତେଣୁ ନୂଆଦିଲ୍ଲୀ ଚାଇନାର ସାମୁଦ୍ରିକ ଅଭିସନ୍ଧି ଓ ସାମର୍ଥ୍ୟକୁ ନେଇ କୌଣସି ପ୍ରକାର ଦ୍ୱନ୍ଦ୍ୱରେ ରହିବା ଅନୁଚିତ ବୋଲି ଭାରତୀୟ ନୌସେନାର ପୂର୍ବତନ ମୁଖ୍ୟ ଚିଫ୍ ଆଡ୍‌ମିରାଲ ଅର୍ଜ୍ଜୁନ ପ୍ରକାଶ କହିଛନ୍ତି।

## ଏସ୍‌ସିଏସ୍‌ରେ ଶକ୍ତି ବୃଦ୍ଧି ପୂର୍ବ ଏସିଆକୁ ବିପଦ

ଚାଇନାର ଶକ୍ତିଶାଳୀ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ୧୯୮୦ ଦଶକରୁ ଦକ୍ଷିଣ ଚାଇନା ସାଗର (ଏସ୍‌ସିଏସ୍) ଉପରେ ଲଗାତର ଆଧିପତ୍ୟ ବିସ୍ତାର କରିଆସିଛି। ଏସ୍‌ସିଏସ୍‌ର ବିସ୍ତୀର୍ଣ୍ଣ ଜଳରାଶିରେ ବେଜିଂ କୃତ୍ରିମ ଦ୍ୱୀପ ପ୍ରତିଷ୍ଠା କରି ସାମରିକ ଶକ୍ତି ବୃଦ୍ଧି ଘଟାଇ ଚାଲିଛି। ଏହା କେବଳ ପଡ଼ୋଶୀ ଦେଶଗୁଡ଼ିକ ପାଇଁ ବିପଦ ସାଜିନାହିଁ, ବରଂ ସମ୍ପୃକ୍ତ କ୍ଷେତ୍ରରେ ସ୍ଥିତାବସ୍ଥା ବଜାୟ ଦାବି କରୁଥିବା ଆମେରିକା ଆଗରେ ମଧ୍ୟ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ୨୦୧୮ରେ ଭାରତ-ପ୍ରଶାନ୍ତ ମହାସାଗରୀୟ କମାଣ୍ଡରେ ଆମେରିକାର କମାଣ୍ଡର ଥିବା ଆଡ୍‌ମିରାଲ ଫିଲ୍ ଡାଭିଡ୍‌ସନ୍ ସିନେଟ୍‌ରେ ସାକ୍ଷ୍ୟ ପ୍ରଦାନ କରି କହିଥିଲେ, ଚାଇନା




କେବଳ ଏସ୍‌ସିଏସ୍‌କୁ ନିୟନ୍ତ୍ରଣ ପାଇଁ ସକ୍ଷମ ତାହା ନୁହେଁ, ଆମେରିକା ସହ ଯୁଦ୍ଧ କରିବା ଲାଗି ଏହି ସମୁଦ୍ରକୁ ବ୍ୟବହାର କରିପାରେ। ତେବେ ଏହି ୩ ବର୍ଷ ମଧ୍ୟରେ ଏସ୍‌ସିଏସ୍ ଏବଂ ଭାରତ ମହାସାଗରରେ ଚାଇନା ନିଜ ସାମରିକ ଉପସ୍ଥିତି ବିସ୍ତାର କରିବା ଭିଏତ୍‌ନାମ, ତାଇୱାନ୍, ବ୍ରୁନେଇ, ମାଲେସିଆ ଓ ଫିଲିପାଇନ୍ସ ସମେତ ପୂର୍ବ ଏସୀୟ ରାଷ୍ଟ୍ରଗୁଡ଼ିକ ପାଇଁ ବିପଦ ସାଜିଛି।

## ତାଇୱାନ୍‌କୁ ନାଲିଆଖି, ଆମେରିକାକୁ ଚ୍ୟାଲେଞ୍ଜ

ଅଗଷ୍ଟ ୩ରେ ଆମେରିକା ପ୍ରତିନିଧି ସଭା ସ୍ପିକର ନାନ୍ସି ପେଲୋସିଙ୍କ ତାଇପେଇ ଗସ୍ତ ପରେ ଚାଇନାର ପିଏଲ୍ଏ ପ୍ରତିକ୍ରିୟାଶୀଳ ହୋଇ ତାଇୱାନ ପ୍ରଣାଳୀରେ ସମରାଭ୍ୟାସ କରିଥିଲା। ଚାଇନା ସେନାର ନୂଆ ଶାଖା ରକେଟ ଫୋର୍ସ ପକ୍ଷରୁ ଦ୍ୱୀପରାଷ୍ଟ୍ରର ଉତ୍ତର-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ଉପକୂଳରେ ଅନେକ ଦୂରଗାମୀ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କରାଯାଇଥିଲା। ଫଳରେ ବ୍ୟସ୍ତବହୁଳ ଜଳପଥରେ ତାଇୱାନର ଜାହାଜ ଚଳାଚଳ ଓ ଆକାଶ ମାର୍ଗରେ ବିମାନ ଉଡ଼ାଣ ବାଧାପ୍ରାପ୍ତ ହୋଇଥିଲା। ପେଲୋସିଙ୍କ ଗସ୍ତର ୨ ସପ୍ତାହ ପରେ ମଧ୍ୟ ଚାଇନା ଅନୁରୂପ ସାମରିକ କାର୍ଯ୍ୟକଳାପ ଜାରି ରଖିଛି। ଗୁରୁବାର ଚାଇନାର ୫୧ ଯୁଦ୍ଧବିମାନ ଓ ୬ ଜାହାଜ ତାଇୱାନ ଚାରିପଟେ ଘୂରୁଛି। ସେଥିରୁ ୨୫ ଏୟାରକ୍ରାଫ୍ଟ ତାଇୱାନ୍ ଷ୍ଟ୍ରେଟ୍‌ର ମେଡିଆନ୍ ଲାଇନ୍ (ମଧ୍ୟବର୍ତ୍ତୀ ରେଖା) ଅତିକ୍ରମ କରିଥିବା ଦ୍ୱୀପରାଷ୍ଟ୍ରର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଅଭିଯୋଗ ଅଣାଯାଇଛି। ତାଇୱାନ୍ ସହ ଗୁରୁବାର ଆମେରିକା ବାଣିଜ୍ୟିକ ସମ୍ପର୍କକୁ ମଜଭୁତ କରିବା ନେଇ ଘୋଷଣା କରିଛି। ତାଇୱାନ୍‌କୁ ନିଜ ଭୂଖଣ୍ଡର ଅଂଶ ଦାବି କରୁଥିବା ଚାଇନା ଆଗକୁ ଅଧିକ ଉଗ୍ର ହୋଇପାରେ ବୋଲି ୱାଶିଂଟନ ପକ୍ଷରୁ କୁହାଯାଇଛି।

## ଟ୍ରମ୍ପଙ୍କ ଗସ୍ତ ଲାଗି ୩୮ ଲକ୍ଷ ଖର୍ଚ୍ଚ କରିଥିଲା କେନ୍ଦ୍ର

ନୂଆଦିଲ୍ଲୀ,୧୮।୮

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨୦୨୦ ଫେବୃୟାରୀ ୨୪ ଓ ୨୫ରେ ଭାରତ ଗସ୍ତରେ ଆସିଥିଲେ। ତାଙ୍କ ସହ ସ୍ତ୍ରୀ ମେଲାନିଆ, ଝିଅ ଇଭାଙ୍କା ଏବଂ ଜ୍ୱାଇଁ ଜାରେଡ୍ କୁଶ୍‌ନର ଅହମଦାବାଦ, ଆଗ୍ରା ଓ ନୂଆଦିଲ୍ଲୀ ଭ୍ରମଣ କରିଥିଲେ। ସେମାନଙ୍କର ଏହି ୩୬ ଘଣ୍ଟାର ଗସ୍ତ ପାଇଁ କେନ୍ଦ୍ର ସରକାର ୩୮ ଲକ୍ଷ ଟଙ୍କା ବ୍ୟୟ କରିଥିବା ଆର୍‌ଟିଆଇ ଆବେଦନ ବଳରେ ଜଣାପଡ଼ିଛି। ଟ୍ରମ୍ପ ଫେବୃୟାରୀ ୨୪ରେ ଅହମଦାବାଦରେ ୩ ଘଣ୍ଟା ରହଣି ମଧ୍ୟରେ ଏକ ରୋଡ୍ ଶୋ'ରେ ଭାଗନେବା ସହ ସାବରମତି ଆଶ୍ରମ ଯାଇ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୋଟେରା କ୍ରିକେଟ ଷ୍ଟାଡ଼ିୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ 'ନମସ୍ତେ ଟ୍ରମ୍ପ୍' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି। ସେହିଦିନ ସେ ଆଗ୍ରା ଯାଇ ତାଜମହଲ ପରିଦର୍ଶନ କରିଥିଲେ ଓ ତା' ପରଦିନ ନୂଆଦିଲ୍ଲୀ ଆସି ମୋଦିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନାରେ ଭାଗ ନେଇଥିଲେ। ଟ୍ରମ୍ପ୍ ଦମ୍ପତି ଓ ସେମାନଙ୍କ ସହ ଆସିଥିବା ପ୍ରତିନିଧିମାନଙ୍କ ଖାଦ୍ୟ, ସୁରକ୍ଷା, ହୋଟେଲ ରହଣି, ବିମାନ ଭଡ଼ା ଇତ୍ୟାଦିରେ ୩୮ ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ କେନ୍ଦ୍ରୀୟ ସୂଚନା କମିଶନଙ୍କୁ ଜଣାଇଛି।

## ବିଗୁଡ଼ୁଛି ରାଜୁ ଶ୍ରୀବାସ୍ତବଙ୍କ ସ୍ୱାସ୍ଥ୍ୟ

ନୂଆଦିଲ୍ଲୀ,୧୮।୮: ହାସ୍ୟାଭିନେତା ରାଜୁ ଶ୍ରୀବାସ୍ତବଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଜଟିଳ ହୋଇଛି। ଗତ ୧୦ ତାରିଖରେ ତାଙ୍କୁ ହୃଦ୍‌ଘାତ ହେବାରୁ ଦିଲ୍ଲୀର ଏମ୍ସରେ ଭର୍ତ୍ତି ହୋଇଥିଲେ। ସେବେଠାରୁ ସେ ଭେଣ୍ଟିଲେଟରରେ ଅଛନ୍ତି। ବୁଧବାର ତାଙ୍କ ଅବସ୍ଥା ଆହୁରି ଖରାପ ହୋଇଯାଇଥିଲା। ରାଜୁ ଏକପ୍ରକାର ବ୍ରେନ୍ ଡେଡ୍ ଅବସ୍ଥାକୁ ଆସିଗଲେଣି ବୋଲି ଗୁରୁବାର ତାଙ୍କ ମୁଖ୍ୟ ଉପଦେଷ୍ଟା ଅଜିତ ସାକ୍ସେନା କହିଛନ୍ତି। ତାଙ୍କ ହୃଦ୍‌ପିଣ୍ଡରେ ସମସ୍ୟା ଥିବାବେଳେ ମସ୍ତିଷ୍କ ଆଉ କାମ କରୁନାହିଁ। ତାଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରୀ ଟିମ୍ କୌଣସି ଚମତ୍କାରୀ ପାଇଁ ପ୍ରାର୍ଥନା କରୁଥିବା ସାକ୍ସେନା କହିଛନ୍ତି।



## ଭାଇରାଲ ଭିଡିଓରେ ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ

### ଡ୍ରଗ୍ସ ପରୀକ୍ଷା ଦାବି କଲେ ବିରୋଧୀ

ହେଲସିଙ୍କି,୧୮।୮

ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ସାନ୍ନା ମାରିନ ଏକ ପାର୍ଟିରେ ତାଙ୍କ ବନ୍ଧୁମାନଙ୍କ ସହ ନିଶାଗ୍ରସ୍ତ ଅବସ୍ଥାରେ ନାଚୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିରୋଧୀ ଦଳ ଏହାର କଡ଼ା ସମାଲୋଚନା କରିଛି। ପ୍ରଧାନମନ୍ତ୍ରୀଙ୍କ ଡ୍ରଗ୍ସ ପରୀକ୍ଷା ଲାଗି ବିରୋଧୀମାନେ ଦାବି କରିଛନ୍ତି। ପାର୍ଟିରେ ମଦ ପିଇଥିବା ମାରିନ ସ୍ୱୀକାର କରିଛନ୍ତି। ସେହି ସମୟରେ ଭିଡିଓ କରାଯାଉଥିବା ସମ୍ପର୍କରେ ସେ ଅବଗତ ଥିଲେ। କିନ୍ତୁ ଏହା ସର୍ବସାଧାରଣରେ ପ୍ରକାଶ ପାଇଥିବାରୁ ସେ ଦୁଃଖ ପ୍ରକାଶ କରିଛନ୍ତି। ନାଚିବା ଓ ଗାଇବା ବେଆଇନ କାର୍ଯ୍ୟ ନୁହେଁ। ନିଜ ବ୍ୟବହାରରେ ପରିବର୍ତ୍ତନର ଆବଶ୍ୟକତା ଥିବା ସେ ଅନୁଭବ କରୁନାହାନ୍ତି ବୋଲି କହିଛନ୍ତି।



ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ସାନ୍ନା ମାରିନ



ପାର୍ଟିରେ ନାଚିବା ବେଳର ଦୃଶ୍ୟ

## ଶାହନୱାଜଙ୍କ ନାଁରେ ବଳାତ୍କାର ଅଭିଯୋଗ

### ଏତଲା ନିର୍ଦ୍ଦେଶ ଦେଲେ ହାଇକୋର୍ଟ

ନୂଆଦିଲ୍ଲୀ,୧୮।୮(ପି.ଟି.)

୨୦୧୮ରେ ଏକ ବଳାତ୍କାର ଅଭିଯୋଗକୁ ନେଇ ଭାଜପା ନେତା ଶାହନୱାଜ ହୁସେନ୍‌ଙ୍କ ବିରୋଧରେ ଏତଲା ଦାଏର ଲାଗି ଦିଲ୍ଲୀ ହାଇକୋର୍ଟ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କ ଅଭିଯୋଗ ସତ୍ତ୍ୱେ ପୋଲିସ ଭାଜପା ନେତାଙ୍କ ବିରୋଧରେ ଏତଲା ଦାଏର କରିବାକୁ ମନା କରିଦେଇଥିଲା ବୋଲି ବିଚାରପତି ଆଶା ମେନନ୍ କହିଛନ୍ତି। ହାଇକୋର୍ଟଙ୍କ ଉକ୍ତ ନିର୍ଦ୍ଦେଶ ବିରୋଧରେ ଶାହନୱାଜ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ପିଟିଶନ ଶୁଣାଣି ଯୋଗ୍ୟ ନୁହେଁ କହି ହାଇକୋର୍ଟ ଏହାକୁ ଖାରଜ କରିଦେଇନ୍ତି। ଏଥିସହିତ ଅନ୍ତରୀଣ ନିର୍ଦ୍ଦେଶନାମାଗୁଡ଼ିକୁ ରଦ୍ଦ କରାଗଲା ବୋଲି ଖଣ୍ଡପୀଠ କହିଛନ୍ତି। ପ୍ରଥମେ ଏତଲା ଦାଏର କର, ତଦନ୍ତ ସମ୍ପୂର୍ଣ୍ଣ କରିସିଆର୍‌ପିସିର ଧାରା ୧୭୩ରେ ସବିଶେଷ ରିପୋର୍ଟ ୩ ମାସ ମଧ୍ୟରେ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଶାହନୱାଜ୍‌ଙ୍କ ବିରୋଧରେ ଏତଲା ଲାଗି ଦିଲ୍ଲୀର ଜଣେ ମହିଳା ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। ୨୦୧୮ ଜୁଲାଇ ୭ରେ କୋର୍ଟ ଏତଲା ଦାଏର ଲାଗି ନିର୍ଦ୍ଦେଶ ଦେଇଥିବାବେଳେ ଏହାକୁ ଭାଜପା ନେତା ସେସନ୍ସ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସେହିବର୍ଷ ଜୁଲାଇ ୧୩ରେ ହାଇକୋର୍ଟ ତଳକୋର୍ଟ ରାୟ ଉପରେ ସ୍ଥଗିତାଦେଶ ଜାରି ସହ ଏତଲା ଦାଏର ଲାଗି ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।



ଶାହନୱାଜ ହୁସେନ୍

## ଛୁଟିରେ ଥିବା ଯବାନଙ୍କୁ ଗୁଳିକରି ହତ୍ୟା

ପାଟନା,୧୮।୮: ଛୁଟିରେ ଘରକୁ ଆସିଥିବା ଜଣେ ସେନା ଯବାନଙ୍କୁ ପାଟନାର ଏକ ଜନଗହଳି ବଜାରରେ ଗୁଳିକରି ହତ୍ୟା କରାଯାଇଛି। ଯବାନ ବାବୁଲ କୁମାର ନାମକ ବୁଧବାର ରାତିରେ ରେଳଷ୍ଟେଶନ ଯାଉଥିବାବେଳେ ବାଇକରେ ଦୁଇଜଣ ଯୁବକ ଆସି କଙ୍କରବାଗ ଅଞ୍ଚଳରେ ତାଙ୍କଠାରୁ ଲୁଟିବାକୁ ଉଦ୍ୟମ କରିଥିଲେ। ଯବାନ ପ୍ରତିରୋଧ କରିବାରୁ ସେମାନେ ଗୁଳି ଚଳାଇଥିଲେ। ଘଟଣାସ୍ଥଳରେ ଯବାନଙ୍କ ମୃତ୍ୟୁ ହୋଇଛି। ବାବ୍‌ଲୁଙ୍କ ଘର ରାଘୋପୁର ଅଞ୍ଚଳର ଚନ୍ଦ୍ରପୁରା ଗ୍ରାମରେ। ସେ ଅରୁଣାଚଳପ୍ରଦେଶରେ ପୋଷ୍ଟିଂ ହୋଇଥିଲେ। ଛୁଟିରେ ଘରକୁ ଆସିଥିବା ବାବ୍‌ଲୁ ଏକ ବାଇକ ଯୋଗେ ପାଟଳିପୁତ୍ର ରେଳଷ୍ଟେଶନକୁ ଯାଉଥିବାବେଳେ ଦୁର୍ବୃତ୍ତମାନେ ତାଙ୍କୁ ଠିକଣା ପଚାରିବା ବାହାନାରେ ଅଟକାଇ ଲୁଟ୍ ଉଦ୍ୟମ କରିଥିଲେ।

## ୧୦ ଛୁଆ ଜନ୍ମ କର, ୧୩ ଲକ୍ଷ ନିଅ: ପୁଟିନ୍

ମସ୍କୋ, ୧୮।୮

କୋଭିଡ୍-୧୯ ମହାମାରୀ, ୟୁକ୍ରେନ୍ ଯୁଦ୍ଧ, ଶିଶୁ ଜନ୍ମହାର ହ୍ରାସ ଆଦି କାରଣରୁ ରୁଷିଆ ଜନସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏହି ସଙ୍କଟ ଦୂର କରିବା ପାଇଁ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଦେଶର ମହିଳାମାନଙ୍କୁ ଏକ ଅଫର୍ ଦେଇଛନ୍ତି। ଯେଉଁ ମହିଳା ଅନ୍ୟୂନ ୧୦ ସନ୍ତାନ ଜନ୍ମ କରିବେ ଏବଂ ସମସ୍ତ ଶିଶୁଙ୍କୁ ଜୀବିତ ରଖିପାରିବେ ସେମାନଙ୍କୁ ୧୩,୫୦୦ ପାଉଣ୍ଡ ବା ପ୍ରାୟ ୧୩ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ପୁଟିନ୍ ଘୋଷଣା କରିଛନ୍ତି।

ଦ୍ୱିତୀୟ ବିଶ୍ୱଯୁଦ୍ଧବେଳେ ରୁଷିଆର ବହୁସଂଖ୍ୟାରେ ଲୋକ ପ୍ରାଣ ହରାଇବା ପରେ ୧୯୪୪ରେ ସୋଭିଏଟ୍ ସଂଘର ତତ୍କାଳୀନ ରାଷ୍ଟ୍ରପତି ଜୋସେଫ୍ ଷ୍ଟାଲିନ୍ ସନ୍ତାନ ପ୍ରସବ ପାଇଁ ମହିଳାଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ 'ମଦର ହିରୋଇନ୍' ସମ୍ମାନ ପ୍ରଦାନ ଘୋଷଣା କରିଥିଲେ।



ସେତେବେଳେ ୪ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଏହି ପୁରସ୍କାର ଦିଆଯାଇଥିଲା। ୧୯୯୧ରେ ସୋଭିଏଟ୍ ୟୁନିୟନ ଭାଙ୍ଗିବା ପରେ ତାହାକୁ ଉଚ୍ଛେଦ କରାଯାଇଥିଲା। ଏବେ ପୁଟିନ୍ ସେହି ଯୋଜନାକୁ ପୁନଃପ୍ରଣୟନ କରିଛନ୍ତି। ଯୋଜନା ଅନୁସାରେ ୧୦ ସନ୍ତାନଙ୍କ ମଧ୍ୟରୁ ଶେଷ ଶିଶୁ ଜନ୍ମ ହେବାର ବର୍ଷକ ପରେ ସମ୍ପୃକ୍ତା ମହିଳାଙ୍କୁ ଏକାଥରକେ ୧୩ ଲକ୍ଷ ଟଙ୍କା ଦିଆଯିବ। ଯଦି ୧୦ ସନ୍ତାନ ମଧ୍ୟରୁ ଜଣଙ୍କର ବି ମୃତ୍ୟୁ ଘଟିବ ତେବେ ସେମାନଙ୍କ ମା' ଏହି ଯୋଜନାର ଲାଭରୁ ବଞ୍ଚିତ ହେବେ। ତେବେ ଯୁଦ୍ଧରେ ପ୍ରାଣ ହରାଇଲେ ଅଥବା ଆତଙ୍କବାଦୀ ଆକ୍ରମଣର ଶିକାର ହେଲେ ସେହି ପିଲାଙ୍କ ମା' 'ମଦର ହିରୋଇନ୍' ସମ୍ମାନ ପାଇବେ। ପୁରସ୍କାରରେ ରୁଷିଆ ପତାକା ଥିବା ଏକ ସୁନା ମେଡାଲ ମଧ୍ୟ ମିଳିବ। ଏହା 'ହିରୋ ଅଫ୍ ଲେବର', 'ହିରୋ ଅଫ୍ ରୁଷିଆ' ସମ୍ମାନ ଭଳି। ପ୍ରକାଶଥାଉ କି, କିଛି ବର୍ଷ ହେଲା ରୁଷିଆ ଜନସଂଖ୍ୟାରେ ଆଶାନୁରୂପ ବୃଦ୍ଧି ହେଉନାହିଁ। ଗତ ବର୍ଷ ତୁଳନାରେ ୨୦୨୨ରେ ଜନସଂଖ୍ୟା ହ୍ରାସ ହାର ଦ୍ୱିଗୁଣିତ ହୋଇଛି। ଚଳିତ ବର୍ଷ ରୁଷିଆ ଲୋକସଂଖ୍ୟା ୪ ଲକ୍ଷ ହ୍ରାସ ପାଇ ପ୍ରାୟ ୧୪ କୋଟି ୫୦ ଲକ୍ଷ ରହିଛି। କରୋନା ଯୋଗୁ ପ୍ରାୟ ୪ ଲକ୍ଷ ଲୋକ ପ୍ରାଣ ହରାଇଥିବାବେଳେ ଅଦ୍ୟାବଧି ୟୁକ୍ରେନ୍ ଯୁଦ୍ଧରେ ୫୦ ହଜାରରୁ ଊର୍ଦ୍ଧ୍ୱ ରୁଷୀୟଙ୍କ ଜୀବନ ଗଲାଣି।

## ୟୁକ୍ରେନ୍‌ରେ ଗୁଟେରସ୍, ଏର୍ଦୋଗାନ୍

ଲଭିଭ୍, ୧୮।୮

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଏବଂ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ମଧ୍ୟସ୍ଥତା କରିଆସିଥିବା ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଦୋଗାନ୍ ଗୁରୁବାର ଏହି ପୂର୍ବ ୟୁରୋପୀୟ ଦେଶୀ ଲଭିଭ୍ ସହରରେ ପହଞ୍ଚିଛନ୍ତି। ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠାରୁ ଏର୍ଦୋଗାନ୍‌ଙ୍କ ଏହା ପ୍ରଥମ ୟୁକ୍ରେନ୍ ଗସ୍ତ। ଉଭୟେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଭେଟିଛନ୍ତି। ଜାପୋରିଜିଝିଆ ସ୍ଥିତ ୟୁରୋପର ସବୁଠୁ ବଡ଼ ନ୍ୟୁକ୍ଲିଅର ପାୱାର ପ୍ଲାଣ୍ଟର ସୁରକ୍ଷା, କୂଟନୈତିକ ଉପାୟରେ ଯୁଦ୍ଧ ଶେଷ କରାଯିବା, ଖାଦ୍ୟଶସ୍ୟ ପରିବହନ ସ୍ୱାଭାବିକ କରିବା ଆଦି ପ୍ରମୁଖ ପ୍ରସଙ୍ଗରେ ଆଲୋଚନା ହୋଇଛି। ଗତ ମାର୍ଚ୍ଚରୁ ରୁଷିଆ କବ୍‌ଜାରେ ଥିବା ଜାପୋରିଜିଝିଆ ପାୱାର ପ୍ଲାଣ୍ଟକୁ ମୁକ୍ତ ସହ ଏହାକୁ ସୁରକ୍ଷା ଦେବା ପାଇଁ ଜାତିସଂଘ ତ୍ୱରିତ ପଦକ୍ଷେପ ନେଉ ବୋଲି ଜେଲେନ୍‌ସ୍କି ଗୁଟେରସ୍‌ଙ୍କୁ ଅନୁରୋଧ କରିଛନ୍ତି।

ମସ୍କୋ ଉକ୍ତ ନ୍ୟୁକ୍ଲିଅର ପାୱାର ପ୍ଲାଣ୍ଟରୁ ୟୁକ୍ରେନ୍‌ବାସୀଙ୍କୁ ଟାର୍ଗେଟ କରୁଥିବା ଜେଲେନ୍‌ସ୍କି କହିଛନ୍ତି। ଏଥିସହ ରୁଷିଆ ଏହି ପ୍ଲାଣ୍ଟର ବ୍ୟାପକ କ୍ଷତି ଘଟାଇଥିବା ସେ ଅଭିଯୋଗ କରିଆସିଛନ୍ତି। ତେବେ ୟୁକ୍ରେନ୍ ଉକ୍ତ ପାୱାର ପ୍ଲାଣ୍ଟକୁ ଟାର୍ଗେଟ କରି ସେଲ୍ ମାଡ଼ କରୁଥିବା ରୁଷିଆ କହିଆସିଛି। ଏପରି ହେଲେ ୟୁରୋପର ବୃହତ୍ତମ ନ୍ୟୁକ୍ଲିଅର ପାୱାର ପ୍ଲାଣ୍ଟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯିବ ବୋଲି ରୁଷିଆ ଗୁରୁବାର ଧମକ ଦେଇଛି।



ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଦୋଗାନ୍ ଏବଂ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କ ସହ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି।

- ରୁଷିଆ ଆକ୍ରମଣ ପରଠାରୁ ତୁର୍କୀ ରାଷ୍ଟ୍ରପତିଙ୍କ ପ୍ରଥମ ଗସ୍ତ
- ନ୍ୟୁକ୍ଲିଅର ପାୱାର ପ୍ଲାଣ୍ଟର ସୁରକ୍ଷା ମାଗିଲେ ଜେଲେନ୍‌ସ୍କି

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୯,୮୩,୯୨,୭୩୩ | ୬୪,୬୪,୮୨୯ | ୫୭,୨୪,୧୪,୧୬୮ |
| ଭାରତ | ୪,୪୨,୯୮,୮୬୪ | ୫,୨୭,୨୦୬ | ୪,୩୬,୭୦,୩୧୫ |
| ଓଡ଼ିଶା | ୧୩,୨୪,୦୬୯ | ୯୧୬୦(+୫୩) | ୧୩,୧୨,୪୪୯ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worllometers.info/coronavirus/ ଏବଂ ଓଡ଼ିଶା ସରକାର

# ନୂଆପଡ଼ା ରୋଡ୍ ଷ୍ଟେଶନରେ ରହିବ ୩ ଏକ୍ସପ୍ରେସ ଟ୍ରେନ୍

**ନୂଆଦିଲ୍ଲୀ, ୧୮।୮**

ନୂଆପଡ଼ା ରୋଡ୍ ରେଳ ଷ୍ଟେଶନରେ ଆସନ୍ତା ୬ମାସ ପାଇଁ ପରୀକ୍ଷାମୂଳକ ଭାବେ ୩ଟି ଏକ୍ସପ୍ରେସ୍ ଟ୍ରେନ୍ ରହଣି କରିବ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ଏହି ଟ୍ରେନ ମଧ୍ୟରେ ରହିଛି ପୁରୀ-ଅହମ୍ମଦାବାଦ ଏକ୍ସପ୍ରେସ, କୋର୍ବା-ବିଶାଖାପାଟନାମ୍ ଏକ୍ସପ୍ରେସ ଏବଂ ବିଳାସପୁର- ତିରୁପତି ଏକ୍ସପ୍ରେସ। କୋର୍ବା- ବିଶାଖାପାଟଣାମ୍ ଏବଂ ବିଳାସପୁର- ତିରୁପତି ଏକ୍ସପ୍ରେସ ଆସନ୍ତା ୨୩ରୁ ଏବଂ ପୁରୀ- ଅହମ୍ମଦାବାଦ୍ ଏକ୍ସପ୍ରେସ ଆସନ୍ତା ୨୪ରୁ ନୂଆପଡ଼ା ରୋଡ ଷ୍ଟେଶନରେ ରହଣି କରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ଏହି ଷ୍ଟେଶନରେ କିପରି ଭାବେ ଟିକେଟ ବିକ୍ରି କରାଯାଇପାରିବ ସେନେଇ ତୀକ୍ଷ୍ଣ ନଜର ରଖାଯିବା ସହ ଏହାର ରିପୋର୍ଟ ସମୀକ୍ଷା ପାଇଁ ରେଳ ବୋର୍ଡକୁ ୫ମାସ ମଧ୍ୟରେ ପଠାଇବାକୁ କୁହାଯାଇଛି। ସବୁ ଠିକ୍ ଚାଲିଲେ ଏହି ଟ୍ରେନ୍‌ଗୁଡ଼ିକର ନିୟମିତ ରହଣି ହେବ ବୋଲି ଜଣାପଡ଼ିଛି। କୋଭିଡ୍-୧୯ ଯୋଗୁ ନୂଆପଡ଼ା ରୋଡ୍ ଷ୍ଟେଶନରେ ରହଣି ବନ୍ଦ ହୋଇଥିବା କୋର୍ବା- ବିଶାଖାପାଟଣାମ୍ ଏବଂ ବିଳାସପୁର- ତିରୁପତି ଏକ୍ସପ୍ରେସର ପୁନଃ ରହଣି ଦାବି ସହ ନୂଆ ଏକ୍ସପ୍ରେସ ଟ୍ରେନ୍ ରହଣି ନିମନ୍ତେ ପୂର୍ବରୁ କଳାହାଣ୍ଡି ଭାଜପା ଏମ୍‌ପି ବସନ୍ତ କୁମାର ପଣ୍ଡା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଜଣାଇଥିଲେ।







**ଆଜିର ମନ୍ତବ୍ୟ**

"ଭାରତ-ଚାଇନା ସମ୍ପର୍କ ଏକ କଠିନ ସମୟ ଦେଇ ଗତି କରୁଛି। ପ୍ରତିରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭାରତ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ବେଜିଂ ନିଜ ସାମରିକ ଶକ୍ତି ବଢ଼ାଇ ଚାଲିଥିବାରୁ ପୂର୍ବ ଏସିଆ ସ୍ଥିତି ଖରାପ ହେବାରେ ଲାଗିଛି।
– ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ବି. ସାଇ ଶିବାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗହମ ଖାଇଲା ପୋକ**
**କାହୁଁ ଆସିଥିଲା ହୁଣ୍ଡା ରସିକ**
**ଘର ଯାକ ପାନପିକ।**

ଅଲାଜୁକ ରସିକ। ରସିକପଣିଆ ଦେଖେଇ ହେଉଥିବା ବ୍ୟକ୍ତିର ଦୃଷ୍ଟିଭଙ୍ଗୀ ତଥା ଆଚରଣ ନିରସ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଗାଈ ସହଦେବଙ୍କର**
**ଷଣ୍ଢ ମହାଦେବଙ୍କର**
**ବଳଦ ବାପୁଡା କାହାରି ନୁହେଁ।**

ଗାଈ ସହଦେବଙ୍କର ପ୍ରିୟ ଓ ଷଣ୍ଢ ମହାଦେବଙ୍କର ବାହନ। ସେହି ଦୃଷ୍ଟିରୁ ଏମାନଙ୍କୁ ପୂଜାର୍ଚ୍ଚନା କରାଯିବା ସହ ଆଦର କରାଯାଇଥାଏ। ପରନ୍ତୁ ବଳଦକୁ ଏଭଳି ମର୍ଯ୍ୟାଦା ମିଳି ନ ଥାଏ। ଯେତେ ଖଟିଲେ, ଉପକାର କଲେ ମଧ୍ୟ କାଣିଚାଏ ଆଦର ମିଳିବା ଦୁଷ୍ପ୍ରାପ୍ୟ ହୋଇଥାଏ। ସେହିପରି ସମାଜରେ କିଛି ଲୋକ ଥାଆନ୍ତି, ଯେଉଁମାନେ ସବୁବେଳେ ଅବହେଳିତ ହୋଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ


## classifieds Everyday
0674-2580101, 2549302




**SALE**

**Infocity-II, Madanpur** ପାଖରେ **2000sqft.**କୁ **24,00,000/-** ଟଙ୍କାରେ ପାଚେରି ସହ **plot** ବିକ୍ରିହେବ। **7978617023.** D-1270

ନଖରା **East** କଲେଜଠାରୁ **2.5k.m.** ଦୂରତାରେ **@870/-** ପାଚେରି ଥାଇ **Govt. Medical** ନିକଟରେ ଘରବାରି ପ୍ଲଟ୍ ମିଳୁଛି। **9348152874.** D-73291

ଜାଗା କିଣି ତୁରନ୍ତ ଘର କରନ୍ତୁ। ଭୁବନେଶ୍ୱର **New Railway Station**ରୁ **400mtr** ଦୂରତାରେ **yellowzone-sqft.-650/-**, ବାରଙ୍ଗ-ତ୍ରିଶୁଳିଆ **NH side**ରେ **sqft.-1500/- (SC plot available). 9078371787.** D-73290

ସ୍ଥିତିବାନ ଘରବାରି ପ୍ଲଟ୍ ପାଚେରି ସହିତ ବିକ୍ରିହେବ। ଉତ୍ତରା ଟଙ୍କପାଣିରୋଡ୍ ପାଖରେ। 9861201010. D-73856

**Residential gharabari plot at Brahmanjharilo, Cuttack with boundary wall, electripole, inside Temple on Bank Loan facilities near English Medium High School, 6K.M. from Phulnakhara, 11K.M. from Bhubaneswar. 7809525452.** D-73950




Shoproom (10'x10') 2Nos. opposite Bijupatnaik College mainroad Jayadevvihar, Bhubaneswar. Contact: 9938511622. D-1287




Refresh your body with best therapist Ashirvad Panchakarma harbal SPA Kesarimall. 8926173473. D-73951

Full body massage in homely atmosphere all therapy. Mob: 8114881641. D-73409

**Relax, Refresh your body, Mind at Saikrupa Spa with best therapies. 8984068077.** D-1248

Newly open full body massage 1099 free massage one. Mo: 9583808247. D-1164

**LOST**

ମୁଁ ପରମେଶ୍ୱର ପ୍ରଧାନ, ପିତା- ବିକାଶ ପ୍ରଧାନ, ମୌଜା- ନୂଆଗାଁରେ ଗୋଟିଏ ଜାଗା ବିଜୟ ପ୍ରଧାନଙ୍କଠାରୁ କିଣିଥିଲି। କବଲା ନଂ.-୬୭୧୨ ତା୦୯।୧୧।୨୦୦୫ମାଧ୍ୟମରେ ମୁଁ ଜେରକ୍ସ କରୁଥିବା ସମୟରେ ମୋର ବ୍ୟାଙ୍କ ପାସ୍‌ବୁକ୍ ଏବଂ ସବୁ ଜମିର ଓରିଜିନାଲ ଡକୁମେଣ୍ଟସ୍ ସେହି ଜାଗାରେ କିମ୍ବା ଘରକୁ ଫେରିବା ସମୟରେ ହଜିଗଲା। ବହୁତ ଖୋଜିଲା ପରେ ମଧ୍ୟ ମୋତେ ନିରାଶ ହେବାକୁ ପଡ଼ିଲା। ମୁଁ ଏହାକୁ କୌଣସି ବ୍ୟାଙ୍କରେ ବନ୍ଧକ ହିସାବରେ ଦେଇନାହିଁ। ମୁଁ ବର୍ତ୍ତମାନ ଏହି ଜାଗାକୁ ବିକ୍ରି କରିବା ପାଇଁ ଯୋଗାଯୋଗ କରୁଛି। Mob: 9600183877. ଧ-୧୨୮୮

**AFFIDAVIT**

I, Reshma Tripathy, W/o Sri Bibhu Prasad Tripathy have changed my name from Reshma Madathil Menon to Reshma Tripathy for all purposes post marriage vide Affidavit No. 41 dated 24.11.2016 before Notary, Berhampur. D-1286

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୧୩ ଜିଲ୍ଲାର ଅଢ଼େଇ ଲକ୍ଷ ଲୋକ ଜଳବନ୍ଦୀ

**ବନ୍ୟା ସ୍ଥିତି ନେଇ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା**

- ୫ ଲକ୍ଷ ଲୋକ ପ୍ରଭାବିତ
- ୧୯୦ ରିଲିଫ୍ କେନ୍ଦ୍ରରେ ୧ ଲକ୍ଷ ଲୋକଙ୍କୁ ରନ୍ଧାଖାଦ୍ୟ

ଭୁବନେଶ୍ୱର,୧୮।୮(ବ୍ୟୁରୋ)

ବନ୍ୟା ଯୋଗୁ ୧୩ ଜିଲାର ୭୧ ବ୍ଲକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏଥିରେ ୨୦୬୬ ଗ୍ରାମ ପ୍ରଭାବିତ ହୋଇଛି। ୪୭୦ ଗ୍ରାମ ଜଳଘେରରେ ରହିଥିବାବେଳେ ୨ ଲକ୍ଷ ୫୫ ହଜାର ୩୨୫ ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ପ୍ରାୟ ୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆରସି) ଗୁରୁବାର ସୂଚନା ଦେଇଛନ୍ତି।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ରାଜ୍ୟର ବନ୍ୟା ସ୍ଥିତି ସମ୍ପର୍କରେ ଗୁରୁବାର ସମୀକ୍ଷା କରିଛନ୍ତି। ରାଜ୍ୟର ନଦୀଗୁଡ଼ିକର ଜଳପ୍ରବାହର ସ୍ଥିତି ସମ୍ପର୍କରେ ଜଳସମ୍ପଦ ବିଭାଗର ବରିଷ୍ଠ ଯନ୍ତ୍ରୀମାନଙ୍କ ସହ ସେ ଆଲୋଚନା କରିଛନ୍ତି। ଆଗାମୀ ଲଘୁଚାପ ବର୍ଷାକୁ ଦୃଷ୍ଟିରେ ରଖି ହୀରାକୁଦର ଗେଟ୍ ପରିଚାଳନା କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ଏସ୍ଆରସି କହିଛନ୍ତି ଯେ ସବୁ ଅଞ୍ଚଳର ୧୯୦ ରିଲିଫ୍ କେନ୍ଦ୍ରରେ ୧ ଲକ୍ଷ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ୯୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ଓ ପ୍ରବଳ ବୃଷ୍ଟିପାତ ଦ୍ୱାରା ଅନେକ ବାସଗୃହ କ୍ଷତିଗ୍ରସ୍ତ ହେବା ସହିତ ବହୁତ ଚାଷଜମି ଜଳମଗ୍ନ ହୋଇଛି। ପ୍ରଭାବିତ ଲୋକମାନଙ୍କୁ ଆବଶ୍ୟକ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। ୧୧ ଏନ୍‌ଡିଆର୍‌ଏଫ୍, ୧୨ ଓଡ୍ରାଫ୍ ଏବଂ ୫୨ ଅତିରିକ୍ତ ଅଗ୍ନିଶମ ସେବା ବାହିନୀ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ପ୍ରଭାବିତ ଅଞ୍ଚଳରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ୧୦ଟି ଭ୍ରାମ୍ୟମାଣ ଆର୍‌ଓ ୱାଟର ପ୍ଲାଣ୍ଟ ଜରିଆରେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯାଉଛି। ସେହିପରି ପ୍ରଭାବିତ ଗୋରୁମାନଙ୍କୁ ଆବଶ୍ୟକ ଗୋଖାଦ୍ୟ ଯୋଗାଇ ଦିଆଯାଉଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଓ ପ୍ରାଣୀ ଚିକିତ୍ସାକୁ ତ୍ୱରାନ୍ୱିତ କରାଯାଇଛି। ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀମାନେ ପ୍ରଭାବିତ ଅଞ୍ଚଳରେ ଅବସ୍ଥାନ କରି ନଦୀବନ୍ଧର ସୁରକ୍ଷା ତଥା ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନିୟମିତ ଭାବେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସହ ଯୋଗାଯୋଗ କରି ବନ୍ୟା ପରିସ୍ଥିତି ସମୀକ୍ଷା କରୁଛନ୍ତି। ମୁଖ୍ୟମନ୍ତ୍ରୀ ଦୁଇ ଜଣ ବରିଷ୍ଠ ଅଧିକାରୀଙ୍କୁ ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାକୁ ବନ୍ୟା ପରିଚାଳନାରେ ଜିଲା ପ୍ରଶାସନକୁ ସହଯୋଗ କରିବା ପାଇଁ ପଠାଇଛନ୍ତି। ଏସ୍‌ଡିଆର୍‌ଏଫ୍ ଗାଇଡ୍‌ଲାଇନ ଅନୁସାରେ ଜିଲାପାଳମାନେ ଘରୋଇ ଡଙ୍ଗା ଭଡ଼ାରେ ନେଇ ଜଳ ଘେରରେ ଥିବା ଲୋକମାନଙ୍କୁ ଉଦ୍ଧାର କରିବା ସହ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଲଘୁଚାପ ପ୍ରଭାବରେ ବର୍ଷା ହେବାକୁ ଥିବାବେଳେ ଲୋକମାନଙ୍କୁ ପଲିଥିନ ଯୋଗାଇଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟାଞ୍ଚଳର ୧୩ ଜିଲାରେ ୬୪ଟି ଭ୍ରାମ୍ୟମାଣ ଡାକ୍ତରୀ ଦଳ ମୁତୟନ କରାଯାଇଥିବା ବେଳେ ୨୦୦୦୦ ଓଆର୍‌ଏସ୍ ପ୍ୟାକେଟ ଓ ୧ ଲକ୍ଷ ୪୨ ହଜାର ହାଲୋଜିନ୍ ବଟିକା ବଣ୍ଟନ କରାଯାଇଛି। ମହାନଦୀର ବନ୍ୟା ଜଳ ସ୍ତର ଗତକାଲିଠାରୁ କ୍ରମଶଃ ହ୍ରାସ ପାଉଛି। ହୀରାକୁଦରେ ଏବେ ୨୮ଟି ଗେଟ୍ ଖୋଲା ରହିଛି। ଗୁରୁବାର ଅପରାହ୍ଣ ସୁଦ୍ଧା ହୀରାକୁଦର ଜଳସ୍ତର ବର୍ତ୍ତମାନ ୬୨୩.୯୧ ଫୁଟ୍ ଅଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୪ ଲକ୍ଷ ୨୪ ହଜାର ୭୮୬ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୫ ଲକ୍ଷ ୪୫ ହଜାର ୪୭୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଖଇରମାଳଠାରେ ୮ ଲକ୍ଷ ୬୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ବଡ଼ମୂଳଠାରେ ୮ ଲକ୍ଷ ୬୭ ହଜାର ୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ମୁଣ୍ଡଳିଠାରେ ୧୦ ଲକ୍ଷ ୧୦ ହଜାର ୫୨୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ମୁଣ୍ଡଳିଠାରେ ଜଳସ୍ତର କ୍ରମଶଃ ହ୍ରାସ ପାଉଛି।

ଆଗାମୀ ୧୯ ଓ ୨୦ ତାରିଖରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହି ଲଘୁଚାପ ପ୍ରଭାବରେ ସମ୍ଭାବ୍ୟ ବୃଷ୍ଟିପାତକୁ ନଜରରେ ରଖି ହୀରାକୁଦ ଜଳଭଣ୍ଡାରରୁ ପର୍ଯ୍ୟାୟକ୍ରମେ ଆଉ ୪ଟି ଗେଟ୍ ବନ୍ଦ କରାଯିବ ବୋଲି ସେ କହିଥିଲେ।

# ପୁଣି ବଢ଼ିଲା ସମ୍ପତ୍ତି ତାଲିକା ଦାଖଲ ଅବଧି

## ସେପ୍ଟେମ୍ବର ୩୦ ସୁଦ୍ଧା ଦାଖଲ କରିବେ ସରକାରୀ କର୍ମଚାରୀ

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ସରକାରୀ ଅଧିକାରୀମାନେ ସେମାନଙ୍କ ସମ୍ପତ୍ତି ତାଲିକା ଦାଖଲ କରିବାରେ ଆଗ୍ରହ ଦେଖାଉନାହାନ୍ତି। ନିୟମତଃ ଗ୍ରୁପ୍ 'ଏ' ଠାରୁ ଆରମ୍ଭ କରି ଗ୍ରୁପ 'ଡି' କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜର ସମ୍ପତ୍ତି ତାଲିକା ପ୍ରତ୍ୟେକ ବର୍ଷ ଜାନୁୟାରୀ ୧ ତାରିଖ ସୁଦ୍ଧା ଦାଖଲ କରିବା କଥା। ହେଲେ ୨୦୨୧ ଜାନୁୟାରୀ ୧ ସୁଦ୍ଧା ଦାଖଲ କରିବାକୁ ଥିବା ତାଲିକା ଏପର୍ଯ୍ୟନ୍ତ ବହୁ ଅଧିକାରୀ କରିନାହାନ୍ତି। ଏନେଇ ଏକାଧିକ ବାର ଅବଧି ବୃଦ୍ଧି କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନାହିଁ। ଏଭଳିସ୍ଥିତିରେ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆଉ ଥରେ ଅବଧିକୁ ବୃଦ୍ଧି କରାଯାଇ ସେପ୍ଟେମ୍ବର ୩୦ସୁଦ୍ଧା ସମସ୍ତ ସରକାରୀ ଅଧିକାରୀ ଏବଂ କର୍ମଚାରୀ ସମ୍ପତ୍ତି ତାଲିକା ଦାଖଲ କରିବାକୁ ଚିଠି କରାଯାଇଛି।

ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ, ଆର୍‌ଡିସି ଏବଂ ଜିଲାପାଳମାନଙ୍କୁ ଏହି ଚିଠି ପଠାଯାଇଛି। ଏଥିରେ ସମସ୍ତ ସରକାରୀ କର୍ମଚାରୀ ସେମାନଙ୍କ ୧ ଜାନୁୟାରୀ ୨୦୨୧ରୁ ୩୧ ଡିସେମ୍ବର ୨୦୨୧ ମଧ୍ୟରେ ସମସ୍ତ ସମ୍ପତ୍ତି ତାଲିକାକୁ ସେପ୍ଟେମ୍ବର ୩୦ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି। ସରକାରୀ ଅଧିକାରୀମାନେ ସରକାରୀ କର୍ମଚାରୀ କଣ୍ଡକ୍ଟ ରୁଲ୍, ୨୦୨୧ ଅନୁଯାୟୀ ସମସ୍ତ କର୍ମଚାରୀ ପ୍ରକୃତ ସମ୍ପତ୍ତି ତାଲିକା ଜାନୁୟାରୀ ୧ କିମ୍ବା ସେହି ବର୍ଷ ଜାନୁୟାରୀ ୩୧ ସୁଦ୍ଧା ଦାଖଲ କରିବା କଥା। ତେବେ ୨୦୨୧ ବର୍ଷର ତାଲିକା ଯାହା ୩୧ ଜାନୁୟାରୀ ୨୦୨୨ ସୁଦ୍ଧା କରିବା କଥା ତାହାର ସମୟ ସୀମା ରାଜ୍ୟ ସରକାର ୩୦ ଜୁନ୍ ୨୦୨୨ ପର୍ଯ୍ୟନ୍ତ ବଢାଇଥିଲେ। ହେଲେ ବହୁ ଅନୁରୋଧ ପରେ ଏହି ସମୟ ଅବଧିକୁ ଆଉ ଥରେ ବୃଦ୍ଧି କରାଯାଇଛି। ଆସନ୍ତା ସେପ୍ଟେମ୍ବର ୩୦ ସୁଦ୍ଧା ସମ୍ପତ୍ତି ତାଲିକା ରାଜ୍ୟ ସରକାରଙ୍କ ସମସ୍ତ କର୍ମଚାରୀ ଦାଖଲ କରିପାରିବେ। ତେବେ ସବୁ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଶେଷ ତାରିଖ ପର୍ଯ୍ୟନ୍ତ ଅପେକ୍ଷା ନ କରି ଏହା ପୂର୍ବରୁ ସମ୍ପତ୍ତି ତାଲିକା ଦାଖଲ କରିବା ଲାଗି କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଆକାଶମାର୍ଗରୁ ବନ୍ୟାଞ୍ଚଳ...

ଅସ୍ତରଙ୍ଗ, ଡେଲାଙ୍ଗ, ପିପିଲି, କଣାସର ତଳିଆ ଅଞ୍ଚଳ ପରିଦର୍ଶନ କରି ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ବନ୍ୟାରେ ବ୍ୟାପକ ଅଞ୍ଚଳ ଜଳମଗ୍ନ ହେବା ସହିତ ଅନେକ ଚାଷ ଜମି ଓ ବାସଗୃହ କ୍ଷତିଗ୍ରସ୍ତ ହୋଇଥିବା ଘଟଣାରେ ମୁଖ୍ୟମନ୍ତ୍ରୀ ଚିନ୍ତାପ୍ରକଟ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ତାଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ମଧ୍ୟ ବନ୍ୟାଞ୍ଚଳ ପରିଦର୍ଶନରେ ଯାଇଥିଲେ। ପ୍ରଭାବିତ ଅଞ୍ଚଳରେ ଚାଲିଥିବା ସମସ୍ତ ପ୍ରକାର ସହାୟତା ରିଲିଫ୍ ଓ ରନ୍ଧା ଖାଦ୍ୟ ଯୋଗାଣ, ସ୍ୱାସ୍ଥ୍ୟସେବା, ପାନୀୟଜଳ ଯୋଗାଣକୁ ତ୍ୱରାନ୍ୱିତ କରିବା ସହିତ ପ୍ରଭାବିତ ଗୋରୁମାନଙ୍କୁ ଆବଶ୍ୟକ ଗୋଖାଦ୍ୟ ଓ ପ୍ରାଣୀ ଚିକିତ୍ସା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟାଞ୍ଚଳରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତ ଅଞ୍ଚଳ ପାଇଁ ରିଲିଫ୍ ସହାୟତା ଘୋଷଣା କରିଛନ୍ତି।

### ଲଘୁଚାପ: ୨ ଦିନ...

ଲଘୁଚାପ ପ୍ରଭାବରେ ଉପକୂଳରେ ୪୫ରୁ ୫୫ କି.ମି. ଏବଂ ବେଳେବେଳେ ୬୫ କି.ମି. ବେଗରେ ପବନ ପ୍ରବାହିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ୧୯ ଓ ୨୦ ତାରିଖରେ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ସତର୍କ କରାଯାଇଛି। ସେହିପରି ପରିସ୍ଥିତି ଉପରେ ନଜର ରଖିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ବଢ଼ି ଅଞ୍ଚଳରେ...

ମହାନଦୀ ସିଷ୍ଟମ୍‌ରେ ସମୁଦାୟ ୭ଟି ଘାଇ ହୋଇଛି। ବନ୍ୟା ବିପନ୍ନଙ୍କୁ ଯଥାସମ୍ଭବ ଅତ୍ୟାବଶ୍ୟକ ସୁବିଧା ଯୋଗାଇ ଦେବାକୁ ଉଦ୍ୟମ ଚାଲିଛି। କେତେକ ଜିଲାର ବନ୍ୟାଞ୍ଚଳରେ ଅତ୍ୟାବଶ୍ୟକ ରିଲିଫ୍ ସାମଗ୍ରୀ ପହଞ୍ଚାଇବାକୁ ଘରୋଇ ଡଙ୍ଗା ନିୟୋଜନ ନିମନ୍ତେ ଅନୁମତି ଦିଆଯାଇଛି। ରିଲିଫ୍ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇ ବନ୍ୟା ପାଣି ଜମିରହିଛି। ୪୮ ଘଣ୍ଟା ଧରି ଏହି ସ୍ଥିତି ବଳବତ୍ତର ରହିବ। ବନ୍ୟା ପାଣି ଛାଡ଼ିବା ପରେ କ୍ଷୟକ୍ଷତି ଆକଳନ କରାଯିବ ବୋଲି ଏସ୍ଆରସି କହିଛନ୍ତି। ହୀରାକୁଦ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ଆନନ୍ଦ କୁମାର ସାହୁ କହିଛନ୍ତି, ରୁଲ୍ କର୍ଭ ନିୟମ ପାଳନ କରାଯାଇ ଜଳସ୍ତର ନିୟନ୍ତ୍ରଣ କରାଯାଉଛି। ସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି। ଜଳଭଣ୍ଡାର ତଳମୁଣ୍ଡ ବେଲଗାଁରେ ୨୮,୦୦୦, ପର୍ଥଲାରେ ୮୧,୦୦୦, ଖଇରମାଳରେ ୮ ଲକ୍ଷ ୫୦ ହଜାର, ବରମୂଳାରେ ୮ ଲକ୍ଷ ୬୨ ହଜାର, ମୁଣ୍ଡଳିରେ ୧୦ ଲକ୍ଷ ୨ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ସେ ସୂଚନା ଦେଇଛନ୍ତି।

### କଟକରେ ଡେଙ୍ଗୁ...

ଜଣେ ଯୁବକଙ୍କ ଡେଙ୍ଗୁରେ ଜୀବନ ଗଲା ବୋଲି ୨୬ ନଂ. ୱାର୍ଡ କର୍ପୋରେଟର ଗଗନ ଓଝା କହିଛନ୍ତି। ଏହି ୱାର୍ଡ ଡେଙ୍ଗୁ ପ୍ରଭାବିତ ହୋଇଥିବା ନେଇ ସିଏମ୍‌ସିକୁ ବାରମ୍ବାର ଅବଗତ କରାଯାଇଥିଲେ ସୁଦ୍ଧା କିଛି ସୁଫଳ ମିଳୁ ନାହିଁ। ମଶା ତେଲ ମଧ୍ୟ ଠିକ୍‌ରେ ପକାଯାଉ ନାହିଁ ବୋଲି ଗଗନ କହିଛନ୍ତି। ତେବେ ଏଭଳି ଅଭିଯୋଗକୁ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ପ୍ରତ୍ୟେକ ଦିନ ସହରର ସବୁ ସ୍ଥାନରୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଟାୟାର ଉଠାଯାଉଛି। ସେହିପରି ଲୋକଙ୍କୁ ସଚେତନ କରିବା ପାଇଁ ଆଶା କର୍ମୀଙ୍କୁ ନିୟୋଜିତ କରାଯାଇଛି। ପ୍ରତ୍ୟେକ ରବିବାର ଡ୍ରାଏ ଡେ' ମଧ୍ୟ ପାଳନ କରାଯାଉଛି। ସବୁ ପ୍ରକାର କାର୍ଯ୍ୟ ଜାରି ରହିଥିବାରୁ ଗତ ଜାନୁୟାରୀରୁ ବର୍ତ୍ତମାନ ପର୍ଯ୍ୟନ୍ତ ମାତ୍ର ୧୯ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସେହିପରି ଉପଯୁକ୍ତ ଚିକିତ୍ସା ନ ମିଳିବା କାରଣରୁ ଲୋକଙ୍କ ମୃତ୍ୟୁ ହୋଇଛି। ଏଥିପାଇଁ ମହାପାତ୍ର ଘରୋଇ ହସ୍ପିଟାଲକୁ ଦାୟୀ କରିଛନ୍ତି। କାରଣ ଘରୋଇ ହସ୍ପିଟାଲରେ ଆବଶ୍ୟକ ଚିକିତ୍ସା ସୁବିଧା ନ ଥାଇ ଡେଙ୍ଗୁ ରୋଗୀଙ୍କୁ ଚିକିତ୍ସା କରାଯାଉଛି, ରୋଗୀ ଗୁରୁତର ହେବା ପରେ ତାଙ୍କୁ ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି। ଯଦି କୌଣସି ଡେଙ୍ଗୁ ରୋଗୀ ଆସୁଛନ୍ତି, ତେବେ ତୁରନ୍ତ ତାଙ୍କୁ ଏସ୍‌ସିବି ପଠାଇବାକୁ ସହରର ସମସ୍ତ ଘରୋଇ ହସ୍ପିଟାଲ୍‌କୁ ନୋଟିସ କରାଯାଇଥିବା ମହାପାତ୍ର କହିଛନ୍ତି।

### ନରସିଂହପୁର ଜଙ୍ଗଲରେ...

ପକ୍ଷରୁ କୁହାଯାଇଛି। ହାତୀର ବାମ ପାର୍ଶ୍ୱ ଗୋଟିଏ ଦାନ୍ତ ଭାଙ୍ଗିଯାଇଥିବାରୁ ହାତୀ-ହାତୀ ମଧ୍ୟରେ ସଂଘର୍ଷ କାରଣରୁ ଏଭଳି କ୍ଷତ ସୃଷ୍ଟି ହୋଇଥିବା ରେଞ୍ଜର ପ୍ରଫୁଲ୍ଲ କୁମାର ଦେହୁରୀ ସୂଚନା ଦେଇଛନ୍ତି। ହାତୀର ରକ୍ତ ନମୁନା ଏବଂ ମଳ ସଂଗ୍ରହ କରାଯାଇଛି। ଏହାକୁ ଓୟୁଏଟିକୁ ପରୀକ୍ଷଣ ନିମନ୍ତେ ପଠାଯିବ। ହାତୀର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ଅନୁସାରେ, ବୁଧବାର ମଧ୍ୟ ରାତ୍ରିରେ ହାତୀଟି ନୂଆଗଡ଼ ସେକ୍ସନ କମ୍ପାର୍ଟମେଣ୍ଟ-୨ ନରସିଂହପୁର ହିନ୍ଦୋଳ ସଂଯୋଗ ମୁଖ୍ୟ ରାସ୍ତାର ବୁଢାବୁଢ଼ୀ ଘାଟିର ରାସ୍ତାପାର୍ଶ୍ୱରେ ଠିଆହୋଇ ଥିବା ବନ କର୍ମଚାରୀମାନେ ଦେଖିବା ପରେ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଆଠଗଡ଼ ଉପଖଣ୍ଡ ବନ ଅଧିକାରୀ ଗୋପୀନାଥ ସୁଦର୍ଶନ ଯାଦବ ଗୁରୁବାର ସକାଳୁ ନରସିଂହପୁର ଆସି ଚିକିତ୍ସକ ଟିମ୍ ଓ ବନ କର୍ମଚାରୀଙ୍କ ସହିତ ସମ୍ପୃକ୍ତ ଜଙ୍ଗଲକୁ ଯାଇ ଅପରାହ୍ଣ ୧ଟା ବେଳକୁ ହାତୀକୁ ଟ୍ରାଙ୍କୁଲାଇଜ୍ କରିଥିଲେ। ହାତୀର କ୍ଷତ ସ୍ଥାନଗୁଡିକୁ ଅନୁଧ୍ୟାନ କରିବା ପରେ ଏହା ଗୁଳିମାଡ଼ ନୁହେଁ, ହାତୀମାନଙ୍କ ସଂଘର୍ଷରୁ ଏଭଳି କ୍ଷତ ହୋଇଥିବା ଡିଏଫ୍ଓ ଯାଦବ କହିଛନ୍ତି। ତେବେ ନରସିଂହପୁର ଜଙ୍ଗଲରେ ଗତ କିଛିଦିନ ମଧ୍ୟରେ ଶିକାରୀଙ୍କ ଗୁଳିମାଡ଼ରେ ଦୁଇଟି ହାତୀ ପ୍ରାଣ ହରାଇଥିବାବେଳେ ଏବେ ଏଭଳି ଏକ ଦନ୍ତାହାତୀ କ୍ଷତବିକ୍ଷତ ଅବସ୍ଥାରେ ଉଦ୍ଧାର ହୋଇ ଚିକିତ୍ସିତ ହେବା ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନରସିଂହପୁର ଜଙ୍ଗଲରେ ବାରମ୍ବାର ହାତୀ ଆହତ ହେବା ଘଟଣା ପରିବେଶବିତ୍‌ଙ୍କୁ ଚିନ୍ତାରେ ପକାଉଛି ବୋଲି ଶିକ୍ଷାବିତ୍ ଦେବରାଜ ସ୍ୱାଇଁ କହିଛନ୍ତି।

### ଚାରି ମହଲାରୁ ଡେଇଁ...

ମନୋରଞ୍ଜନ ବିଶ୍ୱାଳ, ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ କୁହନ୍ତି, ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ହସ୍ତଗତ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମେଡିକାଲରେ ମୁକୁଳା ଝରକାଗୁଡ଼ିକରେ ଜାଲି ଲଗାଇବା ବ୍ୟବସ୍ଥା କରିବାକୁ କୁହାଯାଇଛି। ଯେପରି ଅଗ୍ନିକାଣ୍ଡ ଘଟିଲେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିବ ସେହି ବ୍ୟବସ୍ଥା କରିବାକୁ କୁହାଯାଇଛି। ଉପର ମହଲାଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ସିଡିଏମ୍ଓ ଡା. ଅଶୋକ କୁମାର ଦାଶ କୁହନ୍ତି, ଘଟଣା ପରେ ସୁରକ୍ଷା ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ ହୋଇଛି।

ଅପରପକ୍ଷେ ଦୁର୍ଯ୍ୟୋଧନ କାହିଁକି ଆତ୍ମହତ୍ୟା କଲେ, ତାହାର କାରଣ ସ୍ପଷ୍ଟ ହୋଇପାରିନାହିଁ। ପାରିବାରିକ ସମସ୍ୟା କିମ୍ବା ଅନ୍ୟ କୌଣସି କାରଣରୁ ସେ ଏଭଳି ଚରମ ପଦକ୍ଷେପ ନେଇଥିବା ଅନୁମାନ କରାଯାଉଛି। ଏ ସଂକ୍ରାନ୍ତରେ ନଂ. ୩୧/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

## ୫୦ କୋଟିର ମେଡିକାଲରେ ଲାଗୁନି ସିସି କ୍ୟାମେରା

ଢେଙ୍କାନାଳ ସମେତ ସୀମାନ୍ତ ଯାଜପୁର, କେନ୍ଦୁଝର ଏବଂ ଅନୁଗୋଳ ଜିଲାବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଲକ୍ଷ୍ୟ ନେଇ ୨୦୧୮ ମେ ୨୭ରେ ଢେଙ୍କାନାଳ ପୌରାଞ୍ଚଳ ଅଧୀନ ଦକ୍ଷିଣକାଳୀ ରୋଡ୍‌ରେ ଲୋକାର୍ପିତ ହୋଇଥିଲା ଜିଲା ମୁଖ୍ୟ ଚିକିତ୍ସାଳୟ। ୭ମହଲା ବିଶିଷ୍ଟ ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଖର୍ଚ୍ଚ କରାଯାଇଛି ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା। ତେବେ ଉଦ୍‌ଘାଟନର ଦୀର୍ଘ ୪ବର୍ଷ ପରେ ବି ଉପର ମହଲାଗୁଡ଼ିକରେ ସିସିଟିଭି କ୍ୟାମେରା ଲାଗିନାହିଁ। କେବଳ ତଳ ମହଲାରେ ଏହି ବ୍ୟବସ୍ଥା କରାଯାଇଛି। ଉପର ମହଲାରେ ଶିଶୁ ବିଭାଗ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ସର୍ଜରି ବିଭାଗ, ଭେଷଜ ବିଭାଗ ଏବଂ ଅସ୍ତ୍ରୋପଚାର ଗୃହ ଭଳି ଗୁରୁତ୍ୱପୂର୍ଣ୍ଣ ୱାର୍ଡ ରହିଛି। ହେଲେ ରୋଗୀ ସୁରକ୍ଷା ପ୍ରତି କର୍ତ୍ତୃପକ୍ଷ ଆଖି ବୁଜିଦେଇଛନ୍ତି ବୋଲି ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି।

### ୪ ବର୍ଷରେ ୪ ଘଟଣା

ଢେଙ୍କାନାଳ ଜିଲା ଚିକିତ୍ସାଳୟ ଲୋକାର୍ପଣ ହେବା ଦିନରୁ ଅର୍ଥାତ୍ ଗତ ୪ବର୍ଷ ଭିତରେ ମେଡିକାଲ କୋଠାରୁ ଡେଇଁ ୪ ରୋଗୀ ଜୀବନ ହାରିଲେଣି। ଗତ ୧୩ ତାରିଖରେ ସର୍ଜରି ୱାର୍ଡରେ ଭର୍ତ୍ତି ହୋଇଥିବା ପରଜଙ୍ଗ ଅଞ୍ଚଳର ଚନ୍ଦନ ନାୟକ (୩୭) ନାମକ ଜଣେ ଯୁବକ ୫ ମହଲା କୋଠାରୁ ଡେଇଁ ପଡ଼ିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଗୁରୁବାର ସକାଳେ ୪ର୍ଥ ମହଲାରେ ଥିବା ପୁରୁଷ ଭେଷଜ ବିଭାଗ ୱାର୍ଡରେ ଅନୁରୂପ ଘଟଣା ଘଟିଛି। ଡାକ୍ତରଖାନାରେ ରୋଗୀ ଆତ୍ମହତ୍ୟା ଭଳି ସମ୍ବେଦନଶୀଳ ମାମଲାରେ କେବଳ ତଦନ୍ତ ଚାଲିଛି ବୋଲି କହି ମେଡିକାଲ କର୍ତ୍ତୃପକ୍ଷ ପ୍ରସଙ୍ଗ ଏଡ଼ାଇ ଯାଉଛନ୍ତି। ଅବ୍ୟବସ୍ଥାକୁ ନେଇ ସବୁବେଳେ ଚର୍ଚ୍ଚାରେ ରହୁଥିବା ଢେଙ୍କାନାଳ ମେଡିକାଲ ଉପରୁ ରୋଗୀଙ୍କ ଭରସା ତୁଟୁଥିବାବେଳେ ସ୍ୱାସ୍ଥ୍ୟସେବା ଏବଂ ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ସହକର୍ମୀଙ୍କ ବିରୁଦ୍ଧାଚରଣ ହେତୁ କର୍ମକ୍ଷେତ୍ରରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ କିନ୍ତୁ କିଛି ବି କରିବେ ନାହିଁ। ନିଜ ଲୋକଙ୍କୁ ବୃଥା ସନ୍ଦେହ କଲେ ନିଜର କ୍ଷତି ଘଟିପାରେ।

**ବୃଷ**



ଶାରୀରିକ ଦୁର୍ବଳତା ଯୋଗୁ କାମକରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ପାରିବାରିକ ସ୍ଥିତିରେ ଆର୍ଥିକ ଦିଗରେ ଆଂଶିକ ଉନ୍ନତି ଦେଖାଦେବ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ମିଥୁନ**



କର୍ମକ୍ଷେତ୍ରରେ ଥିବା ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ବନ୍ଧୁଙ୍କ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିପାରନ୍ତି। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବାକୁ ପଡ଼ିପାରେ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କରି ଅନୁତପ୍ତ ହେବେ। ଭ୍ରମଣଜନିତ ପୀଡ଼ା ଅନୁଭବ କରିବେ।

**କର୍କଟ**



ଦୀର୍ଘଦିନରୁ ଭାଙ୍ଗିପଡ଼ିଥିବା କୌଣସି ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବେ। ଭାବପ୍ରବଣତାବଶତଃ ଓଲଟା କଥା କହି ବନ୍ଧୁ ଗହଣରେ ଅପଦସ୍ଥ ହେବେ। ପରକଥାରେ ପଡ଼ି ଭୁଲ୍ ମାର୍ଗ ଅନୁସରଣ କରିପାରନ୍ତି। ପ୍ରିୟଜନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ ।

**ସିଂହ**



ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଈର୍ଷାପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ପ୍ରତିଯୋଗିତା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବେ। ବ୍ୟବସାୟରେ ମନାନ୍ତର ଦେଖା ଦେଇପାରେ। ମିତ୍ର କେହି ଛଳନା କରି ଦୂରେଇ ଯାଇପାରନ୍ତି ।

**କନ୍ୟା**



ଯେଉଁ କାମ ହାତକୁ ନେଇଛନ୍ତି ସେଥିରେ କୃତକାର୍ଯ୍ୟ ହେବେ ଓ ଆଶାଜନକ ଫଳ ପାଇବେ। ସାହିତ୍ୟ, ସାମ୍ବାଦିକତା, ଗବେଷଣା, ଏଜେନ୍‌ସିପ୍‌ରୁ ଖୁସି ରହିବେ। ଅବହେଳାଜନିତ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇ ପାରେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେବାର ଆଶଙ୍କା ରହିଛି।

**ତୁଳା**



ବନ୍ଧୁଙ୍କ ସହାୟତାରେ ସମସ୍ୟା ସମାଧାନ ହୋଇଯିବାର ମାର୍ଗ ଉନ୍ମୁକ୍ତ ହେବ। ପାରିବାରିକ ସ୍ତରରେ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବେ। ସତର୍କତା ଅଭାବରୁ ସମସ୍ୟା ଭିତରୁ ଠେଲି ହୋଇପାରନ୍ତି ।

**ବିଛା**



ଆକସ୍ମିକ ଭାବରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପରିସ୍ଥିତିବଶତଃ ଦୁଇ ପଇସା ଜାଗାରେ ଛ'ପଇସା ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ଦୂର ଯାତ୍ରାରେ କାର୍ଯ୍ୟ ସିଦ୍ଧି ହେବ ଓ ଅଭିଳଷିତ ଜିନିଷ ପାଇବେ। ସାମାଜିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ।

**ଧନୁ**



ଆଜି ଆପଣଙ୍କ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଠିକ୍ ଭୁଲ୍‌ର ବିଚାର ନ କରି କାମ କଲେ ନିଶ୍ଚିତ ଭାବରେ ପ୍ରତାରିତ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର**



କାମ କରିବାର ସ୍ପୃହା ଜାଗ୍ରତ ହେବ ଓ ମନୋବଳ କ୍ରମଶଃ ବୃଦ୍ଧି ପାଇବ। ପରିଶ୍ରମର ପାରିଶ୍ରମିକ ପାଇବେ, ଯାହା ଦ୍ୱାରା କି ମନ ଖୁସି ହୋଇଯିବ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମକରି ମଧ୍ୟ ନିନ୍ଦା ଶୁଣିପାରନ୍ତି।

**କୁମ୍ଭ**



ସ୍ୱାସ୍ଥ୍ୟ ପରୀକ୍ଷା କରିବାର ଆବଶ୍ୟକତାକୁ ନେଇ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ଭ୍ରାତୃସମ୍ପର୍କରେ ଉନ୍ନତି ଘଟିବାରୁ ଖୁସି ରହିବେ। ସଭାସମିତିରେ ପ୍ରିୟକଥା କହି ସମସ୍ୟାକୁ ସୁଧାରି ନେବେ। ଆଗାମୀ ଆନୁଷ୍ଠାନିକ କାମ ସକାଶେ ଘର ସାଜସଜ୍ଜାରେ ମଜି ରହିପାରନ୍ତି।

**ମୀନ**



ଆଜିର କର୍ମକ୍ଷେତ୍ରରେ ଜଣେ ବିଜାତୀୟ ବ୍ୟକ୍ତି ଅସହଯୋଗ କରିପାରନ୍ତି। ଯେତେ ଭଲ କାମ କରନ୍ତୁନା କାହିଁକି ପରିବାରରେ ସମାଲୋଚିତ ହେବେ। ବାହାର ସ୍ଥାନରେ ମିତ୍ରତାର ବନ୍ଧନରେ ଆବଦ୍ଧ ହେବେ। ମାଲିମକଦ୍ଦମା ହେତୁ ଚିନ୍ତାଶୀଳ ହେବେ। ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିପାରନ୍ତି।

# ସବୁ ବିକଳ୍ପ ଖୋଲା

## ଭାଜପାରେ ମିଶିବେ ଆର୍‌ସିପି ସିଂ

ପାଟନା/ନୂଆଦିଲ୍ଲୀ,୧୮।୮

ବିହାର ରାଜନୀତିରେ ଝଡ଼ ସୃଷ୍ଟି କରିଥିବା ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାମଚନ୍ଦ୍ର ପ୍ରସାଦ ସିଂ ଖୁବ୍‌ଶୀଘ୍ର ଭାଜପାରେ ଯୋଗଦେଇପାରନ୍ତି। ଗୈରିକ ଦଳରେ ସାମିଲ ହେବା ସମେତ ଅନ୍ୟ ସମସ୍ତ ବିକଳ୍ପ ଖୋଲା ଅଛି ବୋଲି ଆର୍‌ସିପି ଗୁରୁବାର ସ୍ପଷ୍ଟ କରିଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆର୍‌ସିପି ସିଂ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ତାଙ୍କ ପାଇଁ ସବୁ ବିକଳ୍ପ ଖୋଲା ରହିଛି। ଭାଜପାରେ ଯୋଗଦେବେ କି ବୋଲି ପ୍ରଶ୍ନ କରାଯିବାରୁ କାହିଁକି ସାମିଲ ହେବେ ନାହିଁ ବୋଲି ଅମଲାତନ୍ତ୍ରୀରୁ ରାଜନେତା ସାଜିଥିବା ଆର୍‌ସିପି କହିଛନ୍ତି। ସେହିପରି ନିକଟରେ ଭାଜପା ହାତ ଛାଡ଼ି ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତୃତ୍ୱାଧୀନ ମହାମେଣ୍ଟ ସମର୍ଥନରେ ସରକାର ବଦଳାଇଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଉପରେ ବର୍ଷିଛନ୍ତି। ନୀତୀଶ ୭ ଜନ୍ମରେ ବି ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ। ଏବେ ଦେଶରେ ରାଜନୈତିକ ଅସ୍ଥିରତା ନାହିଁ ଯେ, ଚନ୍ଦ୍ରଶେଖର, ଏଚ୍.ଡି. ଦେବେଗୌଡ଼ା, ଆଇ.କେ. ଗୁଜରାଲଙ୍କ ଭଳି ନେତା ବି ପ୍ରଧାନମନ୍ତ୍ରୀ ହୋଇଯିବେ।

ପ୍ରକାଶ ଯେ, ଗତବର୍ଷ ଆର୍‌ସିପି ସିଂ ନୀତୀଶଙ୍କ ବିନା ଅନୁମତିରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିଲେ, ଯାହାକୁ ନେଇ ଦୁହିଁଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଫଳରେ ନୀତୀଶ ଆର୍‌ସିପିଙ୍କୁ ଜେଡିୟୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ଛାଡ଼ିବାକୁ କହିଥିଲେ। ଆର୍‌ସିପିଙ୍କ ରାଜ୍ୟସଭା ସଦସ୍ୟତା ଗତ ଜୁଲାଇରେ ଶେଷ ହେବା ପରେ ଜେଡିୟୁ ତାଙ୍କୁ ଆଉ ପ୍ରାର୍ଥୀ କରି ନ ଥିଲା। ଫଳରେ ଆର୍‌ସିପି ବାଧ୍ୟହୋଇ କେନ୍ଦ୍ରମନ୍ତ୍ରୀ ପଦ ଛାଡ଼ିଥିଲେ। ଇତିମଧ୍ୟରେ ଆର୍‌ସିପି ୨୦୧୩ରୁ ୨୦୨୨ ମଧ୍ୟରେ ନିଜ ପରିବାର ସଦସ୍ୟଙ୍କ ବିରୋଧରେ ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଜେଡିୟୁ ପକ୍ଷରୁ ଅଭିଯୋଗ ଅଣାଯାଇ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଆର୍‌ସିପି ଜେଡିୟୁ ଛାଡ଼ି ଦଳ ପକ୍ଷରୁ ଏସମ୍ପର୍କିତ ନୋଟିସର ଜବାବ ଦେଇଥିଲେ। ଅଭିଯୋଗକୁ ତାଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର ବୋଲି ସେ କହିଥିଲେ।

### ‘ନୀତୀଶ ୭ ଜନ୍ମରେ ବି ପ୍ରଧାନମନ୍ତ୍ରୀ ହୋଇପାରିବେନି’


ନୀତୀଶ କୁମାର


ରାମଚନ୍ଦ୍ର ପ୍ରସାଦ ସିଂ


Baidyanath
100 years of caring

ଘରେ ଡାକ୍ତର
ସାଧାରଣ ଅସୁସ୍ଥତା ପାଇଁ ଆୟୁର୍ବେଦିକ ଚିକିତ୍ସା

| ରୋଗ | ଔଷଧ |
|---|---|
| ଏସଡିଟି | ଆୟୁସିଡ୍ |
| ଆନେମିଆ | ଧାତ୍ରୀ ଲୌହ, ହେମୋପ୍ଲସ୍ |
| ବୟସ ପ୍ରତିରୋଧୀ | କେସରୀ କଳ୍ପ, ରୟାଲ୍ ଚ୍ୟବନପ୍ରାସ |
| ଆର୍ଥରାଇଟିସ୍, ଗାଉଟ୍, ରୁମେଟିକ୍ ଯନ୍ତ୍ରଣା | ଆର୍ଥ ପ୍ଲସ୍, ଆର୍ଥ ଅଏଲ୍, ରୁମାର୍ଥୋ ଗୋଲ୍ଡ |
| ପେଟ ଯନ୍ତ୍ରଣା ଓ ପାଚନ ସମସ୍ୟା | ଚିତ୍ରକାଦି ବଟି |
| ବୃଦ୍ଧିପ୍ରାପ୍ତ ପୌରୁଷ ଗ୍ରନ୍ଥି | ପ୍ରୋସଗାର୍ଡ଼, ପ୍ରୋଷ୍ଟେଡ୍ |
| ଗ୍ୟାସ, ପେଟ ଫାମ୍ପିବା | ଗ୍ୟାସାନ୍ତକ ବଟି |
| ହୃତପିଣ୍ଡର ସମସ୍ୟା | ଗୁଡ୍ ହାର୍ଟ, କୋଲେଷ୍ଟ ଗାର୍ଡ଼ |
| ବଦହଜମି | ଏକ୍ସାଜେଷ୍ଟେ |
| କିଡନୀ ଷ୍ଟୋନ | ପଥରୀନା |
| ଲ୍ୟୁକେରିଆ | ଲ୍ୟୁକୋନିଲ୍ |
| ଯକୃତ ସମସ୍ୟା | ଲିଭ୍ ଗୁଡ୍, ଲିବରୋଲ୍ ଷ୍ଟ୍ରଙ୍ଗ |
| ଅନିୟମିତ ଋତୁସ୍ରାବ | ସୁନ୍ଦରୀ ସଖୀ, ବୈଦ୍ୟନାଥ ଅଶୋକାରିଷ୍ଟ |
| ମୁତ୍ରରୋଗ | ଚନ୍ଦ୍ରପ୍ରଭା ଟ୍ୟାବ୍, ଗୋକ୍ଷୁରାଦି ଗୁଗ୍‌ଗୁଲୁ ଟ୍ୟାବ୍ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ ⬇
JAIPUR: Ph: +91 9439088809 BERHAMPUR: Ph: +91 9861540324 CUTTACK: Ph: +91 9439486929
BHUBANESWAR: Ph: +91 8249945802 PURI: Ph: +91 9861068109 DHENKANAL: Ph: +91 8249703170
ANGUL: Ph: +91 9937734509 BALASORE: Ph: +91 9438725025 BARIPADA: Ph: +91 9437350156
KENDUJHAR: Ph: +91 6370698870 BHADRAK: Ph: +91 7978313169 ROURKELA: Ph: +91 7008870227
SAMBALPUR: Ph: +91 8763343900 / +91 9437681346 BOLANGIR: Ph: +91 7008384344


# ବଢୁଛି ବୋମାଇଙ୍କ ଅଡୁଆ


ବାସବରାଜ ବୋମାଇ


ବାସନାଗୌଡ ପାଟିଲ ୟାତ୍‌ନାଲ

### ୟାତ୍‌ନାଲ ମୁଖ୍ୟମନ୍ତ୍ରୀ ଦାବିଦାର

ବେଙ୍ଗାଲୁରୁ,୧୮।୮

କର୍ନାଟକ ଭାଜପାରେ ମତଭେଦ ବଢ଼ିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ଦଳ ଭିତରେ ବିରୋଧର ସମ୍ମୁଖୀନ ହୋଇଛନ୍ତି। ତାଙ୍କ କ୍ୟାବିନେଟରେ ମନ୍ତ୍ରୀ ଥିବା ବି. ଶ୍ରୀରାମୁଲୁ ଖୋଲାଖୋଲି ଭାବେ କଂଗ୍ରେସ ନେତା ସିଦ୍ଧରମୈୟାଙ୍କ ମୁଖ୍ୟମନ୍ତ୍ରୀ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇଥିଲେ। ଏହାର ଦିନକ ପରେ ବିଜୟପୁରା ସିଟିର ବିଧାୟକ ବାସନାଗୌଡ ପାଟିଲ ୟାତ୍‌ନାଲ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ସର୍ବସାଧାରଣରେ ନିଜକୁ ଉପସ୍ଥାପନ କରିଛନ୍ତି। ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ୟାତ୍‌ନାଲ ୨୦୦୨ରୁ ୨୦୦୪ କେନ୍ଦ୍ରରେ ବୟନ ଓ ରେଲୱେ ରାଷ୍ଟ୍ରମନ୍ତ୍ରୀ ଥିଲେ। ତାଙ୍କ ନେତୃତ୍ୱରେ ଭାଜପା ଆଗାମୀ ବିଧାନସଭା ନିର୍ବାଚନ ଲଢ଼ିଲେ ୧୫୦ ଆସନ ଜିତିବ ବୋଲି ୟାତ୍‌ନାଲ ବୁଧବାର ଗଣମାଧ୍ୟମକୁ କହିଛନ୍ତି। ବି.ଏସ୍. ୟେଦୁରପ୍ପା ଏବେ ଭାଜପା ସଂସଦୀୟ କମିଟିରେ ସ୍ଥାନ ପାଇଛନ୍ତି। ଆଗାମୀ ନିର୍ବାଚନରେ ଆପଣ ଟିକେଟ ପାଇ ଜିତିଲେ ମନ୍ତ୍ରୀ ହେବେ କି ବୋଲି ପ୍ରଶ୍ନ ହେବାରୁ ୟାତ୍‌ନାଲ କହିଥିଲେ, ତାଙ୍କର ମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ହେବାର ଯୋଗ୍ୟତା ରହିଛି। ତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରାଗଲେ ଦଳ ସହଜରେ ୧୫୦ ଆସନ ଜିତିପାରିବ ବୋଲି ସେ ଦାବି କରିଛନ୍ତି।

## ପାର୍ଥଙ୍କ ଜେଲ ମିଆଦ ୩୧ ଯାଏ ବଢ଼ିଲା

କୋଲକାତା,୧୮।୮

ପଶ୍ଚିମବଙ୍ଗ ସ୍କୁଲ୍ ସର୍ଭିସ୍ କମିଶନ (ଏସ୍‌ଏସ୍‌ସି) ଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀ ଓ ତାଙ୍କ ସହଯୋଗୀ ଅର୍ପିତା ମୁଖାର୍ଜୀଙ୍କ ବିଚାର ବିଭାଗୀୟ ହାଜତ ମିଆଦକୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। କୋଲକାତା ହାଇକୋର୍ଟ ଗୁରୁବାର ସେମାନଙ୍କ ଜାମିନ ଆବେଦନକୁ ଖାରଜ କରିଦେବା ସହ ଆଉ ୧୪ ଦିନ ପାଇଁ ଜେଲ୍ ହାଜତକୁ ପଠାଇ ଦେଇଛନ୍ତି। ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାର ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗତ ମାସରେ ପୂର୍ବତନ ଟିଏମ୍‌ସି ନେତା ପାର୍ଥ ଏବଂ ସହଯୋଗୀ ଅର୍ପିତାଙ୍କୁ ଗିରଫ କରିଥିଲା। ଅର୍ପିତାଙ୍କର କୋଲକାତାର ବିଭିନ୍ନ ସ୍ଥାନରେ ଥିବା ଘରୁ ବହୁ କୋଟି ଟଙ୍କା ଜବତ ହୋଇଥିଲା। ପୂର୍ବରୁ ଉଭୟଙ୍କୁ ଅଗଷ୍ଟ ୧୮ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା।

## ହେମନ୍ତଙ୍କୁ ଭାଜପା ଏମ୍‌ପିଙ୍କ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ, ୧୮।୮:** ‘ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଅଗଷ୍ଟ ଅତିକ୍ରମ କରନ୍ତୁ’ ଏଭଳି କହି ଭାଜପା ପୁଣି ଥରେ ଚ୍ୟାଲେଞ୍ଜ କରିଛି। ସେଲ୍ କମ୍ପାନୀ ମାମଲାରେ ସୁପ୍ରିମକୋର୍ଟ ରାୟ ସଂରକ୍ଷଣ କରିଥିବାରୁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ଏହାକୁ ନିଜ ପାଇଁ ଏକ ଆଶ୍ୱସ୍ତି ଭାବରେ ବିବେଚନା କରୁଥିବା କହି ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଟୁଇଟରରେ ଏହାର ଜବାବ ଦେଇ ଏଭଳି ଚ୍ୟାଲେଞ୍ଜ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଆଭିମୁଖ୍ୟ ବିଷୟରେ ଉଲ୍ଲେଖକରି ଜେଏମ୍‌ଏମ୍ ନେତା ଟୁଇଟରରେ ଲେଖିଛନ୍ତି, ମାନ୍ୟବର ସୁପ୍ରିମକୋର୍ଟ ଯାହା କହୁଛନ୍ତି ତାହା ନିଶିକାନ୍ତ ଶୁଣିନାହାନ୍ତି। ବାସ୍ତବ ଦୁନିଆକୁ ଆସନ୍ତୁ ଏବଂ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବିଷୟରେ କ’ଣ କୁହାଯାଇଛି ତାହା ଜାଣନ୍ତୁ। ଆଉ ବାବୁଲାଲ ମାରାଣ୍ଡିଙ୍କ ସହିତ ସିଧା ହରିଦ୍ୱାରକୁ ଯାଆନ୍ତୁ। ବୋଧହୁଏ କିଛି ପାପ ଧୋଇ ହୋଇଯିବ। ଏହାର ଜବାବରେ ଦୁବେ ଲେଖିଛନ୍ତି, ବଣିଆଙ୍କର ଶହେ ଥର ମାଡ଼ ସହ କମାରଙ୍କର ଥରେ ମାଡ଼ ସମାନ।


**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୧-୨୦୨୨, ତାରିଖ ୧୭।୦୮।୨୦୨୨ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍‌ନାଲ୍ ଏବଂ ଟେଲିକମ୍ ଇଞ୍ଜିନିୟର/ସିଓ/ଚକ୍ରଧରପୁରଙ୍କ ଦ୍ୱାରା ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୨୧-୨୦୨୨-୧, ୨, ୩, ୪, ୫, ୬ ଓ ୭ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହା ତା୦୮।୦୯।୨୦୨୨ରିଖ ୧୫.୦୦ ଘଟିକାରେ ଖୋଲାଯିବା ପାଇଁ ଧାର୍ଯ୍ୟ ଅଟେ । ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଟେଣ୍ଡରକୁ ଅଣଦେଖା କରିଦିଆଯିବ । **କ୍ର.ସଂ. ଓ କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଅମାନତ ରାଶି:** (୧) ଚକ୍ରଧରପୁର ଡିଭିଜନରେ ନିମ୍ନଲିଖିତର ବ୍ୟବସ୍ଥା କରିବା (କ) ରାଜଖରସୁଆଁ-କାରୋଲି ସେକ୍ସନ ମଧ୍ୟରେ ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେଶନ୍ (ଆର୍‌ଏଫ୍‌ଆଇଡି) ମାର୍କର୍ସ, (ଖ) ଅପରେଟିଂ ଭିଡିୟୁଗୁଡ଼ିକର ପରିଚାଳନା ପାଇଁ ୨୪ଭିରୁ ୨୩୦ଭି ଏସିକୁ ରୂପାନ୍ତରଣ ନିମନ୍ତେ ଇନ୍‌ଭର୍ଟର୍ ଏବଂ ମିଡିଆ ରିଡନ୍‌ଡାନ୍ସି ପ୍ରଦାନ କରିବା ପାଇଁ ୟୁନିଭର୍ସାଲ୍ ଫେଲ୍ ସେଫ୍ ବ୍ଲକ୍ ଇଣ୍ଟରଫେସ୍ (ୟୁଏଫ୍‌ଏସ୍‌ବିଆଇ)ରେ ଅଟୋ ଚେଞ୍ଜଓଭର; ₹୧,୫୭,୨୪,୬୪୯.୨୫; ₹୨,୨୮,୬୦୦/- । (୨) କୁନ୍‌କି-ମଣିକୁଇ ଏବଂ ମଣିକୁଇ-ଚାନ୍ଦିଲ ସେକ୍ସନରେ ପାହାଡ଼ କଟା ସଂକ୍ରାନ୍ତରେ ଏସ୍ ଆଣ୍ଡ ଟି କାର୍ଯ୍ୟ; ₹୧୦,୦୯,୧୦୭.୭୨; ₹୨୦,୨୦୦/- । (୩) ଏସ୍‌ଏସ୍‌ଇ/ସିଗ୍/ଏସ୍‌ଏନ୍‌ଓଆଇ ଅଧୀନରେ ଏକ୍ସ ସିନି-ଚାନ୍ଦିଲ ସେକ୍ସନରେ ବିବିଧ ସିଗ୍‌ନାଲିଂ କାର୍ଯ୍ୟ; ₹୩୧,୪୭,୯୨୦.୧୧; ₹୬୩,୦୦୦/- । (୪) କାଂସବାହାଲ ଏବଂ ସୋନାଖାନ ଷ୍ଟେଶନଠାରେ ଇଣ୍ଟରଲକ୍‌ଡ ଲେଭଲ କ୍ରସିଂ ଗେଟ୍‌ଗୁଡ଼ିକୁ ହଟାଇବା ସଂକ୍ରାନ୍ତରେ ଇଆଇ/ପିଆଇ ପରିବର୍ତ୍ତନ/ସଂଶୋଧନ; ₹୨୫,୧୧,୯୬୭.୪୮; ₹୫୦,୨୦୦/- । (୫) ଡୁମେତ୍ରା, ଚାନ୍ଦିପୋଷି ଏବଂ ଲାଠିକଟା ଷ୍ଟେଶନଠାରେ ଇଣ୍ଟରଲକ୍‌ଡ ଲେଭଲ କ୍ରସିଂ ଗେଟ୍‌ଗୁଡ଼ିକୁ ହଟାଇବା ସଂକ୍ରାନ୍ତରେ ଇଆଇ/ପିଆଇରେ ପରିବର୍ତ୍ତନ/ସଂଶୋଧନ; ₹୩୭,୬୭,୯୫୧.୨୨; ₹୭୫,୪୦୦/- । (୬) ଚକ୍ରଧରପୁର ଏବଂ ଲୋଟାପାହାଡ଼ ଷ୍ଟେଶନଠାରେ ଇଣ୍ଟରଲକ୍‌ଡ ଲେଭଲ୍ କ୍ରସିଂ ଗେଟ୍‌ଗୁଡ଼ିକୁ ହଟାଇବା ସଂକ୍ରାନ୍ତରେ ଇଆଇ/ପିଆଇ; ₹୨୫,୧୧,୯୬୭.୪୮; ₹୫୦,୨୦୦/-। (୭) ଗମ୍ହାରିଆ-ଚାନ୍ଦିଲ ସେକ୍ସନରେ ଲେଭଲ୍ କ୍ରସିଂ ଗେଟ୍ ନଂ. କେଏସ୍-୭ ବଦଳରେ ରୋଡ୍ ଅଣ୍ଡର୍ ବ୍ରିଜ୍‌ର ଏସ୍ ଆଣ୍ଡ ଟି କାର୍ଯ୍ୟ; ₹୨୨,୫୯,୪୬୧.୮୭; ₹୪୫,୨୦୦/- । **ସମାପ୍ତି ଅବଧି:** କ୍ର.ସଂ. ୧ ଓ ୩ ପାଇଁ ୧୨ (ବାର) ମାସ; କ୍ର.ସଂ. ୨ ପାଇଁ ୦୬ (ଛଅ) ମାସ; କ୍ର.ସଂ. ୪, ୫ ଓ ୬ ପାଇଁ ୧୫ (ପନ୍ଦର) ମାସ ଏବଂ କ୍ର.ସଂ. ୭ ପାଇଁ ୦୯ (ନଅ) ମାସ । ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ୍ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେମାନେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ । (PR-485)


# ‘ନିର୍ବାଚନମଣ୍ଡଳୀରେ ବିଧାୟକଙ୍କୁ ବିରୋଧ ଅଗଣତାନ୍ତ୍ରିକ’

ବ୍ରହ୍ମପୁର ଅଫିସ,୧୮।୮

ଗଞ୍ଜାମ ଜିଲା ଗୋପାଳପୁର ନିର୍ବାଚନମଣ୍ଡଳୀରେ ଏବେ ଠେଲାପେଲା ରାଜନୀତି ଆରମ୍ଭ ହୋଇଛି। ଏହାକୁ ବିଭିନ୍ନ ମହଲ ଓ ରାଜନୀତି ବିଶ୍ଳେଷକଙ୍କ ପକ୍ଷରୁ ସମାଲୋଚନା କରାଯାଇଛି। ନିଜ ନିର୍ବାଚନମଣ୍ଡଳୀରୁ ବିଧାୟକଙ୍କୁ ଘଉଡ଼ାଇବାକୁ କିଏ ଅଧିକାର ଦେଇଛି ସେନେଇ ଚର୍ଚ୍ଚା ଜୋର ଧରିଛି। ଏହା ସୁସ୍ଥ ଗଣତନ୍ତ୍ରର ପରିପନ୍ଥୀ ହୋଇଥିବା ମତ ପ୍ରକାଶ ପାଇଛି। ଯେଉଁ ଶାସକ ବିଜେଡି କର୍ମୀ ଏହି କାଣ୍ଡ ଘଟାଇଛନ୍ତି ସେମାନେ ଏଭଳି ହୀନ କାର୍ଯ୍ୟରୁ ନିବୃତ୍ତ ହେବା ଉପରେ ଗୁରୁତ୍ୱ ଦିଆଯାଇଛି।

ସୂଚନାଯୋଗ୍ୟ, ୨୦୦୯ରୁ ୨୦୧୯ ମଧ୍ୟରେ ୩ ନିର୍ବାଚନରେ ଲଗାତର ନିର୍ବାଚିତ ହୋଇଥିଲେ ବିଜେଡି ପ୍ରାର୍ଥୀ ଡ. ପ୍ରଦୀପ ପାଣିଗ୍ରାହୀ। ୨୦୧୭ରୁ ଗତ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ସେ ଗଞ୍ଜାମ ଜିଲା ବିଜେଡି ସଭାପତି ଦାୟିତ୍ୱରେ ଥିଲେ। ଘଟଣାଚକ୍ରରେ ତାଙ୍କୁ ୨୦୨୦ ଡିସେମ୍ବରରେ ଦଳରୁ ବହିଷ୍କାର କରାଯାଇଥିଲା। କେବଳ ସେତିକି ନୁହେଁ କେତେକ ମାମଲାରେ ଛନ୍ଦି ହୋଇ ସେ ଦୀର୍ଘଦିନ ବିଚାରାଧୀନ ବନ୍ଦୀ ଥିଲେ। ଦଳରୁ ବିତାଡ଼ିତ ହେବା ପରେ ସେ ଗତ ଡିସେମ୍ବରରେ ନିର୍ବାଚନମଣ୍ଡଳୀର ଖଜୁରିଆ ନିକଟରେ କର୍ମୀ ସମାବେଶକୁ ଯାଇ କଡ଼ା ବିରୋଧର ସମ୍ମୁଖୀନ ହୋଇଥିଲା। ବହିଷ୍କାର ପଦକ୍ଷେପକୁ ପୂର୍ଣ୍ଣ ସମର୍ଥନ ସହ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଥିଲା।

ଅପରପକ୍ଷରେ ଦଳରୁ ବହିଷ୍କାର ଓ ଗିରଫ ଏବଂ କୋର୍ଟର ସର୍ତ୍ତମୂଳକ ଜାମିନରେ ମୁକୁଳିବା ପରେ ସେ ଦେଢ଼ ବର୍ଷରୁ ଅଧିକ ସମୟ ନିର୍ବାଚନମଣ୍ଡଳୀକୁ ଆସୁ ନ ଥିଲେ କିମ୍ବା ବିଜେଡି ଓ ଏହାର ଶୀର୍ଷ ନେତୃତ୍ୱଙ୍କ ବିରୋଧରେ ପାଟି ଖୋଲୁ ନ ଥିଲେ। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ନିର୍ବାଚନମଣ୍ଡଳୀର କେତେକ ସ୍ଥାନରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଯୋଗଦେବାକୁ ଗତ ସୋମବାର ଆସିଥିଲେ। କମଳାପୁର ଛକରେ ପହଞ୍ଚିବା ପରେ ତାଙ୍କୁ ଗୋ-ବ୍ୟାକ୍ ନାରା ସହ ପାଟିତୁଣ୍ଡ, ହୋହଲ୍ଲା ଓ ଠେଲାପେଲା ହୋଇଥିଲା। ପୋଲିସ ଥାଇ ମଧ୍ୟ ଏହା ରୋକାଯାଇ ପାରି ନ ଥିଲା। ବିଧାୟକଙ୍କୁ ବିରୋଧ କରିବାକୁ ଦଳର ଆଦୌ ନିର୍ଦ୍ଦେଶ ନ ଥିବା ଆଲୋଚନା ପ୍ରସଙ୍ଗରେ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିଛନ୍ତି। ତେବେ କାହା ଇଙ୍ଗିତରେ ଏଭଳି କରାଗଲା ସେନେଇ ରାଜନୈତିକ ସମୀକ୍ଷକ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

### ଗୋପାଳପୁରରେ ଠେଲାପେଲା ରାଜନୀତି


ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ କଳାପତାକା ପ୍ରଦର୍ଶନ କରାଯାଉଛି।

# ବାହାର ଲୋକଙ୍କ ଭୋଟ ଅଧିକାରକୁ ବିରୋଧ

### ସର୍ବଦଳୀୟ ବୈଠକ ଡାକିଲେ ମେହବୁବା


ମେହବୁବା ମୁଫ୍‌ତି

ଶ୍ରୀନଗର,୧୮।୮

ଜମ୍ମୁ-କଶ୍ମୀରରେ ବାହାର ଲୋକଙ୍କୁ ଭୋଟ ଅଧିକାର ଅନୁମତି ଦେବା ନିଷ୍ପତ୍ତିକୁ ବିରୋଧ ଲାଗି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ଗୁରୁବାର ସର୍ବଦଳୀୟ ବୈଠକ ଡାକିଛନ୍ତି। ଏନେଇ ସେ ନ୍ୟାଶନାଲ କନ୍‌ଫରେନ୍ସ ନେତା ଫାରୁକ ଅବଦୁଲ୍ଲାଙ୍କ ସହ କଥା ହୋଇଥିବା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଜମ୍ମୁ-କଶ୍ମୀରରେ ସାଧାରଣ ଭାବେ ବସବାସ କରୁଥିବା ଯେକୌଣସି ବ୍ୟକ୍ତିଙ୍କୁ ମତଦାନ ଅଧିକାର ମିଳିବ ବୋଲି ବୁଧବାର ନିର୍ବାଚନ କମିଶନ ଘୋଷଣା କରିଥିଲେ। ଉକ୍ତ ନିଷ୍ପତ୍ତି ବିରୋଧରେ ଲଢ଼େଇ ପାଇଁ ପରବର୍ତ୍ତୀ କାର୍ଯ୍ୟପନ୍ଥା ଉପରେ ସର୍ବଦଳୀୟ ବୈଠକରେ ନିଷ୍ପତ୍ତି ନିଆଯିବ।

ଏବେ ନିର୍ବାଚନ ଅପେକ୍ଷା କଶ୍ମୀର ସଂକଳ୍ପ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଆମ ଯୁବପିଢ଼ିଙ୍କୁ ମୌଳବାଦୀ କରାଯାଉଛି। କଶ୍ମୀରୀ ପଣ୍ଡିତ ସମ୍ପ୍ରଦାୟର ଭାଇମାନଙ୍କ ସମେତ ପୋଲିସ ଓ ସୁରକ୍ଷା ଯବାନଙ୍କୁ ହତ୍ୟା କରାଯାଉଛି। ସମସ୍ତେ ଭୟର ବାତାବରଣରେ ବଞ୍ଚୁଛନ୍ତି। ଭୋଟ ଜାଲିଆତି କରି ଭାଜପା କ୍ଷମତାକୁ ଆସିବା ଲାଗି ବାହାର ଲୋକଙ୍କୁ ମତଦାନ ଅଧିକାର ଦେଇଛି। ୨୦୨୪ ନିର୍ବାଚନ ପରେ ଭାଜପା ଦେଶର ସମ୍ବିଧାନକୁ ହଟାଇଦେବା ସହ ଜାତୀୟ ପତାକାକୁ ବଦଳାଇଦେବ ବୋଲି ମେହବୁବା ଅଭିଯୋଗ କରିଛନ୍ତି। ସରକାର ଯେଉଁ ନିଷ୍ପତ୍ତି ନେଉଛନ୍ତି, ତାହା ଭାଜପା ସପକ୍ଷରେ, ଦେଶ ପାଇଁ ନୁହେଁ। ଗୈରିକ ଦଳ ଦେଶକୁ ଏକ ହିନ୍ଦୁ ରାଷ୍ଟ୍ର ନୁହେଁ, ଭାଜପା ରାଷ୍ଟ୍ରରେ ପରିଣତ କରିବାକୁ ଚାହେଁ ବୋଲି ପିଡିପି ନେତ୍ରୀ କହିଛନ୍ତି।

# ବନ୍ୟା ପରିଚାଳନାରେ ପ୍ରଶାସନ ବିଫଳ: କଂଗ୍ରେସ

**ପିପିଲି,୧୮।୮(ସ୍ୱ.ପ୍ର.):** ଦୟା, ଭାର୍ଗବୀ, ଲୁଣା ଆଦି ନଦୀରେ ବନ୍ୟା ଯୋଗୁ ପୁରୀ ଜିଲା ପିପିଲି ଏବଂ ଡେଲାଙ୍ଗ ଅଞ୍ଚଳର ଶତାଧିକ ଗାଁ ଜଳମଗ୍ନ ହୋଇଛି। ବିଭିନ୍ନ ନଦୀବନ୍ଧରେ ଘାଇ ପଡ଼ିଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ପ୍ରଶାସନ ଓ ଜଳସମ୍ପଦ ବିଭାଗର ‘ବାହାଘର ବେଳେ ବାଇଗଣ ରୁଆ’ ନୀତି ଯୋଗୁ ଜନସାଧାରଣ ଅସୁବିଧା ଭୋଗିବା ସହ ଘରଦ୍ୱାର ଛାଡ଼ି ଅନ୍ୟତ୍ର ମୁଣ୍ଡ ଗୁଞ୍ଜିଛନ୍ତି। ବହୁ ବିପନ୍ନ ଖୋଲା ଆକାଶ ତଳେ ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି। ବନ୍ୟା ନିୟନ୍ତ୍ରଣ ଓ ପରିଚାଳନାରେ ପ୍ରଶାସନ ବିଫଳ ହୋଇଛି ବୋଲି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଅଭିଯୋଗ କରିଛନ୍ତି। ମିଶ୍ର କହିଛନ୍ତି, ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀରେ ବନ୍ୟା ନିୟନ୍ତ୍ରଣ ପାଇଁ ଶାସକ ଦଳ ନେତା କିଛି କରିନାହାନ୍ତି। ଦୟା ନଦୀ ଜଳସ୍ତର ବଢ଼ିବା ମାତ୍ରେ ୪ଟି ଗ୍ରାମପଞ୍ଚାୟତରେ ପାଣି ମାଡ଼ିଯାଇ ହଜାର ହଜାର ଚାଷଜମି ନଷ୍ଟ କରୁଛି। ଚଳିତ ବର୍ଷ ବଡ଼ ବନ୍ୟାରେ ଚାଷଜମି ବ୍ୟତୀତ ଘରଦ୍ୱାର, ଧାନଚାଉଳ, ଆସବାସପତ୍ର ଓ ପିଲାଙ୍କ ସାର୍ଟିଫିକେଟ, ବହିପତ୍ର ସମେତ ବିଭିନ୍ନ କାଗଜପତ୍ର ନଷ୍ଟ ହୋଇଯାଇଛି। ବୁଧବାର ଓ ଗୁରୁବାର କଂଗ୍ରେସ କର୍ମୀଙ୍କ ସହ ସେ ପିପିଲି-ଡେଲାଙ୍ଗର ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ଭାରତୀପୁର, କଣ୍ଟିକାଜ ବନ୍ୟା ଜଳ ଯୋଗୁ କ୍ଷତିଗ୍ରସ୍ତ କେତେକ ଗାଁ ବୁଲିଥିଲେ। ନୂଆଶାସନ ଠାରେ ଭାର୍ଗବୀ ନଦୀର ଘାଇ ସ୍ଥାନକୁ ମଧ୍ୟ ଯାଇଥିଲେ। ସେଠାକାର ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଆଗୁଆ ପଦକ୍ଷେପ ନିଆ ନ ଯିବା ସମ୍ପର୍କରେ ପ୍ରଶ୍ନ କରିଥିଲେ। ସେହିପରି ଏସ୍‌ଆର୍‌ସିଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ଜଳବନ୍ଦୀ ଅବସ୍ଥାରେ ଥିବା ଲୋକଙ୍କୁ ଏପର୍ଯ୍ୟନ୍ତ ରିଲିଫ ମିଳିପାରିନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ମିଶ୍ରଙ୍କ ସହିତ ପିପିଲି ପୌରାଞ୍ଚଳର କଂଗ୍ରେସ ସଭାପତି ସେକ୍ ମେହେବୁବ, ପୁରୀ ଜିଲା ଛାତ୍ର କଂଗ୍ରେସ ଉପସଭାପତି ମହମ୍ମଦ ଆରିଫ ଖାଁ, ବରିଷ୍ଠ କର୍ମୀ ସୁରେନ୍ଦ୍ର ସେଠୀ, ରଣଜିତ ମହାପାତ୍ର, ରିଆନ ଖାଁ, ସୁଶାନ୍ତ ସେଠୀ ଓ ପ୍ରମୋଦ ପ୍ରଧାନ ପ୍ରମୁଖ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ।


ପିପିଲି ବନ୍ୟାଞ୍ଚଳରେ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର।


**ଓଡ଼ିଶା ଲୋକସେବା ଆୟୋଗ**
**କଟକ**
**ବିଜ୍ଞାପନ**
No.7574/PSC, Dt.18.08.2022

No.D-ଏତଦ୍ୱାରା ସମସ୍ତଙ୍କୁ ସୂଚିତ କରାଯାଉଅଛି ଯେ ରାଜ୍ୟରେ ଉପୁଜିଥିବା ଜଟିଳ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଗାମୀ ତା ୨୧.୦୮.୨୦୨୨ (ରବିବାର) ରିଖରେ ନିର୍ଦ୍ଧାରିତ ଏ.ଏସ.ଓ. ଲିଖିତ ପରୀକ୍ଷାକୁ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା । ପରୀକ୍ଷାର ପରିବର୍ତ୍ତିତ କାର୍ଯ୍ୟସୂଚୀ ବିଜ୍ଞପ୍ତି ମାଧ୍ୟମରେ ଜଣାଇଦିଆଯିବ ।

କମିଶନଙ୍କ ଆଦେଶ ଅନୁଯାୟୀ
ସ୍ୱା./- ସଚିବ
OIPR-12002/11/0138/2223 ଓଡ଼ିଶା ଲୋକସେବା ଆୟୋଗ



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨
Email- paribesh1@ospcboard.org, Website- www.ospcboard.org
ନଂ. 14862/IND-I-CON (Misc)1263 ତା 17.08.2022

**ବିଜ୍ଞପ୍ତି**

No.CAD-1531:- ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୩୯ତମ ପ୍ରତିଷ୍ଠା ଦିବସ (ତା୧୪।୦୯।୨୦୨୨) ଅବସରରେ ‘ପ୍ରଦୂଷଣ ନିୟନ୍ତ୍ରଣ (ପ୍ରଶଂସା ଏବଂ ଉତ୍କର୍ଷତା) ପୁରସ୍କାର, ୨୦୨୨’ ବିତରଣ ପାଇଁ ଶିଳ୍ପାନୁଷ୍ଠାନ / ଖଣି / ସ୍ୱାସ୍ଥ୍ୟସେବା ଅନୁଷ୍ଠାନଗୁଡିକୁ ତା୧୫ ଅଗଷ୍ଟ ୨୦୨୨ ସୁଦ୍ଧା ଆବେଦନ କରିବା ପାଇଁ ଦୈନିକ ସମ୍ବାଦପତ୍ର ଧରିତ୍ରୀରେ ତା୦୯।୦୭।୨୦୨୨ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା । ଏହି ଆବେଦନର ଶେଷ ତାରିଖକୁ ତା ୨୫।୦୮।୨୦୨୨ରିଖ ପର୍ଯ୍ୟନ୍ତ ପରିବର୍ତ୍ତନ କରାଯାଇଅଛି । ଆବେଦନ କରିବାର ଦରଖାସ୍ତ ଫର୍ମ (ନିଜସ୍ୱ ମୂଲ୍ୟାଙ୍କନ ଫର୍ମ) ଆମ୍ଭର ୱେବ୍‌ସାଇଟ୍ www.ospcboard.orgରେ ଉପଲବ୍ଧ ଅଛି । ଏହାଛଡା ଆମ୍ଭର ଆଞ୍ଚଳିକ କାର୍ଯ୍ୟାଳୟ ତଥା ମୁଖ୍ୟ କାର୍ଯ୍ୟାଳୟରୁ ଫର୍ମ ହସ୍ତଗତ ହୋଇପାରିବ । ନିର୍ଦ୍ଧାରିତ ଫର୍ମରେ ପୂରଣ ହୋଇଥିବା ଦରଖାସ୍ତଗୁଡିକ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କଠାରେ ୨୫ ଅଗଷ୍ଟ ୨୦୨୨ ସୁଦ୍ଧା ବୋର୍ଡର Email- cto17category@ospcboard.org ରେ ଦେବା ସହିତ ଏ ସମ୍ବନ୍ଧୀୟ ଦସ୍ତାବିଜ ମଧ୍ୟ ଦାଖଲ କରିବେ ।
OIPR-08012/11/0220/2223 ସ୍ୱା./- ସଦସ୍ୟ ସଚିବ



Your classified advertisement published in Dharitri will be listed free in Dharitri online edition :
**www.dharitri.com**



SMILE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati

Free Training on all products

Other Chemicals
- Bleaching Powder
- Castic Soda
- HCL Acid
- Sulphuric Acid
- Alum
- Acetic Acid
- Dolomite Powder
- French chalk powder

Plot No.843, Palasuni, Bhubaneswar-751010
Mob.No.-9938069796, 9861049796



**DIRECTORATE OF MEDICAL EDUCATION & TRAINING,ODISHA**
NO 9892// BBSR, Date-17.08.2022

**NOTICE**

**ADMISSION NOTICE FOR ANM, GNM, BASIC B.SC, P.B.B.SC., M.SC&P.B.DIPLOMA NURSING COURSES-2022-23**

**No.KK-118:**Online Application are invited from the eligible candidates for admission to ANM, GNM, BASIC B.Sc, P.B.B.Sc, M.Sc & P.B.Diploma Nursing courses in all the ONMRC[Odisha Nurses & Midwives Registration Council] recognised Government and Private Nursing Institutions of the state for the academic session 2022-23. Intending candidates must submit their online application from dt.20.08.2022 to dt. 09.09.2022 by 11:59P.M. by paying Application fee amounting Rs. 300/- (Rupees Three Hundred only) for ANM course, Rs. 500/- (Rupees Five Hundred only) for GNM, BASIC B.Sc Nursing course & Rs.1000/- (Rupees One Thousand only) for P.B.B.Sc, M.Sc & P.B.Diploma Nursing course excluding bank charges (to be borne by the applicants themselves) as applicable through Net Banking/ Card payments/ Other payment modes (UPI). For details go through the prospectus. The prospectus will be available in the website http://dmetodisha.gov.in and http://dohodisha.nic.in from dt. 20.08.2022.

**ADMISSION CALENDAR FOR ANM, GNM, BASIC B.SC, P.B.B.SC, M.SC & P.B.DIPLOMA NURSING COURSES FOR THE ACADEMIC SESSION 2022-23**

| Counseling & Admission Process | P.B. Diploma/M.Sc./ Post Basic B.Sc. Nursing | Basic B.Sc. Nursing/GNM/ANM |
|---|---|---|
| Availability of Prospectus in official website: **www.dmetodisha.gov.in** **dohodisha.nic.in** | 20.08.2022 | 20.08.2022 |
| Availability of Online Application form & payment of Application fee in official website: **dohodisha.nic.in** | 20.08.2022, 5.00 P.M. | 20.08.2022, 5.00 P.M. |
| Last date of online registration form | 05.09.2022, 11.59 P.M. | 05.09.2022, 11.59 P.M. |
| Last date for submission of online application form & Application fee | 09.09.2022, 11.59 P.M. | 09.09.2022, 11.59 P.M. |

Sd./- Convener
State Nursing Selection Committee
OIPR-10016/11/0018/2223

ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହଁ- ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବା ...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। -ଶ୍ରୀମା

# ଶେଷ କେଉଁଠି



ବ୍ରହ୍ମ ଚେଲାନି

ଆମେରିକା ଲଜ୍ଜାଜନକ ଭାବେ ଆଫଗାନିସ୍ତାନ ଛାଡି ତାହାକୁ ତାଲିବାନ୍‌ଙ୍କ ହାତରେ ଟେକିଦେଲା। ଏହା ପରଠାରୁ ଆଫଗାନିସ୍ତାନ ନିମ୍ନଗାମୀ ହୋଇଛି । ସେଠାରେ ଏକ ମଧ୍ୟଯୁଗୀୟ ଶାସନ ଚାଲିଛି। ଜେହାଦୀ ଓ ସନ୍ତ୍ରାସବାଦୀଙ୍କ ଆଡ୍ଡାସ୍ଥଳୀ ପାଲଟିବ ବୋଲି ପର୍ଯ୍ୟବେକ୍ଷକମାନେ ଯାହା ଆକଳନ କରିଥିଲେ ତାହା ବି ସ୍ପଷ୍ଟ ହୋଇଛି। ଆମେରିକା ଏହାର ଆଫଗାନ ମେଣ୍ଟକୁ ଧୋକା ଦେଇଛି ଓ ଏଥିପାଇଁ ଆଗକୁ ଦୀର୍ଘସମୟ ଧରି ତା'ଭୁଲ୍‌ର ପରିଣାମ ଭୋଗିବାକୁ ପଡ଼ିବ। କିନ୍ତୁ ଆଫଗାନଙ୍କୁ ଯେଭଳି ବହୁମୂଲ୍ୟ ଦେବାକୁ ପଡ଼ିଲା ତାହା ଅନ୍ୟ କେହି ଦେଇପାରିବେ ନାହିଁ। ଜୋ ବାଇଡେନ୍ ରାଷ୍ଟ୍ରପତି ହେବା ପରେ ଆଫଗାନିସ୍ତାନରୁ ଆମେରିକା ଛାଡ଼ିବାର ନିଷ୍ପତ୍ତି ନେଇଥିଲେ। ଏଭଳି ଅପମାନଜନକ ପ୍ରତ୍ୟାବର୍ତ୍ତନ ଦ୍ୱାରା ତା'ର ଭୂରାଜନୈତିକ ଶକ୍ତି ପ୍ରଭାବିତ ହେବାରେ ଲାଗିଛି। ଏହା ବି ଆମେରିକାକୁ କମ୍ ଶକ୍ତିଶାଳୀ ଭାବେ ପ୍ରଦର୍ଶିତ କରିଛି। ଫଳରେ ସବୁଆଡେ ଇସ୍‌ଲାମ ସନ୍ତ୍ରାସବାଦକୁ ଅତ୍ୟଧିକ ପ୍ରୋତ୍ସାହନ ମିଳିବା ସହ ରୁଷିଆ ଓ ଚାଇନାର ସାହାସ ଏବଂ ଆତ୍ମବିଶ୍ୱାସ ବଢାଉଛି। ଏବେ କିନ୍ତୁ ଆଫଗାନିସ୍ତାନରେ ଅବସ୍ଥା ଶୋଚନୀୟ ହୋଇଛି। ମହିଳା ଏବଂ ଝିଅମାନେ ସେମାନଙ୍କ ନିଯୁକ୍ତି ଓ ଶିକ୍ଷା ସମ୍ପର୍କିତ ସବୁ ଅଧିକାର ହରାଇଛନ୍ତି। ଅନେକ ଝିଅ ବାଧ୍ୟବାଧକତାରେ ତାଲିବାନ୍ ଫାଇଟର୍‌ମାନଙ୍କୁ ବିବାହ କରି ଯୌନ ଦାସୀ ପାଲଟିଛନ୍ତି। ଆମେରିକା ସେନାକୁ ସହଯୋଗ କରିଥିବା ଲୋକମାନଙ୍କୁ ଚିହ୍ନଟ କରି ତାଲିବାନ୍ ସେନା ହତ୍ୟା କରୁଛନ୍ତି।

ଆଫଗାନିସ୍ତାନ ସରକାରଙ୍କ କ୍ୟାବିନେଟ୍‌ରେ ଅନ୍ତଃରାଷ୍ଟ୍ରୀୟ ସନ୍ତ୍ରାସବାଦୀ ଏବଂ ମୁଖ୍ୟ ନିଶାବେପାରୀମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି। ହକ୍କାନି ନେଟ୍‌ୱର୍କର କଠୋର ନେତା ତଥା ଆଫଗାନିସ୍ତାନର ଆନ୍ତଃ ସୁରକ୍ଷା ଦାୟିତ୍ୱରେ ଥିବା ସିରାଜୁଦ୍ଦିନ ହକ୍କାନିଙ୍କୁ ଆମେରିକା ଅନ୍ତର୍ଜାତୀୟ ସନ୍ତ୍ରାସବାଦୀ ଭାବେ ନାମିତ କରିଛି ଓ ତାଙ୍କ ମୁଣ୍ଡ ପାଇଁ ୧୦ ମିଲିୟନ ଡଲାର ଘୋଷଣା କରିଛି। ନିଃସନ୍ଦେହ ଯେ, ତାଲିବାନ୍ ଜଣାଶୁଣା ସନ୍ତ୍ରାସବାଦୀଙ୍କୁ ତା'ଦେଶରେ ଆଶ୍ରୟ ଦେଇଆସୁଛି। ନିକଟରେ ବାଇଡେନ୍‌ଙ୍କ ନିର୍ଦ୍ଦେଶକ୍ରମେ ଅଲକାଏଦାର ନେତା ଅୟମାନ ଅଲ୍ ଜୱାହିରିଙ୍କୁ କେନ୍ଦ୍ର କାବୁଲରେ ହତ୍ୟା କଲା। ବର୍ଷେ ପୂର୍ବେ ଆମେରିକା ସୈନ୍ୟଙ୍କୁ ଆଫଗାନିସ୍ତାନ ଛାଡ଼ିବାକୁ ନିର୍ଦ୍ଦେଶ ଦେବାବେଳେ ବାଇଡେନ୍ ଦାବି କରିଥିଲେ ଯେ, ଅଲକାଏଦା ଶେଷ ହୋଇଯାଇଥିବାରୁ ଆଫଗାନିସ୍ତାନରେ ଆମେରିକାର ଆଉ କୌଣସି ସ୍ୱାର୍ଥ ନାହିଁ। କିନ୍ତୁ କିଛି ସପ୍ତାହ ପୂର୍ବରୁ ଜାତିସଂଘ ସୁରକ୍ଷା ପରିଷଦର ଏକ ରିପୋଟ ଦର୍ଶାଇଥିଲା ଯେ, ଅଲକାଏଦା ସନ୍ତ୍ରାସବାଦୀମାନେ ତାଲିବାନ୍ ସହଯୋଗୀଙ୍କ ସହ ମିଶି ଲଢ଼େଇ କରୁଥିଲେ।

ଆମେରିକା ଅବ୍ୟବସ୍ଥିତ ଭାବେ ଆଫଗାନିସ୍ତାନ ଛାଡି ଆସିବା ବେଳେ ସେଠାରେ ୭.୧ ବିଲିୟନ ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ଛାଡ଼ିଆସିଥିଲା। ଏହା ଯୋଗୁ ଆଫଗାନିସ୍ତାନ ଓ ତା'ପଡ଼ୋଶୀମାନଙ୍କ ଉପରେ ବିପଦ ଘନୀଭୂତ ହେଉଛି। ନିକଟରେ ପେଣ୍ଟାଗନ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ସେହି ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଫେରାଇ ଆଣିବା କିମ୍ବା ନଷ୍ଟ କରିବା ପାଇଁ ଆମେରିକାର କୌଣସି ଯୋଜନା ନାହିଁ। ଏହା ବ୍ୟତୀତ ଉକ୍ତ ରିପୋର୍ଟ ଦର୍ଶାଇଛି ଯେ, ନଷ୍ଟ ହୋଇଯାଇଥିବା ଆଫ୍‌ଗାନ ବାୟୁସେନା ବିମାନକୁ ତାଲିବାନ ମରାମତି କରି ଏହାର କ୍ଷମତା ବଢ଼ାଇବା ସହ ସେଗୁଡ଼ିକୁ ଆକ୍ରମଣରେ ଲଗାଇବା ଲକ୍ଷ୍ୟରେ ରହିଛି। ସଂକ୍ଷେପରେ କହିବାକୁ ଗଲେ ଜେନେରାଲମାନଙ୍କୁ ଅଣଦେଖା କରି ସେପ୍ଟେମ୍ବର ୧୧ ଆକ୍ରମଣର ମାସେ ପୂର୍ବରୁ ଆଫଗାନିସ୍ତାନରୁ ଆମେରିକା ପ୍ରତ୍ୟାବର୍ତ୍ତନ କରିବାର ବାଇଡେନ୍‌ଙ୍କ ନିଷ୍ପତ୍ତି ଏକ ସୁରକ୍ଷା ଓ ମାନବୀୟ ସଙ୍କଟ ସୃଷ୍ଟି କରିଛି। ଆଫଗାନିସ୍ତାନରେ ବିଦେଶ ନୀତିରେ କରିଥିବା ମୂର୍ଖତାପୂର୍ଣ୍ଣ ଭୁଲ୍‌ର ପରିଣାମ କୌଣସି ପ୍ରକାରେ ଶେଷ ହେବ ନାହିଁ।



କାବୁଲ ପତନ ପରେ ଆମେରିକାର ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ ଘୋଷଣା କରିଥିଲେ ଯେ, ତାଲିବାନ୍ ନେତୃତ୍ୱାଧୀନ ସରକାରଙ୍କ ସହ ଆମେରିକାର ସମ୍ପର୍କ ଉପରେ ଭବିଷ୍ୟତରେ ବିଚାର କରାଯିବ। ସେ କହିଥିଲେ ଯେ,ମହିଳାମାନଙ୍କ ଅଧିକାର ବଳବତ୍ତର ରହିବା, ମାନବୀୟ ସହାୟତା ଯୋଗାଇ ଦେବା ଏବଂ ସନ୍ତ୍ରାସବାଦ ବିରୋଧୀ କାର୍ଯ୍ୟ ଆରମ୍ଭ କରିବା ସହ ଆଗକୁ ଆମେରିକାର ସ୍ୱାର୍ଥ ପାଇଁ ତାଲିବାନ ସରକାର ସାହାଯ୍ୟ କଲେ ଏହା କରାଯିବ । ଯଦିଓ ତାଲିବାନ ଏହି ତିନୋଟି ପ୍ରସଙ୍ଗରେ ବିଫଳ ହୋଇଛି, ତଥାପି ବାଇଡେନ୍ ପ୍ରଶାସନ ତାଲିବାନ ଶାସନ ଉପରେ ଥିବା ପ୍ରତିବନ୍ଧକଗୁଡ଼ିକୁ ଧୀରେ ଧୀରେ କୋହଳ କରୁଛନ୍ତି। ଜାତିସଂଘରେ ଆମେରିକା ନେତୃତ୍ୱରେ ଆଫଗାନିସ୍ତାନ ଉପରେ ଲଗାଯାଇଥିବା କଟକଣାଗୁଡ଼ିକୁ ମାନବୀୟ ଦୃଷ୍ଟିକୋଣରୁ ଛାଡ଼ କରିବାକୁ ଏକ ପ୍ରସ୍ତାବ ଆଣିଛି। ମାନବୀୟ ସହାୟତା ନିୟମକୁ ସୁଗମ କରିବା ଲକ୍ଷ୍ୟରେ ୟୁଏସ୍ ଟ୍ରେଜେରି ଡିପାର୍ଟମେଣ୍ଟସ୍ ଜେନେରାଲ ଲାଇସେନ୍ସ ଏବେ ତାଲିବାନ ଏବଂ ହକ୍କାନି ନେଟ୍‌ୱର୍କ ସହ ଜଡ଼ିତ ଆର୍ଥିକ କାରବାରକୁ ଅନୁମତି ଦେଇଛି। କେବଳ ଏତିକି ନୁହେଁ ଆଫଗାନ ସେଣ୍ଟ୍ରାଲ ବ୍ୟାଙ୍କରେ ଗଚ୍ଛିତ ୩.୫ ବିଲିୟନ ଡଲାର ରିଲିଜ କରିବାକୁ ନେଇ ଏବେ ଆମେରିକା ତାଲିବାନ ସହ ବୁଝାମଣା କରୁଛି। ଏହି ସମୟରେ କାବୁଲରେ ହକ୍କାନି ଓ ଅନ୍ୟ ଆଗୁଆ ସନ୍ତ୍ରାସବାଦୀଙ୍କ ଉପରେ ଆକ୍ରମଣ କରିବାକୁ ବି ମନା କରିଛି।

ତେବେ ଏହି ଘଟଣା ପରେ ଆମେରିକାର ୧୮ଟି ପ୍ରମୁଖ ଅଣ ନାଟୋ ମେଣ୍ଟ ମଧ୍ୟରେ ଥିବା ପାକିସ୍ତାନ ଅଲ ଜୱାହିରିଙ୍କୁ ହତ୍ୟା କରିଥିବା ଡ୍ରୋନ ପାଇଁ ତା ବାୟୁସୀମା ଖୋଲିବାକୁ ନେଇ ଆମେରିକା ଏବେ ପାକିସ୍ତାନକୁ କି ପୁରସ୍କାର ଦେବ? ଏହା ସତ୍ୟ ଯେ, ପାକିସ୍ତାନ ତାଲିବାନ୍‌କୁ ପାଳିପୋଷି ଶକ୍ତ କରି ଆଫଗାନିସ୍ତାନରେ ଆମେରିକାର ପରାଜୟ ପାଇଁ ଗୁପ୍ତରେ କାର୍ଯ୍ୟ କରିଥିଲା। କିନ୍ତୁ ଏବେ ଏକ ଋଣ ଖିଲାପୀ ଟାଳିବା ଲାଗି ଯଥାଶୀଘ୍ର ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିରୁ ଋଣ ନେବା ଲାଗି ଚାହୁଁଛି। ସେହିଭଳି ଆତଙ୍କବାଦୀଙ୍କୁ ଶରଣ ଦେବା, ଏକ ଦମନକାରୀ ଓ ହିଂସାତ୍ମକ ଦେଶ ଗଠନ କରୁଥିବା ସତ୍ତ୍ୱେ ଆଫଗାନିସ୍ତାନର କେନ୍ଦ୍ରୀୟ ବ୍ୟାଙ୍କରେ ଗଚ୍ଛିତ ରାଶି ତାଲିବାନଙ୍କୁ ଦେବା ଲାଗି ଆମେରିକା ତା' କାର୍ଯ୍ୟ ଜାରି ରଖିବ କି? ଆଫଗାନିସ୍ତାନରେ ଇସ୍‌ଲାମିକ୍ ଷ୍ଟେଟ ଖୋରାସାନ(ଆଇଏସ୍‌ଆଇଏସ୍-କେ)ପକ୍ଷରୁ ସବୁଠୁ ବଡ଼ ବିପଦ ରହିଛି ବୋଲି ନିର୍ଦ୍ଦିଷ୍ଟ ଭାବେ ଜୋର୍ ଦେଇ ବାଇଡେନ ପ୍ରଶାସନ ତାଲିବାନ ସହ ତା'ସମ୍ପର୍କକୁ ସୁରକ୍ଷିତ ରଖୁଛି। କିନ୍ତୁ ଆଇଏସ୍‌ଆଇଏସ୍- କେର ପ୍ରାୟତଃ କମ୍ ସଦସ୍ୟ ରହିଛନ୍ତି। ତା'ର କୌଣସି ଦେଶ କିମ୍ବା ଆଫଗାନ ମେଣ୍ଟଗୁଡ଼ିକ ଦ୍ୱାରା ପ୍ରାୟୋଜିତ ନୁହେଁ । ଏହା ମଧ୍ୟ କୌଣସି ଅଞ୍ଚଳକୁ ନିୟନ୍ତ୍ରଣରେ ରଖିନାହିଁ।

ବାଇଡେନ ପ୍ରଶାସନ ସ୍ପଷ୍ଟ ଭାବେ ତାଲିବାନ ସହ ଲାଭ ପାଇଁ ଏକ ପ୍ରକାର ନୈତିକତାହୀନ ବୁଝାମଣା ପାଇଁ ପ୍ରତିବଦ୍ଧ ଥିବା ଜଣାପଡୁଛି। ତେବେ ଏହାର ଶେଷ କେଉଁଠି? ତାଲିବାନଙ୍କ ରାଜନୈତିକ କ୍ଷମତା ଏବଂ ଇସଲାମିକ ବିଚାରଧାରା ଅନ୍ତର୍ଜାତୀୟ ଜେହାଦୀ ଅଭିଯାନରେ ସେମାନଙ୍କ ସମ୍ପୃକ୍ତିକୁ ଜଟିଳ ରୂପ ଦେଉଛି। ଆଫଗାନିସ୍ତାନ ଅନ୍ତଃରାଷ୍ଟ୍ରୀୟ ସନ୍ତ୍ରାସବାଦ, ନିଶା ଚେରାଚାଲାଣର ଚରାଭୂଇଁ ପାଲଟିଛି ଏବଂ ଗଣପଳାୟନ ଏହା ପାଇଁ ବିପଦ ସୃଷ୍ଟିକରୁଛି। ଏଣୁ ତା' ସହ ସମ୍ପର୍କ କେବେ ବି ନ୍ୟାୟସଙ୍ଗତ ନୁହେଁ। ଆଫଗାନିସ୍ତାନ ଛାଡ଼ି ଚାଲିଆସି ବାଇଡେନ୍ ପ୍ରଶାସନ ବିଶ୍ୱସାରା ରହିଥିବା ଇସ୍‌ଲାମିକ ସନ୍ତ୍ରାସବାଦୀଙ୍କ ହାତରେ ସେମାନଙ୍କର ବୃହତ୍ ବିଜୟକୁ ଟେକିଦେଇ ଆସିଲା। କିନ୍ତୁ ଆଫଗାନିସ୍ତାନରେ ଯୁଦ୍ଧ ଶେଷ ହୋଇନାହିଁ। ତାଲିବାନ୍ ନେତା ମୁଲ୍ଲା ହବିବୁଲ୍ଲା ଅଖୁନ୍ଦଜାଦ ନିକଟରେ ଘୋଷଣା କରିଥିଲେ ଯେ, ଏହି ଯୁଦ୍ଧ କେବେ ବି ଶେଷ ହେବ ନାହିଁ, ଏହା ସଂସାରର ଶେଷ ଦିନ ଯାଏ ଚାଲୁରହିବ।

**ପ୍ରଫେସର, ଷ୍ଟ୍ରାଟେଜିକ ଷ୍ଟଡିଜ୍**
**ସେଣ୍ଟର ଫର୍ ପଲିସି ରିସର୍ଚ୍ଚ ( ନୂଆଦିଲ୍ଲୀ)**

## ଏଇ ଭାରତରେ

ଶିକ୍ଷକତା ଛାଡ଼ି ବର୍ଷକୁ ଗୋପାଳନ ଓ ଜୈବିକ ଚାଷରୁ ୭୦ ଲକ୍ଷ ଟଙ୍କା ରୋଜଗାର କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି ଉତ୍ତରପ୍ରଦେଶର ଶିକ୍ଷୟିତ୍ରୀ ମିଲନ ଶର୍ମା। ଫରିଦାବାଦରରେ ରହନ୍ତି ମିଲନ। ସେ ପ୍ରଥମେ ଆମିଟି ଇଣ୍ଟର୍‌ନ୍ୟାଶନାଲ ସ୍କୁଲରେ ଜର୍ମାନୀ ଭାଷାର ଶିକ୍ଷୟିତ୍ରୀ ଥିଲେ। ୨୦୧୭ରେ ଏହାକୁ ଛାଡ଼ି ସେ ତାଙ୍କ ସ୍ୱାମୀ ଚେତନ ଶର୍ମାଙ୍କ ସହ ମିଶି 'ରେଭ୍‌ନାର ଫାର୍ମ' ପ୍ରତିଷ୍ଠା କରିଛନ୍ତି। ୫୦ଟି ଗାଈ ଓ ୭୦ ବାଛୁରୀ ରଖିଛନ୍ତି ଫାର୍ମରେ। କେବଳ ଗୋପାଳନ ନୁହେଁ, ମିଲନ ମଧ୍ୟ ଜୈବିକ ଚାଷ କରୁଛନ୍ତି। ୨୧ ଏକର ଜମିରେ ଶସ୍ୟ, ଡାଲି ଚାଷ କରୁଛନ୍ତି। ଏହାକୁ ସେ ସିଧାସଳଖ କିମ୍ବା ତାଙ୍କ ୱେବ୍‌ସାଇଟରେ ବଜାରରେ ବିକ୍ରି କରୁଛନ୍ତି। ମିଲନ ଜୈବିକ ଖତ ବି ପ୍ରସ୍ତୁତ କରି ଚାଷରେ ବ୍ୟବହାର କରୁଛନ୍ତି। ଗୋ ମୂତ୍ର, ରସୁଣ, ଲଙ୍କା ଆଦିକୁ ନେଇ କୀଟନାଶକ ତିଆରି କରି ତାହାକୁ ପ୍ରୟୋଗ କରୁଚନ୍ତି। ସବୁଠୁ ବଡ଼ କଥା ହେଉଛି ଫାର୍ମରେ ସବୁ କିଛି କାର୍ଯ୍ୟ ସୌରଶକ୍ତି ଦ୍ୱାରା ହେଉଛି। ଏଥିପାଇଁ ମିଲନ ୮ କିଲୋୱାଟ୍ ଗ୍ରୀଡ୍ ସୋଲାର ସିଷ୍ଟମ୍ ଲଗାଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଅଗଷ୍ଟ ୧୯୯୭

- ଉତ୍ତର ତାଇୱାନରେ ପ୍ରବଳ ସାମୁଦ୍ରିକ ଝଡ଼ ପ୍ରବାହିତ ହେବା ଫଳରେ ମାଟି ଅତଡ଼ା ଖସି ୧୮ ମୃତ।
- ବାଂଲାଦେଶର ଏକ ବନ୍ଦରରେ ନଙ୍ଗର ପକାଇଥିବା ଏକ ମାଲବାହୀ ଜାହାଜରେ ହଠାତ୍ ନିଆଁ ଲାଗିଯିବାରୁ ଏଥିରେ ଥିବା ୧୦ ନିୟୁତ ଡଲାର ମୂଲ୍ୟର ଚାଉଳ ପୋଡ଼ି ପାଉଁଶ ହୋଇଯାଇଛି।
- ଆଫଗାନିସ୍ତାନର ମୌଳବାଦୀ ତାଲିବାନ ଗୋଷ୍ଠୀ ପକ୍ଷରୁ ଦେଶର କ୍ରୀଡ଼ାବିତ୍ ଏବଂ କ୍ରୀଡ଼ା ପ୍ରତିଯୋଗିତାର ବିଜୟ ସମାରୋହରେ ହୋହଲ୍ଲା କରିବା ଉପରେ କଟକଣା ଜାରି।
- ଭାରତୀୟ ନୌବାହିନୀ ପକ୍ଷରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧ ତରୀ ଆଇଏନ୍‌ଏସ୍ କୁଲିଶର ଉଦ୍‌ଘାଟନ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | 8 | 3 | | |
| | | | | | | | | |
| 3 | | | | 9 | | 7 | 1 | 5 |
| | | | | | | | 4 | |
| 9 | | 6 | 4 | | 5 | | 8 | |
| 7 | 2 | | | | | | | |
| | 3 | | | | 6 | | | 1 |
| | 8 | | | 1 | 2 | | 5 | |
| | | | 9 | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 9 | 5 | 6 | 8 | 3 | 7 | 1 |
| 5 | 3 | 6 | 7 | 4 | 1 | 9 | 8 | 2 |
| 7 | 8 | 1 | 3 | 9 | 2 | 6 | 5 | 4 |
| 9 | 7 | 8 | 1 | 5 | 6 | 2 | 4 | 3 |
| 2 | 5 | 4 | 8 | 3 | 9 | 7 | 1 | 6 |
| 1 | 6 | 3 | 2 | 7 | 4 | 5 | 9 | 8 |
| 6 | 1 | 7 | 9 | 8 | 3 | 4 | 2 | 5 |
| 8 | 4 | 5 | 6 | 2 | 7 | 1 | 3 | 9 |
| 3 | 9 | 2 | 4 | 1 | 5 | 8 | 6 | 7 |

ଗତକାଲିର ଉତ୍ତର

# କାହାପାଇଁ ଅମୃତ ବେଳା



ଡ. ସନ୍ତୋଷ କୁମାର ମହାପାତ୍ର

ଗତ ଅଗଷ୍ଟ ୧୫ରେ ୭୬ତମ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ଅମୃତବେଳା କଥା କହିଛନ୍ତି। ଗତବର୍ଷ ମଧ୍ୟ ସ୍ୱାଧୀନତା ଦିବସରେ କହିଥିଲେ। ଚଳିତ ବଜେଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଧ୍ୟ ଏହି କଥା ଦୋହରାଇ ଥିଲେ। ଅମୃତବେଳା କହିଲେ ଶୁଭ ମୁହୂର୍ତ୍ତ। କିନ୍ତୁ ବର୍ତ୍ତମାନ କି ପ୍ରକାର ଶୁଭ ମୁହୂର୍ତ୍ତ ଓ କାହାପାଇଁ ଆସିଛି? ଆମ ମନରେ ସ୍ୱତଃ ପ୍ରଶ୍ନ ଉଠେ କୋଟି କୋଟି ଗରିବ, ବାସହୀନ, କ୍ଷୁଧିତ, ଭିକାରି, ବେକାରି, ଅର୍ଥାଭାବରୁ ଶିକ୍ଷା, ସ୍ୱାସ୍ଥ୍ୟ ତଥା ମୌଳିକ ସେବାରୁ ବଞ୍ଚିତ ଲୋକମାନେ; ଦୁରାରୋଗ୍ୟ ବ୍ୟାଧିରେ ଛଟପଟ ହୋଇ ମୃତ୍ୟୁକୁ ଅପେକ୍ଷା କରିରହିଥିବା ରୋଗୀମାନେ; ବାର୍ଦ୍ଧକ୍ୟ ଅବସ୍ଥାରେ ପିଲାଙ୍କ ଦ୍ୱାରା ଉପେକ୍ଷିତ ହୋଇ ଗଭୀର ମାନସିକ ଯନ୍ତ୍ରଣାରେ ଛଟପଟ ହେଉଥିବା ବୃଦ୍ଧା, ବୃଦ୍ଧମାନେ; ବଳାତ୍କାରର ଶିକାର ହୋଇଥିବା ବା ଯୌତୁକ ନିର୍ଯାତନାରେ ଝଟପଟ ହେଉଥିବା ମହିଳାମାନେ, ମହାମାରୀରେ ଅନେକ କିଛି ହରାଇଥିବା ପରିବାର ଓ ସର୍ବଦା ଅସୁରକ୍ଷିତ ମଣୁଥିବା ଲୋକମାନଙ୍କ ପାଇଁ କି ପ୍ରକାର ଅମୃତ ବେଳା ଆସିଛି। ଏକଥା ସରକାର କ'ଣ କେବେ ଚିନ୍ତା କରିଛନ୍ତି? ପେଟ ପୋଡ଼ିଗଲେ ସବୁ ଅନ୍ଧାର। ମଣିଷ ଖୁସିରେ ରହିଲେ ସିନା ମହୋତ୍ସବ ପାଳନ କରେ କିନ୍ତୁ ଦୁଃଖରେ ରହିଲେ କ'ଣ ପାଳନ କରିପାରିବ?

ଦୁଃଖର ବିଷୟ ହେଉଛି ସରକାର ସ୍ୱାଧୀନତା ଦିବସ ପାଳନର ମୌଳିକ ଲକ୍ଷ୍ୟରୁ ଦୂରେଇ ଯାଉଛନ୍ତି। କେବଳ ପ୍ରଚାରରେ ବ୍ୟସ୍ତ ରହୁଛନ୍ତି ବରଂ ସ୍ୱାଧୀନତା ସହିତ ଲୋକଙ୍କର ଯେଉଁ ଭାବାବେଗ ଜଡିତ ରହିଛି ସେଥିରୁ ରାଜନୈତିକ ଫାଇଦା ନେବାପାଇଁ ଏହିପରି ମନଭୁଲାଣିଆ କଥା କହୁଛନ୍ତି। ପ୍ରଚାର ମାଧ୍ୟମରେ ଲୋକଙ୍କୁ ଭ୍ରମିତ କରି ନିଜ ବିଫଳତା ଲୁଚାଇବା ପାଇଁ ସରକାର ଚେଷ୍ଟା କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ ବିଶ୍ୱର ସର୍ବାଧିକ ଭୋକିଲା, ଗରିବ, ବାସହୀନ ଓ ଆଧୁନିକ କ୍ରୀତଦାସ ଭାରତରେ ଅଛନ୍ତି । ବିଶ୍ୱରେ ପ୍ରାୟ ୧୩୦ କୋଟି ଜନତା ବହୁମୁଖୀ ଦାରିଦ୍ର୍ୟ ଦ୍ୱାରା କବଳିତ ହୋଇଥିଲାବେଳେ, ଭାରତରେ ସେମାନଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୨୭.୯ ପ୍ରତିଶତ। ନୀତିଆୟୋଗ ଅନୁସାରେ ଏହା ୨୫.୧ପ୍ରତିଶତ। ବିଶ୍ୱର କ୍ଷୁଧା ସୂଚକାଙ୍କରେ ୧୧୬ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୦୧, ଅର୍ଥାତ୍ ୧୦୦ଟି ଦେଶ ପଛରେ। କ୍ଷୁଧା ସ୍ତର ସାଙ୍ଘାତିକ। ପୁନଶ୍ଚ ସୁଷମ ଖାଦ୍ୟ ପାଇବାକୁ ଅସମର୍ଥ ଭାରତୀୟଙ୍କ ସଂଖ୍ୟା ବୃଦ୍ଧି ପାଉଛି। ୨୦୧୯ରେ ୬୯.୪ପ୍ରତିଶତ ବା ୯୪.୮୬ କୋଟି ଭାରତୀୟ ସୁଷମ ଖାଦ୍ୟ ପାଇବାକୁ ଅସମର୍ଥ ଥିଲାବେଳେ ସେମାନଙ୍କ ସଂଖ୍ୟା ୨୦୨୦ରେ ୭୦.୫ପ୍ରତିଶତ ବା ୯୭.୩୩ କୋଟିକୁ ବୃଦ୍ଧି ପାଇଛି। ଭୋକିଲା ଲୋକଙ୍କ ସଂଖ୍ୟା ୨୦୧୯-୨୦ରେ ୨୨.୪ କୋଟିରେ ପହଞ୍ଚିଛି। ୨୦୧୧ଜନଗଣନା ଅନୁଯାୟୀ ଭାରତରେ ପ୍ରାୟ ୧.୭୭ ନିୟୁତ ବାସହୀନ ଅଛନ୍ତି, ସେଥିମଧ୍ୟରୁ ପ୍ରାୟ ୫୨ପ୍ରତିଶତ ଦେଶର ସହରାଞ୍ଚଳରେ ବାସ କରନ୍ତି। ଭାରତରେ ବିଶ୍ୱରେ ସର୍ବାଧିକ ଆଧୁନିକ କ୍ରୀତଦାସ ଅଛନ୍ତି, ଯାହାର ସଂଖ୍ୟା ୧.୪ କୋଟିରୁ ୧.୮ କୋଟି ହେବ। ନେଦରଲାଣ୍ଡର ଜନସଂଖ୍ୟା ଅପେକ୍ଷା ଭାରତରେ ଆଧୁନିକ କ୍ରୀତଦାସ ଅଧିକ।



ବାସ୍ତବରେ ଧନୀ, କର୍ପୋରେଟ ଓ କ୍ଷମତାଶାଳୀଙ୍କ ପାଇଁ ଅମୃତ ବେଳା ଆସିଛି ଏବଂ ଦେଶ ସ୍ୱାଧୀନତାର ମୁଖ୍ୟ ଲକ୍ଷ୍ୟଠାରୁ ଦେଶ ଦୂରେଇ ଯାଉଛି । କୌଣସି ରାଷ୍ଟ୍ର ବା ଦେଶ କେବଳ କିଛି ନିର୍ଦ୍ଦିଷ୍ଟ ଶ୍ରେଣୀର କଥା ଚିନ୍ତା କରେନା ବରଂ ସବୁ ଶ୍ରେଣୀର ଜନତାଙ୍କ ହିତ ଚିନ୍ତାକରିବା ଉଚିତ। ଜାତିର ଜନକ ମହାତ୍ମା ଗାନ୍ଧୀ ଥରେ କହିଥିଲେ, ଜଣେ କୌଣସି ସିଦ୍ଧାନ୍ତ ବା ପଦକ୍ଷେପ ନେବା ପୂର୍ବରୁ ତାହାଦ୍ୱାରା ସମାଜର ସବୁଠାରୁ ଦୁର୍ବଳ ଶ୍ରେଣୀର ଲୋକଙ୍କର କେତେ ଉପକାର ହେବ ତାହା ଭାବିବା ଉଚିତ । କିନ୍ତୁ ସରକାର ମୁହଁରେ ଗରିବ, ଅବହେଳିତ କଥା କହିଲା ବେଳେ, କାର୍ଯ୍ୟରେ ଧନୀ, ପୁଞ୍ଜିପତି, ଶିଳ୍ପପତିଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଛନ୍ତି। ଏପରିକି ଧନିକ ଶ୍ରେଣୀ, ଶିଳ୍ପପତି ସରକାରଙ୍କ ବିଭିନ୍ନ ସିଦ୍ଧାନ୍ତରେ ହସ୍ତକ୍ଷେପ କରି ନିଜ ସପକ୍ଷରେ ଆଇନ ପ୍ରଣୟନ କରିବାରେ ସକ୍ଷମ ହେଉଛନ୍ତି। ଧନୀ ଓ ଗରିବ ମଧ୍ୟରେ ବୈଷମ୍ୟ ବୃଦ୍ଧିପାଇଲା ବେଳେ ଗରିବର ସ୍ୱର ଆହୁରି କ୍ଷୀଣ, ନିଷ୍ପ୍ରଭ ହେଉଛି।

ଅକ୍ସଫାମ୍ ରିପୋର୍ଟ ୨୦୨୨ ଅନୁଯାୟୀ, କୋଭିଡ୍ -୧୯ ସଙ୍କଟ ସମୟରେ ଯେତେବେଳେ ଶବଦାହ ପାଇଁ ଲୋକେ ଧାଡ଼ି ବାନ୍ଧିଥିଲେ, ଶ୍ମଶାନ ଧୂଆଁ ଆକାଶକୁ ଆଚ୍ଛାଦିତ କରିଥିଲା, ୮୪ପ୍ରତିଶତ ପରିବାରଙ୍କ ଆୟ ହ୍ରାସ ପାଇଥିଲା ଏବଂ ୪.୬ କୋଟି ଲୋକ ଦାରିଦ୍ର୍ୟର ଗହ୍ୱରକୁ ଠେଲି ହୋଇଯାଇଥିଲେ, ସେତେବେଳେ ଭାରତରେ ବିଲିୟନେୟାରଙ୍କ ସଂଖ୍ୟା ୪୦ ବୃଦ୍ଧିପାଇ ୧୪୨ରେ ପହଞ୍ଚିଛି ଏବଂ ସେମାନଙ୍କ ସମ୍ପଦ ୨୩. ୧୪ ଲକ୍ଷ କୋଟି ଟଙ୍କାରୁ ଦୁଇଗୁଣିତ ହୋଇ ୫୩. ୧୪ ଲକ୍ଷ କୋଟି ଟଙ୍କା ବା ୭୧୯ ବିଲିୟନ ଡଲାରରୁ ଅଧିକ ହୋଇଥିଲା, ଯାହା ଦେଶର ୪୦ପ୍ରତିଶତ ଜନତାଙ୍କ ସମ୍ପଦଠାରୁ ଅଧିକ। କ୍ରେଡିଟ୍‌ସୁଇସର ୧୨ତମ ସମ୍ପଦ ରିପୋର୍ଟ ଅନୁସାରେ ଦେଶର ୧ପ୍ରତିଶତ ଧନିକ ଶ୍ରେଣୀଙ୍କ ହାତରେ ଦେଶର ମୋଟ ସମ୍ପଦର ୩୩ ପ୍ରତିଶତ ଥିବା ବେଳେ ୧୦ ପ୍ରତିଶତଙ୍କ ହାତରେ ଦେଶର ମୋଟ ସମ୍ପଦର ୬୪.୬ ପ୍ରତିଶତ ଥିବା ଜଣାପଡ଼ିଛି। ଅନ୍ୟପଟେ ଦେଶର ଅର୍ଦ୍ଧେକ ବ୍ୟକ୍ତିଙ୍କ ହାତରେ ମୋଟ ଜାତୀୟ ସମ୍ପଦର ମାତ୍ର ୫.୯ପ୍ରତିଶତ ରହିଥିବା ଜଣାପଡ଼ିଛି।

ଏସବୁ ସମ୍ଭବ କାରଣ ହେଲା ଧନିକ ଶ୍ରେଣୀଙ୍କ ସ୍ୱାର୍ଥ କିପରି ସାଧନ ହେବ ସେହି ଅନୁସାରେ ଦେଶର ଓ ବିଶ୍ୱର ଆର୍ଥିକ ବ୍ୟବସ୍ଥା ହୋଇଛି ଏବଂ ନୀତି କାର୍ଯ୍ୟକାରୀ କରାଯାଉଛି। ଧନିକ ଶ୍ରେଣୀ ତାଙ୍କର କଳାଟଙ୍କା ବିଦେଶରେ ଟିକସ ଭୂସ୍ୱର୍ଗରେ ରଖି ଟିକସ ଫାଙ୍କୁଛନ୍ତି। ବ୍ୟାଙ୍କ ଜାଲିଆତି, ଋଣ ରାଇଟ ଅଫ, ଟିକସ ରିହାତି ମାଧ୍ୟମରେ କୋଟି କୋଟି ଟଙ୍କା ହରିଲୁଟ କରି ନିଜ ସମ୍ପଦରେ ଯୋଗ କରୁଛନ୍ତି। ସୁଧ ହାର ହ୍ରାସ, କର୍ପୋରେଟ ଟିକସ ହାର ହ୍ରାସ ବା ଅତ୍ୟଧିକ କମ୍ ରହିବା ଯୋଗୁ ସେମାନେ ସମ୍ପଦ ଠୁଳ କରି ଚାଲିଛନ୍ତି। ୨୦୨୧-୨୨ରେ ଭାରତରେ କର୍ପୋରେଟମାନଙ୍କ ଲାଭ ବୃଦ୍ଧିପାଇ ଜିଡିପିର ୪.୩ପ୍ରତିଶତ ହୋଇଛି, ଯାହା ଗତ ୧୧ ବର୍ଷରେ ସର୍ବାଧିକ। ଅପରପକ୍ଷରେ ଗରିବଙ୍କୁ ବାଧୁଥିବା ଖାଦ୍ୟସାମଗ୍ରୀ, ବୀମା ପ୍ରିମିୟମ, ତୈଳ ଦ୍ରବ୍ୟ ଉପରେ ଅହେତୁକ ଟିକସ ଧାର୍ଯ୍ୟ କରୁଛନ୍ତି। ଦରଦାମ ଆଜି ନିୟନ୍ତ୍ରଣ ବାହାରେ। ପୁନଶ୍ଚ ପ୍ରଧାନମନ୍ତ୍ରୀ ଯେତେବେଳେ ନାରୀଶକ୍ତି କଥା କହୁଛନ୍ତି, ସେତେବେଳେ ଗଣବଳାତ୍କାର ଓ ହତ୍ୟା ଦୋଷରେ ଅଭିଯୁକ୍ତ ୧୧ ଜଣଙ୍କୁ ଗୁଜରାଟ ସରକାର ମୁକ୍ତ କରିଦେଇଛନ୍ତି। ଅର୍ଥାତ୍ ଦୁର୍ନୀତିଗ୍ରସ୍ତ ଓ ଅପରାଧୀଙ୍କ ପାଇଁ କ'ଣ ଅମୃତ ବେଳ ଆସିଛି ବୋଲି ଭାବିବାକୁ ପଡ଼ିବ। ବର୍ତ୍ତମାନ ଭାରତୀୟ ଗଣତନ୍ତ୍ରକୁ ତ୍ରୁଟିପୂର୍ଣ୍ଣ ଗଣତନ୍ତ୍ର କୁହାଯାଉଛି ଏବଂ ଗଣମାଧ୍ୟମର ସ୍ୱାଧୀନତା ବିପନ୍ନ ହେଉଛି, ଯାହା ଶୁଭ ସୂଚନା ପ୍ରଦାନ କରୁନି। ବାସ୍ତବରେ ବର୍ତ୍ତମାନ ଯେଉଁ ଅମୃତବେଳା କଥା କୁହାଯାଉଛି ତାହା ଏକ ଭ୍ରମ।

**ମୋ:୯୪୩୭୨୦୮୭୬୨**
**skmohapatra67@gmail.com**

# ବର୍ଷା ଓ ସାହିତ୍ୟ



ଅଲେଖ ଚନ୍ଦ୍ର ମିଶ୍ର

ଋତୁ ବିନ୍ୟାସରେ ବର୍ଷା ସବୁଠାରୁ ସମ୍ବେଦନଶୀଳ। ପ୍ରଚଣ୍ଡ ରୌଦ୍ରତାପରେ ମୃତପ୍ରାୟ ଜୀବଜଗତକୁ ବର୍ଷା ଦିଏ ସଞ୍ଜୀବନୀର ସ୍ପର୍ଶ। ବର୍ଷା ଜୀବନର ସଙ୍କେତ ହେଲେ ଆଷାଢ଼ ତା'ର ଯୌବନ, ଶ୍ରାବଣ ତା'ର ସ୍ପନ୍ଦନ। ବିରହୀଙ୍କ ପାଇଁ ବର୍ଷା ଆଣେ ବେଦନାକ୍ତ ଶିହରଣ। ଆକାଶରେ କଳାହାଣ୍ଡିଆ ମେଘ ଦେଖିଲେ ବସୁଧା ହୁଏ ରଜସ୍ୱଳା। ମୟୂର ପୁଚ୍ଛ ମେଲି ମୟୂରୀକୁ ଆକୃଷ୍ଟ କରେ। ଚାତକର ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟେ। ବର୍ଷା ଜଳରେ ଉବୁଟୁବୁ ହୋଇ ମିଳନ ପ୍ରତ୍ୟାଶୀ ବ୍ରାହ୍ମଣୀ ବେଙ୍ଗମାନେ ଅନବରତ ରଡି ଛାଡ଼ନ୍ତି। ସାରୁବୁଦା ମୂଳେ ବେଙ୍ଗ ଦମ୍ପତି କ୍ରିୟାରତ ହୋଇପଡ଼ନ୍ତି। ଲାଲରଙ୍ଗର ସାଧବବୋହୂ ଅଭିସାରରେ ବାହାରେ। ଇନ୍ଦ୍ରଧନୁର ସପ୍ତରଙ୍ଗ ପ୍ରେମୀଯୁଗଳଙ୍କ ମନକୁ ରଙ୍ଗିନ କରିଦିଏ। କୀଟରୁ ପତଙ୍ଗ ଯାଏ, ଶ୍ୱାନରୁ ଶ୍ୱାପଦ ଯାଏ, ଘରଚଟିଆରୁ ବାଇଚଢ଼େଇ ଯାଏ ସବୁରି ହୃଦୟରେ ଉଦ୍‌ବେଳିତ ହୁଏ ମିଳନର ମାଦକତା। ବର୍ଷାର ଆଗମନ ବିରହୀକୁ ମତୁଆଲା କରିଦିଏ । ଦୂରରେ ଥିବା ପ୍ରିୟଜନମାନେ ଅନୁକ୍ଷଣ ମନେପଡ଼ନ୍ତି। ତେଣୁ ଆଷାଢ଼ର ମେଘ, ଘଡ଼ଘଡ଼ି, ବିଜୁଳିର ସମ୍ଭାରକୁ ପାଥେୟ କରି ଯୁଗ ଯୁଗରୁ ସୃଷ୍ଟି ହୋଇଆସିଛି ଅଜସ୍ର କାବ୍ୟ, କବିତା, ଲୋକକଥା, ଢଗଢମାଳି। ଏହାର କେତୋଟି ଦୃଷ୍ଟାନ୍ତ ହେଲା, ''ମେଘ ବରଷିଲା ଟୁପୁରୁ ଟୁପୁରୁ କେଶୁର ମାଇଲା ଗଜା, କେଉଁ ଦେଶେ ଯାଇ ରହିଲେ ମୋ ରଜା ତେଲିଙ୍ଗି ବାଇଦ ବଜା'' (ନନ୍ଦକିଶୋର), ଉର୍ମିସହୀର ଚିକୁରେ ଚିବୁକେ ଲଗାଇ ପାଣି, କହି ଉଠୁଥିବ ରାଣୀଗୋ ରାଣୀ (ଗଡ଼ନାୟକ), ବର୍ଷାରେ ଆଷାଢ଼ ଶ୍ରାବଣ ମେଘ ବରଷେ ଘନ ଘନ(ଭକ୍ତକବି), ଋତୁଙ୍କ ମଧ୍ୟେ ଶ୍ରେଷ୍ଠ ବଳ, ସମ୍ପୂର୍ଣ୍ଣ ବରଷାର କାଳ (ଭାଗବତ), ଖୋଜନ୍ତି ପୁଣି ଶମ୍ପା ଆଲୋକ ଧରି, ନିଶ୍ଚୟ ଛନ୍ତି ବୋଲି ସୀତା ସୁନ୍ଦରୀ (ମେହେର) ଇତ୍ୟାଦି।

କିନ୍ତୁ ବର୍ଷାକାଳର ସବୁଠାରୁ ଲୋକପ୍ରିୟ ବିରହ ବ୍ୟଞ୍ଜକ ମହାକାବ୍ୟ ହେଲା କବିଶ୍ରେଷ୍ଠ କାଳିଦାସଙ୍କ ରଚିତ ମେଘଦୂତମ୍। ଆଷାଢ଼ ମେଘର ମହ୍ଲାରରେ ବିମୋହିତ ହୋଇ ସେ ଗାଇ ଉଠିଥିଲେ, ''ଆଷାଢ଼ସ୍ୟ ପ୍ରଥମ ଦିବସେ ମେଘ ମାସ୍କିଷ୍ଟ ସାନୁଂ ପ୍ର କ୍ରୀଡ଼ା ପରିଣତ ଗଜ ପ୍ରେକ୍ଷଣୀୟଂ ଦଦର୍ଶ। କାନ୍ତା ବିରହିତ କାନ୍ତର ବିରହ ବେଦନା ଉପରେ ଆଧାରିତ ଏହି ମହାକାବ୍ୟ ପୃଥିବୀର ଅନେକ ଭାଷାରେ ଅନୁଦିତ, ଯାହାର ଓଡ଼ିଆ ରୂପାନ୍ତର କରିଥିଲେ କବିବର ରାଧାନାଥ ରାୟ।

କୁବେର ଶାପରେ ଅଳକାପୁରୀରୁ ବିଚ୍ୟୁତ ହୋଇ ମର୍ତ୍ତ୍ୟର ରାମଗିରିରେ ନିର୍ବାସିତ ଯକ୍ଷ ହେମମାଳି ନିଜର ପ୍ରାଣପ୍ରିୟା ଯକ୍ଷିଣୀ ବିଶାଳାକ୍ଷୀର ବିଚ୍ଛେଦଜନିତ ବ୍ୟଥାରେ ଶୀର୍ଣ୍ଣ ବପୁ, କ୍ଷୀଣ ଶରୀର ହୋଇ ବିଳାପ କରୁଥିବା ବେଳେ ଆଦ୍ୟ ଆଷାଢ଼ର ପହିଲି ପରଶରେ ଆକାଶ ବକ୍ଷରେ ଭାସମାନ ମେଘଖଣ୍ଡ ତା'ର ହତାଶ ମନରେ ଆଶାର ସଞ୍ଚାର କରିଥିଲା । କାନ୍ତା ନିକଟରେ ଆପଣାର ବିରହବିଧୁର ବାର୍ତ୍ତା ପହଞ୍ଚାଇ ଦେବା ପାଇଁ ଭାବବିହ୍ୱଳ ହୋଇ ମେଘକୁ ସେ ଅନୁନୟ କରିଥିଲା, ''ରସିକ ତୁ ଜଳଦ କହିବି କେତେ, କାମିନୀ ପ୍ରକାଶନ୍ତି ଭାବ ସଂକେତେ''। ବର୍ଷଣମୁଖର ରଜନୀର ଦୃଶ୍ୟପଟକୁ ତା' ନିକଟରେ ଉପସ୍ଥାପିତ କରିବାକୁ ଯାଇ ଗାଇ ଉଠିଥିଲା, ''ରଜନୀକାଳେ ଦାଣ୍ଡେ କେତେ ଯୁବତୀ, ଉଦ୍‌ବେଗେ ଯାଉଥିବେ କାନ୍ତବସତି । /ଘୋର ଅନ୍ଧାରେ ମାର୍ଗ ଦିଶିବ ନାହିଁ, କମ୍ପିବେ ଭୟେ ଚଉଦିଗେ ଅନାଇ। /ତୋ ସଙ୍ଗେ ଥିବ ପ୍ରଭାମୟୀ ତଡିତ, ଏ କାଳେ ବାଳାଙ୍କର ସାଧିବୁ ହିତ । /ଘନ ମୁଞ୍ଚିବୁ ନାହିଁ ଭୀମନିନାଦ, ନାଦ ମଣିବେ ବାମା ଘୋର ପ୍ରମାଦ'' (କାଳିଦାସଙ୍କ ମୂଳ ସଂସ୍କୃତ ରଚନା- ଅଭିକ୍ଷଣ ମୁର୍ଜ୍ୟୋଧ୍ୱନିତା ପୟୋମୃଜା ଘନାନ୍ଧକାରୀ କୃତ ଶର୍ବରୀ ସ୍ୱପି। ତଡିତ୍ ପ୍ରଭା ଦର୍ଶିତ ମାର୍ଗ ଭୂମୟଃ ପ୍ରୟାନ୍ତି ରାଗାଭିସାରିକା ସ୍ତ୍ରୀୟଃ।)।

ଘୋର ବରଷାରେ ନିଶା ଗର୍ଜୁଥିବା ବେଳେ ବିରହାନ୍ତ ଦାମ୍ପତ୍ୟ ପ୍ରଣୟର ଅନ୍ତରଙ୍ଗ ମୁହୂର୍ତ୍ତ ଯକ୍ଷ ମୁଖରେ ଏହିଭଳି ଭାବରେ ପ୍ରକାଶ ପାଇଥିଲା, ''ସମ୍ମୁଖେ ରତ୍ନ ଦୀପ ଉଜ୍ଜଳେ ଜଳେ/ ନିର୍ବାଣ ଆସେ ହିମରଜ ବିଫଳେ; ଫିଙ୍ଗଇ ବରାଙ୍ଗନା ପ୍ରଦୀପ କତି/ ବ୍ୟର୍ଥ ଯତନ ଦେଖି କୌତୁକୀ ପତି; ଭାସନ୍ତି ପ୍ରେମନୀରେ ତହୁଁ ଉଭୟେ/ ଭିଡ଼ନ୍ତି ପରସ୍ପର ଅଙ୍ଗ ନିର୍ଦ୍ଦୟେ।''

ଆଜି ଶ୍ରାବଣର ଆକାଶକୁ ଚାହିଁଲେ ହତାଶ ହେବାକୁ ପଡୁଛି। କାହିଁ ସେ ବିରହୀ ଆଷାଢ଼ର ଉନ୍ମାଦନା ଯାହା ଦିନେ କବିକଳ୍ପନାକୁ ରସାଣିତ କରୁଥିଲା? ଏବେ ସେ ଆଷାଢ଼ ଅଛି କିନ୍ତୁ ସେ ବର୍ଷା ନାହିଁ। ସେ ଶ୍ରାବଣ ଅଛି, ଧାରା ନାହିଁ । ଋତୁ ଚକ୍ରରେ ଏପରି ପରିବର୍ତ୍ତନ ଘଟିଚାଲିଲେ ଦିନେ ହୁଏତ ଏଭଳି ଭାବାବେଗ କଳ୍ପନା ବିଳାସର ସମାଗ୍ରୀ ହୋଇ ପୋଥିବାଇଗଣ ପାଲଟିଯିବ।

**ସାରଦାଶ୍ରୀ,୯୦୪, ଶାସ୍ତ୍ରୀନଗର,**
**ଭୁବନେଶ୍ୱର, ମୋ:- ୯୪୩୮୬୭୩୮୯୮**

## ଚିରନ୍ତନୀ

ନିଭିଛି ମୋ ତହୁଁ ସକଳ ରୂପର ମୋହ
ରହସ୍ୟରାଶି ହୋଇଛି ଯେ ହାସମୟ
ଅସମୟେ ଆଜି ଦେଇଛ ଯେବେ ଗୋ ଦେଖା
ନ କହ ସଜନୀ! ମୋତେ ବଡ଼ ନିର୍ଦ୍ଦୟ।

-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରଙ୍କ ଦୃଷ୍ଟି ପଡୁ

ମହାଶୟ,

ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ନିକଟରେ ବିଚାରାଧୀନ ଏକ ମକଦ୍ଦମା ସଂଖ୍ୟା ଆର.ପି. ନଂ-୨୩୬/୨୦୨୦ରେ ତଦବିର କରିବା ପାଇଁ ଅତି ତରବରିଆ ଭାବେ ଢେଙ୍କାନାଳ ଜିଲାର ଜଣେ ଜରାଜୀର୍ଣ୍ଣ ବୃଦ୍ଧଙ୍କୁ ନୋଟିସ କରାଯାଇଥିଲା। ନିର୍ଦ୍ଧାରିତ ତାରିଖର ପୂର୍ବଦିନ ଅପରାହ୍ନରେ ଓଡ଼ାପଡ଼ା ତହସିଲ ପକ୍ଷରୁ ଉକ୍ତ ନୋଟିସ ପ୍ରଦାନ କରାଯାଇଥିଲା। ଏପରିକି ବିଚାର ତାରିଖ ଏବଂ ବର୍ଷକୁ ଡବଲ ରାଇଟ୍ କରାଯାଇ ସେହି ନୋଟିସକୁ ୧ବର୍ଷ ୭ମାସ ପରେ ଜାରି କରାଯାଇଥିଲା। ନୋଟିସ ପାଇବା ପରେ ମାତ୍ର ସ୍ୱଳ୍ପ ସମୟ ମଧ୍ୟରେ ସୁଦୂର ସମ୍ବଲପୁରକୁ ବୃଦ୍ଧଜଣକ ଯାଇ ପାରିବା ସମ୍ଭବ ନ ଥିବାରୁ ଓଡ଼ପଡ଼ା ତହସିଲ ଜରିଆରେ ନିର୍ଦ୍ଧାରିତ ତାରିଖ ଦିନ ଲିଖିତ ଜଣାଇ ମକଦ୍ଦମା ସମ୍ପର୍କରେ ଅଭିଯୋଗ କରିଥିଲେ। ଏପରିକି ଏହାର ବିଚାର ଓଡ଼ାପଡ଼ା ତହସିଲରେ କରିବା ପାଇଁ ବୃଦ୍ଧ ଜଣାଇଥିଲେ। ମାତ୍ର ବୃଦ୍ଧଙ୍କ ଅଭିଯୋଗ ସତ୍ତ୍ୱେ ମାମଲାକୁ ଏକ ତରଫା ଭାବେ ବିଚାର କରାଯାଇ ଦରଖାସ୍ତକାରୀଙ୍କ ସପକ୍ଷରେ କାର୍ଯ୍ୟ କରାଯାଉଛି। ସ୍ୱଚ୍ଛ ଶାସନ, ସମସ୍ତଙ୍କୁ ସମ୍ମାନ, ବୃଦ୍ଧାବୃଦ୍ଧଙ୍କୁ ସହାୟତା ପାଇଁ ସରକାର କାର୍ଯ୍ୟ କରୁଥିବା ବେଳେ ଜଣେ ବୃଦ୍ଧଙ୍କ ଅଭିଯୋଗକୁ ଅଣଦେଖା କରାଯିବା କେତେଦୂର ଯୁକ୍ତିଯୁକ୍ତ। ବୃଦ୍ଧଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ନ୍ୟାୟଦେବାକୁ ସରକାର ଦୃଷ୍ଟି ଦିଅନ୍ତୁ।

**-ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୮ ୟୁଟ୍ୟୁବ୍ ଚ୍ୟାନେଲ ବନ୍ଦ ହେଲା**

ନୂଆଦିଲ୍ଲୀ,୧୮।୮(ପି.ଟି.): ମିଥ୍ୟା, ଦେଶବିରୋଧୀ ଓ ସାମ୍ପ୍ରଦାୟିକ ବିଷୟବସ୍ତୁ ପ୍ରସାରଣ କରୁଥିବା ୮ଟି ୟୁଟ୍ୟୁବ୍ ଚ୍ୟାନେଲ ଏବଂ ଗୋଟିଏ ଫେସ୍‌ବୁକ୍ ଆକାଉଣ୍ଟକୁ କେନ୍ଦ୍ର ସରକାର ବନ୍ଦ କରିଦେଇଛନ୍ତି। ଏହାକୁ ମିଶାଇ ଗତବର୍ଷ ଡିସେମ୍ବରଠାରୁ ଇତିମଧ୍ୟରେ ମୋଟ ୧୦୨ଟି ଚ୍ୟାନେଲ ବନ୍ଦ ହୋଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବ୍ଲକ୍ କରାଯାଇଥିବା ୮ ୟୁଟ୍ୟୁବ୍ ଚ୍ୟାନେଲ ମଧ୍ୟରୁ ୭ଟି ଭାରତର ହୋଇଥିବାବେଳେ ଗୋଟିଏ ପାକିସ୍ତାନରୁ ପରିଚାଳିତ ହେଉଥିଲା। ଏହି ଚ୍ୟାନେଲଗୁଡ଼ିକର ସବ୍‌ସ୍କ୍ରାଇବର ସଂଖ୍ୟା ୮୬ ଲକ୍ଷ ହୋଇଥିବାବେଳେ ୧୧୪ କୋଟି ଦର୍ଶକ ରହିଛନ୍ତି।

# ବିଜେଡି ପର୍ଯ୍ୟବେକ୍ଷକ ତାଲିକାରେ ପରିବର୍ତ୍ତନ

**▪ ବାଦ୍ ପଡ଼ିଲେ ସୌମ୍ୟରଞ୍ଜନ**
**▪ ସାମିଲ ହେଲେ ପ୍ରମିଳା, ପ୍ରତାପ**

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ଦୀର୍ଘଦିନ ଧରି ବିଜେଡି ସାଙ୍ଗଠନିକ ସ୍ତରରେ ଅଦଳବଦଳ ହେବ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ତେବେ ଏହି ଆଲୋଚନାର ଏକ ଝଲକ ଗୁରୁବାର ଦେଖିବାକୁ ମିଳିଛି। ବରିଷ୍ଠ ନେତାଙ୍କୁ ଏକାଧିକ ଜିଲାର ଦାୟିତ୍ୱ ପ୍ରଦାନ କରାଯାଇଥିବା ନେଇ ଏକ ତାଲିକା ପ୍ରକାଶ ପାଇଛି। ଏଥିରେ ବଡ ଧରଣର ପରିବର୍ତ୍ତନ କରାଯାଇଛି। ବିଜେଡି ୬ ଜଣ ବରିଷ୍ଠ ପର୍ଯ୍ୟବେକ୍ଷକଙ୍କୁ ୩୦ ଜିଲାର ଦାୟିତ୍ୱ ପ୍ରଦାନ କରିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ନୂଆ ନିଯୁକ୍ତି ଦେଇଥିବା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଗୁରୁବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ପାଇଁ ଜିଲାୱାରି ସଙ୍ଗଠନକୁ ଆହୁରି ମଜଭୁତ କରିବାକୁ ବିଜେଡି ପ୍ରସ୍ତୁତି ଆରମ୍ଭ କରିଛି। ଆଗକୁ ଆହୁରି ସାଙ୍ଗଠନିକ ସ୍ତରରେ ପରିବର୍ତ୍ତନ ହେବା ନେଇ ଦଳୀୟ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ପ୍ରକାଶ ପାଇଥିବା ତାଲିକାରୁ ୨ ଜଣଙ୍କୁ ବାଦ୍ ଦିଆଯାଇଛି। ସେମାନଙ୍କ ସ୍ଥାନରେ ନୂଆ କରି ୨ ଜଣଙ୍କୁ ଦାୟିତ୍ୱ ମିଳିଛି। ଦଳର ନବନିଯୁକ୍ତ ୬ ବରିଷ୍ଠ ପର୍ଯ୍ୟବେକ୍ଷକଙ୍କ ମଧ୍ୟରେ ନିରଞ୍ଜନ ପୂଜାରୀ, ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ଦେବୀପ୍ରସାଦ ମିଶ୍ର, ମହେଶ୍ୱର ମହାନ୍ତି ଏବଂ ପ୍ରତାପ ଜେନା ଅଛନ୍ତି। ତେବେ ବର୍ତ୍ତମାନ ବିଧାନସଭାର ବାଚସ୍ପତି ଥିବା ବିକ୍ରମ କେଶରୀ ଆରୁଖ ଏବଂ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଏହି ତାଲିକାରୁ ବାଦ୍ ପଡିଛନ୍ତି। ଆରୁଖ ବାଚସ୍ପତି ଥିବା ଯୋଗୁ ତାଙ୍କୁ ବାଦ୍ ଦିଆଯିବା ଠିକ୍ ଅଛି ବୋଲି ରାଜନୈତିକ ସମୀକ୍ଷକମାନେ କହୁଥିବା ବେଳେ ସୌମ୍ୟଙ୍କୁ କାହିଁକି ବାଦ୍ ଦିଆଗଲା ତାହା ବିଶେଷ ଆଲୋଚନାର ବିଷୟବସ୍ତୁ ପାଲଟିଛି। ତେବେ ନିରଞ୍ଜନ ପୂଜାରୀଙ୍କୁ ପୂର୍ବପରି ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର ଓ ବରଗଡ଼ ଦାୟିତ୍ୱ ମିଳିଥିବା ବେଳେ ପ୍ରସନ୍ନଙ୍କ ହାତରେ ପୂର୍ବରୁ ଥିବା କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲା ଦାୟିତ୍ୱ ରହିଛି। ଆରୁଖଙ୍କ ହାତରେ ଥିବା ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ଗଜପତି ଜିଲା ଦାୟିତ୍ୱ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ ଦିଆଯାଇଛି। ସେହିପରି ଦେବୀ ପ୍ରସାଦ ମିଶ୍ରଙ୍କୁ ପୂର୍ବପରି ଗଞ୍ଜାମ, ନୟାଗଡ଼, କନ୍ଧମାଳ, ଖୋର୍ଦ୍ଧା, ପୁରୀ ଏବଂ ବୌଦ୍ଧ ଜିଲା ଦାୟିତ୍ୱ ଦିଆଯାଇଥିବା ବେଳେ ମହେଶ୍ୱର ମହାନ୍ତିଙ୍କୁ ମୟୂରଭଞ୍ଜ ଓ କେନ୍ଦୁଝର ଜିଲା ପର୍ଯ୍ୟବେକ୍ଷକ ଭାବେ ପୁନଃ ନିଯୁକ୍ତି ମିଳିଛି। ପ୍ରତାପ ଜେନାଙ୍କୁ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ଦେବଗଡ଼, ଅନୁଗୋଳ ଏବଂ ଢେଙ୍କାନାଳ ଜିଲାର ବରିଷ୍ଠ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି। ପୂର୍ବରୁ ଏହି ଜିଲା ଦାୟିତ୍ୱରେ ବରିଷ୍ଠ ନେତା ସୌମ୍ୟରଞ୍ଜନ ଥିଲେ। ତେବେ ନିକଟରେ ପ୍ରତାପ ଜେନାଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଯାଇଥିବା ବେଳେ ତାଙ୍କୁ ବରିଷ୍ଠ ପର୍ଯ୍ୟବେକ୍ଷକ ତାଲିକାରେ ରଖି ଦଳ ଏକ ପ୍ରକାର ବୁଝାଇବାକୁ ଚେଷ୍ଟା କରିଥିବା ଆଲୋଚନା ଚାଲିଛି।




ପାରାଦୀପ ବନ୍ଦର ପ୍ରାଧିକରଣ ଦ୍ୱାରା ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ ସାମୁଦ୍ରିକ ପବ୍ଲିକ-ପ୍ରାଇଭେଟ-ପାର୍ଟନରଶିପ୍ କନ୍‌କ୍ଲେଭ ୨୦୨୨ରେ କେନ୍ଦ୍ରମନ୍ତ୍ରୀ ଶାନ୍ତନୁ ଠାକୁରଙ୍କ ସମେତ ପାରାଦୀପ ପୋର୍ଟ ଅଧ୍ୟକ୍ଷ ପି.ଏଲ୍.ହାରାନ୍ଧ, ରାଜ୍ୟ ଶିଳ୍ପ ସଚିବ ହେମନ୍ତ ଶର୍ମା, ବାଣିଜ୍ୟ ସଚିବ ବିଷ୍ଣୁପଦ ସେଠୀ, ରେଳପଥ ମହାପ୍ରବନ୍ଧକ ଶରତ କୁମାର ଶ୍ରୀବାସ୍ତବ ଉପସ୍ଥିତ ରହି ୨୦୪୭ ବନ୍ଦରର ବିକାଶ ଓ ଆଭିମୁଖ୍ୟ ସମ୍ପର୍କରେ ମତ ରଖୁଛନ୍ତି।

## ସଂକ୍ଷେପରେ

### ପାଣିକୁଣ୍ଡରେ ପଡ଼ି ୫ବର୍ଷର ଶିଶୁ ମୃତ

ଠିକାସଂସ୍ଥାର ଦାୟିତ୍ୱହୀନତା

ନୀଳଗିରି, ୧୮।୮(ସ୍ୱ.ପ୍ର.): ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବେଗୁନିଆ ଗ୍ରାମରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ଏକ ଠିକାସଂସ୍ଥାର ଦାୟିତ୍ୱହୀନତା ଯୋଗୁ ଏକ କୋମଳମତି ଶିଶୁର ଜୀବନ ଯାଇଛି। ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଥିବା ବେଳେ କମ୍ପାନୀ ପକ୍ଷରୁ ହୋଇଥିବା ୧୦ଫୁଟ୍ ଗଭୀର ଅସ୍ଥାୟୀ ପାଣିକୁଣ୍ଡରେ ପଡି ଜଣେ ୫ବର୍ଷର ଶିଶୁର ମୃତ୍ୟୁ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ଶିଶୁଙ୍କ ପରିବାର ଲୋକେ ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ ଅଡ଼ି ବସିଥିଲେ। ନୀଳଗିରି ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ କମ୍ପାନୀ ପକ୍ଷରୁ ସହାୟତା ପ୍ରତିଶ୍ରୁତି ମିଳିବା ପରେ ଉତ୍ତେଜନା ଥମିଥିଲା। ଏନେଇ ନୀଳଗିରି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୫/୨୨) ରୁଜୁ ହୋଇ ତଦନ୍ତ ଜାରି ରହିଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ୧୭୨କୋଟି ଟଙ୍କା ବିନିଯୋଗରେ ମେଗା ଜଳଯୋଗାଣ ପ୍ରକଳ୍ପ ଜୁବେରୀ ଇଞ୍ଜିନିୟରିଂ କନ୍‌ଷ୍ଟ୍ରକଶନ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ପକ୍ଷରୁ ପ୍ରକଳ୍ପ ଚାଲୁ ରହିଛି। ଏହାକୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ତଦାରଖ କରୁଛି। ଏହି ପ୍ରକଳ୍ପ କାର୍ଯ୍ୟ ନୀଳଗିରି ବ୍ଲକର ୨୦ ପଞ୍ଚାୟତ ସହ ୯୦ ଗାଁରେ ଜାରି ରହିଛି। ସମ୍ପୃକ୍ତ ଠିକାସଂସ୍ଥା ପକ୍ଷରୁ ବେଗୁନିଆ ଗ୍ରାମରେ ପାଣିଟାଙ୍କି କାର୍ଯ୍ୟ ଚାଲୁରହିଥିବା ବେଳେ ନିକଟରେ ଏକ ଖୋଲା ପାଣିକୁଣ୍ଡ ରହିଥିଲା। ସକାଳ ୬ଟା ବେଳେ ଗ୍ରାମର ଗୋବିନ୍ଦ ସିଂଙ୍କ ୫ ବର୍ଷର ପୁଅ କିରଣ ପରିବାର ଲୋକଙ୍କ ଅଜାଣତରେ ବାହାରକୁ ଆସି ପାଣି କୁଣ୍ଡରେ ପଡ଼ିଯାଇଥିଲେ। ପୁଅକୁ ନ ପାଇ ପରିବାର ଲୋକେ ଖୋଜାଖୋଜି କରିବା ପରେ ଉକ୍ତ ପାଣିକୁଣ୍ଡରୁ ଶିଶୁକୁ ଭାସୁଥିବା ଅବସ୍ଥାରେ ଉଦ୍ଧାର କରିଥିଲେ। ହେଲେ ସେହି ସମୟରେ ହିଁ ଶିଶୁର ମୃତ୍ୟୁ ହୋଇଯାଇଥିଲା।

### ଗଛରେ ରଶି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

ଟେନ୍‌ସା, ୧୮।୮(ଡି.ଏନ୍.ଏ.)
ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅନ୍ତର୍ଗତ ସେଗାସାହି ଜଙ୍ଗଲରେ ଏକ ଗଛରୁ ଗୁରୁବାର ଜଣେ ଯୁବତୀ(୧୮)ଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ଯୁବତୀ ଜଣକ ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କର ପରିବାର ଲୋକେ ଲିଖିତ ଭାବେ ଜଣାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ ଶଗଡ଼ଭଙ୍ଗା ଗ୍ରାମର ଯୁବତୀ ଜଣକ ତାଙ୍କ ମାମୁ ପୁଅକୁ ଭଲ ପାଉଥିଲେ। ଦୁଇ ପରିବାର ସହମତିରେ ମାମୁ ପୁଅ ସହିତ ଯୁବତୀ ରବିବାର ନିକଟସ୍ଥ ସେଗାସାହି ଗ୍ରାମକୁ ଯାଇଥିଲେ। ସେଠାରେ କୌଣସି କାରଣ ନେଇ ଯୁବତୀ ରାଗି ପଳାଇ ଆସିଥିଲେ। ହେଲେ ଘରକୁ ନ ଆସି କେଉଁ ଆଡ଼େ ପଳାଇ ଯାଇଥିଲେ। ଉଭୟ ପରିବାର ଖୋଜାଖୋଜି କରିଥିଲେ ମଧ ସେ ଆଉ ମିଳି ନ ଥିଲେ। ଗୁରୁବାର ସେଗାସାହି ନିକଟସ୍ଥ ଜଙ୍ଗଲରେ ଯୁବତୀ ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଗ୍ରାମବାସୀ ଦେଖି କୋଇଡା ପୋଲିସକୁ ଖବର ଦେଇଥିଲେ। ଯୁବତୀଙ୍କ ବଡ଼ ଭଉଣୀଙ୍କ ଅଭିଯୋଗ କ୍ରମେ କୋଇଡା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୨) ରୁଜୁକରିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କୋଇଡା ପଠାଯାଇଛି ବୋଲି କୋଇଡ଼ା ଥାନା ଅଧିକାରୀ ଲୋକେଶ୍ୱର ସାହୁ କହିଛନ୍ତି।

# କମିଶନଙ୍କ ରିପୋର୍ଟ ସାର୍ବଜନୀନ କରିବାକୁ ଦାବି

ଚକାପାଦ/ତୁମୁଡ଼ିବନ୍ଧ(ଡି.ଏନ୍.ଏ)/ ଫୁଲବାଣୀ ଅଫିସ,୧୮।୮

### ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ ଜଲେଶପଟା ଓ ଚକାପାଦ ଆଶ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। କଡ଼ା ସୁରକ୍ଷା ଭିତରେ ସମସ୍ତ କାର୍ଯ୍ୟକ୍ରମ ହୋଇଛି । ସ୍ୱାମୀଜୀଙ୍କ ହତ୍ୟା ଘଟଣାର ତଦନ୍ତ ପାଇଁ ମହାପାତ୍ର କମିଶନ ଓ ନାଇଡୁ କମିଶନ ଦୁଇଟି ଗଠନ କରାଯାଇଥିଲା। ଏହି ରିପୋର୍ଟକୁ ସରକାର ସାର୍ବଜନୀନ କରି ସ୍ୱାମୀଜୀଙ୍କ ହତ୍ୟାକାରୀ ଓ ଷଡ଼ଯନ୍ତ୍ରକାରୀଙ୍କୁ ଦଣ୍ଡ ବିଧାନ କରିବାକୁ ଆଶ୍ରମର ମୁଖ୍ୟ ପରିଚାଳକ ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀ ଦାବି କରିଛନ୍ତି । ଏହି ଅବସରରେ ସକାଳେ ସୂର୍ଯ୍ୟ ପୂଜା, ଗୋପୂଜନ, ଅଙ୍କୁରାରୋପଣ କାର୍ଯ୍ୟ ହୋଇଥିଲା। ସ୍ୱାମୀଜୀଙ୍କ ସମାଧିସ୍ଥଳରେ ରୁଦ୍ରାଭିଷେକ, ଜଳାଭିଷେକ, ହରିନାମ୍ ସଙ୍କୀର୍ତ୍ତନ, ରାମେଶ୍ୱର ପୀଠରେ ଅଭିଷେକ ଆଦି କାର୍ଯ୍ୟ କରାଯାଇଥିଲା। ସ୍ୱାମୀଜୀଙ୍କ ଉତ୍ତରାଧିକାରୀ ତାଳଚେରରୁ ଆସି ରାତିରେ ସ୍ୱାମୀଜୀଙ୍କ ସମାଧି ସ୍ଥଳରେ ଜଳାଭିଷେକ କରିଥିଲେ। ଆଶ୍ରମ ଦାୟିତ୍ୱରେ ଥିବା ବାବା କୃଷ୍ଣନନ୍ଦ ସରସ୍ୱତୀଙ୍କ ସମେତ ବହୁ ସାଧୁ ସନ୍ଥ ଯୋଗ ଦେଇଥିଲେ। ସୁରକ୍ଷା ଦୃଷ୍ଟିରୁ ଚକାପାଦ ଓ ତୁମୁଡ଼ିବନ୍ଧରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଡିଏସ୍‌ପି ନିରଞ୍ଜନ ପାଢ଼ୀ, ଜି. ଉଦୟଗିରି ଏସ୍‌ଡିପିଓ ତିରୁପତି ପଟ୍ଟନାୟକ, ଚକାପାଦ ଓ ତୁମୁଡ଼ିବନ୍ଧ ଥାନାଧିକାରୀ ପ୍ରମୁଖ ସୁରକ୍ଷା ବ୍ୟବସ୍ଥା ଉପରେ ତୀକ୍ଷ୍ଣ ନଜର ରଖଥିଲେ।

# ରାଜେଶ ବର୍ମା ରାଷ୍ଟ୍ରପତିଙ୍କ ସଚିବ ନିଯୁକ୍ତ

ଭୁବନେଶ୍ୱର,୧୮।୮(ବ୍ୟୁରୋ)

କେନ୍ଦ୍ରୀୟ ଡେପୁଟେସନ୍‌ରେ ଥିବା ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର ରାଜେଶ ବର୍ମାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଗୁରବାର ଏହି ନିଯୁକ୍ତିକୁ କେନ୍ଦ୍ର କ୍ୟାବିନେଟ୍ କମିଟି ଅନୁମୋଦନ କରିଛି। ବର୍ମା ଏବେ କେନ୍ଦ୍ର ସରକାରଙ୍କ କର୍ପୋରେଟ୍ ବ୍ୟାପାର ସଚିବ ଭାବେ ଦାୟିତ୍ୱ ତୁଲାଉଛନ୍ତି।

# ଫାଣ୍ଡି ଅଧିକାରୀ, ୪ କନଷ୍ଟେବଲ ନିଲମ୍ବିତ

ମାଲକାନଗିରି/କୁଡୁମୁଲୁଗୁମ୍ମା, ୧୮।୮(ଡି.ଏନ.ଏ.)

କାର୍ଯ୍ୟରେ ଅବହେଳା ଯୋଗୁ ମାଲକାନଗିରି ଜିଲା ଓର୍କେଲ ଥାନା ଅଧୀନରେ ଥିବା କୁଡୁମୁଲୁଗୁମ୍ମା ଫାଣ୍ଡିର ଫାଣ୍ଡି ଅଧିକାରୀ କମଳ ଲୋଚନ ନାୟକ ଓ ୪ ଜଣ କନଷ୍ଟେବଲଙ୍କୁ ଗୁରୁବାର ନିଲମ୍ବିତ କରାଯାଇଛି। ଏ ସମ୍ପର୍କରେ ଓର୍କେଲ ଥାନା ଭାରପ୍ରାପ୍ତ ଅଧିକାରୀ ଜନ୍ ଖୁଜୁର୍ କହିଛନ୍ତି ଯେ, ସେ କୁଡୁମୁଲୁଗୁମ୍ମା ଆଉଟ୍ ପୋଷ୍ଟକୁ ଅନେକ ଥର ପରିଦର୍ଶନ ସମୟରେ ସେଠାରେ ଥିବା ଫାଣ୍ଡି ଅଧିକାରୀ ଓ କନଷ୍ଟେବଲମାନଙ୍କୁ କାର୍ଯ୍ୟରେ ଅବହେଳା କରୁଥିବା ଦେଖି ତାଗିଦ କରିଥିଲେ। ମାତ୍ର କର୍ମଚାରୀମାନେ ନ ସୁଧୁରିବାରୁ ଏନେଇ ମାଲକାନଗିରି ଏସ୍.ପି.ଙ୍କ ଦୃଷ୍ଟିକୁ ନେଇଥିଲେ। ଏହାକୁ ଭିତ୍ତି କରି ଏସ୍‌ପି ନିତିଶ୍ ୱାଧ୍ୱାନୀ କୁଡୁମୁଲୁଗୁମ୍ମା ଫାଣ୍ଡିର ସମସ୍ତ କର୍ମଚାରୀଙ୍କୁ ନିଲମ୍ବିତ କରିଥିବା ଜଣାପଡିଛି।

# ଡାକ୍ତରଙ୍କୁ ହଜାରେ କୋଟିର ମାଗଣା ଉପହାର ଦେଇଛି ଡୋଲୋ କମ୍ପାନୀ

### ଗୁରୁତର ପ୍ରସଙ୍ଗ କହିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୮।୮(ପି.ଟି.)

ଜ୍ୱର ଓ ଯନ୍ତ୍ରଣା ଉପଶମ କରୁଥିବା ୬୫୦ ମିଲିଗ୍ରାମ ଡୋଲୋ ଟାବ୍‌ଲେଟ ଲେଖିବା ନିମନ୍ତେ ସମ୍ପୃକ୍ତ କମ୍ପାନୀ ଡାକ୍ତରମାନଙ୍କୁ ୧,୦୦୦ କୋଟି ଟଙ୍କାର ମାଗଣା ଉପହାର ଦେଇଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି)ର ଅଭିଯୋଗ କ୍ରମେ ଏକ ଏନ୍‌ଜିଓ ଏହି ପ୍ରସଙ୍ଗ ଉଠାଇବା ପରେ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ଅତ୍ୟନ୍ତ ଗୁରୁତର ପ୍ରସଙ୍ଗ ବୋଲି ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏ.ଏସ୍. ବୋପନ୍ନାଙ୍କ ଖଣ୍ଡପୀଠ କହିଛନ୍ତି। ଆବେଦନକାରୀ 'ଫେଡେରେଶନ ଅଫ୍ ମେଡିକାଲ ଆଣ୍ଡ ସେଲ୍ସ ରିପ୍ରେଜେଣ୍ଟେଟିଭ୍ସ



ଆସୋସିଏଶନ ଅଫ୍ ଇଣ୍ଡିଆ' ପକ୍ଷରୁ ବରିଷ୍ଠ ଆଇନଜୀବୀ ସଞ୍ଜୟ ପାରିଖ ଖଣ୍ଡପୀଠଙ୍କୁ ଜଣାଇଥିଲେ ଯେ ୫୦୦ ମିଲିଗ୍ରାମ ପର୍ଯ୍ୟନ୍ତ ଟାବ୍‌ଲେଟଗୁଡ଼ିକର ବଜାର ମୂଲ୍ୟ ସରକାର ନିୟନ୍ତ୍ରଣ କରୁଥିବାବେଳେ ଏହାଠାରୁ ଅଧିକ ମିଲିଗ୍ରାମର ଔଷଧ ମୂଲ୍ୟ ଫାର୍ମା କମ୍ପାନୀ ନିର୍ଦ୍ଧାରଣ କରିଥାନ୍ତି। ଅଧିକ ଲାଭ ପାଇଁ ଡୋଲୋ ଟାବ୍‌ଲେଟ ଉତ୍ପାଦନକାରୀ କମ୍ପାନୀ ମାଇକ୍ରୋ ଲାବ୍ସ ଲିଃ ଡାକ୍ତରମାନଙ୍କୁ ମାଗଣା ଉପହାର ଦେଇ ୬୫୦ ମିଲିଗ୍ରାମ୍ ଟାବ୍‌ଲେଟ ଲେଖିବା ପାଇଁ ପ୍ରବର୍ତ୍ତାଉଥିଲା। ଏହା ଉପରେ କେନ୍ଦ୍ର ସରକାରଙ୍କ ଜବାବ ରଖିବାକୁ ଖଣ୍ଡପୀଠ ଅତିରିକ୍ତ ସଲିସିଟର ଜେନେରାଲ କେ.ଏମ୍. ନଟରାଜଙ୍କୁ ନିର୍ଦ୍ଦେଶ ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୯କୁ ଧାର୍ଯ୍ୟ କରିଛନ୍ତି। ମାଇକ୍ରୋ ଲାବ୍ସ ଲିଃର ୯ ରାଜ୍ୟର ୩୬ଟି ସ୍ଥାନରେ ଥିବା କାର୍ଯ୍ୟାଳୟ ଓ କାରଖାନା ଉପରେ ଆୟକର ଚଢ଼ାଉ ବେଳେ ଅନୈତିକ କାର୍ଯ୍ୟ ଧରାପଡ଼ିଥିଲା।

# 'ଶେଷରେ ଅଲୋଡ଼ା କିନ୍ନରକୁ ଭରସାକଲେ ମାତାପିତା'

ଭୁବନେଶ୍ୱର,୧୮।୮

ସାଧାରଣତଃ ମାତାପିତାଙ୍କଠାରୁ କିନ୍ନର ଶିଶୁଟିଏ ଜନ୍ମ ନେଲେ ତାକୁ ଅଲୋଡ଼ା ଭାବି ନବଜାତ ଶିଶୁଟିକୁ ଏଣେତେଣେ ଛାଡି ଦେଇଥାନ୍ତି। କିନ୍ତୁ କିଏ ଜାଣେ ଦୁର୍ଲଭ ମାନବ ଜନ୍ମ ପାଇଥିବା ସେହି ଶିଶୁଟି ପରବର୍ତ୍ତୀ ସମୟରେ କିନ୍ନର ହୋଇ ବି କେଉଁ ବିରଳ ପ୍ରତିଭାର ଅଧିକାରୀ ହୋଇଥାଏ। ଏଭଳି ଜଣେ ଅଲୋଡ଼ା ଶିଶୁ 'ଜ୍ୟୋତି'ର ସଂଘର୍ଷ ଓ ସଫଳତାର ଜୀବନ କାହାଣୀକୁ ନାଟକ ମାଧ୍ୟମରେ ସାଇ ସବୁରୀ ନର୍ସିଂ ଆଣ୍ଡ୍ ହେଲ୍‌ଥ ସାଇନ୍ସ କଲେଜ ବାଲକାଟୀର ଛାତ୍ରୀଛାତ୍ରମାନେ ସମାଜକୁ ଏକ ସୁନ୍ଦର ବାର୍ତ୍ତା ଦେଇଥିଲେ। ଅଗଷ୍ଟ ୧୫ ଏବଂ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ସାଇ ସବୁରୀ ନର୍ସିଂ କଲେଜ ପରିସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସନ୍ଧ୍ୟାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେଥିମଧ୍ୟରୁ ଉକ୍ତ କଲେଜର ପାରାମେଡିକାଲ ଛାତ୍ରୀଛାତ୍ରଙ୍କ କ୍ଷୁଦ୍ର ନାଟକ 'ଜ୍ୟୋତି' ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

ଡାକ୍ତରଖାନାରେ ଶିଶୁଟିଏ ଜନ୍ମ ହେବା



ପରେ ତାକୁ କିନ୍ନର ବୋଲି ଡାକ୍ତରଙ୍କଠାରୁ ମାତାପିତା ଜାଣିବାକୁ ପାଇଥିଲେ। ଏପରିକି ଘୃଣା କରି ତତ୍‌କ୍ଷଣାତ ସେମାନେ ଉକ୍ତ ଶିଶୁଟିକୁ କିନ୍ନର ସମାଜରେ ଛାଡ଼ି ଦେଇଥିଲେ। ସେ ବଡ ହୋଇ ପଢ଼ିବା ଲାଗି ତା'ର ପାଳିତ ମାଆ ଯଶୋଦା ପାଖରେ ଜିଦ୍ କରିଥିଲା। ଯଶୋଦା ଉକ୍ତ କିନ୍ନର କୋଠିର ମୁଖ୍ୟ ବାଇ ରୁମ୍‌କିର ଅନୁମତି ନିଅନ୍ତି, କିନ୍ତୁ କିନ୍ନର ହୋଇଥିବାରୁ ନାମଲେଖା ପାଇଁ କୌଣସି ଅନୁଷ୍ଠାନ ରାଜି ହୁଅନ୍ତି ନାହିଁ। ଜ୍ୟୋତି ଘରେ ରହି ପାଠ ପଢି ଶେଷରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଅଧୀନରେ ପ୍ରଥମ ଶ୍ରେଣୀ ଅଧିକାରୀ ଭାବେ କାର୍ଯ୍ୟ କରେ। ଗାଁଠୁ ଦୂରରେ ରହି ବି ସେ ନିଜ ଜନ୍ମମାଟି, ପାଳିତ ମାଆ ଯଶୋଦା ଓ ଜନ୍ମିତ ବାପାମାଆଙ୍କର ସମସ୍ତ ପ୍ରକାର ଯତ୍ନ ନିଏ । ଶେଷରେ ଜ୍ୟୋତିର ଏଭଳି ମହାନ୍ କର୍ମ ପାଇଁ ତା' ବାପା ମା' ଅନୁତାପ କରିବା ସହ କିନ୍ନର ଭାବି ଶିଶୁମାନଙ୍କୁ ଘରୁ ବାହାର ନ କରି ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଇବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। ସ୍ୱାଧୀନତା ଦିବସ ଅବସରରେ ସକାଳେ କଲେଜ ପରିସରରେ ଟାଇମ୍ସ ସ୍କଲାର୍ସ ଗୁରୁକୁଳର ଛାତ୍ରୀଛାତ୍ରଙ୍କ ଗହଣରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ସାରଦା ମିଶ୍ର ଓ ଉପାଧ୍ୟକ୍ଷା ସ୍ମୃତି ସାରିକା ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସନ୍ଧ୍ୟାରେ କଲେଜର ବିପିଟି, ବି.ଏସ୍‌ସି. ନର୍ସିଂ, ଅପ୍ଟୋମେଟ୍ରି,ଏମ୍‌ଏଲ୍‌ଟି,ଏମ୍‌ଆରଟି, ଇଏମଟି ଓ ଓଟିଟି ଆଦି ବିଭାଗର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମାନବିକତା ହିଁ ସର୍ବୋତ୍ତମ

**ବିଶ୍ୱ ମାନବିକତା ଦିବସ**

ସାମାଜିକ କାର୍ଯ୍ୟକର୍ତ୍ତା, ମାନବସେବାକୁ ବ୍ରତ କରି ନିଜ ଜୀବନକୁ ବାଜି ଲଗାଉଥିବା ଅଥବା ଜୀବନବଳି ଦେଇଥିବା ଲୋକଙ୍କ ପାଇଁ ଉତ୍ସର୍ଗୀକୃତ ଦିନଟିଏ ଅଗଷ୍ଟ ୧୯। ଏହି ଦିନ ସାରା ବିଶ୍ୱ ମାନବିକତା ଦିବସ ପାଳିଥାଏ। ସମ୍ପ୍ରତି ବିଶ୍ୱ କରୋନା, ମଙ୍କିପକ୍ସ ଭଳି ଭୂତାଣୁ କବଳରେ ପଡ଼ିଥିବାବେଳେ ଯୁଦ୍ଧ ସଙ୍କଟର ସାମ୍ନା କରୁଛି। ଏଭଳି ସମୟରେ ମଧ ସାମାଜିକକର୍ମୀ ଏବଂ ଅନ୍ୟମାନେ ମାନବସେବାରେ ନିଜକୁ ନିୟୋଜିତ କରିଛନ୍ତି। ୨୦୦୩ ଅଗଷ୍ଟ ୧୯ରେ ଇରାକ୍‌ର ବାଗ୍‌ଦାଦସ୍ଥିତ କାନାଲ ହୋଟେଲରେ ବୋମାମାଡ଼ ଯୋଗୁ ପ୍ରାଣ ହରାଇଥିବା ୨୨ ଜଣଙ୍କ ସ୍ମୃତିରେ ପ୍ରଥମେ ମାନବିକତା ଦିବସ ପାଳନ ହୋଇଥିଲା। ୨୦୦୯ରେ ଜାତିସଂଘ ପକ୍ଷରୁ ବିଧିବଦ୍ଧ ଭାବେ ମାନବିକତା ଦିବସ ପାଳନ ନିମନ୍ତେ ସ୍ଥିର କରାଯାଇଥିଲା। ଚଳିତ ବର୍ଷ ଡିଜିଟାଲ ଆର୍ଟ ଦ୍ୱାରା ସହାୟତା କର୍ମୀଙ୍କୁ ସମ୍ମାନିତ କରିବା ପାଇଁ ଜାତିସଂଘ ପକ୍ଷରୁ ସ୍ଥିର କରାଯାଇଛି। ଏହା ମାଧ୍ୟମରେ



ଆବଶ୍ୟକ ସମୟରେ ଲୋକଙ୍କୁ ସହାୟତା କରିଥିବା ବ୍ୟକ୍ତିବିଶେଷ ଏବଂ ସେହି ବ୍ୟକ୍ତିଙ୍କୁ ସହଯୋଗର ହାତ ବଢ଼ାଇଥିବା ଲୋକଙ୍କ କାହାଣୀ ଜନସାଧାରଣଙ୍କୁ ଜଣାଯିବ।

# ରୋଗଣା ମା'ଙ୍କୁ ନଦୀକୂଳରେ ଛାଡ଼ିଲେ ପୁଅ

**▪ ସାମାଜିକ ବାସନ୍ଦ ଭୟ**
**▪ ବିଡିଓ, ସରପଞ୍ଚଙ୍କ ହସ୍ତକ୍ଷେପ ପରେ ଡାକ୍ତରଖାନାରେ ଭର୍ତ୍ତି ହେଲେ**

ସୋନପୁର,୧୮।୮(ନି.ପ୍ର.)

ସମାଜରୁ କୁସଂସ୍କାର ଏବେ ବି ଦୂର ହୋଇନି। ରୋଗ ଭଲ ନ ହେଲେ ଗ୍ରାମାଞ୍ଚଳରେ ଜାତିଭାଇଙ୍କ ସାମାଜିକ ବାସନ୍ଦର ଭୟ ରହୁଛି। ଏଭଳି ବାସନ୍ଦ ଭୟରେ ଜଣେ ରୋଗଣା ବୃଦ୍ଧାଙ୍କୁ ମହାନଦୀ କୂଳ ଶ୍ମଶାନରେ ଏକୁଟିଆ ରହିବାକୁ ପଡ଼ିଥିଲା। ଘଟଣାଟି ପ୍ରଚାରିତ ହେବା ପରେ ସମ୍ପୃକ୍ତା ମହିଳାଙ୍କୁ ଏବେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମହଦା ଗ୍ରାମର ସ୍ୱର୍ଗତ ରାମ ସାହୁଙ୍କ ସ୍ତ୍ରୀ ଚଞ୍ଚଳା(୫୫)। ଚଞ୍ଚଳାଙ୍କର ଗୋଟିଏ ଝିଅ ଓ ପୁଅ। ମଧୁମେହ ରୋଗ କାରଣରୁ ଗତ ୪ବର୍ଷ ହେବ ଚଞ୍ଚଳାଙ୍କ ଦେହ ଭଲ ରହୁନି। ଅର୍ଥାଭାବ ଯୋଗୁ ଠିକ୍ ଭାବେ ଚିକିତ୍ସିତ ହୋଇ ପାରୁ ନ ଥିଲେ। ଏଭଳି ସମୟରେ ତାଙ୍କ ବାମଗୋଡ଼ରେ ୩ମାସ ତଳେ ଘା ହୋଇଥିଲା। ପରିବାର ଲୋକେ ଡାକ୍ତରଙ୍କୁ ଦେଖାଇ ଔଷଧ ଦେଇଥିଲେ। ତେବେ ମଧୁମେହ ନିୟନ୍ତ୍ରଣରେ ରହୁ ନ ଥିବାରୁ ଚଞ୍ଚଳାଙ୍କ ଘା ଶୁଖି ନ ଥିଲା। କିଛିଦିନ ହେବ ଗୋଡ଼ରେ ପୋକ ହୋଇଯାଇଥିଲା। ଜାତି ସମାଜର ଲୋକେ ନାକ ଟେକିଲେ। ବୈଠକ କରି ସମାଜରୁ ବାସନ୍ଦ କରିବାକୁ ଧମକ ଦେଲେ। ରୋଗ ଭଲ ହେଉ ନ ଥିବାରୁ ଚଞ୍ଚଳା ନିଷ୍ପତ୍ତି ନେଲେ ସେ ଗାଁଠୁ ଦୂରରେ ରହିବେ। ବୁଧବାର ପୂର୍ବାହ୍ନରେ ପୁଅ ବଶିଷ୍ଠ(୧୮)ଘରଠାରୁ ୨କିଲୋମିଟର ଦୂର ମହାନଦୀ କୂଳରେ ପଲିଥିନ ଢାଙ୍କି ଏକ ଅସ୍ଥାୟୀ ଛାଉଣି ତିଆରି କଲେ। ଗ୍ରାମର



ଚଞ୍ଚଳା ସାହୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

କେତେକ ଲୋକଙ୍କ ସହାୟତାରେ ମା'ଙ୍କୁ ଖଟିଆରେ ନେଇ ସେଠାରେ ରଖିଲେ। ମହାନଦୀରେ ବନ୍ୟା ଆସିଥିବା ବେଳେ କୂଳରେ ନିଛାଟିଆ ସ୍ଥାନରେ ତାଙ୍କୁ ରଖାଯାଇଥିଲା। ଗାଁର କେତେକ ଲୋକ ଏହା ଜାଣିପାରି ବିନିକା ବିଡିଓ ହେମସାଗର ଭୋଇ ଓ ମହଦା ସରପଞ୍ଚ ଆନନ୍ଦିନୀ ଶତପଥୀଙ୍କୁ ଜଣାଇଥିଲେ। ବିଡିଓ ଓ ସରପଞ୍ଚଙ୍କ ହସ୍ତକ୍ଷେପ ପରେ ଚଞ୍ଚଳାଙ୍କୁ ରାତିରେ ନଦୀକୂଳରୁ ମହଦା ଅଣାଯାଇଥିଲା। ରାତି ୧୨ଟାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି। ଚଞ୍ଚଳାଙ୍କ କହିବାନୁସାରେ ରୋଗ ଭଲ ହେଉନି, ଡାକ୍ତର କହୁଛନ୍ତି ତୁମର କିଡ୍‌ନୀ ଖରାପ ହୋଇଯାଇଛି। ଅନ୍ୟ କିଛି ରୋଗ ମଧ ଅଛି। ଆମେ ଗରିବ ଲୋକ, ଟଙ୍କା କେଉଁଠୁ ପାଇବୁ ଚିକିତ୍ସାପାଇଁ। ତେଣୁ ପୁଅକୁ ସମାଜରୁ ବାସନ୍ଦ କରାଯିବା ଭୟରେ ଗାଁଠୁ ଦୂରରେ ରହିବାକୁ ନିଷ୍ପତ୍ତି ନେଇଥିଲି। ବିଡିଓ ଭୋଇ କୁହନ୍ତି, ଏହା ଦୁର୍ଭାଗ୍ୟଜନକ ଘଟଣା। ବର୍ତ୍ତମାନ ସମାଜରେ ଏପରି ହେବା କଥା ନୁହେଁ। ଜଣେ ବିଧବା ବୃଦ୍ଧାଙ୍କୁ ନଦୀକୂଳ ଶ୍ମଶାନ ଘାଟରେ ଏକୁଟିଆ ଛାଡିଦେବା ନିନ୍ଦନୀୟ। ସୂଚନା ପାଇବା ପରେ ସରପଞ୍ଚଙ୍କୁ କହି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବାର ବ୍ୟବସ୍ଥା କରିଛୁ। ସରକାରୀ ସହାୟତା ଯାହା ଯୋଗାଇ ହେବ ତାହା ନିଶ୍ଚିତ କରିବୁ। ସରପଞ୍ଚ ଆନନ୍ଦିନୀ ଶତପଥୀଙ୍କୁ ପଚାରିବାରୁ ଆମେ ଘଟଣା ସମ୍ପର୍କରେ ଜାଣି ନ ଥିଲୁ। ଜାଣିବା ପରେ ସହାୟତା ପୂର୍ବକ କିଛି ଅର୍ଥ ରାଶି ପ୍ରଦାନ କରି ତାଙ୍କୁ ଆମ୍ବୁଲାନ୍ସରେ ଡାକ୍ତରଖାନା ପଠାଇଛୁ। ଗାଁରେ ମହିଳାଙ୍କୁ ରହିବା ପାଇଁ କେହି ମନା କରିନାହାନ୍ତି। ଜାତି ଭାଇଙ୍କ ବାସନ୍ଦ ଭୟରେ ସେ ନଦୀକୂଳରେ ରହିବାକୁ ନିଷ୍ପତ୍ତି ନେଇଥିଲେ। ଆମେ ସମସ୍ତଙ୍କୁ ବୁଝାଇବା ସହ ସଚେତନ କରିବୁ ବୋଲି ସରପଞ୍ଚ କହିଛନ୍ତି।

### ଆମ ସଙ୍ଗଠନ ପକ୍ଷରୁ ରିଲିଫ ବଣ୍ଟନ

ବାଲିପାଟଣା (ଡି.ଏନ୍.ଏ.): ବନ୍ୟାରେ ବାଲିପାଟଣା ବ୍ଲକର ୬ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଛି। 'ଆମ ସଙ୍ଗଠନ' ପକ୍ଷରୁ ରାଜସ ପଞ୍ଚାୟତର ଗରିଆ ଓ ରାଜସ ଗ୍ରାମର ବନ୍ୟା ବିପନ୍ନଙ୍କୁ ଗୁରୁବାର ରିଲିଫ ବଣ୍ଟନ କରାଯାଇଛି। ବିଜେଡି ଜିଲା ସଭାପତି ବିଭୁତି ବଲବନ୍ତ ରାୟଙ୍କ ତତ୍ତ୍ୱାବଧାନରେ ୩୭୦ ପ୍ୟାକେଟ ଶୁଖିଲା ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ୧ଜିଲା ପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ, ସୁକନ୍ୟା ସେଠୀ, ପବିତ୍ର ମୋହନ ପଟେଲ, ବ୍ଲକ ସଭାପତି କିଶୋର ଜେନା, ବ୍ଲକ ଅଧକ୍ଷା ହରପ୍ରିୟା ଦାସ, ଉପାଧକ୍ଷ ରାଜଲକ୍ଷ୍ମୀ ଜେନା , ବାଲିଅନ୍ତା ବ୍ଲକ ଅଧକ୍ଷ ପ୍ରଦୀପ ଜେନାମଣି ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ୨ ଅଭିଯୁକ୍ତ ଗିରଫ, ଖଣ୍ଡା ଜବତ

**ଜେଲ ଫେରନ୍ତାଙ୍କୁ ଗୋଡ଼ାଇ ହାଣିବା ଘଟଣା**

ଭୁବନେଶ୍ୱର,୧୮ା୮(ବ୍ୟୁରୋ): ନୟାପଲ୍ଲୀ ଥାନା ଅନ୍ତର୍ଗତ ଜୟଦେବବିହାର ବିଜୁ ପଟ୍ଟନାୟକ କଲେଜ ଛକରେ ମଙ୍ଗଳବାର ଜେଲ ଫେରନ୍ତା ନୀଳାଚଳ ବେହେରାଙ୍କୁ ଗୋଡ଼ାଇ ହାଣିବା ଘଟଣାରେ ଖୋଳତାଡ଼ ଜାରି ରଖିଛି ପୋଲିସ। ଏହି ମାମଲାରେ ୬ରୁ ଊର୍ଦ୍ଧ୍ୱ ସମ୍ପୃକ୍ତ ଥିବାବେଳେ ୨ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ସାଲିଆସାହିର କୁନା ନାୟକ ଓ ଖୋର୍ଦ୍ଧା ଜିଲା ବୋଲଗଡ଼ର ସାହାନବାଜ୍ ମଲ୍ଲିକ ଓରଫ ମୁଫି। ସେମାନଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଖଣ୍ଡା ଜବତ କରାଯାଇଛି। ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ପଚରାଉଚରା କରୁଛି। ଏଥିସହ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ନୀଳାଚଳ ଓ ଆକ୍ରମଣକାରୀମାନେ ଗୋଟିଏ ଗୋଷ୍ଠୀର। ୨୦୨୧ ମେ ୧୦ରେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ ମାମଲାରେ ନୀଳାଚଳ ଗିରଫ ହୋଇ ଜେଲ ଯିବା ପରେ ବେଲ୍‌ରେ ଆସିଥିଲେ। କିଛିଦିନ ତଳେ ମତାନ୍ତର ହେବାରୁ ନୀଳାଚଳ ଉକ୍ତ ଗୋଷ୍ଠୀରୁ ଅଲଗା ହୋଇଯାଇଥିଲେ। ମଙ୍ଗଳବାର ଅପରାହ୍ଣରେ ନୀଳାଚଳ ବିଜୁ ପଟ୍ଟନାୟକ ଛକରେ ଛିଡ଼ା ହୋଇଥିବାବେଳେ ଉକ୍ତ ଗୋଷ୍ଠୀର ୬ରୁ ଊର୍ଦ୍ଧ୍ୱ ଯୁବକ ତାଙ୍କୁ ଗୋଡ଼ାଇ ହାଣିଥିଲେ। ବର୍ତ୍ତମାନ ନୀଳାଚଳ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

### ସାହାଯ୍ୟ କରିବାକୁ ଯାଇ ନଦୀରେ ଯୁବକ ନିଖୋଜ

ବାଲିଅନ୍ତା,୧୮ା୮(ଡି.ଏନ୍.ଏ.): କୁଶଭଦ୍ରା ନଦୀକୁ ଦଶାହ କାର୍ଯ୍ୟରେ ଆସି ଗୁରୁବାର ଜଣେ ଯୁବକ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁର ଗ୍ରାମର ଅମୂଲ୍ୟ ରାଉତ(୪୮)। ସୂଚନା ମୁତାବକ, ଅମୂଲ୍ୟ ଦଶାହ କାର୍ଯ୍ୟରେ ନଦୀରେ ସ୍ନାନ କରିବା ସମୟରେ ଅନ୍ୟଜଣେ ଯୁବକ ବୁଡି ଯାଉଥିଲେ। ଏହା ଦେଖି ତାଙ୍କୁ ଉଦ୍ଧାର କରିବାକୁ ଅମୂଲ୍ୟ ପାଣି ଭିତରକୁ ଚାଲିଯାଇଥିଲେ। ଏହି ସମୟରେ ସେ ବନ୍ୟାର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ବହୁ ଖୋଜାଖୋଜି ପରେ ମଧ ତାଙ୍କ ସନ୍ଧାନ ପାଇ ନ ଥିବା ଜଣାପଡିଛି।

### ବନ୍ୟା ପାଇଁ ଭାଜପା ପ୍ରଶିକ୍ଷଣ ଶିବିର ସ୍ଥଗିତ

ଭୁବନେଶ୍ୱର,୧୮ା୮(ବ୍ୟୁରୋ): ରାଜ୍ୟର ବିଭିନ୍ନ ଜିଲାରେ ବନ୍ୟାର ବିଭୀଷିକା ଦେଖିବାକୁ ମିଳିଛି। ତେବେ ବନ୍ୟାଞ୍ଚଳର ସ୍ଥିତି ପରଖିବା ପାଇଁ ରାଜ୍ୟ ଭାଜପାର ୩ଟି ଟିମ୍ ପରିଦର୍ଶନରେ ଯାଇଛନ୍ତି। ପରିଦର୍ଶନ ପରେ ସେମାନଙ୍କ ମତାମତ ଏବଂ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ବିଚାର କରି ଆସନ୍ତା ୨୦, ୨୧ ଓ ୨୨ ତାରିଖରେ ପୁରୀଠାରେ ହେବାକୁ ଥିବା ଭାଜପାର ୩ ଦିନିଆ ଗୁରୁତ୍ୱପୂର୍ଣ୍ଣ ପ୍ରାଦେଶିକ ପ୍ରଶିକ୍ଷଣ ଶିବିରକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଗଲା ବୋଲି ପ୍ରଦେଶ ପ୍ରଶିକ୍ଷଣ ବିଭାଗ ରାଜ୍ୟ ସଂଯୋଜକ ସୁରମା ପାଢୀ ସୂଚନା ଦେଇଛନ୍ତି। ଏଥିସହ ଭାଜପାର ସମସ୍ତ କାର୍ଯ୍ୟକର୍ତ୍ତା ବନ୍ୟାଞ୍ଚଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବାକୁ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି।

### ଦୁର୍ଗାପୂଜା ପାଇଁ କୁଆଖାଇରୁ ମାଟି ଅନୁକୂଳ

ବାଲିଅନ୍ତା,୧୮ା୮(ଡି.ଏନ୍.ଏ.): ରାଜଧାନୀରେ ଚଳିତ ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରାଥମିକ ପ୍ରସ୍ତୁତି ଗୁରୁବାର ଜନ୍ମାଷ୍ଟମୀରୁ ଆରମ୍ଭ ହୋଇଛି। ସହରର ବିଭିନ୍ନ ପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ନିମନ୍ତେ ପାରମ୍ପରିକ ରୀତିନୀତି ଅନୁସାରେ କୁଆଖାଇ ନଦୀକୂଳରୁ ମାଟି ସଂଗ୍ରହ କରାଯାଇଛି। ଭୁବନେଶ୍ୱର ୪ନଂ. ୱାର୍ଡ ଗଡ଼ନହରକଣ୍ଟା ଦୁର୍ଗାପୂଜା କମିଟି, ବରମୁଣ୍ଡା ରୁଚିକା ବଜାର ସାର୍ବଜନୀନ ଦୁର୍ଗାପୂଜା ସମିତି, ଡୁମ୍‌ଡୁମା ହାଉସିଂବୋର୍ଡ, ଶୈଳଶ୍ରୀବିହାର, ନୀଳାଦ୍ରି ବିହାର ଦୁର୍ଗାପୂଜା କମିଟି, ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ଏବଂ ବହୁ ପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ କରାଯାଇଥିଲା। ମା' ଗଙ୍ଗାଙ୍କୁ ଆବାହନ ପୂର୍ବକ ଅର୍ଘ୍ୟ ଅର୍ପଣ ସହ ଆଳତି କରାଯାଇଥିଲା। କର୍ତ୍ତାମାନେ ମା'ଙ୍କ ଏହି ପ୍ରଥମ ପର୍ବରେ ଉପସ୍ଥିତ ରହି ବ୍ରତ ଧାରଣ କରିଥିଲେ। ହୋମଯଜ୍ଞ ସାରି ନାଲିକନାରେ ମାଟି ବାନ୍ଧି ସଂକୀର୍ତ୍ତନ କରି ପୂଜାମଣ୍ଡପ ଅଭିମୁଖେ ଯାଇଥିଲେ।



ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ ଅଞ୍ଚଳରେ ବନ୍ୟାଜଳ ଘରେ ପଶିଛି।



ବନ୍ୟାଜଳ ଘେରରେ ରହିଥିବା ଏକ ନଳକୂପରୁ ମହିଳାମାନେ ପାଣି ସଂଗ୍ରହ କରୁଛନ୍ତି।

# ହ୍ରାସ ପାଉଛି ବନ୍ୟାଜଳ, ବଢୁଛି ଦୁର୍ଦ୍ଦଶା

କଟକ ଅଫିସ ୧୮ା୮

ତିନିଦିନ ଧରି ମହାନଦୀ ଅବବାହିକା ଅଞ୍ଚଳକୁ ଉବୁଟୁବୁ କରୁଥିବା ବନ୍ୟାଜଳ ଗୁରୁବାର ସକାଳୁ ହ୍ରାସ ପାଇବାରେ ଲାଗିଛି। ମଙ୍ଗଳବାର ଏବଂ ବୁଧବାର ମୁଣ୍ଡଳୀଠାରେ ୧୨ଲକ୍ଷ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେବା ଫଳରେ ତଳିଆ ଅଞ୍ଚଳରେ ବ୍ୟାପକ କ୍ଷତି ହେବା ସହ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଗୁରୁବାର ଭୋର ୪ଟାରୁ ମୁଣ୍ଡଳୀଠାରେ ୧୦.୨୮ଲକ୍ଷ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଥିବାବେଳେ ସନ୍ଧ୍ୟାରେ ହ୍ରାସ ପାଇ ୧୦.୦୨ଲକ୍ଷ କ୍ୟୁସେକ୍ ବନ୍ୟାଜଳ ପ୍ରବାହ ହେଉଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ହୀରାକୁଦ ଜଳଭଣ୍ଡାରର ୧୨ ଗେଟ୍‌କୁ ଗୁରୁବାର ସନ୍ଧ୍ୟାରେ ବନ୍ଦ କରାଯିବା ପରେ ଭୟଙ୍କର ବନ୍ୟାରୁ କିଛିଟା ଆଶ୍ୱସ୍ତି ମିଳିଛି।

ଅପରପକ୍ଷରେ ମହାନଦୀ ତଳିଆ ଅଞ୍ଚଳରେ ପଶିଥିବା ବନ୍ୟାପାଣି ଓ ଘାଇଭଙ୍ଗା ଯୋଗୁଁ ବନ୍ୟା ପ୍ରପୀଡ଼ିତଙ୍କ ଦୁର୍ଦ୍ଦଶା ଥମିବାର ନାଁ ନେଉନି। ଗାଁ ଗାଁରେ ପଶିଥିବା ବନ୍ୟାଜଳ ଶୁଖିବା ପାଇଁ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଲାଗିବାକୁ ଥିବାରୁ ପ୍ରଭାବିତ ଲୋକଙ୍କ ସ୍ୱାସ୍ଥ୍ୟ, ଗୋରୁଙ୍କ ଖାଦ୍ୟାଭାବ ଜନିତ ସମସ୍ୟା ବଢ଼ିଯାଇଛି। ପ୍ରଶାସନ ପକ୍ଷରୁ ଲୋକଙ୍କୁ ଉଦ୍ଧାର କରାଯାଇ ଗୋଷ୍ଠୀ କେନ୍ଦ୍ରରେ ମାଗଣା ରୋଷେଇ ଦିଆଯାଉଥିଲେ ସୁଦ୍ଧା ତାହା ପର୍ଯ୍ୟାପ୍ତ ହେଉନାହିଁ। ମିଳିଥିବା ସରକାରୀ ତଥ୍ୟ ଅନୁଯାୟୀ କେବଳ କଟକ ଜିଲାରେ ଏପର୍ଯ୍ୟନ୍ତ ୧୧ ବ୍ଲକର ୧୦୭ ଗ୍ରାମପଞ୍ଚାୟତର ୩୫୮ ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ୨ଲକ୍ଷ ୨୭ହଜାର ୭୬୩ ଲୋକ ବନ୍ୟା ପ୍ରଭାବିତ ହୋଇଥିବାବେଳେ ୮୧ ଗୋଷ୍ଠୀ ବନ୍ୟା ଆଶ୍ରୟ ସ୍ଥଳରେ ୪୬ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇ ସୁରକ୍ଷିତ ରଖାଯାଇଛି। ସେହିପରି ୬୬ ହଜାରରୁ ଊର୍ଦ୍ଧ୍ୱ ଗୃହପାଳିତ ପଶୁ କ୍ଷତିଗ୍ରସ୍ତ ହୋଇଥିବା ସରକାରୀ ଭାବେ କୁହାଯାଉଥିଲେ ହେଁ ବେସରକାରୀ ଭାବେ ଏହା ଯଥେଷ୍ଟ ଅଧିକ ବୋଲି କୁହାଯାଉଛି। ସେହିପରି ୧୧ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଚାଷ ଜମିରେ ପାଣି ବୁଡ଼ି ରହିଥିବାରୁ ସେହି ଚାଷ ଉପରେ ନିର୍ଭର କରି ଚଳୁଥିବା ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏଣୁ ବନ୍ୟା ପରବର୍ତ୍ତୀ ସମୟର ପରିଚାଳନା ଠିକ୍ ଭାବେ କରା ନ ଗଲେ ଲୋକ ଓ ଜୀବଜନ୍ତୁଙ୍କ ଦୁର୍ଦ୍ଦଶା ଜୀବନଜୀବିକାରେ ଗଭୀର ପ୍ରଭାବ ପକାଇବ ବୋଲି କୁହାଯାଉଛି।

### ଫସଲ ନଷ୍ଟ: ଦ୍ୱୈତନଗରୀରେ ମହଙ୍ଗାମାଡ଼

କଟକ ଜିଲାର ବାଙ୍କୀ ଓ ଆଠଗଡ଼ ଅଞ୍ଚଳର ପନିପରିବା ଚାଷ ଉପରେ କଟକର ମୁଖ୍ୟ ପରିବା ବ୍ୟବସାୟ ପେଣ୍ଠସ୍ଥଳ କୁହାଯାଉଥିବା ଛତ୍ରବଜାର ଓ ଭୁବନେଶ୍ୱରର ୧ ନମ୍ବର ହାଟ ବିଶେଷଭାବେ ନିର୍ଭର କରିଥାଏ। ଏଠାରୁ ବଜାରକୁ ସମସ୍ତ ଋତୁକାଳୀନ ପରିବା ଯୋଗାଣ ହୋଇଥାଏ। ଟ୍ୱିନ୍‌ସିଟିରେ ବସବାସ କରୁଥିବା ଜନସାଧାରଣ ଓ ବେପାରୀ ପରିବା ପାଇଁ ବାଙ୍କୀ ଓ ଆଠଗଡ଼ ଚାଷୀଙ୍କ ଉପରେ ନିର୍ଭର କରିଥାନ୍ତି। ଚଳିତ ବନ୍ୟାରେ ବାଙ୍କୀ ଏବଂ ଆଠଗଡ଼ ଅଞ୍ଚଳ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ତେଣୁ ଏହି ଅଞ୍ଚଳରେ ହେଉଥିବା ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବଜାରରେ ପରିବା ଅଭାବରୁ ଏହାର ଦାମ୍ ବହୁ ଅଧିକ ହୋଇଯାଇଛି। କେବଳ କଖାରୁ ଏବଂ ଅମୃତଭଣ୍ଡାକୁ ଛାଡ଼ିଲେ ଅନ୍ୟ ସବୁ ପରିବା ମୂଲ୍ୟ ୬୦ଟଙ୍କା ଉପରେ ରହିଥିବା ଦେଖିବାକୁ ମିଳିଛି।

### ଆଜି ବିଏମ୍‌ସି ଦ୍ୱିତୀୟ କର୍ପୋରେଶନ ବୈଠକ

ଭୁବନେଶ୍ୱର, ୧୮ା୮(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କର୍ପୋରେଶନ ବୈଠକ ଶୁକ୍ରବାର ବସିବ। ନୂତନ କର୍ପୋରେଟର ଓ ମେୟର ନିର୍ବାଚିତ ହେବାପରେ ଏହା ହେଉଛି ଦ୍ୱିତୀୟ ବୈଠକ। ଏଥିପାଇଁ ବିଏମ୍‌ସି ପକ୍ଷରୁ ଏଜେଣ୍ଡା ପ୍ରସ୍ତୁତ ହୋଇଛି। ବୈଠକରେ ପରିମଳ ବ୍ୟବସ୍ଥାର ଘରୋଇକରଣ ଉପରେ ଆଲୋଚନା ହୋଇପାରେ। ବିଏମ୍‌ସିରେ ବହୁ ସମସ୍ୟା ରହିଥିବାବେଳେ ଗତ କିଛିଦିନ ହେବ ସଫେଇ କର୍ମଚାରୀଙ୍କ ସମସ୍ୟା ତୀବ୍ର ରୂପ ନେଇଛି। କେତେବେଳେ ଦୈନିକ ମଜୁରି ବୃଦ୍ଧି ତ ଆଉ କେତେବେଳେ ନୂଆ ସଂସ୍ଥାର ନୂଆ ଗାଇଡ୍‌ଲାଇନ୍‌କୁ ନେଇ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ବୁଧବାର ମହାନଗର ନିଗମ ଶ୍ରମିକ ୟୁନିୟନ ପକ୍ଷରୁ ବିଏମ୍‌ସି ଅଫିସ୍ ଘେରାଉ କରାଯାଇଥିଲା। କାର୍ଯ୍ୟାଳୟର ଦୁଇଟି ଯାକ ଫାଟକ ବନ୍ଦ କରିବା ସହିତ ନାରାବାଜି କରିଥିଲେ। କୌଣସି କର୍ମଚାରୀଙ୍କୁ ଭିତରକୁ ଛଡାଯାଇ ନ ଥିଲା। ଏପରିକି ମେୟରଙ୍କୁ ମଧ ଗଛମୂଳେ ବସିବାକୁ ପଡିଥିଲା। ଦାବିପୂରଣ ନେଇ ପ୍ରତିଶ୍ରୁତି ପାଇବା ପରେ ଗେଟ୍ ଖୋଲାଯାଇଥିଲା। ସଫେଇ କର୍ମଚାରୀମାନେ ଦାବି ପୂରଣ ନେଇ ବାରମ୍ବାର ଧାରଣା ଦେବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି। ଫଳରେ ସହରରେ ପରିମଳ ବ୍ୟବସ୍ଥା ବିପନ୍ନ ହୋଇପଡୁଛି। ତେଣୁ କର୍ପୋରେଶନ ବୈଠକରେ ଏହି ପ୍ରସଙ୍ଗ ଉଠିବ ବୋଲି କୁହାଯାଉଛି। ଏହାବାଦ୍ ବିଭିନ୍ନ ପ୍ରସଙ୍ଗକୁ ନେଇ ପ୍ରସ୍ତୁତ ହୋଇଥିବା ଏଜେଣ୍ଡା ଉପରେ ଆଲୋଚନା କରାଯିବ ବୋଲି ଜଣାପଡିଛି।

### ଇଂଲିଶ ଲେଖାରେ ଓଡ଼ିଆ ସଂସ୍କୃତିର ଛାପ ଶୁଭଙ୍କର




ଅତିଥିମାନେ 'ଷ୍ଟୋରିଜ୍ ଆଟ୍ ମାଇଁ ଡୋର୍ ଷ୍ଟେପ୍' ପୁସ୍ତକକୁ ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର,୧୮ା୮(ବ୍ୟୁରୋ)

**'ଷ୍ଟୋରିଜ୍ ଆଟ୍ ମାଇଁ ଡୋର୍ ଷ୍ଟେପ୍' ଲୋକାର୍ପିତ**

ସମକାଳୀନ ଇଂଲିଶ ଲେଖାରେ ଓଡ଼ିଆ ସଂସ୍କୃତିର ଛାପ ରହିଛି। ଆମର ଜୀବନଧାରା, ପର୍ବପର୍ବାଣି, କିମ୍ବଦନ୍ତୀ ଓ ଲୋକକଥା ତଥା ଲୋକାଦର୍ଶ ଆଦି ଇଂଲିଶ ଲେଖାମାନଙ୍କରେ ପ୍ରତିଫଳିତ ହେବା ଶୁଭଙ୍କର ବୋଲି କବି ତଥା ସମାଲୋଚକ ଡ. ହରପ୍ରସାଦ ଦାସ କହିଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଗୀତଗୋବିନ୍ଦ ସଦନରେ ଦୀପ୍ତି ପାଇକରାୟଙ୍କ ପୁସ୍ତକ 'ଷ୍ଟୋରିଜ୍ ଆଟ୍ ମାଇଁ ଡୋର୍ ଷ୍ଟେପ୍'ର ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ଦାସ ଏହା କହିଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗ ପ୍ରଫେସର ଡ . ଅସୀମ ରଞ୍ଜନ ପାଢ଼ୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଏବେର ଭାରତୀୟ ଇଂଲିଶ ସାହିତ୍ୟରେ ସ୍ଥାନୀୟତା, ସାଂସ୍କୃତିକ ବିବିଧତା, ବ୍ୟକ୍ତିଗତ ଘଟନାୟନର ବିଶ୍ଳେଷଣ ସମ୍ପର୍କରେ ମତ ଦେଇଥିଲେ। ଲେଖକ ଡ . ରାଜେନ୍ଦ୍ର ପାଢ଼ୀ ପୁସ୍ତକର ବିସ୍ତୃତ ସମୀକ୍ଷା କରିଥିଲେ। ଲେଖିକା ପାଇକରାୟ ଲିଖନକର୍ମକୁ ଏକ ଆଧାତ୍ମିକ ପ୍ରେରଣା ଓ ଅନ୍ତର୍ଯାତ୍ରା ଭାବରେ ଅଭିହିତ କରି ନିଜ ସୃଜନ ଅନୁଭୂତି ବର୍ଣ୍ଣନା କରିବା ସହିତ ପାଠକଙ୍କ ଶୁଭେଚ୍ଛା କାମନା କରିଥିଲେ। ସୁଲେଖକ ତଥା ଖୋର୍ଦ୍ଧା କଲେଜର ପୂର୍ବତନ ଇଂଲିଶ ବିଭାଗ ମୁଖ୍ୟ ଡ . ନନ୍ଦ କିଶୋର ବିଶ୍ୱାଳ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ତୁଳନାତ୍ମକ ସାହିତ୍ୟର ରୂପରେଖ ଆଲୋଚନା କରିଥିଲେ। ଆରମ୍ଭରେ ସୁବାସ ଚନ୍ଦ୍ର କୁମାର ଲେଖିକାଙ୍କ ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଟ୍ରଷ୍ଟ ସଭାପତି ସୂର୍ଯ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଝିଅକୁ ସାଙ୍ଗରେ ଆଣିବାକୁ ଯାଇ ମା' ହଟହଟା

ନୀଳଗିରି, ୧୮ା୮(ସ୍ୱ.ପ୍ର)

**ଥାନାରେ ସମାଧାନ ପରେ ଖାଲି ହାତରେ ଫେରିଲେ**

ସ୍ୱାମୀଙ୍କ ପାଖରେ ରହୁଥିବା ବଡ଼ଝିଅକୁ ସାଙ୍ଗରେ ଆଣିବାକୁ ଉଦ୍ୟମ କରି ଜଣେ ମହିଳା, ତାଙ୍କ ବାପା, ଭଉଣୀ ଓ ଭାଇଙ୍କୁ ହଟହଟା ହେବାକୁ ପଡ଼ିଛି। ଝିଅକୁ ସାଙ୍ଗରେ ନେଇ ଯାଉଥିବା ସମ୍ପର୍କରେ ପରିବାର ଏବଂ ସମ୍ପର୍କୀୟ ଲୋକେ ଜାଣିପାରି ସେମାନଙ୍କୁ ଅଟକାଇବା ସହ ମାରପିଟ କରିଥିଲେ। ପରେ ନୀଳଗିରି ଥାନାରେ ଉଭୟପକ୍ଷ ଅଭିଯୋଗ କରିଥିଲେ। ଉଭୟଙ୍କ ମଧ୍ୟରେ ଆପୋଷ ସମାଧାନ ପରେ ମହିଳା ଜଣକ ଖାଲି ହାତରେ ଫେରିଥିଲେ। ୧୦ବର୍ଷ ପୂର୍ବେ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମିତ୍ରପୁର ଅଞ୍ଚଳର ଭାଗବତ ରାଉତ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳର ସୁସଙ୍ଗୀତା ମଙ୍ଗରାଜଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର ମାତ୍ର ୩ରୁ ୪ବର୍ଷ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ସୁସମ୍ପର୍କ ରହିଥିଲା। ସେମାନଙ୍କ ଦୁଇଟି କନ୍ୟା ଜନ୍ମ ହୋଇଥିଲେ। ପରେ ଉଭୟଙ୍କ ମଧ୍ୟରେ ମତାନ୍ତର ହେବା ପରେ ସୁସଙ୍ଗୀତା ସାନ ଝିଅ ସହ ବାପ ଘର ଖଣ୍ଡଗିରିରେ ରହୁଥିଲେ। ଭାଗବତଙ୍କ ପାଖରେ ବଡ଼ଝିଅ ରହୁଥିବାବେଳେ ସେ ଏବେ ୭ମ ଶ୍ରେଣୀରେ ପଢୁଛନ୍ତି। ହେଲେ ମା' ସୁସଙ୍ଗୀତା ବଡ଼ ଝିଅକୁ କିପରି ନିଜ ପାଖକୁ ଆଣିବେ ସେନେଇ ଶ୍ୱଶୁର ଘର ନିକଟ ଜଣେ ମଧ୍ୟସ୍ଥଙ୍କ ଯୋଗାଯୋଗରେ ରହୁଥିଲେ। ଗୁରୁବାର ଜନ୍ମାଷ୍ଟମୀ ଥିବାରୁ ସ୍କୁଲ ଛୁଟି ଥିଲା। ବଡ଼ ଝିଅ ସାଇକେଲ ଯୋଗେ ଟ୍ୟୁଶନ ଯାଉଥିବା ବେଳେ ଯୋଜନାବଦ୍ଧ ଭାବେ ସୁସଙ୍ଗୀତା ସମ୍ପର୍କୀୟଙ୍କ ସହ ଏକ କାର୍ ଯୋଗେ ମିତ୍ରପୁରରେ ପହଞ୍ଚିଥିଲେ। ମଧ୍ୟସ୍ଥ ଜଣକ ଝିଅକୁ ଆଣି ସୁସଙ୍ଗୀତାଙ୍କୁ ଦେଇଥିଲେ। ଝିଅକୁ ସାଙ୍ଗରେ ନେଇଯାଉଥିବା ସ୍ୱାମୀ ଭାଗବତ ଜାଣିବାକୁ ପାଇ ତୁରନ୍ତ ବନ୍ଧୁବାନ୍ଧବଙ୍କୁ ଧରି କଣ୍ଟାବଣିଆଠାରେ କାର୍ ଅଟକାଇ ଝିଅକୁ ଉଦ୍ଧାର କରିଥିଲେ। ଘଟଣା ପ୍ରଚାରିତ ହେବା ପରେ ଘଟଣାସ୍ଥଳ ଲୋକାରଣ୍ୟ ହୋଇପଡ଼ିଥିଲା। ଉପସ୍ଥିତ ଲୋକେ ସୁସଙ୍ଗୀତା, ତାଙ୍କ ବାପା ସୁବାସ ଚନ୍ଦ୍ର ଓ ଭଉଣୀ ଭାଇଙ୍କୁ ମାରପିଟ୍ କରିଥିବା ଦେଖିବାକୁ ମିଳିଥିଲା।

### ନକଲି ଟିଭି ବିକି ୨୫ ହଜାର ଠକେଇ, ୫ ଗିରଫ

ଯାଁଳା,୧୮ା୮(ଡି.ଏନ୍.ଏ.): ଏକ ନକଲି ଟିଭି ବିକି ୨୫ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗରେ ଗୁରୁବାର ଇନ୍‌ଫୋସିଟି ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉତ୍ତର ପ୍ରଦେଶର ଆଜାଦ ନଗର ଥାନା ଅଧୀନ ସର୍ଦ୍ଧଣା ଗ୍ରାମର ମୁଖ୍ୟ ଅଭିଯୁକ୍ତ ନଇମ୍ ଖାନ୍ (୩୯), ଏମ୍.ଡି ଆସିଫ୍ (୨୯), ମଣ୍ଟିଆଜ୍ (୩୪), ଗାଜିଆବାଦ ଜିଲା ମସୁରିର ଏମ୍.ଡି ସାଜିଦ୍ (୩୪) ଓ ଜୁଲିଫିକର୍ (୩୨)। ଏମାନଙ୍କ ନିକଟରୁ ଏକ ସ୍କର୍ପିଓ(ୟୁପି ୧୬ଏୱାଇ ୬୩୦୬)ଗାଡ଼ି, ୩ଟି ମୋବାଇଲ ଫୋନ, ୨୫,୧୦୦ଟଙ୍କା ଏବଂ ଏକ ନକଲି ୪୩ ଇଞ୍ଚ ଟିଭି ଜବତ ହୋଇଛି।

ଅଭିଯୋଗ ମୁତାବକ, ଗତ ଅଗଷ୍ଟ ୧୫ ପୂର୍ବାହ୍ନ ୧୦ଟା ୪୦ରେ ଏକ ସ୍କର୍ପିଓରେ ୫ଜଣ ଯୁବକ ଇନ୍‌ଫୋସିଟି ଥାନା ଅଧୀନ ଗଙ୍ଗପଡ଼ା ନିକଟ ଏକ ପେଟ୍ରୋଲ ପମ୍ପରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ନଇମ ନିଜର ପ୍ରକୃତ ନାମ ଲୁଚାଇ ଜଣେ ଆର୍ମି ଅଫିସର ଭାବେ ପରିଚୟ ଦେଇଥିଲେ। ମୋର ଚାକିରି ଭୁବନେଶ୍ୱରରୁ ବିଶାଖପାଟଣା ବଦଳି ହୋଇଯାଇଛି। ବଦଳି ହେବା ଯୋଗୁ ଟଙ୍କା ଆବଶ୍ୟକ। ଆର୍ମି କ୍ୟାଣ୍ଟିନରୁ ଆଣିଥିବା ସୋନି ବ୍ରାଭିଆ ସ୍ମାର୍ଟ ଏଲଇଡି ଟିଭି କିଣିଥିଲି। ମୋତେ ୨୫ ହଜାର ଟଙ୍କା ଦେଲେ ଏହି ଟିଭିକୁ ଦେଇଦେବି ବୋଲି ଉକ୍ତ ପେଟ୍ରୋଲ ପମ୍ପର ମ୍ୟାନେଜର ପ୍ରଦୀପ୍ତ ରାଉତଙ୍କୁ କହିଥିଲେ। ଏହା ପରେ ୨୫ ହଜାର ଟଙ୍କାରେ ପ୍ରଦୀପ୍ତ ଉକ୍ତ ଟିଭିକୁ କିଣିଥିଲେ। ଏହା ପରେ ଅଭିଯୁକ୍ତମାନେ ସେଠାରୁ ପଳାଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଟିଭି ନକଲି ବୋଲି ପ୍ରଦୀପ୍ତ ଜଣିବାକୁ ପାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ପେଟ୍ରୋଲ ପମ୍ପର ସିସି ଟିଭି ଯାଞ୍ଚ କରିବା ସହ ମୋବାଇଲ ନମ୍ବର ଟ୍ରାକ୍ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

### ଇତିହାସ, ସଂସ୍କୃତି ଗବେଷଣା କ୍ଷେତ୍ରରେ ଭବାନୀଚରଣ ଥିଲେ ଅଗ୍ରଗଣ୍ୟ

ଭୁବନେଶ୍ୱର,୧୮ା୮(ବ୍ୟୁରୋ)

ସ୍ୱାଧୀନୋତ୍ତର କାଳରେ ଯେଉଁ କେତେଜଣ ଐତିହାସିକ ଓଡ଼ିଶା ଇତିହାସ, ସଂସ୍କୃତି ଓ ଐତିହ୍ୟ ସମ୍ପର୍କିତ ଗବେଷଣା କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲେ, ସେମାନଙ୍କ ମଧ୍ୟରୁ ଐତିହାସିକ ପ୍ରଫେସର ଭବାନୀଚରଣ ରାୟ ଥିଲେ ଅଗ୍ରଣ୍ୟ। ସାହିତ୍ୟ ଏକାଡେମୀ ପକ୍ଷରୁ ଗୁରୁବାର ଖାରବେଳନଗରସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦଠାରେ ଆୟୋଜିତ ତାଙ୍କ ଜୟନ୍ତୀ ଉତ୍ସବରେ ଏହି ମତ ପ୍ରକାଶ ପାଇଛି। ମୁଖ୍ୟ ଅତିଥି ଭାବେ ଐତିହାସିକ ତଥା ଶିକ୍ଷାବିତ୍ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ଗବେଷକ ଡ. କୈଳାସ ଚନ୍ଦ୍ର ଦାଶ ଯୋଗଦେଇ ପ୍ରଫେସର ରାୟଙ୍କ ସାରସ୍ୱତ ପ୍ରତିଭା, ଗବେଷଣାରେ ସ୍ୱତନ୍ତ୍ରତା ସମ୍ପର୍କରେ ଆଲୋକପାତ କରିଥିଲେ। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ରାୟଙ୍କ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ଏକାଡେମୀର ଉପବିଭାଗ ଅଧିକାରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଦେଇଥିଲେ।



ପ୍ରଫେସର ଭବାନୀଚରଣ ରାୟଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

### ୨୦୨୫ ସୁଦ୍ଧା କ୍ଷୁଧା ମୁକ୍ତ ଓଡ଼ିଶା ଲକ୍ଷ୍ୟ

ଭୁବନେଶ୍ୱର, ୧୮ା୮(ବ୍ୟୁରୋ)



ଖାଦ୍ୟ ଆୟୋଗ, ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଫିକି ଫ୍ଲୋ'ର ମିଳିତ ସହଯୋଗରେ 'ସୋ ଆମ୍ ଆଇ' ଫାଉଣ୍ଡେଶନ ପକ୍ଷରୁ କ୍ଷୁଧା ଓ ପୁଷ୍ଟିହୀନତା ମୁକ୍ତ ଓଡ଼ିଶା ଗଠନ ସମ୍ପର୍କିତ ଏକ ସମ୍ମେଳନ ଆୟୋଜିତ ହୋଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୦୨୫ ସୁଦ୍ଧା ଓଡ଼ିଶାକୁ କ୍ଷୁଧା ଏବଂ ପୁଷ୍ଟିହୀନତା ମୁକ୍ତ ରାଜ୍ୟରେ ପରିଣତ କରିବାକୁ ସମସ୍ତଙ୍କ ପାଇଁ ଖାଦ୍ୟ(ଫୁଡ୍ ଫର୍ ଅଲ୍) ଯୋଜନା ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଭାରତୀୟ ବୈଦେଶିକ ସେବାର ଅବସରପ୍ରାପ୍ତ ଅଧିକାରୀ ତଥା ଓଡ଼ିଶା ରାଜ୍ୟ ଫୁଡ୍ କମିଶନ୍‌ର ଅଧ୍ୟକ୍ଷ ପ୍ରମୋଦ କୁମାର ମେକାପ, ନୀତି ଆୟୋଗ କମିଟି ସଦସ୍ୟ ଜଗଦାନନ୍ଦ, ନରିଶିଂ ସ୍କୁଲ୍‌ସ ଫାଉଣ୍ଡେଶନ ପ୍ରତିଷ୍ଠାତା ନିର୍ଦ୍ଦେଶକ ବିଷ୍ଣୁ ସ୍ୱାମୀନାଥନ୍ , ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ସବିତା ଆଚାର୍ଯ୍ୟ, ଓଡ଼ିଶା ମାରୱାଡ଼ି ସମାଜ ସଭାପତି ସଞ୍ଜୟ ଲାଠ୍ ଏବଂ ସତ୍ୟସାଇ ସେବା ସଂଗଠନର ରାଜ୍ୟ ସଭାପତି ସତ୍ୟସ୍ୱରୂପ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କ୍ଷୁଧା ମୁକ୍ତ ରାଜ୍ୟ ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ବର୍ତ୍ତମାନ ସମୟରେ ବଡ଼ ବଡ଼ ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକ ଅତି ଉଚ୍ଚ ଦରରେ ଖାଦ୍ୟ ପ୍ରଦାନ ଉପରେ ନିଜ ନିଜ ମଧ୍ୟରେ ପ୍ରତିଯୋଗିତା କରୁଥିବାବେଳେ ସୋ ଆମ୍ ଆଇ ଫାଉଣ୍ଡେଶନ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଲୋକଙ୍କୁ ଖାଦ୍ୟ ବାଣ୍ଟିବାର ପ୍ରୟାସ ଜାରି ରଖିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସୋ ଆମ୍ ଆଇ ସଂଗଠନର ପ୍ରତିଷ୍ଠାତା ପିନାକୀ ମହାନ୍ତି ମଦର ଟେରେସାଙ୍କ ଏକ ଉକ୍ତିକୁ ମନେପକାଇ କହିଥିଲେ, ଆପଣ କାହାକୁ କେତେ ଖାଇବାକୁ ଦେଉଛନ୍ତି, ତାହା ବଡ଼ ନୁହେଁ, ବରଂ କେଉଁଭଳି ଶ୍ରଦ୍ଧା ଏବଂ ପ୍ରେମରେ ଦେଉଛନ୍ତି ତାକୁ ବିଚାର କରିବା ଆବଶ୍ୟକ। ତେଣୁ ମଦର ଟେରେସାଙ୍କ ଉକ୍ତ କଥାକୁ ଆମେ କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା ଜାରି ରଖିଛୁ ବୋଲି ମହାନ୍ତି କହିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୯ ଅଗଷ୍ଟ, ୨୦୨୨



**ଦେଶୀ ମଦ ଜବତ, ୨ ଗିରଫ**

ଭୁବନେଶ୍ୱର,(ବ୍ୟୁରୋ): ବେଆଇନ ଭାବେ ଦେଶୀ ମଦ ବିକ୍ରି କରୁଥିବା ୨ ଅଭିଯୁକ୍ତଙ୍କୁ ଏୟାରପୋର୍ଟ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଉକ୍ତ ଥାନା ଅଧୀନ କେଳାସାହିରେ ରହୁଥିବା ପୁରୀର ସିଦ୍ଧେଶ୍ୱର ମହରଣା ଓ ଉତ୍ତରପ୍ରଦେଶର ବେଜେନ୍ଦ୍ର ଯାଦବ। ସେମାନଙ୍କଠାରୁ ୧୩ ପେଟିରେ ଥିବା ୩୨୫ଟି ଆସ୍କା-୪୦ ବୋତଲ ଜବତ କରାଯାଇଛି। ଏନେଇ ପୋଲିସ ପୃଥକ୍ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ବନ୍ଦ ଘରୁ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

ଭୁବନେଶ୍ୱର,୧୮।୮(ବ୍ୟୁରୋ)

ଖାରବେଳନଗର ଥାନା ଅନ୍ତର୍ଗତ ମଧୁସୂଦନ ନଗରସ୍ଥିତ ପ୍ଲଟ୍ ନଂ.୨୬ରେ ଥିବା ଏକ ବନ୍ଦ ଘରୁ ଗୁରୁବାର ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରିଛି ପୋଲିସ। ମୃତା ମହିଳା ହେଲେ ମିନୁଶ୍ରୀ ପ୍ରହରାଜ(୫୨)। ତାଙ୍କ ଶରୀରର ୫୦ ପ୍ରତିଶତ ପୋଡ଼ିଯାଇଛି। ଉକ୍ତ ଘରୁ ଅଳ୍ପ କିରୋସିନ ଥିବା ଏକ ପ୍ଲାଷ୍ଟିକ୍ ବୋତଲ ମିଳିଛି। ତେଣୁ ପାରିପାର୍ଶ୍ୱିକ ସ୍ଥିତରୁ ମିନୁଶ୍ରୀ କିରୋସିନ ଦ୍ୱାରା ପୋଡ଼ି ହୋଇ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଥିସହ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୩୨/୨୦୨୨) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିବା ସହ ପରିବାର ସଦସ୍ୟଙ୍କ ବୟାନ ରେକର୍ଡ କରିଛି। ଥାନାଧିକାରୀ ରଜନୀକାନ୍ତ ପ୍ରଧାନ କହିଛନ୍ତି, ମହିଳା ଜଣକ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

### ଅନ୍ୟଏକ ରୁମ୍‌ରେ ଶୋଇଥିଲେ

ମିନୁଶ୍ରୀଙ୍କ ସ୍ୱାମୀ ବିଷ୍ଣୁପ୍ରସାଦ ଏକ ମାର୍କେଟିଂ କମ୍ପାନୀରେ ଚାକିରି କରୁଛନ୍ତି। ସେମାନେ ଘରର ଉପର ମହଲାରେ ରୁହନ୍ତି। ବିବାହିତ ନଣନ୍ଦ ଓ ଶାଶୁ ତଳ ମହଲାରେ ରୁହନ୍ତି। ତାଙ୍କର ଏକମାତ୍ର ପୁଅ ପ୍ରଭାତ ୨୦୨୦ ନଭେମ୍ବରରୁ ଚନ୍ଦ୍ରଶେଖରପୁରସ୍ଥିତ ଏକ ନିଶା ନିବାରଣ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ବୁଧବାର ରାତିରେ ସ୍ୱାମୀଙ୍କ ରୁମ୍ ବଦଳରେ ମିନୁଶ୍ରୀ ଅନ୍ୟଏକ ରୁମ୍‌ରେ ଶୋଇଥିଲେ। ଏପଟେ ଗୁରୁବାର ଜନ୍ମାଷ୍ଟମୀ ପାଇଁ ଛୁଟି ଥିବାରୁ ବିଷ୍ଣୁପ୍ରସାଦ ଘରେ ଥିଲେ। ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ମିନୁଶ୍ରୀ କବାଟ ନ ଖୋଲିବାରୁ ସ୍ୱାମୀଙ୍କ ସନ୍ଦେହ ହୋଇଥିଲା। ସ୍ଥାନୀୟ କମିଟିଙ୍କ ପରାମର୍ଶକ୍ରମେ ସେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି କବାଟ ତାଡ଼ି ଭିତରେ ପଶିଥିଲା। ଉକ୍ତ ରୁମ୍‌ର ଆସବାବପତ୍ର ପୋଡ଼ିଯାଇଥିଲା। ମିନୁଶ୍ରୀ ପୋଡ଼ିହୋଇ ମୃତ ଅବସ୍ଥାରେ ତଳେ ପଡ଼ିଥିଲେ। କିଛି ସମୟ ପରେ ସାଇଣ୍ଟିଫିକ୍ ଟିମ ପହଞ୍ଚି ପୋଲିସ ଉପସ୍ଥିତିରେ ବିଭିନ୍ନ ନମୁନା ସଂଗ୍ରହ କରିଥିଲା।

### ଆତ୍ମହତ୍ୟା ସନ୍ଦେହ, ଘରୁ ମିଳିଲା କିରୋସିନ ବୋତଲ




ମଧୁସୂଦନ ନଗରସ୍ଥିତ ପ୍ଲଟ୍ ନଂ.୨୬ରେ ଥିବା ଘରୁ ମୃତଦେହ ଜବତ କରାଯାଉଛି।

### ପୁଅ ପାଇଁ ଚିନ୍ତିତ ଥିଲେ, ପୂର୍ବରୁ ଆତ୍ମହତ୍ୟା ଉଦ୍ୟମ କରିଥିଲେ

ମିନୁଶ୍ରୀ ତାଙ୍କ ଏକମାତ୍ର ପୁଅ ପାଇଁ ଚିନ୍ତିତ ରହୁଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି। ନିଶା ନିବାରଣ କେନ୍ଦ୍ରରେ ରହୁଥିବା ପୁଅ ପ୍ରଭାତଙ୍କ ଗାଲରେ ଇନ୍‌ଫେକ୍ସନ୍ ହୋଇଥିଲା। ତେଣୁ ଗତ ୫ଦିନ ତଳେ ତାଙ୍କ ଗାଲର ଅସ୍ତ୍ରୋପଚାର କରାଯାଇଥିଲା। ଏହାକୁ କ୍ୟାନ୍‌ସର ଭାବି ମା' ମିନୁଶ୍ରୀ ମାନସିକ ଭାବେ ଭାଙ୍ଗି ପଡ଼ିବା ସହ ଏଭଳି ଚରମ ନିଷ୍ପତ୍ତି ନେଇଥିବା ପୋଲିସ ଅନୁମାନ କରୁଛି। ଏପଟେ ଘରେ କୌଣସି ପାରିବାରିକ ଅଶାନ୍ତି ନ ଥିବା ସ୍ୱାମୀ ବିଷ୍ଣୁପ୍ରସାଦ କହିଛନ୍ତି। ପୁଣି ମିନୁଶ୍ରୀ ଅଢ଼େଇ ବର୍ଷ ତଳେ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିବା ପୋଲିସ ଜାଣିବାକୁ ପାଇଛି। ତେବେ ସେତେବେଳେ ମିନୁଶ୍ରୀ କାହିଁକି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ? ପାରିବାରିକ ଅଶାନ୍ତି ଆତ୍ମହତ୍ୟାର ଆଉଏକ କାରଣ ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି।

### କେମିତି ଜାଣି ପାରିଲେନି ସ୍ୱାମୀ, ପରିବାର ଲୋକେ?

ମିନୁଶ୍ରୀ ନିଆଁରେ ପୋଡ଼ି ହୋଇଗଲେ, ହେଲେ ପାଖ ରୁମ୍‌ରେ ଥିବା ସ୍ୱାମୀ କେମିତି ଜାଣିପାରିଲେ ନାହିଁ? ଶରୀରରେ ନିଆଁ ଲାଗିବାବେଳେ ମିନୁଶ୍ରୀ ନିଶ୍ଚିତ ଚିତ୍କାର କରିଥିବେ। ଏପରି କି ପୋଡ଼ା ଗନ୍ଧ ମଧ୍ୟ ହୋଇଥିବ। ଉକ୍ତ ରୁମ୍‌ର ସ୍କାଏ ଲାଇଟ୍ ଦେଇ ଧୂଆଁ ବାହାରକୁ ଆସିଥିବା ଦେଖିବାକୁ ମିଳିଛି। ଏହା ସତ୍ତ୍ୱେ ମଧ୍ୟ ସ୍ୱାମୀ ବିଷ୍ଣୁପ୍ରସାଦ କିମ୍ବା ତାଙ୍କ ପରିବାର ଲୋକେ ଦିନ ପ୍ରାୟ ୧୧ଟା ୩୦ ପର୍ଯ୍ୟନ୍ତ କିପରି ଜାଣିପାରିଲେ ନାହିଁ। ଏଭଳି ବିଭିନ୍ନ ଦିଗକୁ ନେଇ ଏକାଧିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ, ଯୁବକ ଗିରଫ

ଭୁବନେଶ୍ୱର,(ବ୍ୟୁରୋ)୧୮।୮: ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ନୂଆଗାଁରେ ରହୁଥିବା ବାଲେଶ୍ୱରର ସନ୍ତୋଷ ମଲ୍ଲିକ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସନ୍ତୋଷଙ୍କୁ ଗୁରୁବାର ଦିନ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୋଗକାରୀ ମହିଳାଜଣକ ନୂଆଗାଁରେ ରୁହନ୍ତି। ଅଭିଯୁକ୍ତ ସନ୍ତୋଷ ମଧ୍ୟ ଉକ୍ତ ଗାଁରେ ଭଡାରେ ରହି ଶ୍ରମିକ କାମ କରନ୍ତି। ବୁଧବାର ଦିନ ମହିଳା ଜଣକ ଘରେ ଏକାକି ଥିବାବେଳେ ସନ୍ତୋଷ ପହଞ୍ଚି ତାଙ୍କୁ ଟଣାଓଟରା କରିବା ସହ ଅସଦାଚରଣ କରିଥିଲେ। ମହିଳା ଜଣକ ଚିତ୍କାର କରିବାରୁ ସେ ଘଟଣାସ୍ଥଳରୁ ପଳାଇଥିଲେ। ପରେ ମହିଳା ଜଣକ ଘଟଣା ସମ୍ପର୍କରେ ସ୍ୱାମୀଙ୍କୁ ଜଣାଇବା ସହ ଭରତପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।

### କିଣିବା ବାହାନାରେ ମୋବାଇଲ ନେଇ ଛୁ

ଭୁବନେଶ୍ୱର,(ବ୍ୟୁରୋ)୧୮।୮: ଭଦ୍ର ଓ ସାଧାରଣ ଗ୍ରାହକଙ୍କ ଭଳି ମୋବାଇଲ କିଣିବାକୁ ଦୋକାନକୁ ଆସିଥିଲେ। ବିଭିନ୍ନ ପ୍ରକାର ମୋବାଇଲ ମଧ୍ୟ ଦେଖିଲେ। ହେଲେ ଦୋକାନୀଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ମୋବାଇଲ ଧରି ଛୁ' ମାରିଲେ ଲୁଟେରା। କ୍ୟାପିଟାଲ ଥାନା ଅନ୍ତର୍ଗତ ବାପୁଜୀ ନଗରରେ ଏହି ଘଟଣା ଘଟିଥିବାବେଳେ ଚୋରିର ସମସ୍ତ ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପାଖରେ ଜଣେ ବ୍ୟକ୍ତି ଛିଡ଼ା ହୋଇଥିବାବେଳେ ଦୁର୍ବୃତ୍ତଜଣକ ମୋବାଇଲ ଚୋରି କରି ଚମ୍ପଟ ମାରିଥିଲେ। ହେଲେ ସାଙ୍ଗରେ ଆଣିଥିବା ଛତାକୁ ଦୋକାନରେ ଛାଡ଼ି ଯାଇଥିଲେ। କିନ୍ତୁ ଯିବାର କିଛି ସମୟ ପରେ ପୁଣି ଦୋକାନକୁ ଆସି ନିଜ ଛତାକୁ ନେଇଥିଲେ ମଧ୍ୟ ସେତେବେଳକୁ ଦୋକାନୀ ଚୋରି ସମ୍ପର୍କରେ ଜାଣି ନ ଥିଲେ। ପରେ ମୋବାଇଲ୍ ନ ଥିବା ଦେଖିବା ପରେ ସନ୍ଦେହ କରି ସିସିଟିଭି ଫୁଟେଜ ଯାଞ୍ଚ କରିବାରୁ ଘଟଣା ଜଣାପଡ଼ିଥିଲା। ଏନେଇ ଦୋକାନ ମାଲିକ ସରୋଜ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିବା ସହ ଧରିବା ଲାଗି ଉଦ୍ୟମ ଜାରି ରଖିଛି।

### ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଦର୍ଶନ କଲେ ଭକ୍ତ

ବାଲିଅନ୍ତା,୧୮।୮(ଡି.ଏନ୍.ଏ.): ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ଗୁରୁବାର ସ୍ଥାନୀୟ ନିକୁଞ୍ଜ ବିହାରୀ ମନ୍ଦିରରେ ପାରମ୍ପରିକ ରୀତିନୀତିରେ ପାଳିତ ହୋଇଯାଇଛି। ପ୍ରାଚୀନ ମନ୍ଦିରରେ ପୂଜା ପାଉଥିବା ଶ୍ରୀକୃଷ୍ଣ ବିଗ୍ରହଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭୋର ୪ଟାରୁ ଦ୍ୱାର ଫିଟାଯାଇ କୃଷ୍ଣଙ୍କ ଜନ୍ମୋତ୍ସବ ନୀତି ଆରମ୍ଭ ହୋଇଥିଲା। ପରେ ମଙ୍ଗଳଆଳତି, ମଇଲମ, ତଡପଲାଗି, ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଭୋର ୫ଟାରୁ ସାଧାରଣ ଦର୍ଶନ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଧାଡ଼ିରେ ଆସି ଶାନ୍ତି ଶୃଙ୍ଖଳାର ସହ ଶ୍ରୀକୃଷ୍ଣଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ଭାବଭକ୍ତି ଧାରା ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡ ଏହାର ପରିଚାଳନା କରିଥିଲେ।

# ଖରାପ ପରିମଳ ପାଇଁ ୩ ଦୋକାନ ସିଲ୍

ଭୁବନେଶ୍ୱର, ୧୮।୮ (ବ୍ୟୁରୋ)

ଖରାପ ପରିମଳ ବ୍ୟବସ୍ଥା ପାଇଁ ଆଉ ୩ଟି ଦୋକାନକୁ ସିଲ୍ କରିଛି ବିଏମ୍‌ସି। ଭୁବନେଶ୍ୱରରେ ପରିମଳ ବ୍ୟବସ୍ଥା ଉପରେ ବିଏମ୍‌ସି ଗୁରୁତ୍ୱାରୋପ କରି ଆସୁଛି। ବିଶେଷକରି ନିଜ ଆଖପାଖ ଅଞ୍ଚଳକୁ ସଫା ରଖିବା ପାଇଁ ବ୍ୟବସାୟୀମାନଙ୍କୁ ତାଗିଦ୍ କରାଯାଉଛି। ଏଥିପାଇଁ ବିଏମ୍‌ସି ଟିମ୍ ପ୍ରତିଦିନ ସହରର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରୁଛନ୍ତି। ଗୁରୁବାର ମଧୁସୂଦନ ନଗରସ୍ଥିତ ଏକ ମଦ ଦୋକାନ, ହୋଟେଲ ନାଇନ୍‌ଥ୍ ଷ୍ଟ୍ରିଟ୍ ଏବଂ ନୟାପଲ୍ଲୀ ଏନ୍-୩ସ୍ଥିତ ହରମିତ୍‌ସ ଜିଞ୍ଜିବରକୁ ସିଲ୍ କରାଯାଇଛି। ସମସ୍ତ ଦୋକାନ ଆଖପାଖରେ ଅଳିଆ ଆବର୍ଜନା ଗଦା ହେବା ସହିତ ଅପରିଷ୍କାର ପରିବେଶରେ ବ୍ୟବସାୟ କରାଯାଉଥିଲା। ଅପରପକ୍ଷେ ହରମିତ୍‌ସ ଜିଞ୍ଜିବର ନିକଟରେ ଥିବା ଡ୍ରେନ୍‌ରେ ଆବର୍ଜନା ପକାଉଥିବାରୁ ତାହାକୁ ସିଲ୍ କରିବା ସହିତ ତାଗିଦ୍ କରାଯାଇଛି।



ବିଏମ୍‌ସି ପକ୍ଷରୁ ସିଲ୍ କରାଯାଉଥିବା ଦୋକାନ।

# ମହାବୀରଙ୍କ ପାଇଁ ମାଟି ଅନୁକୂଳ



ନୟାପଲ୍ଲୀ ନୂଆସାହି ମହାବୀର ପୂଜା କମିଟି ପକ୍ଷରୁ ମାଟି ଅନୁକୂଳ କରାଯାଉଛି।

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ଜନ୍ମାଷ୍ଟମୀ ତିଥିରେ ନୟାପଲ୍ଲୀ ନୂଆସାହି ମହାବୀର ପୂଜା କମିଟି ପକ୍ଷରୁ ଗୁରୁବାର ମହାବୀରଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ ହୋଇଛି। ନୟାପଲ୍ଲୀ ୱାର୍ଡ ନଂ.୩୯ ଅନ୍ତର୍ଗତ ନୂଆସାହିର ଶ୍ରୀଶ୍ରୀ ଆଖଣ୍ଡଳମଣି ସେବା ସଂସଦ ତଥା ମହାବୀର ପୂଜାମଣ୍ଡପ ପ୍ରାଙ୍ଗଣରେ ପ୍ରତିବର୍ଷ ଦଶହରା ପୂଜା ସମୟରେ ମହାବୀରଙ୍କ ପୂଜା ଅନୁଷ୍ଠିତ ହୋଇଥାଏ। ପୂଜା ମଣ୍ଡପରୁ କମିଟି ସଦସ୍ୟ ଏକାଠି ହୋଇ ବାଜା, ଘଣ୍ଟ ଓ ଶଙ୍ଖ ବଜାଇ ବିରାଟ ପଟୁଆରରେ ଖୁଆଖାଇ ନଦୀ ପଠାରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା କରି ମହାବୀରଙ୍କ ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ଅନୁକୂଳ କରାଯାଇଥିଲା। ନଦୀପଠାରୁ ମନ୍ଦିର ପର୍ଯ୍ୟନ୍ତ ଆସୁଥିବା ବାଟରେ ଥିବା ସମସ୍ତ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ଶାସ୍ତ୍ରୀନଗର, ନୂଆସାହି ଓ ବାଲିତୋଟା ସାହି ପରିକ୍ରମା କରି ଆଖଣ୍ଡଳମଣି ମନ୍ଦିରରେ ଉକ୍ତ ମାଟିକୁ ରଖାଯାଇଥିଲା। ମୂର୍ତ୍ତି ନିର୍ମାଣ ହେବା ପର୍ଯ୍ୟନ୍ତ ଏହି ମାଟିକୁ ମନ୍ଦିରରେ ରଖି ପୂଜାର୍ଚ୍ଚନା କରାଯିବ । ଚଳିତ ବର୍ଷ ପୂଜା ୪ଦିନ ସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ ଚାଲିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯିବ। ପ୍ରତ୍ୟେକ ବର୍ଷ ଭଳି ନୂଆପଲ୍ଲୀ ଭସାଣି ସମିତି ସହ ମିଳିତ ଭାବେ ଭସାଣି ଉତ୍ସବ କରାଯିବ ବୋଲି କମିଟିର କାର୍ଯ୍ୟକାରୀ ସଭାପତି ମିଳନ ପାଇକରାୟ ସୂଚନା ଦେଇଛନ୍ତି। ମାଟି ଅନୁକୂଳ କାର୍ଯ୍ୟକ୍ରମରେ କର୍ତ୍ତା ରମେଶ ଚନ୍ଦ୍ର ବେହେରା, ପୂଜା କମିଟି ସଭାପତି ବିବେକାନନ୍ଦ କର, ସାଧାରଣ ସମ୍ପାଦକ ଶୈଳେନ୍ଦ୍ର ପ୍ରସାଦ ରାୟ, ମନୋଜ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଜନ୍ମନେଲେ କୃଷ୍ଣ, ଉତ୍ସବ ପାଳିଲେ ରାଜଧାନୀବାସୀ




ଜନ୍ମାଷ୍ଟମୀ ଅବସରରେ ଗୁରୁବାର ଭୁବନେଶ୍ୱର ଇସ୍କନ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼।



ଇସ୍କନ ମନ୍ଦିରରେ ଜଣେ କୃଷ୍ଣବେଶଧାରୀ ଭକ୍ତ ପ୍ରଭୁ କୃଷ୍ଣଙ୍କୁ ଝୁଲଣାରେ ଝୁଲାଉଛନ୍ତି।

ଭୁବନେଶ୍ୱର,୧୮।୮(ବ୍ୟୁରୋ)

ଜନ୍ମାଷ୍ଟମୀରେ ଗୁରୁବାର ପ୍ରଭୁ ଶ୍ରୀକୃଷ୍ଣ ଧରାପୃଷ୍ଠକୁ ଅବତରଣ କରିଛନ୍ତି। ଏଥିପାଇଁ ଭୁବନେଶ୍ୱରର ଘର ଓ ମନ୍ଦିର ସବୁଠି ଉତ୍ସବମୁଖର ହୋଇଉଠିଛି। ରାଜଧାନୀବାସୀ ଉତ୍ସବ ପାଳିବା ସହ ଶ୍ରୀକୃଷ୍ଣଙ୍କୁ ପାଇ ଭାବବିହ୍ୱଳିତ ହୋଇଉଠିଛନ୍ତି। ଏଥିପାଇଁ ଇସ୍କନ ମନ୍ଦିର, ରାମ ମନ୍ଦିରରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଛି। ମନ୍ଦିରକୁ ସୁସଜ୍ଜିତ କରାଯିବା ସହ ସ୍ୱତନ୍ତ୍ର ପୂଜାନୀତି ଆରମ୍ଭ ହୋଇଛି। ସକାଳୁ ଭକ୍ତମାନେ ଧାଡ଼ିରେ ରହି ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ପୂଜା ପାଠ, ଭଜନ, କୀର୍ତ୍ତନରେ କମ୍ପି ଉଠିଥିଲା କୃଷ୍ଣ ମନ୍ଦିର। ଛୋଟ ପିଲାଙ୍କ କୃଷ୍ଣ ବେଶ ଚିତାକର୍ଷକ ଥିଲା। ନନ୍ଦଲାଲଙ୍କୁ ସୁସଜ୍ଜିତ ଝୁଲଣାରେ ଝୁଲାଇଥିଲେ ଭକ୍ତ। ଭକ୍ତଙ୍କ ଭିଡ଼ରେ ଭକ୍ତିମୟ ହୋଇ ଉଠିଥିଲା ପୂରା ପରିବେଶ। ଭକ୍ତଙ୍କ ସୁବିଧା ପାଇଁ ଦର୍ଶନ, ପ୍ରସାଦର ସମସ୍ତ ବନ୍ଦୋବସ୍ତ ସହ ବିଭିନ୍ନ ପ୍ରସ୍ତୁତି ଆରମ୍ଭ ହୋଇଥିଲା।

ଇସ୍କନ ମନ୍ଦିରରେ ସକାଳ ୭ଟା ୩୦ରେ ଦର୍ଶନ ଆଳତି ଓ ଗୁରୁ ପୂଜା ହୋଇଥିଲା। ସକାଳ ୮ରୁ ୨ଟା ଏବଂ ଅପରାହ୍ନ ୩ଟାରୁ ରାତି ୧୧ଟା ୩୦ ପର୍ଯ୍ୟନ୍ତ ଜନସାଧାରଣଙ୍କ ଦର୍ଶନ ସହ ଭଜନ, କୀର୍ତ୍ତନର ଆୟୋଜନ ହୋଇଥିଲା। କୃଷ୍ଣ ବେଶ ସହ ଚିତ୍ରକଳା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ୬ଟା ୩୦ରେ ସନ୍ଧ୍ୟା ଆଳତି କରାଯିବା ପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଶୁକ୍ରବାର ଓ ଶନିବାର ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ସେହିଭଳି ରାମ ମନ୍ଦିରରେ କୃଷ୍ଣଙ୍କ ଜନ୍ମ ଉତ୍ସବ ପାଳିତ ହୋଇଛି। ପ୍ରଭୁଙ୍କ ଆଳତି ପରେ ସକାଳ ୬ଟାରୁ ୭ଟା ପର୍ଯ୍ୟନ୍ତ ଶୃଙ୍ଗାର ବେଶ କରାଯାଇଥିଲା। ରାତି ୧୧ଟା ପରେ ପହଡ଼ ପଡ଼ି ଠାକୁରଙ୍କ ବେଶ ଓ ଅଭିଷେକ କରାଯାଇଥିଲା। ରାତି ୧୨ଟା ପରେ କୃଷ୍ଣଙ୍କ ଜନ୍ମ ଉତ୍ସବ ପାଳନ ହୋଇଥିଲା। ଶୁକ୍ରବାର ନନ୍ଦୋତ୍ସବ ପାଳନ କରାଯିବ।

# ଲିଙ୍ଗରାଜ ମନ୍ଦିରରେ ଜନ୍ମାଷ୍ଟମୀ

ପୁରୁଣା ଭୁବନେଶ୍ୱର,୧୮।୮(ଡି.ଏନ୍.ଏ.)

ଶ୍ରୀଲିଙ୍ଗରାଜ ମନ୍ଦିରରେ ଗୁରୁବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରାତଃରୁ ଆଳତି, ଅବକାଶ କରାଯାଇ ସାହାଣ ମେଲା ଦର୍ଶନ ହୋଇଥିଲା। ଦୈନିକ ନୀତି ଟେରାଫିଟା ପରେ ମନ୍ଦିରରୁ ଘଣ୍ଟ, କାହାଳି, ମଶାଲ ସୁଆର ସାହି ଅଭିମୁଖେ ଯାତ୍ରା କରିଥିଲେ। ସେଠାରୁ ବସୁଦେବ, ଉଗ୍ରେସନ ଏବଂ ବେଶଧାରୀ ସେବାୟତମାନେ ସେଠାରୁ ଲିଙ୍ଗରାଜ ମନ୍ଦିରକୁ ଶୋଭାଯାତ୍ରାରେ ଆସିଥିଲେ।



ତେବେ ମନ୍ଦିରରେ ପହଞ୍ଚିବା ବେଳକୁ ଶ୍ରୀଜୀଉଙ୍କର ସନ୍ଧ୍ୟାଧୂପ ନୀତି ହୋଇ ପହଡ଼ ପଡ଼ିଥିଲା। ଆଡ଼କାଠ ନିକଟରେ ଉକ୍ତ ବେଶଧାରୀ ସେବକମାନେ ପହଞ୍ଚିବା ପରେ ପହଡ଼ ଖୋଲିଥିଲା। ଶ୍ରୀଜୀଉଙ୍କ ଆଳତି ଦର୍ଶନ କରିଥିଲେ। ପରେ ଠାକୁରାଣୀଙ୍କ ସନ୍ଧ୍ୟାଧୂପ ନୀତି ସମ୍ପନ୍ନ ହୋଇଥିଲା। ଦକ୍ଷିଣ ଘରେ ସନ୍ଧ୍ୟାଧୂପ ସରିବା ପୂର୍ବରୁ ମୁରୁଜ ଉପରେ ପତ୍ରୀ ସେବକ ଶ୍ରୀକୃଷ୍ଣଙ୍କୁ ଆଣି ସ୍ଥାପନ କରିଥିଲେ। ପରେ ପତ୍ରୀ ସେବକ ଠା' କରିଥିଲେ। ପୂଜାପଣ୍ଡା ସେବକ ଷୋଡ଼ଶ ଉପଚାରରେ ଭୋଗ ନୈବେଦ୍ୟ ଅର୍ପଣ କରି ଆଳତି କରିଥିଲେ। ପରେ ମନ୍ଦିରକୁ ଅନ୍ଧକାର କରାଯାଇଥିଲା। ଶ୍ରୀକୃଷ୍ଣଙ୍କୁ ପିତ୍ତଳ ଡାଲାରେ ରଖି ମୁଣ୍ଡରେ ମୁଣ୍ଡାଇ ମନ୍ଦିରରେ ଥିବା ଗୁପ୍ତ ଗଙ୍ଗାକୁ ପାର କରି ନାଭିକଟା ମଣ୍ଡପକୁ ଆଣିଥିଲେ। ସେଠାରେ ଥିବା ଖଟୁଲି ଉପରେ ଶ୍ରୀକୃଷ୍ଣଙ୍କୁ ବିରାଜମାନ କରିଥିଲେ। ନାଭିକୁ କୁଶ ଦ୍ୱାରା କଟାଯିବା ପରେ ପାନ ପତରରେ ସେକା ଯାଇଥିଲା। ଶ୍ରୀଜୀଉଙ୍କୁ ସ୍ନାନ ପରେ ନୂତନ ବସ୍ତ୍ର ପରିଧାନ କରାଯାଇ ଭୋଗନୈବେଦ୍ୟ ଅର୍ପଣ କରାଯାଇଥିଲା।

# ପାଲିଙ୍କି ଶୋଭାଯାତ୍ରାରେ ଝୁଲିଲେ ଶ୍ରୀକୃଷ୍ଣ

ଭୁବନେଶ୍ୱର,୧୮।୮(ଡି.ଏନ୍.ଏ.)

ଗୌରାଙ୍ଗ ସେବା ଫାଉଣ୍ଡେଶନ ପକ୍ଷରୁ ଗୁରୁବାର ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପଟିଆସ୍ଥିତ କ୍ରିଷ୍ଟାଲ୍ କନଫରେନ୍ସ ହଲ୍‌ରେ ପାଳିତ ହୋଇଯାଇଛି। ଉତ୍ସବରେ ଭକ୍ତମାନେ ଭଜନ, କୀର୍ତ୍ତନ ସହ ନୃତ୍ୟ କରି ଗୋପାଳଙ୍କୁ ଏକ ପାଲିଙ୍କି ଶୋଭାଯାତ୍ରାରେ ନେଇଥିଲେ। ପାରମ୍ପରିକ ବୈଦିକ ମନ୍ତ୍ର ଜପରେ ଷୋଡ଼ଶ ଉପଚାରରେ କୃଷ୍ଣଙ୍କ ଅଭିଷେକ ହୋଇଥିଲା। ସୁଗନ୍ଧିତ ତେଲରେ ମାଲିସ କରି ପଞ୍ଚାମୃତ ସ୍ନାନ ପରେ ଫଳୋଦକ ସ୍ନାନ ଏବଂ ସମସ୍ତ ପବିତ୍ର ନଦୀରୁ ଆସିଥିବା ଜଳରେ ସ୍ନାନ କରାଯାଇଥିଲା। ସେହିପରି ଚନ୍ଦନ ଲାଗି ପରେ ଗଙ୍ଗାଜଳରେ ସ୍ନାନ କରାଯାଇଥିଲା। ବାଳ ଗୋପାଳ ଏବଂ ରାଧାକୃଷ୍ଣଙ୍କୁ ଅଳଙ୍କାର, ଫୁଲମାଳ ଏବଂ ତାଜା ସୁଗନ୍ଧିତ ଫୁଲରେ ସଜା ଯାଇଥିଲା। ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବରେ ଅନେକ ଭକ୍ତ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମରେ ନିୟୋଜିତ ହୋଇଥିଲେ। ଫାଉଣ୍ଡେଶନର ସ୍ୱେଚ୍ଛାସେବୀ, ଏଏଚ୍ଏଲ୍ ଫୋରମ୍ ଏବଂ ଗୀତା ଅଧ୍ୟୟନ ସର୍କଲ୍ ମାଧ୍ୟମରେ ସ୍କୁଲର ପିଲାମାନେ ସାଂସ୍କୃତିକ ନୃତ୍ୟ, ରଙ୍ଗୋଲି, ଗୀତା ଶ୍ଳୋକ, ଜପ ଇତ୍ୟାଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଛୋଟ ପିଲା ରାଧା ଏବଂ କୃଷ୍ଣ ବେଶ ଧାରଣ କରିଥିଲେ। ଭୌତିକ ସମସ୍ୟାର ଆଧ୍ୟାତ୍ମିକ ସମାଧାନ ଖୋଜିବା ଉପରେ ଯୁବକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି 'ଗୀତା ଜୀବନ' ଏକ ସେମିନାର ଅନୁଷ୍ଠିତ ହୋଇଥିଲା। ଭକ୍ତମାନେ ଝୁଲଣ ଉତ୍ସବ ସେବା ସମାରୋହରେ ଭାଗ ନେବାସହ ମହାପ୍ରସାଦ ସେବନ କରିଥିଲେ।



ଗୌରାଙ୍ଗ ସେବା ଫାଉଣ୍ଡେସନ ପକ୍ଷରୁ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା କରାଯାଉଛି।



ଜନ୍ମାଷ୍ଟମୀ ଅବସରରେ ୟୁନିଟ-୩ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜେଇ ହୋଇଛନ୍ତି।



ଭୁବନେଶ୍ୱର ରସୁଲଗଡ଼ ବାଲିଆପଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଜନ୍ମାଷ୍ଟମୀରେ ରାଧାକୃଷ୍ଣ ବେଶଧାରୀ ପିଲାଙ୍କୁ ପୂଜା କରାଯାଉଛି।

ଧରିତ୍ରୀ
DHARITRI
Bhubaneswar, Friday, August 19/2022

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** କ୍ରମାଗତ ୮ମ ଦିନ ଲାଗି ଷ୍ଟକ୍ ବଜାରର କାରବାର ନିବେଶକଙ୍କ ସପକ୍ଷରେ ରହିଛି। ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସରେ ଶେୟାର ବଜାରର ଫଳାଫଳ ନିବେଶକଙ୍କ ମଧ୍ୟରେ ଉତ୍ସାହ ଖେଳାଇ ଦେଇଛି। କାରଣ ଗତ କିଛିଦିନ ହେବ ଦଲାଲ ଷ୍ଟ୍ରିଟ୍‌ର କାରବାର ଉପର ତଳ ହେଉଥିଲେ ମଧ୍ୟ ବିଶେଷ କ୍ଷତି ଘଟୁନାହିଁ। ଫଳରେ ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ଶେୟାର ସୁଧାର ଦେଖିବାକୁ ମିଳିଛି। ଗୁରୁବାର ସେନ୍‌ସେକ୍ସ ୩୮ (୩୭.୮୭) ପଏଣ୍ଟ ବଢ଼ି ୬୦,୨୯୮ (୬୦,୨୯୮.୦୦) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ୍ୟ ୧୨ (୧୨.୨୫) ପଏଣ୍ଟ ବୃଦ୍ଧି ଘଟି ୧୭,୯୫୬ (୧୭,୯୫୬.୫୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।



# ୫ଜି ସ୍ପେକ୍ଟ୍ରମ ଦେୟ ପୈଠକଲେ ଟେଲିକମ୍ କମ୍ପାନୀ

## ପ୍ରଥମ କିସ୍ତିରେ ୧୭,୮୭୬ କୋଟି ଟଙ୍କା ପାଇଲେ ସରକାର

ନୂଆଦିଲ୍ଲୀ,୧୮।୮

ଦେଶବାସୀଙ୍କୁ ନୂତନ ଏବଂ ହାଇସ୍ପିଡ୍ ତରଙ୍ଗ ସେବା ଯୋଗାଇଦେବା ଲକ୍ଷ୍ୟରେ କେନ୍ଦ୍ର ସରକାର ନିକଟରେ ୫ଜି ସ୍ପେକ୍ଟ୍ରମ ନିଲାମ କାର୍ଯ୍ୟ ଟେଲିକମ୍ ମନ୍ତ୍ରଣାଳୟ ମାଧ୍ୟମରେ ଶେଷ କରିଥିଲେ। ଏପରିକି ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ସମୟସୀମା ପୂର୍ବରୁ ୫ଜି ସ୍ପେକ୍ଟ୍ରମ ଦେୟ ଘରୋଇ ଟେଲିକମ୍ କମ୍ପାନୀଗୁଡ଼ିକ ଗୁରୁବାର ପୈଠ କରିଥିବା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ବିଶେଷକରି ପ୍ରଥମ କିସ୍ତିରେ ୫ଜି ସ୍ପେକ୍ଟ୍ରମ ଦେୟ ବାବଦକୁ ସରକାର ପ୍ରାୟ ୧୭,୮୭୬ କୋଟି ଟଙ୍କା ପାଇଛନ୍ତି। ଅପରପକ୍ଷରେ ୫ଜି ସ୍ପେକ୍ଟ୍ରମ ବାବଦରେ ମୋଟ ଦେୟକୁ ରିଲାଏନ୍ସ ଜିଓ, ଭୋଡାଫୋନ ଆଇଡିଆ ୨୦ଟି କିସ୍ତିରେ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିବାବେଳେ ଭାରତୀ ଏୟାରଟେଲ ଏକାଥରକେ ୮୩୨୧.୪ କୋଟି ଟଙ୍କାର ଦେୟ ପ୍ରଦାନ କରି ଆସନ୍ତା ୪ ବର୍ଷର କିସ୍ତି ପ୍ରଦାନ କରିଥିବା ଜଣାପଡ଼ିଛି।

ସେହିଭଳି ପ୍ରଥମ କିସ୍ତିରେ ଜିଓ ୭୮୬୪.୭୮ କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ଭୋଡାଫୋନ-ଆଇଡିଆ ୧୬୭୯.୯୮ କୋଟି ଏବଂ ଆଦାନୀ ଡାଟା ନେଟ୍‌ୱାର୍କ ୧୮.୯୪ କୋଟି ଟଙ୍କାର ଦେୟ ଟେଲିକମ୍ ବିଭାଗ ନିକଟରେ ପୈଠ କରିଛି।

ଗତ ଅଗଷ୍ଟ ୧ରେ ୫ଜି ସ୍ପେକ୍ଟ୍ରମ ନିଲାମ ଶେଷ ହୋଇଥିଲା। ଏହି ନିଲାମରୁ ସରକାର ମୋଟ ୧ ଲକ୍ଷ ୫୦ ହଜାର ୧୭୩ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ନିଲାମର ପରବର୍ତ୍ତୀ ସମୟରେ ବିଭାଗ ପକ୍ଷରୁ ଅଗଷ୍ଟ ୧୬ ସୁଦ୍ଧା ସ୍ପେକ୍ଟ୍ରମ ଅର୍ଥ ପ୍ରଦାନ କରିବାକୁ ନିଲାମ ଜିତିଥିବା ୪




ଟେଲିକମ୍ କମ୍ପାନୀଙ୍କୁ ଚିଠି ଜରିଆରେ ଅବଗତ କରାଯାଇଥିଲା। ଟେଲିକମ ମନ୍ତ୍ରଣାଳୟର ଉକ୍ତ ଚିଠି ଅନୁସାରେ ତାରିଖ ପୂର୍ବରୁ ଘରୋଇ ଟେଲିକମ୍ କମ୍ପାନୀଗୁଡ଼ିକ ପ୍ରଥମ କିସ୍ତିର ଦେୟ ପ୍ରଦାନ କରିଛନ୍ତି। ୫-ଜି ସ୍ପେକ୍ଟ୍ରମ ନିଲାମରେ ଜିଓ, ଏୟାରଟେଲ, ଆଦାନୀ ଡାଟା ନେଟ୍‌ୱାର୍କ ବ୍ୟତୀତ ଭୋଡାଫୋନ ଆଇଡିଆ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏଥିରେ ଜିଓ ପ୍ରାୟ ୮୮ ହଜାର (୮୭,୯୪୬.୯୩) କୋଟି ଟଙ୍କାର ସ୍ପେକ୍ଟ୍ରମ ହାସଲ କରିଥିବା ବେଳେ ଭାରତୀ ଏୟାରଟେଲ ୪୩ ହଜାର (୪୩,୦୩୯.୬୩) କୋଟି ଟଙ୍କାରେ ମୋଟ ୧୯,୮୬୭.୮ ମେଗାହର୍ଜର ସ୍ପେକ୍ଟ୍ରମ କ୍ରୟ କରିଥିଲା। ସେହିପରି ଭୋଡାଫୋନ ୧୮,୭୮୬.୨୫ ଏବଂ ଆଦାନୀ ଡାଟା ନେଟ୍‌ୱାର୍କ ପ୍ରାୟ ୨୧୨ ( ୨୧୧.୮୬) କୋଟି ଟଙ୍କାରେ ୪୦୦ ମେଗାହର୍ଜର ସ୍ପେକ୍ଟ୍ରମ କିଣିଥିଲା।

### ସାରା ଦେଶରେ ୫ଜି ସେବାର ଶୁଭାରମ୍ଭ ପ୍ରସ୍ତୁତି କର: ମନ୍ତ୍ରୀ

ଭାରତରେ ୫ଜି ସେବାର ଶୁଭାରମ୍ଭ ପାଇଁ ପ୍ରସ୍ତୁତି କରିବା ଲାଗି ଗୁରୁବାର କେନ୍ଦ୍ର ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୫ଜି ନିଲାମୀ ହାସଲ କରିଥିବା ୪ ଟେଲିକମ୍ କମ୍ପାନୀ ବା ଟେଲି ଯୋଗାଯୋଗ ସେବା ପ୍ରଦାନକାରୀଙ୍କୁ କହିଛନ୍ତି। ଏଥିପାଇଁ ସ୍ପେକ୍ଟ୍ରମ୍ ଆସାଇନମେଣ୍ଟ ଲେଟର ମଧ୍ୟ ଜାରି ହୋଇସାରିଥିବା କଥା ମଧ୍ୟ ସେ ଟୁଇଟ୍ କରି କହିଛନ୍ତି। ଏପରିକି ଖୁବ୍‌ଶୀଘ୍ର ଦେଶରେ ୫ଜି ସେବା ପ୍ରଚଳନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ସ୍ୱାଧୀନତା ଦିବସ ପାଳନ ଅବସରରେ ଦେଶବାସୀଙ୍କୁ ଦେଇଥିବା ଉଦ୍‌ବୋଧନ ଅଭିଭାଷଣରେ ମଧ୍ୟ ମୋଦି ଏଭଳି କିଛି ଦେଶବାସୀଙ୍କୁ କହିଥିଲେ, ଆଶା କରାଯାଉଥିବା ସମୟ ପୂର୍ବରୁ ୫ଜି ସେବା ଭାରତରେ ଉପଲବ୍ଧ ହେବ। ଦେଶରେ ୪ଜି ବେଗ ଅପେକ୍ଷା ୫ଜିର ବେଗ ୧୦ଗୁଣା କ୍ଷିପ୍ର ହେବ ବୋଲି ମୋଦି ମତବ୍ୟକ୍ତ କରିଛନ୍ତି। ତେଣୁ ଔପଚାରିକ ଭାବେ ଦେଶରେ ୫ଜି ସେବା ଘୋଷଣା କରାଯିବା ଆଗରୁ ରିଲାଏନ୍ସ ଜିଓ' ଏବଂ 'ଭିଆଇ' ଭଳି ଟେଲିକମ୍ ଅପରେଟମାନେ ୫ଜି ସମ୍ବନ୍ଧୀୟ ଉତ୍ପାଦ ବିକଶିତ କରିବା ଲାଗି ଇଞ୍ଜିନିୟରମାନଙ୍କୁ ନିଯୁକ୍ତି ଦେବାକୁ ତତ୍ପର ହୋଇ ଉଠିଛନ୍ତି। ଚଳିତ ମାସର ଶେଷ ଆଡ଼କୁ ଔପଚାରିକ ଘୋଷଣା କରାଯିବା ପରେ 'ଏୟାରଟେଲ୍ ଓ ଜିଓ' ୫ଜି ସେବାର ପ୍ରଥମ ପର୍ଯ୍ୟାୟ ଆରମ୍ଭ କରିବେ ବୋଲି ଆଶା କରାଯାଉଛି।

# ଏଲ୍‌ଆଇସିର 'ଅଚଳ ପଲିସିର ପୁନରାରମ୍ଭ' ଅଭିଯାନ

ମୁମ୍ବାଇ,୧୮।୮

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ 'ଅଚଳ ପଲିସିର ପୁନରାରମ୍ଭ' ସମ୍ପର୍କରେ ଘୋଷଣା କରାଯାଇଛି। ଏଲ୍‌ଆଇସିର ବୀମା ହିତାଧିକାରୀମାନେ ଉକ୍ତ ଅଭିଯାନ ଜରିଆରେ ସେମାନଙ୍କର ଅଚଳ ହୋଇ ପଡିଥିବା ବୀମାଗୁଡିକର ପୁନଃ ଆରମ୍ଭ କରିପାରିବେ। ଏପରିକି ଅଚଳ ପିଲିସିଗୁଡିକୁ ପୁଣି ଥରେ ଚଳାଇବା ପାଇଁ ପଲିସିଧାରୀମାନେ ସକ୍ଷମ ହୋଇପାରିବେ। ଏହି ସ୍ୱତନ୍ତ୍ର ଅଭିଯାନ ଅଗଷ୍ଟ ୧୭ରୁ ଅକ୍ଟୋବର ୨୧ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ବିଶେଷକରି ଏହା ସମସ୍ତ ଅଣ ୟୁଲିପି ପଲିସିଗୁଡିକ ଲାଗି ଉଦ୍ଦିଷ୍ଟ ବୋଲି ନିଗମ ପକ୍ଷରୁ କୁହାଯାଇଛି। ସେହିଭଳି ଆକର୍ଷଣୀୟ ରିହାତି ସାଙ୍ଗକୁ ବିଳମ୍ବ ଦେୟ ଦେଇ ହିତାଧିକାରୀ ଉକ୍ତ ସୁବିଧାର ଲାଭ ଉଠାଇପାରିବେ। ସେହିପରି ଅଣ ୟୁଲିପି ପଲିସି ବାଦ୍ ବାକି ସମସ୍ତ ପଲିସି କ୍ଷେତ୍ରରେ ମଧ୍ୟ ଏହା ଉଦ୍ଦିଷ୍ଟ ସାଙ୍ଗକୁ ଦେୟ ଖିଲାପର ୫ ବର୍ଷ ମଧ୍ୟରେ ହୋଇଥିଲେ ତା'ର ପୁନଃ ପ୍ରଚଳନ କରାଯାଇପାରିବ। ଅପରପକ୍ଷରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରିମିୟମ ଗ୍ରହଣ କ୍ଷେତ୍ରରେ ରିହାତି ଲେଟ୍ ଫି ୨୫% ରହିଛି। ୧ଲକ୍ଷରୁ ୩ ଲକ୍ଷ ମଧ୍ୟରେ ପ୍ରିମିୟମ କ୍ଷେତ୍ରରେ ରିହାତି ଲେଟ୍ ଫି ୨୫% ଏବଂ ୩ ଲକ୍ଷରୁ ଅଧିକ ପ୍ରିମିୟମ କ୍ଷେତ୍ରରେ ୩୦% ରିହାତି ଲେଟ ଫି ବୀମାଧାରୀଙ୍କୁ ମିଳିବ ବୋଲି କୁହାଯାଇଛି। ଅଣୁ ବୀମା ପଲିସିଗୁଡିକ କ୍ଷେତ୍ରରେ ଲେଟ୍ ଫି ୧୦୦% ଛାଡ଼ କରାଯାଇଛି। ମେଡିକାଲ ଆବଶ୍ୟକତା କ୍ଷେତ୍ରରେ କୌଣସି ରିହାତି ଉପଲବ୍ଧ ହେବ ନାହିଁ। କୌଣସି କାରଣବଶତଃ ପ୍ରିମିୟମ ପ୍ରଦାନ କରିବାକୁ ସକ୍ଷମ ହୋଇ ନ ଥିବା ଏବଂ ପଲିସି ଲାପ୍‌ସ ହୋଇଯାଇଥିବା କ୍ଷେତ୍ରରେ ଏଭଳି ଏକ ଅଭିଯାନ ବୀମାଧାରୀଙ୍କ ପାଇଁ ଲାଭଦାୟକ ହେବ ବୋଲି ଏଲ୍‌ଆଇସି ପକ୍ଷରୁ କୁହାଯାଇଛି।

# ଆଇଡିଏଫ୍‌ସି ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ

ନୂଆଦିଲ୍ଲୀ,୧୮।୮

ଆଇଡିଏଫ୍‌ସି ମ୍ୟୁଚୁଆଲ୍ ଫଣ୍ଡ ପକ୍ଷରୁ ଆଇଡିଏଫ୍‌ସି ନିଫ୍ଟି ୨୦୦ ମୋମେଣ୍ଟମ୍ ୩୦ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ କରାଯାଇଛି। ଏହା ହେଉଛି ଏକ ଓପନ୍ ଏଣ୍ଡେଡ୍ ଇଣ୍ଡେକ୍ସ ସ୍କିମ୍, ଯେଉଁଥିରେ ନିଫ୍ଟିର ୩୦ଟି ଲାର୍ଜ କ୍ୟାପ୍ ଓ ମିଡ୍ କ୍ୟାପ୍ ଫଣ୍ଡ ରହିଛି। ଏହି ନୂଆ ଫଣ୍ଡ ଅଫର ୨୦୨୨ ଅଗଷ୍ଟ ୧୯ ରୁ ୨୬ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଲାଇସେନ୍ସପ୍ରାପ୍ତ ମ୍ୟୁଚୁଆଲ୍ ଫଣ୍ଡ ବିତରକ, ପରାମର୍ଶଦାତା ଓ ଅନ୍‌ଲାଇନ ପ୍ଲାଟ୍‌ଫର୍ମ ଏବଂ ସିଧାସଳଖ ଭାବେ ଆଇଡିଏଫ୍‌ସି ଏମ୍‌ଏଫ୍‌ର ୱେବ୍‌ସାଇଟ୍ ଜରିଆରେ ଏଥିରେ ନିବେଶ କରିହେବ। ଏ ସମ୍ପର୍କରେ ଆଇଡିଏଫ୍‌ସି ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଗତ କିଛି ବର୍ଷ ଧରି ମୋମେଣ୍ଟମ୍ ନିବେଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରଣନୀତିରେ ପରିଣତ ହୋଇପାରିଛି।

# ଓଲା ପକ୍ଷରୁ 'ଫ୍ରିଡମ୍ ଏଡିଶନ'ର ଶୁଭାରମ୍ଭ

ନୂଆଦିଲ୍ଲୀ,୧୮।୮

ଦେଶର ପ୍ରମୁଖ ଇଲେକ୍ଟ୍ରିକ୍ ଭେହିକିଲ୍ କମ୍ପାନୀ ଓଲା ଇଲେକ୍ଟ୍ରିକ୍ ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂଆ ଓଲା ଏସ୍୧ ସ୍କୁଟରର ଶୁଭାରମ୍ଭ କରାଯାଇଛି । ସେହିଭଳି ଓଲା ଏସ୍୧ ପ୍ରୋରେ ଖାକି ଗ୍ରୀନ୍ କଲରରେ 'ଫ୍ରିଡମ୍ ଏଡିଶନ'ର ମଧ୍ୟ ଉନ୍ମୋଚନ କରାଯାଇଛି। ଏହା ନିଜ ବର୍ଗରେ ସବୁଠାରୁ ଆଡ୍‌ଭାନ୍ସଡ୍ ସ୍କୁଟର। ପୋର୍ସେଲେନ୍ ହ୍ୱାଇଟ୍, ଜେଟ୍ ବ୍ଲାକ୍, ନିଓ ମିଣ୍ଟ, କୋରାଲ ଗ୍ଲାମ୍ ଓ ଲିକ୍ୱିଡ୍ ସିଲ୍‌ଭର ରଙ୍ଗରେ ଉପଲବ୍ଧ ଏସ୍୧କୁ ୯୯,୯୯୯ ଟଙ୍କାର ଏକ ପ୍ରାରମ୍ଭିକ ମୂଲ୍ୟରେ ଶୁଭାରମ୍ଭ କରାଯାଇଛି। ଏହି 'ଫ୍ରିଡମ୍ ଏଡିଶନ'କୁ ଓଲା ଆପ୍‌ର ବ୍ୟବହାର କରି କ୍ରୟ କରାଯାଇପାରିବ। ଏକ ୩କେଡବ୍ଲ୍ୟୁଏଚ୍ ଲିଥିୟମ-ଆୟନ ବ୍ୟାଟେରି ପ୍ୟାକ୍‌ରେ ସୁସଜ୍ଜିତ ଓଲା ଏସ୍୧ ୧୩୧ କିଲୋମିଟରର



ଏକ ଏଆର୍‌ଏଆଇ ସାର୍ଟିଫାଏଡ୍ ରେଞ୍ଜ୍ ହାସଲ କରିଛି। ନୂଆ ଓଲା ଏସ୍‌ର ପ୍ରାରମ୍ଭିକ ରିଜର୍ଭେଶନ ଆଜିଠାରୁ ୪୯୯ ଟଙ୍କାରେ ଆରମ୍ଭ ହୋଇଛି। ଆଶାୟୀ ଗ୍ରାହକମାନେ ଆସନ୍ତା ସେପ୍ଟେମ୍ବର ୧ରେ ମୋଟ ପେମେଣ୍ଟ ପଇଠ କରିବାକୁ ସକ୍ଷମ ହେବେ ଏବଂ ଅନ୍ୟ ଗ୍ରାହକମାନଙ୍କ ପାଇଁ ଫୁଲ୍ ପେମେଣ୍ଟ ୱିଣ୍ଡୋ ଆସନ୍ତା ସେପ୍ଟେମ୍ବର ୨ରୁ ଖୋଲା ରହିବ। ୨୯୯୯ଟଙ୍କାରୁ ଆରମ୍ଭ ହେଉଥିବା ଇଏମ୍‌ଆଇ ଏବଂ ଋଣ ପ୍ରକ୍ରିୟାକରଣ ଶୁଳ୍କ ଛାଡ଼ ସହିତ ଓଲା ଏସ୍୧ ଗ୍ରାହକମାନେ ଏବେ ନିଜର ବହୁ ପ୍ରତୀକ୍ଷିତ ଇଭିକୁ ସହଜରେ ହାସଲ କରିପାରିବେ। ଓଲା ଏସ୍୧ ପାଇଁ ଡୋର୍‌ଷ୍ଟେପ୍ ଡେଲିଭରି ସର୍ବଭାରତୀୟ ସ୍ତରରେ ଆସନ୍ତା ସେପ୍ଟେମ୍ବର ୭ ତାରିଖରୁ ଆରମ୍ଭ ହେବ।

# ଜୁଲାଇରେ ୭.୬% କମ୍ ଯାତ୍ରୀ ପରିବହନ

**ନୂଆଦିଲ୍ଲୀ,୧୮।୮:** ଚଳିତ ବର୍ଷ ଜୁଲାଇରେ ୯୭ ଲକ୍ଷରୁ ଅଧିକ ଘରୋଇ ଯାତ୍ରୀ ବିମାନରେ ଯାତ୍ରା କରିଥିଲେ। ହେଲେ ଗତ ଜୁନ୍‌ରେ ଯାତ୍ରା କରିଥିବା ୧.୦୫ କୋଟି ତୁଳନାରେ ୭.୬ %କମ୍ ବୋଲି ଗୁରୁବାର ବେସାମରିକ ବିମାନ ଚଳାଚଳ ନିୟନ୍ତ୍ରକ (ଡିଜିସିଏ) ପକ୍ଷରୁ କୁହାଯାଇଛି। ୨୦୨୨ର ଜାନୁୟାରୀରୁ ଜୁଲାଇ ଅବଧି ମଧ୍ୟରେ ଘରୋଇ ବିମାନରେ ୬.୬୯ କୋଟି ଲୋକ ଯାତ୍ରା କରିଥିବା ଜଣାପଡ଼ିଛି। ଏପରିକି ଇଣ୍ଡିଗୋ-ଭାରତର ବୃହତ୍ତମ ପରିବହନକାରୀ ଭାବେ ଜୁଲାଇରେ ୫୭.୧୧ଲକ୍ଷ ଯାତ୍ରୀ ପରିବହନ କରିଥିଲା,ଯାହା ଘରୋଇ ବଜାରର ପ୍ରାୟ ୫୮.୮ % ଅଂଶ ରହିଛି। ସେହିଭଳି ଡିଜିସିଏର ତଥ୍ୟ ଅନୁଯାୟୀ ଜୁଲାଇରେ ଭିଷ୍ଟାରା ୧୦.୧୩ ଲକ୍ଷ ଯାତ୍ରୀ ଏବଂ ଏୟାର ଇଣ୍ଡିଆ ୮.୧୪ ଲକ୍ଷ ଯାତ୍ରୀ ସେବା ପ୍ରଦାନ କରିଛନ୍ତି।

# ଆଇସିଜି ସହ ଆକ୍ସିସ୍ ବ୍ୟାଙ୍କର ଏମ୍‌ଓୟୁ ସ୍ୱାକ୍ଷରିତ




ନୂଆଦିଲ୍ଲୀ,୧୮।୮

ଆକ୍ସିସ୍ ବ୍ୟାଙ୍କର 'ପାୱାର ସାଲ୍ୟୁଟ' ଅଭିଯାନ ଅଧୀନରେ ଶ୍ରେଷ୍ଠ ଶ୍ରେଣୀର ସୁବିଧା ଓ ବୈଶିଷ୍ଟ୍ୟ ଥିବା ପ୍ରତିରକ୍ଷା ସେବା ବେତନ ପ୍ୟାକେଜ୍ ପ୍ରଦାନ କରିବା ଲାଗି ନିକଟରେ ଇଣ୍ଡିଆନ୍ କୋଷ୍ଟ ଗାର୍ଡ (ଆଇସିଜି) ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ତଟରକ୍ଷୀ ବାହିନୀର ଡେପୁଟି ଇନ୍ସପେକ୍ଟର୍ ଜେନେରାଲ କାଜଲ୍ ରାଏ, ପ୍ରିନ୍ସିପାଲ୍ ଡାଇରେକ୍ଟର୍ (ପ୍ରଶାସନ) ଓ ଅତିରିକ୍ତ ଡାଇରେକ୍ଟର୍ ଜେନେରାଲ ରାକେଶ ପାଲଙ୍କ ସମେତ ଆକ୍ସିସ୍ ବ୍ୟାଙ୍କ୍‌ର କାର୍ଯ୍ୟନିର୍ବାହୀ ଉପସଭାପତି ମିସ୍ ତନୁ ମାଲ୍‌ହୋତ୍ରା ଏବଂ ନ୍ୟାଶନାଲ୍ ଆକାଉଣ୍ଟସ୍ ହେଡ୍ ଲ୍ୟୁଟ୍‌ନାଣ୍ଟ କଲୋନେଲ ଏମ୍. କେ. ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ଫୁରସତ

# ନୀରବରେ କହିଦିଏ ବହୁ କଥା

## ବିଶ୍ୱ ଫଟୋଗ୍ରାଫି ଦିବସ

ସାଧାରଣ ମୁହୂର୍ତ୍ତକୁ ଅମୂଲ୍ୟ କରିଦିଏ ଫଟୋ। ପ୍ରିୟ ସ୍ମୃତିକୁ ଉଜାଗର କରେ, ଏକଲାପଣରେ ବି ଆନନ୍ଦ ଆଣିଦିଏ। ନୀରବ ରହି ବି ବିନା କୌଣସି ଭାଷାରେ କହିଥାଏ ଅନେକ କଥା। ଏସବୁକୁ କ୍ୟାମେରା ଲେନ୍ସରେ କଏଦ କରିଥାନ୍ତି ଫଟୋଗ୍ରାଫର। ଫଟୋରେ ବିଶେଷ ମୁହୂର୍ତ୍ତକୁ ତୋଳି ଧରୁଥିବା ସେହି ବ୍ୟକ୍ତିଙ୍କ ପାଇଁ ଉତ୍ସର୍ଗୀକୃତ ଦିନ ଅଗଷ୍ଟ ୧୯କୁ ବିଶ୍ୱ ଫଟୋଗ୍ରାଫି ଦିବସ ଭାବେ ପାଳନ କରାଯାଏ। ସାରା ବିଶ୍ୱରୁ ଫଟୋଗ୍ରାଫରମାନଙ୍କ ପାଇଁ ଆସିଥାଏ ପ୍ରୋତ୍ସାହନର ବାର୍ତ୍ତା। ଏହି ଦିନ ଆମ ଜୀବନରେ କ୍ୟାମେରା ଏବଂ ଫଟୋଗ୍ରାଫିର ଗୁରୁତ୍ୱକୁ ସ୍ମରଣ କରିଥାଏ। ଏହି ଅବସରରେ ଚିତ୍ର ଉତ୍ତୋଳନ କରିବାର କଳା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥାଏ। ଦେଖିବାକୁ ଗଲେ ଫଟୋଗ୍ରାଫି ଆମ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ। ସେଲ୍‌ଫି ନେବାଠାରୁ ଆରମ୍ଭ କରି ଯୁଦ୍ଧ ତଥା ମାନବିକ ଅଧିକାରର ଉଲ୍ଲଂଘନ ପର୍ଯ୍ୟନ୍ତ ଲୋକମାନେ ବିଭିନ୍ନ ଘଟଣାବଳୀର ଫଟୋ ଉଠାଇଥାନ୍ତି। ଏବେ ଫଟୋଗ୍ରାଫି କଳା ସହ ପ୍ୟାଶନରେ ପରିଣତ ହୋଇଛି।




ବିଶ୍ୱ ଫଟୋଗ୍ରାଫି ଦିବସ ୧୮୩୭ ମସିହାରୁ ଆରମ୍ଭ ହୋଇଥିଲା। ଫ୍ରାନ୍ସରେ ଜୋସେଫ ନିକେଫୋର ନିପ୍‌ସେ ଏବଂ ଲୁଇ ଡାଗୁରେ ପ୍ରଥମ ଫଟୋଗ୍ରାଫିକ୍ ପ୍ରକ୍ରିୟା ଡାଗୁରେରୋଟାଇପ ଉଦ୍ଭାବନ କରିଥିଲେ। ୧୮୬୧ ମସିହାରେ ପ୍ରଥମ ସ୍ଥାୟୀ ରଙ୍ଗିନ ଫଟୋଗ୍ରାଫ ଉତ୍ତୋଳିତ ହୋଇଥିଲା। ସେବେଠାରୁ ଫଟୋଗ୍ରାଫିର ମାଧ୍ୟମ ବିକଶିତ ହେଲା। ପ୍ରଥମ ଡିଜିଟାଲ ଫଟୋଗ୍ରାଫ ୧୯୫୭ ମସିହାରେ, ଡିଜିଟାଲ କ୍ୟାମେରା ଉଦ୍ଭାବନ ହେବାର ଦୁଇ ଦଶନ୍ଧି ପୂର୍ବରୁ ସୃଷ୍ଟି କରାଯାଇଥିଲା। ଫ୍ରେଞ୍ଚ ଏକାଡେମୀ ଅଫ ସାଇନ୍ସ ଆନୁଷ୍ଠାନିକ ଭାବରେ ୧୮୩୯ ମସିହାରେ ଡାଗୁରେରୋଟାଇପ ଉଦ୍ଭାବନକୁ ଜନସାଧାରଣଙ୍କ ନିକଟରେ ଘୋଷଣା କଲା। ୧୯ ଅଗଷ୍ଟ ୧୮୩୯ରେ ଫ୍ରାନ୍ସ ସରକାର ଏହି ଉପକରଣ ପାଇଁ ପେଟେଣ୍ଟ କରିଥିଲେ। ପରେ ଏହି ଦିନଟି ବିଶ୍ୱ ଫଟୋଗ୍ରାଫି ଦିବସ ଭାବରେ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ ହୋଇଥିଲା। ବିଶ୍ୱ ଫଟୋଗ୍ରାଫି ଦିବସକୁ କଳା, ହସ୍ତଶିଳ୍ପ ଏବଂ ଫଟୋଗ୍ରାଫି ପ୍ରତି ଉତ୍ସାହ ଦିବସ ଭାବେ ପାଳନ କରାଯାଇଥାଏ। ଐତିହାସିକ ଘଟଣାଗୁଡ଼ିକର ଡକ୍ୟୁମେଣ୍ଟେଶନଠାରୁ ଆରମ୍ଭ କରି ବ୍ୟକ୍ତିଗତ ଆବଶ୍ୟକତା ପୂରଣ ପର୍ଯ୍ୟନ୍ତ ମାଧ୍ୟମ କିପରି ବିକଶିତ ହୋଇଛି ତାହାକୁ ସ୍ମରଣ କରିବା ପାଇଁ ଏହି ଦିବସ ପାଳନ କରାଯାଇଥାଏ।

# ସୁରଜଙ୍କ ଅଡୁଆ ବଢ଼ିଲା



ସୁରଜ ପାଞ୍ଚୋଲି

**ମୁମ୍ବାଇ:** ବଲିଉଡ୍‌ର ଦିବଂଗତା ଅଭିନେତ୍ରୀ ଜିଆ ଖାନ୍‌ଙ୍କ ମା' ରାବିଆ ଖାନ୍ ଅଭିନେତା ସୁରଜ ପାଞ୍ଚୋଲିଙ୍କ ବିରୋଧରେ ମୁମ୍ବାଇ କୋର୍ଟରେ ତାଙ୍କ ବୟାନ ରେକର୍ଡ କରିଛନ୍ତି। ଆଦିତ୍ୟ ପଞ୍ଚୋଲି ଏବଂ ଜରିନା ୱାହାବଙ୍କ ପୁଅ ସୁରଜ ତାଙ୍କ ପ୍ରେମିକା ଜିଆଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ଦୋହରାଇଛନ୍ତି ରାବିଆ। ରାବିଆ କହିଛନ୍ତି, ଜିଆ ଏବଂ ସୁରଜ ସୋସିଆଲ ମିଡିଆରେ ବନ୍ଧୁ ହୋଇଥିଲେ। ପରେ ୨୦୧୨ ଅକ୍ଟୋବର ସୁଦ୍ଧା ଦୁହେଁ ଲିଭ୍-ଇନ୍ ରହିବା ଆରମ୍ଭ କରିଥିଲେ। କିନ୍ତୁ ଦୁହିଁଙ୍କ ମଧ୍ୟରେ କୌଣସି କାରଣ ନେଇ ଝଗଡା ସହ ମାର୍‌ପିଟ୍ ମଧ୍ୟ ହୋଇଥିଲା। ଏହି ଝଗଡା ବିଷୟରେ ଜିଆଙ୍କ ମା' ରାବିଆ ଜାଣିବାକୁ ପାଇଥିଲେ। ଏହାପରେ ଜିଆ ସୁରଜଙ୍କୁ ଆଉ ଏକ ସୁଯୋଗ ଦେଇଥିଲେ। ହେଲେ ସୁରଜଙ୍କ ଭିତରେ କୌଣସି ପରିବର୍ତ୍ତନ ଦେଖାଦେଇ ନ ଥିଲା। ସୁରଜ ଜିଆଙ୍କୁ ତାଙ୍କ ସାଙ୍ଗମାନଙ୍କ ସହ ଜାଣିଶୁଣି ଭେଟ କରାଉଥିଲେ। ଏଥିସହ ସେ ଅନ୍ୟ ଝିଅଙ୍କ ସହ ଫ୍ଲର୍ଟିଂ କରୁଥିଲେ। ଏପରିକି ଜିଆଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ରାବିଆ କୋର୍ଟରେ ଅଭିଯୋଗ ଆଣିଛନ୍ତି। ୨୦୧୩ରେ ଅଭିନେତ୍ରୀ ଜିଆ ନିଜ ଘରେ ଦଉଡି ଦେଇ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ପାଇଁ ସୁରଜ ଜିଆଙ୍କୁ ବାଧ୍ୟ କରିଥିବା ମଧ୍ୟ ରାବିଆ କହିଛନ୍ତି। ପୂର୍ବରୁ ଅଭିନେତା ସୁରଜଙ୍କ ବିରୋଧରେ ଏନେଇ ମାମଲା ରୁଜୁ ହୋଇଛି। ସିବିଆଇ ଏହି ଘଟଣାର ତଦନ୍ତ କରୁଛି। ମାମଲାରେ ସୁରଜ ଏବେ ଜାମିନରେ ଅଛନ୍ତି। ସୁରଜଙ୍କୁ ୨୦୨୧ରେ ଶେଷଥର ପାଇଁ ଫିଲ୍ମ 'ଟାଇମ୍ ଟୁ ଡ୍ୟାନ୍ସ'ରେ ଦେଖିବାକୁ ମିଳିଥିଲା। ତାଙ୍କ ଆଗାମୀ ଫିଲ୍ମ 'ହୱା ସିଂ' ଅକ୍ଟୋବର ୮ରେ ରିଲିଜ୍ ହେବାକୁ ଯାଉଛି।

# ଚୋରି ଏୟାରପଡ୍ ଫେରିପାଇବା ପାଇଁ ୨.୨ ଲକ୍ଷ ଖର୍ଚ୍ଚ



**ଲଣ୍ଡନ:** ଲୋକେ ନିଜର ଅତି ପ୍ରିୟ ଜିନିଷକୁ ଯତ୍ନ ସହକାରେ ରଖନ୍ତି। ହେଲେ ହଜିଯାଇଥିବା କିମ୍ବା ଚୋରି ହୋଇଥିବା ଜିନିଷକୁ ପାଇବା ପାଇଁ ଜଣେ ନିଜର ସବୁକିଛି ଲଗାଇଦେବା ଘଟଣା ବିରଳ। ବ୍ରିଟେନ୍‌ରୁ ଏପରି ଏକ ରୋଚକ ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବକ ତାଙ୍କର ଚୋରି ହୋଇଥିବା ଏୟାରପଡ୍‌କୁ ପାଇବା ପାଇଁ ୨.୨ ଲକ୍ଷ ଖର୍ଚ୍ଚ କରିବା ସହ ୭ ହଜାର କି.ମି. ଯାତ୍ରା କରିଛନ୍ତି। ଏଥିପାଇଁ ତାଙ୍କୁ ୫ ମାସ ସମୟ ଲାଗିଥିଲା। ବ୍ରିଟେନ୍‌ର ମାଞ୍ଚେଷ୍ଟରରେ ରହୁଥିବା ୩୧ ବର୍ଷୀୟ ଲେୱିସ୍ ଏଲିସ୍ ୫ ମାସ ତଳେ ବ୍ୟାଙ୍କକ୍‌ରୁ ଦୋହା ଯାତ୍ରା କରୁଥିଲେ। ଦୋହାରେ ବିମାନରୁ ଓହ୍ଲାଇବା ପରେ ସେ ଏୟାରପଡ୍‌କୁ ଖୋଜି ପାଇ ନ ଥିଲେ। ଘରକୁ ଫେରି ସେ ତାଙ୍କ ଏୟାରପଡ୍‌ର ସ୍ଥିତି ଜାଣିବାକୁ ଚେଷ୍ଟା କରିଥିଲେ। ଏୟାରପଡ୍‌ଟି କୌଣସି ସ୍ଥାନରେ ମୁଭିଂ ହେଉଥିବା ସେ ଜାଣିବାକୁ ପାଇଥିଲେ। ଏୟାରପଡ୍‌କୁ ପାଇବା ପାଇଁ ଲେୱିସ୍ ଟ୍ରେସର ହଷ୍ଟ ମାଧ୍ୟମରେ ଖୋଜିବା ଆରମ୍ଭ କରିଦେଇଥିଲେ। ସେ କାତାରରୁ ନେପାଳର କାଠମାଣ୍ଡୁ ପରେ ଥାଇଲାଣ୍ଡ ଯାଇଥିଲେ। ଏୟାରପଡ୍‌କୁ ଟ୍ରାକ୍ କରି ସେ ଦୋହାର ଏକ ହୋଟେଲରେ ପହଞ୍ଚିଥିଲେ। ସେଠାରେ ଏୟାରପଡ୍‌କୁ ତାଙ୍କ ମୋବାଇଲ ସହ ଯୋଡ଼ିବାକୁ ଚେଷ୍ଟା କରିଥିଲେ। ଏୟାରପଡ୍‌ଟି ତାଙ୍କ ମୋବାଇଲ ସହ ଯୋଡ଼ି ହୋଇଥିଲା। ସେହି ହୋଟେଲ୍‌ର ଏକ ରୁମ୍‌ରେ ରହୁଥିବା ଜଣେ ବ୍ୟକ୍ତିଙ୍କଠାରୁ ତାଙ୍କ ଏୟାରପଡ୍ ଆଣିବାରେ ସଫଳ ହୋଇଥିଲେ।

# ପ୍ରେମିକାଙ୍କ ବ୍ୟାଗ୍‌ରେ ପରିସ୍ରା କଲେ

## ଝଗଡ଼ା କରି ଦଣ୍ଡ ଗଣିବେ ୯୦ ହଜାର



**ସିଓଲ:** ପୂର୍ବତନ ପ୍ରେମିକାଙ୍କ ସହ ଝଗଡ଼ା କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଯୁକ୍ତିତର୍କବେଳେ ଯୁବତୀଙ୍କ ଦାମୀ ବ୍ୟାଗ୍‌ରେ ପରିସ୍ରା କରିଦେବାରୁ ଦକ୍ଷିଣ କୋରିଆର ଏକ ଦେୱାନୀ ଅଦାଲତ ଯୁବକଙ୍କ ଉପରେ ୧.୫ ନିୟୁତ ଓନ୍ ବା ୯୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ପ୍ରେମିକା ଜଣକ ଅତ୍ୟଧିକ ଖର୍ଚ୍ଚ କରୁଥିବାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ଗତ ଅକ୍ଟୋବରରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ଯୁବକ ଜଣକ ପ୍ରେମିକାଙ୍କ ସମ୍ମୁଖରେ ତାଙ୍କ ଡିଜାଇନର ଭ୍ୟାନିଟି ବ୍ୟାଗ୍‌ରେ ପରିସ୍ରା କରିଦେଇଥିଲେ। ଏ ନେଇ ପ୍ରେମିକା ଥାନାରେ ଏତଲା ଦେଇଥିଲେ। ହେଲେ ଯୁବକ ଜଣକ ଦୋଷ ନ ମାନିବାରୁ ବ୍ୟାଗ୍‌ରେ ଲାଗିଥିବା ପରିସ୍ରା ନମୁନାକୁ ଫୋରେନ୍ସିକ୍ ଟିମ୍ ଯାଞ୍ଚ କରିଥିଲା। ଡିଏନ୍‌ଏ ଟେଷ୍ଟ ରିପୋର୍ଟ ଯୁବକଙ୍କ ସହ ମିଶିଥିଲା। ଫଳରେ ଯୁବତୀ ଜଣକ ଏ ବାବଦ କ୍ଷତିପୂରଣ ଦାବି କରିଥିଲେ। ପରେ କୋର୍ଟ ଯୁବକଙ୍କୁ ୯୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଆଲିଙ୍ଗନ କରି ମହିଳାଙ୍କ ହାଡ଼ ଭାଙ୍ଗିଦେଲେ

**ବେଜିଂ:** ଚାଇନାର ଏକ କମ୍ପାନୀରେ କାର୍ଯ୍ୟରତ ଜଣେ ମହିଳାଙ୍କୁ ଆଲିଙ୍ଗନ କରିବା ତାଙ୍କ ସହକର୍ମୀଙ୍କୁ ମହଙ୍ଗା ପଡ଼ିଛି। ଯୁବକ ଜଣକ ମହିଳାଙ୍କୁ ଜୋର୍‌ରେ ଜାବୁଡ଼ି ଧରିବା ଫଳରେ ତାଙ୍କ କଙ୍କାଳର ୩ଟି ହାଡ଼ ଭାଙ୍ଗିଯାଇଥିଲା। ଏହାକୁ ନେଇ ସମ୍ପୃକ୍ତା ମହିଳା କୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ଯୁବକ ଜଣଙ୍କୁ ୧୫ ଶହ ଡଲାର (ପ୍ରାୟ ୧ ଲକ୍ଷ ୨୦ ହଜାର ଟଙ୍କା) ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଅନୁସାରେ, ଗତ ବର୍ଷ ମହିଳା ଜଣକ ଅଫିସ୍‌ରେ ଥିବାବେଳେ ତାଙ୍କ ସହକର୍ମୀ ସେଠାରେ ତାଙ୍କୁ ଜୋର୍‌ରେ ଆଲିଙ୍ଗନ କରିଥିଲେ। ମହିଳା ଜଣକ ଯନ୍ତ୍ରଣାରେ ଚିତ୍କାର କରିଥିଲେ।



ଘରୋଇ ଚିକିତ୍ସାରେ ଯନ୍ତ୍ରଣା ନ କମିବାରୁ ସେ ଡାକ୍ତରଖାନା ଯାଇଥିଲେ। ଏକ୍ସ-ରେ କରିବା ପରେ ତାଙ୍କ କଙ୍କାଳରେ ୩ଟି ହାଡ଼ ଭାଙ୍ଗିଯାଇଥିବା ଜାଣିବାକୁ ପାଇଥିଲେ। ଏଥିରୁ ସୁସ୍ଥ ହେବା ପାଇଁ ତାଙ୍କୁ ଅନେକ ଦିନ ଲାଗିଥିଲା। ଏଥିନିମନ୍ତେ ମହିଳା ଜଣକ ଅଫିସ୍‌ରୁ ଛୁଟି ନେଇଥିଲେ। ଫଳରେ ତାଙ୍କ ଦରମା ମଧ୍ୟ କଟିଥିଲା। ମେଡିକାଲ ଖର୍ଚ୍ଚ, ଦରମା କଟିବା ଆଦିର କ୍ଷତିପୂରଣ ପାଇଁ ମହିଳା ଜଣକ କିଛିଦିନ ତଳେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ଚାଇନା କୋର୍ଟ ଯୁବକ ଜଣଙ୍କୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୯ ଅଗଷ୍ଟ ୨୦୨୨



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଏମ୍ଏସ୍ଏମ୍ଇ ପକ୍ଷରୁ ଲୋନ ମେଳା, ସ୍ୱସ୍ତି ପ୍ରିମିୟମ୍, ପୂର୍ବାହ୍ନ ୧୦ଟା ୩୦।
- ରକ୍ତଦାନ ଶିବିର, ରୁଦ୍ରପୁର, ଏନ୍ଏଚ୍-୫, ପାହାଳ, ପୂର୍ବାହ୍ନ ୧୦ଟା ୩୦।
- କଟନ୍ ଫ୍ୟାବ୍, ଏକାମ୍ର ହାଟ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦।
- ପର୍ବତନ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ, ଆର୍ଆର୍ କନ୍ଭେନ୍ସନ ହଲ୍, ଖାରବେଳନଗର, ପୂର୍ବାହ୍ନ ୧୧ଟା।
- ସର୍ବାଧୁନିକ ଓଡ଼ିଆ ବିଶ୍ୱକୋଷ ଜ୍ଞାନବୃତ୍ତର ସମର୍ପଣ ଉତ୍ସବ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୧ଟା।
- ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ଆମ୍ବ ଟ୍ରଷ୍ଟ ଏନ୍ବିଏନ୍ ସୂତ୍ରଧର ପକ୍ଷରୁ ୨ ଦିନ ବ୍ୟାପୀ ଫଟୋ ପ୍ରଦର୍ଶନୀ, ସୂଚନା ଭବନ, ଅପରାହ୍ନ ୫ଟା।
- ନନ୍ଦ ଉତ୍ସବ,ଶାସ୍ତ୍ରୀ ନଗର ଛକ, ସନ୍ଧ୍ୟା ୬ଟା।

**ପୁରୀ**

- ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ସଚେତନତା ଭ୍ରାମ୍ୟମାଣ ରଥ ଶୁଭାରମ୍ଭ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଅନୁଷ୍ଠାନ ପାଣି ପକ୍ଷରୁ ସମୀକ୍ଷା ବୈଠକ, ୟୁଥ ହଷ୍ଟେଲ, ପୂର୍ବାହ୍ନ ୧୧ଟା।

**କଟକ**

- କଟକ ଫଟୋଗ୍ରାଫର୍ସ ଆସୋସିଏଶନ ଓ ପ୍ରାଚୀ ଡିଜିଟାଲ ଷ୍ଟୁଡିଓ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ, ରିଭର ଭ୍ୟୁ ପାର୍କ, ଓଡ଼ିଶା ଜୁଡିସିଆଲ ଏକାଡେମୀ ନିକଟ, ପୂର୍ବାହ୍ନ ୧୦ଟା।
- ସରକାରୀ ଆଇଟିଆଇରେ ବିଭିନ୍ନ ପ୍ରକଳ୍ପର ଉଦ୍ଘାଟନ, ଆଇଟିଆଇ ପରିସର, ଖପୁରିଆ, ପୂର୍ବାହ୍ନ ୧୦ଟା ୩୦।
- ବ୍ରହ୍ମା କୁମାରୀଜ୍ ଓଡ଼ିଶାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ପ୍ରଭୁ ସମର୍ପଣ ଭବନ, ଝାଞ୍ଜିରିମଙ୍ଗଳା, ପୂର୍ବାହ୍ନ ୧୧ଟା।
- ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ସ୍ମାରକପତ୍ର ପ୍ରଦାନ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା ।
- କଳ୍ପନା ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ପରିଷଦର ବାର୍ଷିକ ଉତ୍ସବ, ଶହୀଦ ଭବନ, ଚୌଧୁରୀ ବଜାର, ମଧ୍ୟାହ୍ନ ୧୨ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସରଳା ଦେବୀ ସ୍ମୃତି ସଂସଦ ପକ୍ଷରୁ ସରଳା ଦେବୀଙ୍କ ୧୧୯ତମ ଜୟନ୍ତୀ ସମାରୋହ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା।
- କଟକ ଜିଲା ଯାଦବ ମହାସଭା ପକ୍ଷରୁ ନନ୍ଦୋତ୍ସବ, ରାଧାମୋହନଜୀଉ ମନ୍ଦିର, ପୋତାପୋଖରୀ, ସନ୍ଧ୍ୟା ୬ଟା।

# ଭିତରକାଠ ଦର୍ଶନରୁ ଭକ୍ତ ବଞ୍ଚିତ

ପୁରୀ ଅଫିସ,୧୮।୮



■ଅବାନ୍ତର ଯୁକ୍ତି ବାଢ଼ୁଛନ୍ତି ଶ୍ରୀମନ୍ଦିର କମାଣ୍ଡର

■କାର୍ଯ୍ୟକାରୀ ହେଉନି ହାଇକୋର୍ଟଙ୍କ ନିର୍ଦ୍ଦେଶ

ଶ୍ରୀମନ୍ଦିରରେ ଭକ୍ତଙ୍କୁ ଭିତରକାଠ ଦର୍ଶନ ମିଳିପାରୁନାହିଁ। ଦୂରଦୂରାନ୍ତରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ସବୁ ସମୟରେ ଭିତରକାଠ ଦର୍ଶନ ପାଉନାହାନ୍ତି। ଫଳରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି।

ସାଧାରଣତଃ ବାହାରକାଠରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ପଷ୍ଟ ଭାବେ ଦେଖିବା ସମ୍ଭବପର ହୋଇ ନ ଥାଏ। ଏଣୁ ଭିତରକାଠ ଦର୍ଶନର ବ୍ୟବସ୍ଥା ରହିଛି। ମାତ୍ର ଶ୍ରୀମନ୍ଦିର ପ୍ରଶାସନ ବିଧିବଦ୍ଧ ଭାବେ ଭିତରକାଠ ଦର୍ଶନ ବନ୍ଦ କରି ନ ଥିଲେ ମଧ୍ୟ ଗତ କିଛିଦିନ ହେଲା ଶ୍ରୀମନ୍ଦିର କମାଣ୍ଡର ଏବଂ ଜେଟିପି ମନମୁଖି ଭାବେ ଭକ୍ତଙ୍କୁ ଛାଡୁ ନ ଥିବା ଅଭିଯୋଗ ହେଉଛି। ସନ୍ଧ୍ୟାଧୂପଠାରୁ ଭକ୍ତଙ୍କୁ ଭିତରକାଠକୁ ଛଡ଼ାଯାଉନାହିଁ। ତେବେ କାହିଁକି ଏହି ଦର୍ଶନ ଅନୁମତି ମିଳୁନାହିଁ ସେନେଇ ଶ୍ରୀମନ୍ଦିର ପ୍ରଶାସନର କେହି ମୁହଁ ଖୋଲୁନାହାନ୍ତି। ଏ ନେଇ ଶ୍ରୀମନ୍ଦିର କମାଣ୍ଡର ରବି ମିଶ୍ରଙ୍କୁ ପଚରାଯିବାରେ କହିଛନ୍ତି, କାରଣ କହିପାରିବି ନାହିଁ। କେବଳ ବର୍ଷା ଯୋଗୁ ଗୋଟିଏ ଦିନ ଦର୍ଶନ ବନ୍ଦ ରହିଥିଲା। ଅନ୍ୟ ସମସ୍ତ ଦିନ ଚନ୍ଦନଲାଗି ପର୍ଯ୍ୟନ୍ତ ଦର୍ଶନ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କେହି ବାନ୍ତି କରିଦେବା ଆଶଙ୍କାରେ ଦର୍ଶନକୁ ବନ୍ଦ କରାଯାଉଥିବା ଶୁଣିବାକୁ ମିଳୁଛି। ତେବେ ଏ ନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ନ ହେବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଉଲ୍ଲେଖଯୋଗ୍ୟ, ସନ୍ଧ୍ୟାଧୂପଠାରୁ ଚନ୍ଦନଲାଗି ଶେଷ ପର୍ଯ୍ୟନ୍ତ ପ୍ରାୟ ଦେଢ଼ରୁ ୨ଘଣ୍ଟା ସମୟ ରହିଥାଏ। ଯେଉଁ ସମୟରେ ଭକ୍ତଙ୍କୁ ଦର୍ଶନ ସୁଯୋଗ ଦିଆଯାଉନାହିଁ। ଶ୍ରୀମନ୍ଦିର ପ୍ରଶାସନ ଏ ସମ୍ପର୍କରେ ଜାଣିଶୁଣି ଚୁପ୍ ବସିଥିବା ଅଭିଯୋଗ ହେଉଛି। ଭକ୍ତ ସତ୍ୟବ୍ରତ ପରିଡ଼ା କହିଛନ୍ତି, ବାହାରକାଠ ଦର୍ଶନରୁ ଭକ୍ତଙ୍କୁ ରୋକାଯାଉଛି। ଏ ନେଇ ପଚାରିଲେ, ଭକ୍ତମାନେ ବାନ୍ତି କରିଦେଲେ ମହାପ୍ରଭୁଙ୍କ ନୀତି ବାଧାପ୍ରାପ୍ତ ହେବା ଆଶଙ୍କା ଥିବା ଶ୍ରୀମନ୍ଦିର ପୋଲିସ କହୁଛନ୍ତି। ତେବେ ଭିତରକାଠ ଦର୍ଶନ ବେଳେ ଭକ୍ତ ଯଦି ବାନ୍ତି କରନ୍ତି ତେବେ ବି ନୀତି ବିଳମ୍ବ ହେବାର ଆଶଙ୍କା ରହୁଛି। ମଙ୍ଗଳଆଳତି, ସକାଳଧୂପ ଓ ମଧ୍ୟାହ୍ନ ଧୂପ ସମେତ ଅନ୍ୟ ସମୟରେ ବାହାରକାଠ ଦର୍ଶନ ହେଉଛି। ତେବେ ସନ୍ଧ୍ୟାଧୂପ ପରେ ଅଲଗା ନିୟମ କାହିଁକି ବୋଲି ପରିଡ଼ା ପ୍ରଶ୍ନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଭିତରକାଠ ଦର୍ଶନ ସମ୍ପର୍କିତ ମାମଲା (ଡବ୍ଲ୍ୟୁପିସି-୯୦୯୮/୨୦୧୬)ର ଶୁଣାଣିରେ ହାଇକୋର୍ଟ ରାୟ ଦେଇଥିଲେ ଯେ, ମଙ୍ଗଳ ଆଳତିଠାରୁ ଚନ୍ଦନଲାଗି ପର୍ଯ୍ୟନ୍ତ ଭକ୍ତମାନେ ଭିତରକାଠ ଦର୍ଶନ ପାଇପାରିବେ। ଏହି କ୍ରମରେ ୨୦୧୮ ଏପ୍ରିଲ ୧୬ ତାରିଖଠାରୁ ଶ୍ରୀମନ୍ଦିରରେ ଭିତରକାଠ ପର୍ଯ୍ୟନ୍ତ ଦର୍ଶନ ହୋଇଥିଲା। ଏହା ପୂର୍ବରୁ ବର୍ଷ ବର୍ଷ ଧରି ଭକ୍ତମାନେ ଗର୍ଭଗୃହକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ। ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ଏନେଇ ସ୍ପଷ୍ଟ ମତ ରଖୁ। ଭକ୍ତଙ୍କର ଜାଣିବାର ଅଧିକାର ରହିଛି ଯେ, ସନ୍ଧ୍ୟା ଧୂପ ପରେ ଭିତରକାଠ ଦର୍ଶନ ହେଉଛି କି ନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରାଯାଉଥିଲେ ମଧ୍ୟ ପ୍ରଶାସନ ମିଛ କହୁଛି। ଏଣୁ ଶ୍ରୀମନ୍ଦିର ପ୍ରଶାସନ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରି ଏନେଇ ସୂଚନା ଦେବା ଉଚିତ ହେବ।




ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ରାଷ୍ଟ୍ରୀୟ ବର୍ଷା ମହୋତ୍ସବର ଉଦ୍ଯାପନୀ ସନ୍ଧ୍ୟାରେ ସଙ୍ଗୀତା ପଣ୍ଡା ସଙ୍ଗୀତ ପରିବେଷଣ କରୁଛନ୍ତି।

# ବାଦ୍ୟ, ସଙ୍ଗୀତରେ ବର୍ଷାର ଅନୁଭବ

## ସରିଲା ରାଷ୍ଟ୍ରୀୟ ବର୍ଷା ମହୋତ୍ସବ

ଭୁବନେଶ୍ୱର,୧୮।୮(ବ୍ୟୁରୋ)

ବର୍ଷା ନ ଥିଲା, ହେଲେ ବର୍ଷାର ଅନୁଭବ ଥିଲା। ବର୍ଷାରେ ବି ଭିଜିଥିଲେ ଦର୍ଶକ। ଅବସର ଥିଲା ଚିନ୍ତା ଓ ଚେତନା ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ୩ଦିନ ଧରି ଚାଲିଥିବା ରାଷ୍ଟ୍ରୀୟ ବର୍ଷା ମହୋତ୍ସବର ଉଦ୍ଯାପନୀ ସନ୍ଧ୍ୟା। ମେଘ ବରଷିଲା ଟୁପୁରୁ ଟୁପୁରୁ ବାଦ୍ୟ ସଙ୍ଗୀତରୁ ଆରମ୍ଭ ହୋଇଥିଲା ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ। ଆରମ୍ଭରୁ ହିଁ ସଙ୍ଗୀତ ମାଧ୍ୟମରେ ବର୍ଷାର ରିମ୍ଝିମ୍ ଟୋପାକୁ ଅନୁଭବ କରିଥିଲେ ଦର୍ଶକ। ପୁଣି ସେହି ଶ୍ରାବଣରେ ଅନେକ ମେଘର ଆୟୋଜନକୁ ପ୍ରଥମେ ସଙ୍ଗୀତ ମାଧ୍ୟମରେ ଦର୍ଶକଙ୍କ ପାଖେ ଭେଟି ଦେଇଥିଲେ ଗାୟକ ଦେବାଶିଷ ମହାପାତ୍ର। ପରେ ଗାୟିକା ସଙ୍ଗୀତା ପଣ୍ଡାଙ୍କ 'ସବୁଥର ବରଷା ଆସିଛି, ହେଲେ କେବେ ଏମିତି ନ ଥିଲା' ସଙ୍ଗୀତ ଦର୍ଶକଙ୍କୁ ବର୍ଷାର ଅନୁଭବ ଆଣି ଦେଇଥିଲା। ଡ. ବିଜୟ କୁମାର ଜେନାଙ୍କ 'ମେଘର ହାତରେ ତୁମର ଚିଠି' ମନରେ ବର୍ଷା ପ୍ରେମ ସୃଷ୍ଟି କରିଥିଲା। ରଣଦୀପ ପାଲିତ୍ଙ୍କ 'ରିମ୍ଝିମ୍ ଗିରେ ସାୱନ୍' ସଙ୍ଗୀତ ଶ୍ରୋତାଙ୍କୁ ଝୁମାଇଥିଲା। ପରେ ବନ୍ଦୀଶ ପାଲିତ୍ଙ୍କ 'ଲଗି ଆଜ୍ ସାୱନ୍ କି ଫିର୍ ୱ ଝଡ଼ି ହେ', ଜ୍ୟୋତିର୍ମୟୀ ନାୟକଙ୍କ 'ଆଜି ମୁଁ ଶ୍ରାବଣୀ', ଗୁରୁ ଲକ୍ଷ୍ମୀକାନ୍ତ ପାଲିତ୍ଙ୍କ 'ଆଷାଢ଼ର ପ୍ରଥମ ଦିବସେ ଖୋଲାରଖି ତମ ସେ ଝରକା' ଓ ଗୁରୁ ନାରାୟଣ ରଥଙ୍କ 'ଯେବେଠୁ ଆଖି ଇଲାକା ତୁମେ ଗଲ ଛୁଇଁ' ସଙ୍ଗୀତରେ ଶେଷ ହୋଇଥିଲା କାର୍ଯ୍ୟକ୍ରମ।

ଅତିଥିଙ୍କ ମୁହଁରୁ ବି ଶୁଣିବାକୁ ମିଳିଥିଲା ବର୍ଷାର ବାର୍ତ୍ତା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ କହିଲେ, ବର୍ଷାକୁ ଯେ ସଙ୍ଗୀତ, ନୃତ୍ୟ, ଚିତ୍ର, ଅଭିନୟ ମାଧ୍ୟମରେ ପ୍ରକାଶ କରିହେବ, ତାହା ପରିକଳ୍ପନା କରିବା ସତରେ ସୁନ୍ଦର। ୪୪ବର୍ଷ ଧରି ଏପରି ଏକ ନିଆରା କାର୍ଯ୍ୟକ୍ରମ ଜାରି ରଖିବା ନିଶ୍ଚିତ ଏକ ବଡ଼ ସଫଳତା। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଡ. ଅଜୟ ବାହାଦୁର ସିଂ କହିଲେ, ଓଡ଼ିଶା ଶାନ୍ତି, ମୈତ୍ରୀ ଓ ଏକତାର ବାର୍ତ୍ତା ପ୍ରଦାନ କରିଥାଏ। ଏହାର ସଂସ୍କୃତି, କଳା, ସଙ୍ଗୀତ, ନୃତ୍ୟ, ଐତିହ୍ୟ, ପ୍ରେମ ଓ ସ୍ନେହ ସମସ୍ତଙ୍କୁ ବାନ୍ଧି ରଖିଥାଏ। ଓଡ଼ିଶାର ଏହି କଳା, ସଂସ୍କୃତିକୁ ଦୁଇପାଦ ଆଗକୁ ନେବାରେ ଏପରି ବର୍ଷା ଉତ୍ସବ ମାଧ୍ୟମରେ ଅନୁଷ୍ଠାନ ଏକ ବଳିଷ୍ଠ ଭୂମିକା ଗ୍ରହଣ କରୁଛି ବୋଲି ସେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସଙ୍ଗୀତ, ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ କହିଲେ, ଚିନ୍ତାଶୀଳ ଓ ଚେତନାଶୀଳ ହୋଇ ସମାଜର ସାଂସ୍କୃତିକ ଦିଗରେ ଏହି ଅନୁଷ୍ଠାନ ଗତିଶୀଳ ହୋଇଚାଲିଛି। ଅନୁଷ୍ଠାନ ୩ଟି କାର୍ଯ୍ୟକ୍ରମ ବର୍ଷା, ଖରା, ଶୀତରେ ଲୋକଙ୍କୁ ମନୋରଞ୍ଜନ ଯୋଗାଉଛି। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗୀତ ନାଟକ ଏକାଡେମୀ ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା, ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷ ସହଦେବ ସାହୁ, ଅନ୍ତର୍ଜାତୀୟ ସଂସ୍କୃତି ସମ୍ପାଦିକା ବିଜୟା ମିଶ୍ର, ଅନୁଷ୍ଠାନର ମହାସଚିବ ସୁରେନ୍ଦ୍ର ଦାସ, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ପଟ୍ଟନାୟକ ଓ ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ୍ ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷ ସନ୍ଧ୍ୟାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କୁ ଉତ୍ସର୍ଗୀକୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। 'ଧରିତ୍ରୀ' ଏବଂ 'ଓଡିଶା ପୋଷ୍ଟ' ଏହାର ମିଡିଆ ପାର୍ଟନର ଥିଲେ।



କାର୍ଯ୍ୟକ୍ରମରେ ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ ଓ ଅନ୍ୟ ଅତିଥିମାନେ।

# ସାପ କାମୁଡ଼ାରେ ୨ ମହିଳାଙ୍କ ମୃତ୍ୟୁ

ନିରାକାରପୁର,୧୮।୮(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଛଣଗିରି ଗ୍ରାମରେ ସାପ କାମୁଡ଼ାରେ ଗୁରୁବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ମହାବୀର ସାହିର ସରୋଜିନୀ ମଙ୍ଗରାଜ(୫୬)। ସୂଚନା ମୁତାବକ, ସକାଳେ ସରୋଜିନୀ ଗାଧୋଇବାକୁ ଯାଉଥିବା ବେଳେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ରୁପଶ୍ରୀ ରାଣୀ ଗୁମାନସିଂହ, ଓଳସିଂହ ପୂର୍ବତନ ସରପଞ୍ଚ ପ୍ରେମାନନ୍ଦ ପରିଡା ପ୍ରମୁଖ ଶୋକସନ୍ତପ୍ତ ପରିବାର ପାଖରେ ପହଞ୍ଚି ସମବେଦନା ଜଣାଇଛନ୍ତି। ସେହିପରି ଅଚ୍ୟୁତପୁର ପଞ୍ଚାୟତ ଅଚ୍ୟୁତପୁର ତଳସାହିର ସୁଶିଳା ସାହୁ (୫୦) ଠାକୁର ଘରକୁ ପୂଜା କରିବା ପାଇଁ ଯାଉଥିବା ବେଳେ ହଠାତ୍ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଉଭୟ ପରିବାରଙ୍କ ଅଭିଯୋଗକ୍ରମେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସବ୍ଇନିସ୍ପେକ୍ଟର ବେଣୁଧର ରାୟ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଶ୍ରୀମା



@ ବ୍ୟାସଦେବ



@ ଦାନବନ୍ଧୁ



@ ସୁରେଶ



@ ମାନସ



@ ରାଜେଶ

# କାନ୍ଥରେ ଦେଖାଗଲେ ମହାପ୍ରଭୁ

## ନାରାୟଣଙ୍କ ଘରେ ଆଧ୍ୟାତ୍ମିକ ପରିବେଶ



ଖୋର୍ଦ୍ଧା ଅଫିସ,୧୮।୮: ଭାବ ବିନୋଦିଆ କାଳିଆ ସାଆନ୍ତ। ଭକ୍ତି ଓ ସମର୍ପଣର ଠାକୁର ଶ୍ରୀଜଗନ୍ନାଥ। କାଳିଆ ସାଆନ୍ତଙ୍କୁ ଯିଏ ଯେମିତି ଡାକିଛି, ମହାପ୍ରଭୁ ତାଙ୍କୁ ସେପରି ଦର୍ଶନ ଦେଇଛନ୍ତି। ଏଭଳି ଏକ ଅଲୌକିକ ଘଟଣା ଦେଖିବାକୁ ମିଳିଛି ଖୋର୍ଦ୍ଧା ବ୍ଲକ ବଣିଆଟାଙ୍ଗୀ ଗ୍ରାମର ନାରାୟଣ ସାହୁଙ୍କ ଘରେ। କାନ୍ଥରେ ଦେଖାଯାଉଛନ୍ତି ମହାପ୍ରଭୁ। ଏହି ଖବର ପ୍ରଚାରିତ ହେବା ପରେ ନାରାୟଣଙ୍କ ଘରେ ଶ୍ରଦ୍ଧାଳୁଙ୍କ ଭିଡ ଜମିବାରେ ଲାଗିଛି। ମିଳିଥିବା ସୂଚନା ମୁତାବକ, ନାରାୟଣଙ୍କ ଝିଅ ଘରେ ସନ୍ଧ୍ୟାରେ ପିଲାଙ୍କୁ ପାଠ ପଢ଼ାଉଥିଲେ। ହଠାତ୍ କାନ୍ଥରେ ସେ ଚକାଆଖି ଦେଖିବାକୁ ପାଇଥିଲେ। ଆଶ୍ଚର୍ଯ୍ୟାନ୍ୱିତ ହୋଇ ପାଖକୁ ଯାଇ ଦେଖିବା ବେଳେ ଜଗନ୍ନାଥଙ୍କ ପ୍ରତିଛବି ଦେଖିବାକୁ ପାଇଲେ। ଏନେଇ ପରିବାର ଲୋକଙ୍କୁ ଜଣାଇଥିଲେ। କାନ୍ଥରେ ମହାପ୍ରଭୁଙ୍କ ଦର୍ଶନ ପାଇ ପରିବାର ଲୋକେ ଆତ୍ମ ବିଭୋର ହୋଇଯାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ନାରାୟଣଙ୍କ ଘରକୁ ଗ୍ରାମବାସୀଙ୍କ ସୁଅ ଛୁଟିଥିଲା। ଏହି ଅଲୌକିକ ଘଟଣାକୁ ଏକାଧିକ ଗ୍ରାମବାସୀ ଦେଖି ବିମୋହିତ ହୋଇପଡିଥିଲେ। ନାରାୟଣଙ୍କ ଘରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ମହାପ୍ରଭୁଙ୍କ ଜୟଜୟକାରରେ ପରିବେଶ ମୁଖରିତ ହୋଇଯାଇଥିଲା।

# ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମନୀତି ସମ୍ପନ୍ନ

ପୁରୀ ଅଫିସ, ୧୮।୮

## ଆଜି ନନ୍ଦ ଉତ୍ସବ

ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଗୁରୁବାର ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାଧୂପ ବେଶରେ ମହାପ୍ରଭୁ ଛ'ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲେ। ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇଥିଲା। ପୂଜାପଣ୍ଡା ପଞ୍ଚବର୍ଣ୍ଣ ମୁରୁଜରେ ଜନ୍ମ ଭଦ୍ରମଣ୍ଡଳ ଲେଖିଥିଲେ। ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଜନ୍ମ ଚକଡ଼ାରେ ବସି ସଂକଳ୍ପ କରିବା ପରେ ବରୁଣ ପୂଜା ହୋଇଥିଲା। ଶ୍ରୀକୃଷ୍ଣ ଜନ୍ମପଟି ଓ ୯ ପାଖୁଡ଼ା ବିଶିଷ୍ଟ ରୁପାପଦ୍ମକୁ ପୂଜାପଣ୍ଡା ମଣ୍ଡଳ ଉପରେ ରଖିଥିଲେ। ପଦ୍ମପାଖୁଡ଼ାରେ ଦେବକୀ, ବସୁଦେବ, ନନ୍ଦ, ଯଶୋଦା, ଲକ୍ଷ୍ମୀ, ଉଗ୍ରସେନ୍, ବଳଭଦ୍ର, ଗାର୍ଗବ ଋଷି ଏବଂ କୃଷ୍ଣ ଲେଖାଯାଇଥିଲା। ମଣ୍ଡଳ ଉପରେ ଏକ ସୁବର୍ଣ୍ଣ କୃଷ୍ଣମୂର୍ତ୍ତି ରଖାଯାଇ ୯ଟି ପନ୍ତିଭୋଗ ବଢ଼ାଯାଇଥିଲା। ପଞ୍ଚୋପଚାର ପୂଜା ଓ ଭୋଗ ପରେ ଶ୍ରୀମଦନମୋହନ ସିଂହାସନରେ ବିଜେ କରିଥିଲେ। ମୁଦିରସ୍ତ ମହାପ୍ରଭୁଙ୍କ ଧଣ୍ଡିପ୍ରସାଦ ଓ ଆଜ୍ଞାମାଳ ଆଣି ମଦନମୋହନଙ୍କୁ ଲାଗିକରାଇଥିଲେ। ଜନ୍ମଚକଡ଼ାରେ ମଦନମୋହନ ବିଜେ ପରେ ପୂଜାପଣ୍ଡା ଗର୍ଭଉଦକ କର୍ମ ସାରି ଷୋଡ଼ଶ ଉପଚାରରେ ଶୀତଳ ଭୋଗ ମଣୋହି କରିଥିଲେ। ଦୁଇଜଣ ମହାଜନ ସେବକ ଦେବକୀ ଓ ବସୁଦେବ ବେଶ ହୋଇ ଶ୍ରୀକୃଷ୍ଣ ଜନ୍ମ ନୀତି ସମ୍ପାଦନ କରିଥିଲେ। ପ୍ରସାଦ ଲାଗି ଓ ମଣୋହି ପରେ ଦେବକୀ, ବସୁଦେବଙ୍କ ସହିତ ରୁପାଥାଳିରେ କୃଷ୍ଣ (ମଦନମୋହନ)ଙ୍କୁ ବିଜେ କରାଯାଇଥିଲା। ଏହାପରେ କୃଷ୍ଣ ଜଗମୋହନ ଦେଇ ସରସ୍ୱତୀ ମନ୍ଦିର ସମ୍ମୁଖ ଯମୁନା ନଈକୂଳକୁ ବିଜେ କରିଥିଲେ। ଏହି ସମୟରେ ତାଙ୍କ ମସ୍ତକ ଉପରେ ସପ୍ତଫେଣୀ ବାସୁକୀ ରହିଥିଲେ। ଯମୁନା ନଦୀ କୂଳରେ ଉଗ୍ରସେନ ଭେଟ ନୀତି ହୋଇଥିଲା। ନାଭିକଟା ମଣ୍ଡପ ଖଟଶେଯରେ ଠାକୁର ଓ ଦକ୍ଷିଣୀ ଘରୁ ରାମକୃଷ୍ଣଙ୍କୁ ଆଣି ଖଟଶେଯରେ ବିଜେ କରାଯାଇଥିଲା। ସେଠାରେ ଜନ୍ମ ନୀତି ଏବଂ ଅନ୍ୟ କର୍ମ ସମ୍ପାଦିତ ହୋଇଥିଲା। ଠାକୁର ଜଗମୋହନ ଦୋଳିରେ ବସି ଠାକୁର ଝୁଲିଥିଲେ। ଜନ୍ମ ନୀତି ସମୟରେ ସାଧାରଣ ଦର୍ଶନ ବନ୍ଦ ରହିଥିଲା। ଶୁକ୍ରବାର ନନ୍ଦ ଉତ୍ସବ ପାଳନ ହେବ।




କଟକ ବାଖରାବାଦସ୍ଥିତ ଗାନ୍ଧୀଭବନରେ ଗୁରୁବାର କବି ଦେବୀ ପ୍ରସାଦ ପରିଜାଙ୍କ ରଚିତ ପୁସ୍ତକ 'ଦେବୀ ଦିବ୍ୟାଞ୍ଜଳି'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ପକ୍ଷରୁ ପୁରୀ ସିଦ୍ଧବକୁଳ ମଠ ପରିସରରେ ଗୁରୁବାର ଅନୁଷ୍ଠିତ ରାଧାକୃଷ୍ଣ ବେଶ ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାମାନେ।

# ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଓଡ଼ିଶା ଜଗରନଟ୍ସ

ଭୁବନେଶ୍ୱର,୧୮।୮

ଅଲ୍‌ଟିମେଟ ଖୋଖୋ ଲିଗ୍‌ରେ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ରହିଛି ଓଡ଼ିଶା ଜଗରନଟ୍ସ। ଶୁକ୍ରବାର ପୁଣେର ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ରାଜସ୍ଥାନ ୱାରିୟର୍ସ ବିପକ୍ଷରେ ମ୍ୟାଚ୍ ରହିଥିବା ବେଳେ ପୁଣି ଥରେ ବିଜୟ ଧାରାକୁ ଫେରିବାକୁ ଦଳ ପ୍ରୟାସ କରିବ। ମଙ୍ଗଳବାର ଗୁଜରାଟ ଜାୟାଣ୍ଟ୍ସ ବିପକ୍ଷରେ ଅଗ୍ରଣୀ ରହିଥିଲେ ମଧ୍ୟ ଦଳ ଅନ୍ତିମ କ୍ଷଣରେ ପରାଜିତ ହୋଇଥିଲା। ପରାଜୟକୁ ପଛରେ ପକାଇ ପୁଣି ଥରେ ଜଗରନଟ୍ସ ବିଜୟ ଧାରାକୁ ଫେରିବ ବୋଲି ଆଶାବାଦୀ ଅଛନ୍ତି କୋଚ୍ ଅଶ୍ୱିନୀ କୁମାର ଶର୍ମା। ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହିତ ଓଡ଼ିଶା ପଏଣ୍ଟ ଟେବଲରେ ତୃତୀୟ ସ୍ଥାନରେ ରହିଛି। ଅଦ୍ୟାବଧି ରାଜସ୍ଥାନ ଦୁଇଟି ମୁକାବିଲା ଖେଳି ସାରିଥିବା ବେଳେ ପ୍ରଥମ ବିଜୟ ସନ୍ଧାନରେ ରହିଛି। ରାଜସ୍ଥାନ ଦୁଇଟି ଯାକ ମୁକାବିଲା ହାରିଥିବାରୁ ଏହା ଆମକୁ ମନସ୍ତାତ୍ତ୍ୱିକ ଅଗ୍ରଣୀ ପ୍ରଦାନ କରିବ ବୋଲି ଶର୍ମା କହିଛନ୍ତି। ଅନ୍ୟପକ୍ଷରେ ଟୁର୍ଣ୍ଣାମେଣ୍ଟରେ ରାଜସ୍ଥାନ ନିଜର ପଏଣ୍ଟ ଖାତା ଖୋଲିବାକୁ ଜୋରଦାର ପ୍ରୟାସ କରିବ। ମଜହର ଜମାଦାରଙ୍କ ରାଜସ୍ଥାନ ଏଯାଏ ଆଖିଦୃଶିଆ ପ୍ରଦର୍ଶନ ଦେବାରେ ବିଫଳ ହୋଇଥିଲେ ହେଁ ଅଧିନାୟକଙ୍କ ପ୍ରଦର୍ଶନ କିନ୍ତୁ ବେଶ୍ ଚମତ୍କାର ରହିଛି। ସେ ଦୁଇଟି ମ୍ୟାଚରୁ ୨୯ ଆଟାକ ପଏଣ୍ଟ ସଂଗ୍ରହ କରିଛନ୍ତି।

ସେହିପରି ଶୁକ୍ରବାରର ଦ୍ୱିତୀୟ ମୁକାବିଲା ମୁମ୍ବାଇ ଖିଲାଡି ଓ ଚେନ୍ନାଇ କ୍ୱିକ୍ ଗନ୍ ମଧ୍ୟରେ ଖେଳାଯିବ। ଉଭୟ ଦଳ ଗୋଟିଏ ଲେଖାଏ ବିଜୟ ସହିତ ପଏଣ୍ଟ ଟେବଲର ୪ ଓ ୫ ନମ୍ବର ସ୍ଥାନରେ ରହିଛନ୍ତି। ଗୁଜରାଟ ଜାୟାଣ୍ଟ୍ସ ୩ଟି ମ୍ୟାଚରୁ ସମାନ ସଂଖ୍ୟକ ବିଜୟ ସହିତ ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶା ଜଗରନଟ୍ସ ପ୍ରଥମ ମୁକାବିଲାରେ ଚେନ୍ନାଇ କ୍ୱିକ୍ ଗନ୍ସକୁ ୫୧-୪୩ରେ ପରାସ୍ତ କରିଥିବା ବେଳେ ଗୁଜରାଟ ବିପକ୍ଷ ମ୍ୟାଚରେ ୫୪-୪୯ରେ ପରାଜିତ ହୋଇଥିଲା।

# ଭାରତ ୧୦ ଉଇକେଟରେ ବିଜୟୀ

ହରାରେ,୧୮।୮(ପି.ଟି)


ଉଇକେଟ ନେବାପରେ ଉଲ୍ଲସିତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଦୀପକ ଚହର।

**ପ୍ରଥମ ଦିନିକିଆ**

ଜିମ୍ବାୱେ ଗସ୍ତରେ ରହିଥିବା ଭାରତୀୟ ଦଳ ବିଜୟରୁ ଏହାର ଅଭିଯାନ ଆରମ୍ଭ କରିଛି। ହରାରେ ସ୍ପୋର୍ଟସ କ୍ଲବରେ ଖେଳାଯାଇଥିବା ପ୍ରଥମ ଦିନିକିଆକୁ ଭାରତ ଏକପାଖିଆ ଭାବରେ ୧୦ ଉଇକେଟରେ ଜିତି ନେଇଛି। ୧୯୦ ରନ୍ ଲକ୍ଷ୍ୟର ପିଛା କରୁଥିବା ଭାରତ ପକ୍ଷରୁ ଦୁଇ ଓପନର ଶିଖର ଧାୱନ(୮୧) ଓ ଶୁବମନ ଗିଲ୍(୮୨) ଦଳକୁ ବିଜୟୀ କରାଇଥିଲେ। ଏହି ବିଜୟ ସହିତ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଦୁଇଟି ୧୦ ଉଇକେଟ ବିଜୟ ହାସଲ କରିବାରେ ପ୍ରଥମ ଦଳ ସାବ୍ୟସ୍ତ ହୋଇଛି। ଜିମ୍ବାୱେ ବିପକ୍ଷରେ ଭାରତୀୟ ଦଳ ନିଜର କ୍ରମାଗତ ୧୩ତମ ବିଜୟ ରେକର୍ଡ କରିଛି। ଭାରତ ପକ୍ଷରୁ ଦୀର୍ଘ ଦିନ ପରେ ଅଧିନାୟକ କେ. ଏଲ୍. ରାହୁଲ ଏବଂ ପେସ୍ ବୋଲର ଦୀପକ ଚହର ଏହି ମ୍ୟାଚ ଜରିଆରେ ପ୍ରତ୍ୟାବର୍ତ୍ତନ କରିଥିଲେ।

ଟସ୍ ଜିତି ରାହୁଲ ବୋଲିଂ ନିଷ୍ପତ୍ତି ନେଇଥିବା ବେଳେ ଜିମ୍ବାୱେ ଟପ୍ ଅର୍ଡରକୁ ଧ୍ୱସ୍ତ କରି ଦେଇଥିଲେ ଦୀପକ ଚହର ଓ ମହମ୍ମଦ ସିରାଜ। ଉଭୟଙ୍କ ଘାତକ ବୋଲିଂ ବଳରେ ଘରୋଇ ଦଳ ୩୧ ରନରେ ୪ଟି ଏବଂ ୬୬ ରନରେ ୫ ଉଇକେଟ ହରାଇଥିଲା। ନିକଟରେ ବାଂଲାଦେଶକୁ ପରାସ୍ତ କରିଥିବା ଜିମ୍ବାୱେ ଭାରତକୁ କଡା ଟକ୍କର ଦେବ ବୋଲି ଆଶା କରାଯାଉଥିଲା। ପ୍ରଥମ ୪ ବ୍ୟାଟ୍ସମ୍ୟାନ୍ ଇନୋସେଣ୍ଟ କାଇଆ(୪), ଟି. ମାରୁମଣି(୮), ୱେସଲେ ମାଧେଭୀର(୫) ଓ ସିନ୍ ୱିଲିୟମ୍ସ(୧) ବିଫଳ ହୋଇଥିଲେ। ସିକନ୍ଦର ରାଜାଙ୍କ ନିକଟରୁ ଦଳ ଏକ ବଡ ଇନିଂସ ଆଶା କରୁଥିବା ବେଳେ ସେ ମାତ୍ର ୧୨ ରନ କରି ପ୍ୟାଭିଲିୟନ୍ ଫେରିଥିଲେ। ଅଧିନାୟକ ରେଗିସ୍ ଚାଭାଭା ଦଳ ତରଫରୁ ଟପ୍ ସ୍କୋରର ରହିଥିଲେ। ୩୫ ରନ କରି ସପ୍ତମ ବ୍ୟାଟ୍ସମ୍ୟାନ ଭାବରେ ପ୍ୟାଭିଲିୟନ୍ ଫେରିଥିଲେ ଚାଭାଭା। ଏପରି ସ୍ଥିତିରେ ଦଳ୧୫୦ ରନ ପାର କରିବା ନେଇ ଆଶଙ୍କା ଦେଖାଦେଇଥିଲା। ତେବେ ୯ମ ଉଇକେଟରେ ରେକର୍ଡ ୭୦ ରନ୍ ଯୋଡିଥିଲେ ରିଚାର୍ଡ ଏନଗାରଭା(୩୩) ଓ ବ୍ରାଡ ଏଭାନ୍ସ(୩୨*)। ଭାରତ ପକ୍ଷରୁ ଦୀପକ ଚହର, ପ୍ରସିଦ୍ଧ କ୍ରିଷ୍ଣା ଓ ଅକ୍ଷର ପଟେଲ ୩ଟି ଲେଖାଏ ଉଇକେଟ ନେଇଥିବା ବେଳେ ମହମ୍ମଦ ସିରାଜ ଅନ୍ୟ ଉଇକେଟଟି ନେଇଥିଲେ।

୧୯୦ ରନ ଲକ୍ଷ୍ୟର ଜବାବରେ ଭାରତର ଆରମ୍ଭ ସାମାନ୍ୟ ଧିମା ରହିଥିଲା। ଗିଲ୍ ଆରମ୍ଭରୁ ଧିମା ବ୍ୟାଟିଂ କରୁଥିବା ବେଳେ ଧାୱନ୍ ଷ୍ଟ୍ରାଇକ୍ ରୋଟେଟ୍ କରୁଥିଲେ। ତେବେ ସେଟ୍ ହୋଇଯିବା ପରେ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ ଗିଲ୍। ସେ ୭୨ଟି ବଲ୍ ଖେଳି ୧୦ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟପକ୍ଷରେ ସିନିୟର ପାର୍ଟନର ଧାୱନ୍ ୧୧୩ ବଲ୍ ଖେଳି ୯ ଚୌକା ମାରିଥିଲେ। ସାଢେ ୬ ମାସ ପରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିଥିବା ଦୀପକ ଚହରଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

**ଜାତୀୟ ସବ୍‌ଜୁନିୟର ଟେନିସ ବଲ୍ କ୍ରିକେଟ**

# ଓଡ଼ିଶାକୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୧୮।୮ (କ୍ରୀଡ଼ା ପ୍ରତିନିଧି):** ଚେନ୍ନାଇରେ ଅନୁଷ୍ଠିତ ୨୭ତମ ଜାତୀୟ ସବ୍‌ଜୁନିୟର ଟେନିସବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରି ଓଡ଼ିଶା ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ଓ ପୂର୍ବାଞ୍ଚଳ ମଧ୍ୟରେ ସେମିଫାଇନାଲ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୮ ଓଭରରେ ୮ ଉଇକେଟ ହରାଇ ୬୩ ରନ କରିଥିଲା। ଜବାବରେ ପୂର୍ବାଞ୍ଚଳ ୭.୪ ଓଭରରେ ୬ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଓଡ଼ିଶା ଅଧିନାୟକ ଆଶିଷ ରଞ୍ଜନଙ୍କ ୨୮ ଏବଂ ଚନ୍ଦନ ପାତ୍ରଙ୍କ ୨୧ ରନ ସହାୟତାରେ ସମ୍ମାନଜନକ ସ୍କୋର କରି ପାରିଥିଲା। ବୋଲିଂରେ ଓଡ଼ିଶାର ଆଶିଷ ୨ଟି ଏବଂ ଶ୍ରବଣ ଓ ପ୍ରଭୁକଲ୍ୟାଣ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଆଶିଷ ରଞ୍ଜନ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଅଲ୍‌ରାଉଣ୍ଡର ବିବେଚିତ ହୋଇଥିଲେ।


ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଦଳ।

# ସିଓଏ ହାତକୁ ଯିବନି ପରିଚାଳନା ଭାର

**ଆଇଓଏ ବିବାଦ**

ନୂଆଦିଲ୍ଲୀ,୧୮।୮(ପି.ଟି)

ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ (ଆଇଓଏ)ର ପରିଚାଳନା ଦାୟିତ୍ୱ କମିଟି ଅଫ୍ ଆଡ୍‌ମିନିଷ୍ଟ୍ରେଟର୍ସ (ସିଓଏ)କୁପ୍ରଦାନକରାଯିବାକୁନେଇ ସୁପ୍ରିମକୋର୍ଟ ବଡ଼ ନିଷ୍ପତ୍ତି ନେଇଛନ୍ତି। ବୁଧବାର ଆଇଓଏ ପକ୍ଷରୁ ଦାଖଲ କରାଯାଇଥିବା ଯାଚିକା ଉପରେ ଶୁଣାଣି କରି କୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି। ଅଗଷ୍ଟ ୧୬ ତାରିଖରେ ଆଇଓଏ ବଦଳରେ ସିଓଏ ଭାରତୀୟ ଅଲିମ୍ପିକ୍ ସଂଘର ଦାୟିତ୍ୱ ନେବା ପାଇଁ ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ସର୍ବୋଚ୍ଚ କୋର୍ଟଙ୍କ ରାୟ ଆସିବା ପରେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଅନିଲ ଆର. ଡାଭେ, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଏସ୍. ୱାଇ. କ୍ୟୁରେଶୀ ଏବଂ ପୂର୍ବତନ ବୈଦେଶିକ ସଚିବ ବିକାଶ ସ୍ୱରୂପଙ୍କ ସିଓଏ ନିକଟକୁ ପରିଚାଳନା କ୍ଷମତା ନ ଯିବା ସ୍ପଷ୍ଟ ହୋଇଛି।

ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଏନ୍. ଭି. ରମନ୍ନା ଓ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। କେନ୍ଦ୍ର ସରକାର ଏବଂ ଆଇଓଏ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଖଣ୍ଡପୀଠ ସମ୍ମୁଖରେ ହାଜର ହୋଇଥିଲେ। ବିଶ୍ୱର ଏହି ପ୍ରମୁଖ କ୍ରୀଡା ସଙ୍ଗଠନ କୌଣସି ଅଣ ନିର୍ବାଚିତ ସଙ୍ଗଠନକୁ ତୃତୀୟ ପକ୍ଷ ହସ୍ତକ୍ଷେପ ଭାବରେ ବିବେଚନା କରିଥାଏ। ତେଣୁ ସିଓଏ ପରି ଅଣ ନିର୍ବାଚିତ ସଂସ୍ଥାର ହସ୍ତକ୍ଷେପ କାରଣରୁ ଭାରତ ଅଲିମ୍ପିକ୍ସ ଓ ବିଭିନ୍ନ ଅନ୍ତର୍ଜାତୀୟ ଇଭେଣ୍ଟରୁ ବାଦ୍ ପଡିବା ସମ୍ଭାବନା ରହିଛି। ଆଇଓଏ ଅନ୍ତର୍ଜାତୀୟ ଅଲିମ୍ପିକ୍ସ ସଂଘର ଏକ ଅଂଶ। ଏହାର ଏକ ସ୍ୱତନ୍ତ୍ର ସମ୍ବିଧାନ ଓ ନିୟମ ରହିଛି। ଏପରି ସ୍ଥିତିରେ ସିଓଏର ହସ୍ତକ୍ଷେପକୁ ତୃତୀୟ ପକ୍ଷ ହସ୍ତକ୍ଷେପ ଭାବରେ ବିବେଚନା କରାଯିବ। ଅନ୍ତର୍ଜାତୀୟ କ୍ରୀଡା ସଙ୍ଗଠନଗୁଡିକର ନିୟମ ମାନିବା ପାଇଁ ପ୍ରତ୍ୟେକ ଦେଶ ବାଧ୍ୟ ବୋଲି କହିଥିଲେ ମେହେଟ୍ଟା।

ଯେଉଁ ସମୟରେ ସିଓଏ ପରିଚାଳନା ଭାର ନିଜ ହାତକୁ ନେବ ସେ ସମୟରେ ଭାରତ ବାସନ୍ଦ ସମ୍ଭାବନା ୯୯ ପ୍ରତିଶତ ବଢିଯିବ। ଅଲିମ୍ପିକ୍ସ ଓ ଅନ୍ୟାନ୍ୟ ଅନ୍ତର୍ଜାତୀୟ ଇଭେଣ୍ଟରୁ ଖେଳାଳିଙ୍କ ଅଂଶଗ୍ରହଣରେ ରୋକ୍ ଲାଗିଯିବ। ଖଣ୍ଡପୀଠର ତୃତୀୟ ବିଚାରପତି ହିମା କୋହଲି ମାମଲାର ଶୁଣାଣି ପାଇଁ ଅନିଚ୍ଛା ପ୍ରକାଶ କରିଥିବା ପ୍ରଧାନ ବିଚାରପତି କହିଥିଲେ। ଅନ୍ତର୍ଜାତୀୟ ବାସନ୍ଦ ସମ୍ଭାବନା ଥିବାରୁ ପୂର୍ବର ସ୍ଥିତାବସ୍ଥା ବଜାୟ ରଖିବାକୁ କୋର୍ଟ ପରାମର୍ଶ ଦେଇଥିଲେ।

# ନ୍ୟୁଜିଲାଣ୍ଡ ବିପକ୍ଷରେ ୱେଷ୍ଟଇଣ୍ଡିଜ ବିଜୟୀ

**ବ୍ରିଜଟାଉନ୍,୧୮।୮(ଏପି):** ସ୍ଥାନୀୟ କେନ୍‌ସିଂଟନ୍ ଓଭାଲଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ୱେଷ୍ଟଇଣ୍ଡିଜ ୫ ଉଇକେଟରେ ବିଜୟ ଲାଭ କରିଛି।

**ସଂକ୍ଷିପ୍ତ ସ୍କୋର**

**ନ୍ୟୁଜିଲାଣ୍ଡ ଇନିଂସ:** ୪୫.୨ ଓଭରରେ ୧୯୦ (କେନ୍ ୱିଲିୟମସନ-୩୪, ମିଚେଲ ବ୍ରେସ୍‌ୱେଲ୍-୩୧, ଫିନ୍ ଆଲେନ୍-୨୫, ମିଚେଲ ସାଣ୍ଟନର-୨୫; ଅକିଲ ହୋସେନ୍-୩/୨୮, ଅଲ୍‌ଜାରି ଯୋଶେଫ୍-୩/୩୬)। **ୱେଷ୍ଟଇଣ୍ଡିଜ ଇନିଂସ:** ୩୯ ଓଭରରେ ୧୯୩/୫(ଶାମରା ବ୍ରୁକ୍ସ-୭୯, ନିକୋଲାସ ପୁରନ-୨୮, ଶାଇ ହୋପ୍-୨୬; ଟିମ୍ ସୌଦି-୨/୩୯, ଟ୍ରେଣ୍ଟ ବୋଲ୍ଟ-୨/୪୯)।

# ପାରା ବ୍ୟାଡ୍‌ମିଣ୍ଟନ: ପ୍ରମୋଦ, ଦୀପ୍‌ରଞ୍ଜନ ସେମିରେ

**ଭୁବନେଶ୍ୱର, ୧୮।୮ (ସ୍ପୋର୍ଟ୍ସ ବ୍ୟୁରୋ):** ଥାଇଲାଣ୍ଡ ପାରା ବ୍ୟାଡ୍‌ମିଣ୍ଟନ ୨୦୨୨ ସେମିରେ ପ୍ରବେଶ କରିଛନ୍ତି ପ୍ରମୋଦ ଭଗତ ଓ ଦୀପ୍‌ରଞ୍ଜନ ବିଷୋୟୀ। ଅଗଷ୍ଟ ୧୬-୨୦ ଯାଏ ପଟ୍ଟାୟାରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ପ୍ରମୋଦ ଭଗତ ସିଙ୍ଗିଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ଇଭେଣ୍ଟରେ ସେମିରେ ପ୍ରବେଶ କରିଥିବା ବେଳେ ପୁରୁଷ ଡବଲ୍ସ ସେମିରେ ପ୍ରବେଶ କରିଛନ୍ତି ଦୀପ୍‌ରଞ୍ଜନ ବିଷୋୟୀ। ମହମ୍ମଦ ଆଖାର ଅନସାରୀଙ୍କୁ ସାଥି କରି ଖେଳୁଥିବା ଦୀପ୍‌ରଞ୍ଜନ ୨୧-୧୭, ୧୧-୨୧ ଓ ୨୧-୧୭ ସେଟ୍‌ରେ ଥାଇଲାଣ୍ଡର ଚାୱାରଟ୍ କିଟିଚୋକ୍ୱାଟାନା ଓ ସାର୍ଙ୍ଗନିଲ ସିଂଘାଙ୍କୁ ପରାସ୍ତ କରିଥିଲେ। ଏହି ଯୋଡି ସେମିଫାଇନାଲରେ ପ୍ରମୋଦ ଭଗତ-ସୁକାନ୍ତ କଦମଙ୍କୁ ଭେଟିବେ। ଏସ୍ ଏଲ୍-୪ ସିଙ୍ଗିଲ୍ସ ବର୍ଗରେ ଦୀପରଞ୍ଜନ ଥାଇଲାଣ୍ଡର ସିରିପୋଙ୍ଗ ଟିମାରୋମଙ୍କ ନିକଟରୁ ୧୨-୨୧, ୨୧-୧୮ ଓ ୧୬-୨୧ରେ ପରାଜିତ ହୋଇଛନ୍ତି। ପ୍ରମୋଦ ଭଗତ କ୍ୱାର୍ଟର ଫାଇନାଲ ମୁକାବିଲାରେ ଫ୍ରାନ୍ସର ମାଥ୍ୟୁ ଥୋମାସଙ୍କୁ ୨୧-୬ ଓ ୨୧-୯ ସେଟ୍‌ରେ ପରାସ୍ତ କରିଛନ୍ତି। ସେମିରେ ଅନ୍ୟତମ ଭାରତୀୟ ନୀତେଶ କୁମାରଙ୍କୁ ଭେଟିବେ ପ୍ରମୋଦ।

# ଓସ୍‌ଜା ସ୍ମରଣିକା ଉନ୍ମୋଚିତ


ସହିଦ ସ୍ପୋର୍ଟିଂ କ୍ଲବ ପରିସରରେ ଗୁରୁବାର ଅନୁଷ୍ଠିତ ଅଶୋକ ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା ଅବସରରେ ଅତିଥି ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନର କର୍ମକର୍ତ୍ତା ଓ ଅନ୍ୟମାନେ।

**ଅଶୋକ ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା**

**ଭୁବନେଶ୍ୱର, ୧୮।୮ (ସ୍ପୋର୍ଟ୍ସ ବ୍ୟୁରୋ):** ବିଶିଷ୍ଟ କ୍ରୀଡ଼ା ଖବରଦାତା ଡକ୍ଟର ଅଶୋକ ପଟ୍ଟନାୟକଙ୍କ ୨୨ତମ ଶ୍ରାଦ୍ଧ ସଭା ଗୁରୁବାର ଅପରାହ୍ଣରେ ସହିଦ ସ୍ପୋର୍ଟିଂ କ୍ଲବ୍ ଦେବାଶିଷ ମହାନ୍ତି ପ୍ରେସ୍ ବକ୍ସରେ ଅନୁଷ୍ଠିତ ହୋଇଯାଇଛି। ଡକ୍ଟର ପଟ୍ଟନାୟକ ଖେଳ ଖବରଦାତା ଭାବେ ଯେତିକି ପରିଚିତ ନ ଥିଲେ ଜଣେ ଭଲ ମଣିଷ ଓ ତାଙ୍କ ମଣିଷ ପଣିଆ ପାଇଁ ଅଧିକ ସ୍ମରଣୀୟ ବୋଲି ବକ୍ତାମାନେ ଏହି ଅବସରରେ ପ୍ରକାଶ କରିଥିଲେ। ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଶୋକ ବାବୁଙ୍କ ପାଇଁ ଓଡ଼ିଶା କ୍ରୀଡ଼ା ଖବରଦାତା ସଂଘ ଏକାଠି ହୋଇପାରିଛି ବୋଲି ବକ୍ତବ୍ୟ ରଖିଥିଲେ। ଅଶୋକ ପଟ୍ଟନାୟକଙ୍କ ସୁପୁତ୍ର ଅନୁପମ ପଟ୍ଟନାୟକ ପ୍ରଥମ ଥର ପାଇଁ ଏହି ଶ୍ରାଦ୍ଧ ସଭାରେ ଯୋଗ ଦେଇଥିବାରୁ ନିଜକୁ ଧନ୍ୟ ମନେ କରିଥିଲେ। ଭାରତୀୟ କ୍ରୀଡ଼ା ସାମ୍ବାଦିକ ସଂଘ (ଏସ୍‌ଜେଏଫ୍‌ଆଇ)ର ଉପସଭାପତି ସସ୍ମିତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଭାପତି ସନ୍ଦୀପ ମିଶ୍ର, କାର୍ଯ୍ୟକାରୀ ସଭାପତି କେ. ରବି, ଉପସଭାପତି ହିମାଂଶୁ ପତି ମିଶ୍ର, ସମୀକ୍ଷା ପଟ୍ଟନାୟକ, ସମ୍ପାଦକ ଦେବୀ ପ୍ରସନ୍ନ ମହାନ୍ତି, ଯୁଗ୍ମ ସମ୍ପାଦକ ସୁରେଶ ସ୍ୱାଇଁ, ତପନ ସ୍ୱାଇଁ, କୋଷାଧ୍ୟକ୍ଷ ଦେବାଶିଷ ସୁନ୍ଦରାୟ, କାର୍ଯ୍ୟକାରୀ ସଦସ୍ୟ ସନାତନ ପାଣି, ଦୀପ୍ତି ରଞ୍ଜନ ସାମଲଙ୍କ ସହିତ ବରିଷ୍ଠ ସଦସ୍ୟ ରଜନୀକାନ୍ତ ଶତ୍ରୁଶଲ୍ୟ, ସର୍ବେଶ୍ୱର ମହାନ୍ତି, ଶକ୍ତିପ୍ରକାଶ ନନ୍ଦ, କୁମାର ଶ୍ରୀ, ବିମଳ କୁମାର ରାଉଳ, ରଞ୍ଜନ କୁମାର ରାୟ, ଦେବୀ ପ୍ରସନ୍ନ ପାଣିଗ୍ରାହୀ, ମହେନ୍ଦ୍ର ସାହୁ, ଚକ୍ରଧର ମାଝୀ, ତୁଷାର ସେନାପତି ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।ଗତ ମାସର ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ (ଜୁଲାଇ ୨) ଅବସରରେ ପ୍ରସ୍ତୁତ ଓସ୍‌ଜା ସ୍ମରଣିକା ଏହି ଅବସରରେ ଉନ୍ମୋଚିତ ହୋଇଥିଲା।

# ଇଣ୍ଡିଆନ ନାଭିକୁ ହରାଇଲା ମୁମ୍ବାଇ ସିଟି

**କୋଲକାତା, ୧୮।୮ (ପି.ଟି.):** ପୂର୍ବତନ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ) ଚାମ୍ପିୟନ ମୁମ୍ବାଇ ସିଟି ଏଫ୍‌ସି (ଏମ୍‌ସିଏଫ୍‌ସି) ଡୁରାଣ୍ଡ କପ୍ ଫୁଟ୍‌ବଲରେ ଏହାର ଓପନିଂ ମ୍ୟାଚରେ ଇଣ୍ଡିଆନ ନେଭିକୁ ୪-୧ ଗୋଲରେ ପରାସ୍ତ କରିଛି। ଗ୍ରୁପ୍-'ବି'ର ଏହି ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ବଦଳ ଖେଳାଳି ଲାଲିଆନ୍‌ଜୁଏଲା ଚାଙ୍ଗଟେ (୮୯ତମ, ୯୦+୧ତମ ମିନିଟ) ଦୁଇ ମିନିଟ ବ୍ୟବଧାନରେ ଦୁଇଟି ଗୋଲ ସ୍କୋର କରିଥିବା ବେଳେ ବିକ୍ରମ ପ୍ରତାପ ସିଂ (୫୪+୪ତମ) ଓ ଗ୍ରେଗ୍ ଷ୍ଟିୱାର୍ଟ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବହୁ ଷ୍ଟାର ଖେଳାଳିଙ୍କୁ ନେଇ ଗଠିତ ମୁମ୍ବାଇ ଦଳ ମ୍ୟାଚରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ମାତ୍ର ପ୍ରାରମ୍ଭରେ ଫିନିଶିଂ ଅଭାବରୁ ୪୩ତମ ମିନିଟ୍‌ରେ ଆଦର୍ଶ ମାଟ୍ଟୁମାଲଙ୍କ ଗୋଲ ବଳରେ ଇଣ୍ଡିଆନ ନେଭି ପ୍ରଥମେ ଅଗ୍ରଣୀ ଲାଭ କରିଥିଲା।

# ସିରିଜ ଜିତିଲା ଆୟର୍ଲାଣ୍ଡ

**ବେଲଫାଷ୍ଟ,୧୮।୮(ପି.ଟି.):** ଆଫଗାନିସ୍ତାନକୁ ୩-୨ରେ ପରାସ୍ତ କରି ଟି୨୦ ସିରିଜ କବ୍‌ଜା କରିଛି ଆୟର୍ଲାଣ୍ଡ। ବେଲଫାଷ୍ଟର ବର୍ଷା ବାଧାପ୍ରାପ୍ତ ନିର୍ଣ୍ଣାୟକ ମୁକାବିଲାକୁ ୭ ଉଇକେଟରେ ଜିତିନେବା ସହିତ ସିରିଜ ବିଜୟୀ ହୋଇଛି। ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚମତ୍କାର ପ୍ରଦର୍ଶନ ପରେ ଶେଷରେ ସିରିଜ ଜିତିବାରେ ସମର୍ଥ ହୋଇଛି ଆୟର୍ଲାଣ୍ଡ। ଆଫଗାନିସ୍ତାନ ୧୫ ଓଭରରେ ୫ ଉଇକେଟ ହରାଇ ୯୫ ରନ କରିଥିଲା। ବର୍ଷା କାରଣରୁ ଆୟର୍ଲାଣ୍ଡକୁ ୭ ଓଭରରେ ୫୬ ରନର ସଂଶୋଧିତ ଲକ୍ଷ୍ୟ ପ୍ରଦାନ କରାଯାଇଥିଲା। ତେବେ ୨ ବଲ ବାକି ଥାଇ ବିଜୟ ହାସଲ କରିଥିଲା ଦଳ।

# ନିମାନଙ୍କୁ ହରାଇଲେ ପ୍ରଜ୍ଞାନନ୍ଦ

ମାୟାମି,୧୮।୮(ପି.ଟି.)

ଆମେରିକାନ ଫିନାଲେ ଅଫ୍ ଚାମ୍ପିୟନ୍ସ ଚେସ୍ ଟୁର୍ ଅନ୍ତର୍ଗତ ଏଫ୍‌ଟିଏକ୍ସ କ୍ରିପ୍ଟୋ କପ୍‌ରେ ଭାରତର ଯୁବ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ତାଙ୍କ ତୃତୀୟ ରାଉଣ୍ଡ ମ୍ୟାଚରେ ହାନ୍ସ ନିମାନଙ୍କୁ ୨.୫-୧.୫ରେ ହରାଇ ଦେଇଛନ୍ତି। ପ୍ରତିଯୋଗିତାରେ ଏହା ହେଉଛି ତାଙ୍କର କ୍ରମାଗତ ତୃତୀୟ ବିଜୟ। ୧୭ ବର୍ଷୀୟ ଭାରତୀୟ ୯ ମ୍ୟାଚ ପଏଣ୍ଟ ଅର୍ଜନ କରି ବର୍ତ୍ତମାନ ବିଶ୍ୱର ନମ୍ବର ୱାନ ମାଗ୍ନସ କାର୍ଲସେନ୍‌ଙ୍କ ସହ ଷ୍ଟାଣ୍ଡିଂରେ ଶୀର୍ଷରେ ରହିଛନ୍ତି। ଲେଭନ ଆରୋନିଆନଙ୍କ ବିପକ୍ଷରେ କାର୍ଲସେନ ୨.୫-୧.୫ରେ ବିଜୟ ହାସଲ କରିଛନ୍ତି। ପ୍ରଜ୍ଞାନନ୍ଦ ପ୍ରଥମ ରାଉଣ୍ଡରେ ବିଶ୍ୱର ୪ ନମ୍ବର ଖେଳାଳି ତଥା ଜୁନିୟର ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ଖେଳାଳି ଅଲିରେଜା ଫିରୋଜାଙ୍କୁ ପରାସ୍ତ କରି ତାଙ୍କ ଅଭିଯାନ ଆରମ୍ଭ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ଅନିଶ ଗିରିଙ୍କୁ ପରାସ୍ତ କରିଥିଲେ।

# ପାରା ଶୁଟିଂ ବିଶ୍ୱକପରେ ରାହୁଲଙ୍କୁ ସ୍ୱର୍ଣ୍ଣ

**ଚାଙ୍ଗଓନ୍,୧୮।୮(ପି.ଟି):** ପାରା ଶୁଟିଂ ବିଶ୍ୱକପରେ ଭାରତ ଏହାର ପଦକ ଖାତା ଖୋଲିଛି। ପିସ୍ତଲ ଶୁଟର ରାହୁଲ ଜାଖଡ ଭାରତ ପାଇଁ ଜିତିଛନ୍ତି ପ୍ରଥମ ସ୍ୱର୍ଣ୍ଣ ପଦକ। ପି-୩ ବର୍ଗରେ ୨୫ ମିଟର ପିସ୍ତଲ ଇଭେଣ୍ଟରେ ପଛୁଆ ରହି ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ଥ ହୋଇଥିଲେ। ଗୁରୁବାର ଭାରତୀୟ ଦଳ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ସହିତ ୩ଟି ପଦକ ହାସଲରେ ସମର୍ଥ ହୋଇଛି। ଫାଇନାଲରେ କିମ୍ ଜଙ୍ଗାମଙ୍କ ସହିତ ଶୁଟ୍ ଅଫ୍‌ରେ(୩+୩+୨ :୩+୩+୦) ପଏଣ୍ଟରେ ବିଜୟୀ ହୋଇଥିଲେ। କ୍ୱାଲିଫାଇଙ୍ଗ ରାଉଣ୍ଡରେ ୫୭୪ ସ୍କୋର ସହିତ ଜାଖଡ ଦ୍ୱିତୀୟ ସ୍ଥାନରେ ରହିଥିଲେ। ପାରାଲିମ୍ପିକ୍ସ ଚାମ୍ପିୟନ ଅବନୀ ଲେଖାରା ରୌପ୍ୟ ଓ ପୂଜା ଅଗ୍ରୱାଲ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଚଳିତ ବିଶ୍ୱକପ ପାଇଁ ଭାରତ ୧୪ ଜଣିଆ ଦଳ ପଠାଇଛି।


ରାହୁଲ ଜାଖଡ

# ଉତ୍କଳ ସ୍ପୋର୍ଟ୍ସ ମିଟ୍‌ର କରାଟେ ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର, ୧୮।୮ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ 'ଉତ୍କଳ ସ୍ପୋର୍ଟ୍ସ ମିଟ୍'ର କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯୦ ବାଳିକା ଓ ୨୧୦ ବାଳକ ସମେତ ମୋଟ ୩୦୦ ପ୍ରତିଯୋଗୀ ୨୦ଟି ବିଭାଗରେ ଭାଗ ନେଇଥିଲେ। ବିଭିନ୍ନ ଖେଳକୁ ପ୍ରୋତ୍ସାହନ ଦେବାକୁ ପ୍ରତିବର୍ଷ 'ଉତ୍କଳ ସ୍ପୋର୍ଟ୍ସ ମିଟ୍'ର ଆୟୋଜନ କରାଯାଇଥାଏ। ଅଗଷ୍ଟ ୨୯ରେ ସ୍କୁଲର ପ୍ରତିଷ୍ଠା ଦିବସ ପୂର୍ବରୁ ଏହା ସମ୍ପନ୍ନ ହୋଇଥାଏ। ଆଗାମୀ ୨୮ ତାରିଖରେ ପାୱାର ଲିଫ୍ଟିଂ ଓ ଶୁଟିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଗୁରୁବାର ଶେଷ ହୋଇଥିବା ପ୍ରତିଯୋଗିତାକୁ ସେନ୍‌ସେଇ ଖାରବେଳ ମଲିକ, ଜୟଦେବ ପଟ୍ଟନାୟକ, ଅରବିନ୍ଦ ପଟ୍ଟନାୟକ, ରାଜୀବ ସିଂ, ଦୀପକ ସାମନ୍ତରା, ସୌମ୍ୟରଞ୍ଜନ ଦାସ, ସନ୍ଦୀପ ମହାନ୍ତି, ଗୋପାଳ ଚନ୍ଦ୍ର ଦାସ, ନିରଞ୍ଜନ ବେବର୍ତ୍ତା, ଉମାକାନ୍ତ, କୃଷ୍ଣଚନ୍ଦ୍ର ମହାରଣା, କ୍ରିଷ୍ଣାଶିକାରୀ ଓ ଅମିୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ପିଲାମାନଙ୍କୁ ଉପଯୁକ୍ତ ବାତାବରଣ ଯୋଗାଇଦେବା ସହ ଅନ୍ୟ ଏକ ଖେଳରେ ସୁଯୋଗ ଦେବା ଏହି ପ୍ରତିଯୋଗିତାର ଲକ୍ଷ୍ୟ ବୋଲି ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।



'ଉତ୍କଳ ସ୍ପୋର୍ଟ୍ସ ମିଟ୍'ର କରାଟେ ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ସହ।

# ୱାରୱିକ୍‌ଶାୟାରରୁ ଖେଳିବେ ସିରାଜ

**ବର୍ମିଂହାମ୍, ୧୮।୮ (ପି.ଟି.):** ଭାରତର ଫାଷ୍ଟ ବୋଲର ମହମ୍ମଦ ସିରାଜ ଇଂଲିଶ କାଉଣ୍ଟି ଚାମ୍ପିୟନଶିପ୍‌ରେ ଖେଳିବେ। ସେପ୍ଟେମ୍ବରରେ ୱାରୱିକ୍‌ଶାୟାରର ଶେଷ ୩ଟି ଗେମ୍‌ରେ ସେ ଖେଳିବେ। ସିରାଜ ବର୍ତ୍ତମାନ ଜିମ୍ବାୱେରେ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳୁଛନ୍ତି। କିନ୍ତୁ ଭାରତର ଟି୨୦ ସ୍କିମ୍‌ରେ ସେ ନାହାନ୍ତି। ସେପ୍ଟେମ୍ବର ୧୨ରେ ସମରସେଟ୍ ବିପକ୍ଷ ମ୍ୟାଚ ପୂର୍ବରୁ ତାଙ୍କ ଏଜବାଷ୍ଟନରେ ପହଞ୍ଚିବାକୁ ପଡ଼ିବ ବୋଲି ୱାରୱିକ୍‌ଶାୟାର କାଉଣ୍ଟି କ୍ରିକେଟ କ୍ଲବ ତରଫରୁ ଘୋଷଣା କରାଯାଇଛି। ଗତ ଜୁଲାଇରେ ଏଜ୍‌ବାଷ୍ଟନଠାରେ ଇଂଲଣ୍ଡ ବନାମ ଭାରତ ୫ମ ତଥା ଫାଇନାଲ ଟେଷ୍ଟର ପ୍ରଥମ ଇନିଂସରେ ସିରାଜ ଚମତ୍କାର ବୋଲିଂ କରି ୬୬ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ପରେ ଅନୁଷ୍ଠିତ ତିନୋଟି ଅନ୍ତର୍ଜାତୀୟ ଦିନିକିଆରେ ସେ ୬ ଉଇକେଟ ହାସଲ କରିଥିଲେ।


ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ଶ୍ୟାମସୁନ୍ଦର ମହାନ୍ତି

ଆବିର୍ଭାବ- ତା୧୩।୦୪।୧୯୩୭
ତିରୋଧାନ- ତା୩୦।୦୮।୨୦୨୧

ବାପା, ଆପଣଙ୍କର ଅନୁପସ୍ଥିତ ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ନୀତି, ସମସ୍ତଙ୍କ ପ୍ରତି ସ୍ନେହ ଓ ଶ୍ରଦ୍ଧାଭାବ, ଆଦର୍ଶ, ସରଳ ସ୍ୱଭାବ, କର୍ତ୍ତବ୍ୟନିଷ୍ଠା, ସାଧୁତା, ଧାର୍ମିକ ଚେତନା ଆମ ସମସ୍ତଙ୍କର ସର୍ବଦା ପ୍ରେରଣାର ଉତ୍ସ ହେଉ। ଆଜିର ଦିନରେ ଆପଣଙ୍କର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।

**ଆପଣଙ୍କର ଶୋକସନ୍ତପ୍ତ:** ସ୍ତ୍ରୀ, ପୁତ୍ର ଓ ପୁତ୍ରବଧୂମାନେ, ଝିଅଜ୍ୱାଇଁ, ନାତି, ନାତୁଣୀ, ନାତିବଧୂ, ନାତୁଣୀଜ୍ୱାଇଁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।

ଧ-୧୨୮୯



ବାଇଚୁଙ୍ଗ ଭୁଟିଆ

# ପ୍ରକୃଷ୍ଟ ସମୟ

ବିଶ୍ୱ ଫୁଟବଲର ସର୍ବୋଚ୍ଚ ପରିଚାଳନା ସଂସ୍ଥା 'ଫିଫା' ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍)କୁ ବାସନ୍ଦ କରିଛି। ସମ୍ପ୍ରତି ଏଆଇଏଫ୍ଏଫ୍ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ କମିଟି ଅଫ୍ ଆଡ୍ମିନିଷ୍ଟ୍ରେଟର୍ସ (ସିଓଏ) ଦ୍ୱାରା ପରିଚାଳିତ ହେଉଥିବାବେଳେ କୌଣସି ତୃତୀୟ ପକ୍ଷର ହସ୍ତକ୍ଷେପକୁ ବରଦାସ୍ତ କରାଯିବନାହିଁ ବୋଲି ଫିଫା ସ୍ପଷ୍ଟ କରିଦେଇଛି। ଫିଫାର ଏପରି ବାସନ୍ଦରେ କିନ୍ତୁ ବିଚଳିତ ନୁହନ୍ତି ପୂର୍ବତନ ଭାରତୀୟ ଅଧିନାୟକ ବାଇଚୁଙ୍ଗ

**"ଫିଫାର ନିଷ୍ପତ୍ତି କଠୋର ହୋଇଥିଲେ ହେଁ ଭାରତର କ୍ରୀଡ଼ା ବ୍ୟବସ୍ଥାରେ ଅନୁଶାସନ ଫେରାଇ ଆଣିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଏବେ ଘର ସଜାଡ଼ିବାର ବେଳ, ଦେଶର ଫୁଟ୍‌ବଲ ବ୍ୟବସ୍ଥାରେ ରହିଥିବା ତ୍ରୁଟି ସୁଧାରିବା ପାଇଁ ଏହା ଉଚିତ ସମୟ"**

*–ବାଇଚୁଙ୍ଗ ଭୁଟିଆ, ପୂର୍ବତନ ଭାରତୀୟ ଫୁଟବଲ ଅଧିନାୟକ*

ଭୁଟିଆ। ଫିଫାର ଏହି ନିଷ୍ପତ୍ତି କଠୋର ହୋଇଥିଲେ ହେଁ ଦେଶର କ୍ରୀଡ଼ା ବ୍ୟବସ୍ଥାରେ ଅନୁଶାସନ ଫେରାଇ ଆଣିବା ପାଇଁ ଏହା ପ୍ରକୃଷ୍ଟ ସମୟ ବୋଲି ସେ କହିଛନ୍ତି। ଏବେ ଘର ସଜାଡ଼ିବାର ବେଳ, ଦେଶର ଫୁଟ୍‌ବଲ ବ୍ୟବସ୍ଥାରେ ରହିଥିବା ତ୍ରୁଟିଗୁଡ଼ିକୁ ସୁଧାରିବା ପାଇଁ ଏହା ଉଚିତ ସମୟ ବୋଲି ପ୍ରକାଶ କରିଛନ୍ତି ଏହି ସ୍ପୋର୍ଟ୍ସ ଆଇକନ୍। ଫିଫା ନିୟମ ଉଲ୍ଲଂଘନ କାରଣରୁ ୮୫ ବର୍ଷର ଇତିହାସରେ ପ୍ରଥମଥର ପାଇଁ ଭାରତକୁ ଏଭଳି ବାସନ୍ଦାଦେଶର ସମ୍ମୁଖୀନ ହେବାକୁ ପଡ଼ିଛି। ଫିଫାର ଏହି ନିଷ୍ପତ୍ତି ଭାରତ ପାଇଁ ଶକ୍ତ ଧକ୍କା ବୋଲି ପୂର୍ବତନ ଅଧିନାୟକ ଶବିର୍ ଅଲୀ ପ୍ରକାଶ କରିଛନ୍ତି। ଏହାସହିତ ଏହି ବାସନ୍ଦାଦେଶ ଖୁବ୍‌ଶୀଘ୍ର ହଟିଯିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଫିଫା ପକ୍ଷରୁ ସମସ୍ତ ରାସ୍ତା ବନ୍ଦ କରାଯାଇ ନ ଥିବା ବେଳେ ଆଲୋଚନା ଦ୍ୱାରା ଏହି ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି। ଅନ୍ୟତମ ପୂର୍ବତନ ଖେଳାଳି ମେହତାବ ହୋସେନ୍ ଫୁଟ୍‌ବଲ ପରିଚାଳନାକୁ ବର୍ତ୍ତମାନର ସମସ୍ୟା ପାଇଁ ଦାୟୀ କରିଛନ୍ତି। ପୂର୍ବରୁ ପରିଚାଳନା କରୁଥିବା ଅଧିକାରୀ ଏବଂ ସିଓଏ ସମପରିମାଣରେ ଏହି ଘଟଣା ପାଇଁ ଦାୟୀ। ଯେତେବେଳେ ଫିଫା ପକ୍ଷରୁ ନିର୍ବାଚନ ପାଇଁ ଡେଡ୍‌ଲାଇନ ଧାର୍ଯ୍ୟ କରାଯାଇଥିଲା ସେତେବେଳେ ଏତେଦିନ ଧରି ନୀରବ ରହି ଏମାନେ କ'ଣ କରୁଥିଲେ ବୋଲି ମେହତାବ ପ୍ରଶ୍ନ କରିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ସିଓଏ ଦାୟିତ୍ୱ ଛାଡ଼ିବା ସହ ଏଆଇଏଫ୍ଏଫ୍‌ର କର୍ମକର୍ତ୍ତାମାନେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚିତ ହେବେ ଏବଂ ଏହାର ସମ୍ବିଧାନ ଫିଫା ଓ ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି) ଦ୍ୱାରା ସ୍ୱୀକୃତ ହେବାପରେ ଯାଇ ବାସନ୍ଦ ଉଠି ପାରିବ। ବାସନ୍ଦ ନ ଉଠିଲେ ଭାରତ କୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିପାରିବ ନାହିଁ କିମ୍ବା ଦେଶରେ କୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ କରିପାରିବ ନାହିଁ। ଫଳରେ ଭୁବନେଶ୍ୱର ସମେତ ଦେଶର ୩ଟି ଭେନ୍ୟୁରେ ହେବାକୁଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଆୟୋଜନ ହୋଇପାରିବ ନାହିଁ। ଏହା ବ୍ୟତୀତ ଏସିଆ ଓ ସାଫ୍ ଚାମ୍ପିୟନଶିପ୍‌ରେ ଭାଗ ନେଇ ପାରିବ ନାହିଁ। କାରଣ ଭାରତର କୌଣସି ଖେଳାଳି ବିଦେଶରେ କିମ୍ବା ବିଦେଶର କୌଣସି ଖେଳାଳି ଭାରତରେ ଖେଳିପାରିବେ ନାହିଁ। ଫିଫା ନିୟମ ଉଲ୍ଲଂଘନ କାରଣରୁ ପୂର୍ବରୁ ପାକିସ୍ତାନ, ଜିମ୍ବାୱେ, କେନିୟା, ବେନିନ୍, କୁଏତ୍, ଇଣ୍ଡୋନେସିଆ, ଗ୍ୱାଟେମାଲା, ନାଇଜେରିଆ, ବ୍ରୁନେଇ ଓ ଇରାକ ଆଦି ଦେଶ ସମଦଶା ଭୋଗିଛି। ସଦସ୍ୟ ରାଷ୍ଟ୍ରଗୁଡ଼ିକ କୌଣସି ରାଜନୈତିକ କିମ୍ବା ଆଇନଗତ ହସ୍ତକ୍ଷେପରୁ ଦୂରେଇ ନ ରହିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଫିଫା ସ୍ପଷ୍ଟ କରିଛି।

ପରିବର୍ତ୍ତିତ ଘଟଣାକ୍ରମରେ ଗତ ବୁଧବାର ଥିବା ମାମଲାର ଶୁଣାଣିକୁ ସୁପ୍ରିମକୋର୍ଟ ୨୨ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛନ୍ତି।



ରୁଦ୍ର ପ୍ରସନ୍ନ ରଥ

**ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ଗତଥରଠାରୁ କମ୍ ପଦକ ପାଇଥିଲେ ବି ଟ୍ରାକ୍ ଆଣ୍ଡ ଫିଲ୍ଡରେ ପ୍ରତିଯୋଗୀଙ୍କ ପ୍ରଦର୍ଶନ ମନଖୁସି କରିଦେଇଛି। ଆଥଲେଟ୍‌ମାନେ ଯେ ଆଶା କରାଯାଉ ନ ଥିବା ଇଭେଣ୍ଟରୁ ଭାରତପାଇଁ ପଦକ ଆଣିଦେବେ ତାହା ଅନେକଙ୍କ ଚିନ୍ତାର ବାହାରେ ଥିଲା। ଏହି ପଦକ ଭାରତପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ ତାହା ଆଲୋଚନା କରିବାର ସମୟ ଆସିଛି...**

ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଟ୍ରାକ୍ ଆଣ୍ଡ ଫିଲ୍ଡରେ ପଦକ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ



ଏଲଡୋସ୍ ପଲ



ମୁରଲୀ ଶ୍ରୀ ଶଙ୍କର

ବର୍ମିଂହାମରେ ଏଇମାତ୍ର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଶେଷ ହୋଇଛି। ଭାରତ ଗତଥରଠାରୁ କମ୍ ସ୍ୱର୍ଣ୍ଣ ଏବଂ ଓଭରଅଲ୍ କମ୍ ପଦକ ପାଇଥିଲେ ବି ଟ୍ରାକ୍ ଆଣ୍ଡ ଫିଲ୍ଡରେ ପ୍ରତିଯୋଗୀଙ୍କ ପ୍ରଦର୍ଶନ ଦିଲ୍‌ଖୁସ୍ କରିଦେଇଛି। ଖେଳ ଆରମ୍ଭରୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଜାଭେଲିନ୍ ଫିଙ୍ଗାଳି ଭାରତର ନୀରଜ ଚୋପ୍ରା ଆଘାତଜନିତ କାରଣରୁ ଏହି ଖେଳରୁ ବାଦ୍‌ପଡିବାରୁ ଅନେକଙ୍କର ମନ ଦୁଃଖ ହୋଇଥିଲା। ମୂଳରୁ ଶୁଟିଂ ଏବଂ ତୀରନ୍ଦାଜୀ ପରି ଖେଳ ଯେଉଁଥିରେ ଭାରତ ଏକାଧିକ ପଦକ ପାଏ ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ବାଦ୍ ପଡିଥିଲା। ଏଣୁ ଭାରତର ପଦକ ସଂଖ୍ୟା ପ୍ରଭାବିତ ହେବାର ଆଶଙ୍କା ଥିଲା। ତେବେ ଆଥଲେଟ୍‌ମାନେ ଯେ ମନୋରଞ୍ଜନ ପ୍ରଦର୍ଶନ ଦେଇ ଭାରତପାଇଁ ଚିନ୍ତା କରାଯାଉ ନ ଥିବା ଇଭେଣ୍ଟରୁ ପଦକ ଆଣିଦେବେ, ତାହା ଅନେକଙ୍କର ଚିନ୍ତାର ବାହାରେ ଥିଲା। ଏହି ପଦକ ଭାରତପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ ତାହା ଆଲୋଚନା କରିବାର ସମୟ ଆସିଛି।

ବର୍ମିଂହାମରେ ଭାରତ ଟ୍ରାକ୍ ଏବଂ ଫିଲ୍ଡ ବିଭାଗରେ ପାଇଛି ୮ଟି ପଦକ। ଏଥିରେ ସାମିଲ ଅଛି ଗୋଟିଏ ସ୍ୱର୍ଣ୍ଣ, ତିନୋଟି ରୌପ୍ୟ ଏବଂ ୪ଟି ବ୍ରୋଞ୍ଜ। ଏହା ଭାରତ ବାହାରେ ଆୟୋଜିତ ହେଉଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପଦକ ହିସାବରେ ସର୍ବାଧିକ। ୨୦୧୦ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପାଇଥିଲା ୧୨ଟି ପଦକ। ବର୍ଷେ ପରେ ଡୋପ୍ ଟେଷ୍ଟରେ ମହିଳା ୪ x ୪୦୦ ମିଟର ରିଲେ ଦଳ ଧରାପଡି ଗୋଟିଏ ପଦକ ହରାଇବା ପରେ ଭାରତ ଲୋକଲଜ୍ଜାର ସମ୍ମୁଖୀନ ହୋଇଥିଲା। ପରବର୍ତ୍ତୀ ଦୁଇଟି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପାଇଥିଲା ମୋଟ୍ ୬ଟି ପଦକ। ଏଥର ଭାରତ ଉପରେ ଯେଉଁ ଦେଶଗୁଡ଼ିକ ଏହି ଟ୍ରାକ୍ ଏବଂ ଫିଲ୍ଡ ଇଭେଣ୍ଟରେ ଅଧିକ ପଦକ ପାଇଛନ୍ତି ସେମାନେ ହେଲେ ଜାମାଇକା, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନାଇଜେରିଆ ଏବଂ କେନିଆ। ଏହି ୫ଟି ଦେଶ ଏସିଆଡ୍‌ରେ ଭାଗ ନିଅନ୍ତି ନାହିଁ। ତେଣୁ ଆଗାମୀ ବର୍ଷ ହେବାକୁ ଯାଉଥିବା ଏସିଆଡ୍‌ରେ ଭାରତ ଯଦି ନିଜର ପ୍ରଦର୍ଶନ ଦୋହରାଇପାରିବ ତା'ହେଲେ ଅନେକ ପଦକ ଆଶା କରିବା। ତେବେ ଏସିଆଡ୍‌ରେ ଭାରତ ଚାଇନା ଏବଂ ମଧ୍ୟ ପ୍ରାଚ୍ୟ ରାଷ୍ଟ୍ର ସହ ଟ୍ରାକ୍ ଆଣ୍ଡ ଫିଲ୍ଡରେ କଡ଼ା ଟକ୍କରର ସମ୍ମୁଖୀନ ହେବ। ତେବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଟ୍ରାକ୍ ଆଣ୍ଡ ଫିଲ୍ଡରେ ପଦକ ଜିତିବା ଏସିଆଡ୍‌ଠାରୁ କଷ୍ଟକର ବୋଲି କୁହାଯାଏ।

ଭାରତ ଏଥର ଟ୍ରାକ୍ ଆଣ୍ଡ ଫିଲ୍ଡର ବିଭିନ୍ନ ଇଭେଣ୍ଟରୁ ପଦକ ପାଇଛି। ଅବିନାଶ ସାବଲେ ପଦକ ପାଇଛନ୍ତି ୩୦୦୦ ମିଟର ଷ୍ଟିପଲ ଚେଜ ବିଭାଗରେ । ଗତ ଦୁଇ ଦଶନ୍ଧି ଧରି କେନିଆର ଖେଳାଳିମାନେ ଏହି ବିଭାଗର ସବୁ ପଦକ ପୋଛି ନେଉଥିଲେ। ସାବଲେ ସେଥିରେ ବ୍ରେକ୍ ଲଗାଇଛନ୍ତି। ପୁଣି ପଦକ ଆସିଛି ଟ୍ରିପଲ ଜମ୍ପରେ। ତାହା ପୁଣି ଉଭୟ ସ୍ୱର୍ଣ୍ଣ ଏବଂ ରୌପ୍ୟ। ଏଲଡୋସ୍ ପଲ ପାଇଛନ୍ତି ସ୍ୱର୍ଣ୍ଣ ଏବଂ ଅବଦୁଲ୍ଲା ଆବୁବେକର ପାଇଛନ୍ତି ରୌପ୍ୟ। ଭାଗ୍ୟ ଆଉ ଟିକିଏ ସାଥ୍ ଦେଇଥିଲେ ଭାରତ ଏଥିରେ ବ୍ରୋଞ୍ଜ ପଦକ ବି ପାଇପାରି ଥାଆନ୍ତା। ଅନୁ ରାଣୀଙ୍କୁ ମିଳିଲା ଜାଭେଲିନ୍‌ରେ ବ୍ରୋଞ୍ଜ ପଦକ। ଏପରି ସଫଳତା ପାଇବାରେ ସେ ପ୍ରଥମ ଭାରତୀୟ ମହିଳା।

ହାଇଜମ୍ପରେ ତେଜସ୍ୱିନ ଶଙ୍କରଙ୍କୁ ବ୍ରୋଞ୍ଜ ପଦକ ମିଳିଲା। ସେ ତ ପ୍ରଥମରୁ ହିଁ ଦଳରେ ନ ଥିଲେ। କୋର୍ଟ ଆଦେଶ ବଳରେ ବଦଳ ଖେଳାଳିଭାବେ ଦଳରେ ସ୍ଥାନ ପାଇଥିଲେ। ଏବେ ତାଙ୍କ ପଦକ ଅନେକଙ୍କର ମୁହଁ ବନ୍ଦ କରିଦେଇଛି। ତାଙ୍କୁ ମାତ୍ର ୨୩ ବର୍ଷ। ସୁଯୋଗ ମିଳିଲେ ସେ ଅନେକ ଆଗକୁ ଯାଇପାରିବେ।

ଲଙ୍ଗ ଜମ୍ପରେ ମୁରଲୀ ଶ୍ରୀ ଶଙ୍କରଙ୍କୁ ମିଳିଥିଲା ରୌପ୍ୟ ପଦକ। ୪୪ ବର୍ଷ ପରେ ଜଣେ ଭାରତୀୟ ଭାବେ ସେ ଏହି ଇଭେଣ୍ଟରେ ପଦକ ପାଇଲେ। ପ୍ରିୟଙ୍କା ଗୋସ୍ୱାମୀ ଏବଂ ସନ୍ଦୀପ କୁମାର ୧୦,୦୦୦ ମିଟର ରେସ୍ ୱାକ୍‌ରେ ବ୍ରୋଞ୍ଜ ପଦକ ପାଇଲେ। ଏହି ଖେଳ ଅଲିମ୍ପିକ୍ସରେ ଖେଳାଯାଏ ନାହିଁ, ମାତ୍ର ଏହି ସଫଳତାକୁ ପୁଞ୍ଜି କରି ସେମାନେ ଆଗକୁ ଅନେକ ବାଟ ଯାଇପାରିବେ।

ତେବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଏକ ଭଲ ଆରମ୍ଭ ବୋଲି କୁହାଯାଇପାରିବ। ତେବେ ଏହା । ଆଗାମୀ ବର୍ଷ ହେବାକୁ ଥିବା ୱାର୍ଲ୍ଡ ଚାମ୍ପିୟନଶିପ୍ କିମ୍ବା ୨୦୨୪ରେ ହେବାକୁ ଥିବା ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ କେତେ ପଦକ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରୁ ଜିତିବ ତାହା କହିବା ସହଜ ନୁହେଁ। ବରଂ ଏଥିପାଇଁ ଭିନ୍ନ ଭାବେ ପରିଶ୍ରମ ଏବଂ ଯୋଜନା କରିବାକୁ ପଡିବ। ଆମର ଉଦ୍ୟମକୁ ବହୁଗୁଣିତ କରିବାକୁ ପଡିବ।

ଭାରତୀୟ କ୍ରୀଡାବିତ୍‌ମାନେ ବଡ଼ ବଡ଼ କ୍ରୀଡ଼ା ପ୍ରତିଯୋଗିତାରେ ଆଶାନୁରୂପ ପ୍ରଦର୍ଶନ ଦେବାରେ ବିଫଳ ହେବାର ପ୍ରମୁଖ କାରଣ ହେଲା ବଡ଼ ସ୍ତରର ପ୍ରତିଯୋଗିତାରେ ନିରନ୍ତର ଭାଗ ନେବାରେ ସୁଯୋଗ ନ ପାଇବା। ଯଦିଓ ବିଗତ କିଛିବର୍ଷ ମଧ୍ୟରେ ସ୍ଥିତିରେ ଉନ୍ନତି ଆସିଛି ଏବଂ କ୍ରୀଡ଼ା ପ୍ରଶାସକଙ୍କର ବାବୁଗିରି କମିଛି ତାହା ଯଥେଷ୍ଟ ନୁହେଁ ବୋଲି କୁହାଯାଇପାରିବ। ଆମଠୁ ଛୋଟ ଦେଶ ଜାମାଇକା ଅଧିକ ମେଡାଲ ନେଇଯାଉଥିବା ବେଳେ ଆମେ କାହିଁକି ପଛରେ ପଡିଛେ ତାହାର ତର୍ଜମା ବହୁବାର କରାଯାଇଥିଲେ ବି ଆମେ ଏଥିରୁ କିଛି ଶିଖିଥିବାପରି ମନେ ହେଉନାହିଁ। ବରଂ ଆମେ ଅଳ୍ପରେ ସନ୍ତୁଷ୍ଟ ହେବା ପରି ଲାଗୁଛି।

ଅତୀତରେ ଆମେ ଦେଖିଛେ ଯେ ଯେଉଁମାନେ ବିଦେଶରେ ନିୟମିତ ତାଲିମ ନେଇଛନ୍ତି ଏବଂ ବଡ଼ ବଡ଼ ପ୍ରତିଯୋଗିତାରେ ବର୍ଷ ବର୍ଷ ଧରି ଭାଗ ନେଉଛନ୍ତି ସେମାନେ ଅଧିକ ସଫଳତା ପାଉଛନ୍ତି। ଉଦାହରଣ ସ୍ୱରୂପ ନୀରଜ ଚୋପ୍ରାଙ୍କୁ ନିଆଯାଉ। ତାଙ୍କର ସଫଳତା ପଛରେ ବିଦେଶୀ କୋଚିଂ ଏବଂ ବଡ଼ ପ୍ରତିଯୋଗିତାରେ ଭାଗ ନେବା ଏକ କାରଣ ବୋଲି କୁହାଯାଇପାରେ। ଅବିନାଶ ସାବଲେ ଏବେ ସେଇ ପଥର ଯାତ୍ରୀ। କେବଳ ଅଲିମ୍ପିକ୍ସ ବର୍ଷ ଛଡା ଅନ୍ୟ ବର୍ଷ ମଧ୍ୟ ଖେଳାଳିଙ୍କୁ ବିଦେଶରେ ତାଲିମ ଏବଂ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ମିଳେ ତାହା ହେଲେ ଭାରତ ବିଶ୍ୱରେ ନିଜର ଦବ୍‌ଦବା ଜାହିର କରି ପାରନ୍ତା। ଗତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ପଦକ ସେଇ ଦିଗରେ କାମ କରିବାକୁ ଭାରତୀୟ କ୍ରୀଡ଼ା ପ୍ରଶାସକଙ୍କୁ ପ୍ରବର୍ତ୍ତାଉ।

## ଡିଫରେଣ୍ଟ

ସର୍ବଭାରତୀୟ ଫୁଟବଲ ମହାସଂଘ
ମୁଣ୍ଡ ହେଉଅଛି ବିନ୍ଧା
ପଞ୍ଚାଅଶୀ ବର୍ଷ ଫିଫା ହିଷ୍ଟ୍ରିରେ
ସଂଘକୁ ପ୍ରଥମ ଖୁନ୍ଦା
ଥାର୍ଡ ପାର୍ଟି ଧନ୍ଦା ମାନ୍ଦା
ଦର୍ଶାଇକି ଫିଫା ବାସନ୍ଦ କରିଛି
ଭାରତକୁ ଦେଖ ଚନ୍ଦା।

ବାଲନ ଡି'ଓର ପୁରସ୍କାର ଚିଠା
ତାଲିକାରେ ବହୁ ଯାତ
ରୋନାଲ୍ଡୋ, ବେଞ୍ଜିମା, ହଲାଣ୍ଡଙ୍କ
ସହ
ତିରିଶ' ନା ପ୍ରକାଶିତ
ନେମାର ଖାଇଛି ନାତ
ଲିଓନେଲ ମେସି ଯାଇଅଛି ଖସି
ପାର୍ଥକ୍ୟ ଦେଖୁଥା ମିତ।

ଟିମ୍ ଇଣ୍ଡିଆର ବ୍ୟାଟର ଯାଦବ
ଗ୍ୟାରେଜରେ ନୂଆ ଗାଡ଼ି



ତିନିକୋଟି ଚଉଷଠି ଲକ୍ଷ ଟଙ୍କା
ଥିଲା ପୋର୍ସେ ପୁଣି ଅଡି
ଇଏ ଡିଫରେଣ୍ଟ ଖୁଡ଼ୀ
କେ ଟଙ୍କା ଉଡ଼ାଏ, କେଉଁଠି ମିଳୁନି
ବିପନ୍ନଙ୍କୁ ଚୁଡ଼ା ମୁଢ଼ି।

–ସୁବାସ ଚନ୍ଦ୍ର ପ୍ରଧାନ

# ବାଜି ମାରିଲେ ବିଜେନ୍ଦର



**ଅଲିମ୍ପିକ୍ସ ଏବଂ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ବିଜେତା ବିଜେନ୍ଦର ସିଂ ପେସାଦାର ବକ୍ସିଂ କ୍ୟାରିୟରରେ ମଧ୍ୟ ସଫଳତାର ସହ ଆଗକୁ ବଢୁଛନ୍ତି। ଘାନାର ଏଲିଆସ୍ ସୁଲେଙ୍କୁ ପରାସ୍ତ କରି ସେ ପେସାଦାର ବକ୍ସିଂରେ ୧୪ ଫାଇଟ୍‌ରୁ ୧୩ରେ ବିଜୟ ହାସଲ କରିଛନ୍ତି...**

ଭାରତୀୟ ଷ୍ଟାର ବକ୍ସର ବିଜେନ୍ଦର ସିଂ ପୂରା ଷ୍ଟାଇଲରେ ରିଙ୍ଗ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଜଙ୍ଗଲ ରମ୍ବଲ ଲଢ଼େଇରେ ଘାନାର ଏଲିଆସ୍ ସୁଲେଙ୍କୁ ପରାସ୍ତ କରିବା ସହିତ ପ୍ରୋ ବକ୍ସିଂରେ ୧୩ ତମ ବିଜୟ ରେକର୍ଡ କରିଛନ୍ତି। ବକ୍ସିଂରେ ଭାରତକୁ ଏହାର ପ୍ରଥମ ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିୟନଶିପ ପଦକ ଜିତାଇଥିବା ବିଜେନ୍ଦର ନିଜ ଉଚ୍ଚତାର ଫାଇଦା ଉଠାଇବା ସହିତ ୫ ମିନିଟ୍ ୭ ସେକେଣ୍ଡରେ ଏହି ମୁକାବିଲାକୁ ଜିତି ନେଇଥିଲେ। ୮ଟି ମ୍ୟାଚରୁ ଶତ ପ୍ରତିଶତ ବିଜୟ ରେକର୍ଡ ରଖିଥିବା ଘାନାର ଏଲିଆସ୍ ସୁଲେଙ୍କୁ ମ୍ୟାଚର ଦ୍ୱିତୀୟ ରାଉଣ୍ଡରେ ପରାସ୍ତ କରିଥିଲେ ବିଜେନ୍ଦର। ଆରମ୍ଭରୁ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସର ସହିତ ରିଙ୍ଗ୍‌କୁ ଆସିଥିଲେ ଭାରତର ଏହି ତାରକା ବକ୍ସର। ସିଦ୍ଧୁ ମୁସେୱାଲାଙ୍କ ସୋ ହାଇ ଗୀତ ଜରିଆରେ ସେ ଏଣ୍ଟ୍ରି କରିଥିଲେ। ଶକ୍ତିଶାଳୀ ପଞ୍ଚ ଏବଂ ଜାବ୍ ସହିତ ଭିୱାନୀର ଏହି ୩୬ ବର୍ଷୀୟ ବକ୍ସର ସହଜ ବିଜୟ ହାସଲ କରିଥିଲେ। ମ୍ୟାଚର ଦ୍ୱିତୀୟ ରାଉଣ୍ଡରେ ସୁଲେ ଆକ୍ରମଣ କରିଥିବା ବେଳେ କାଉଣ୍ଟର ଆଟାକ୍ ସହିତ ବିଜେନ୍ଦର ବାଜି ମାରିଥିଲେ। ପ୍ରୋ ବକ୍ସିଂରେ ବିଜେନ୍ଦରଙ୍କର ଏହା ଥିଲା ୧୪ତମ ଫାଇଟ୍ ଏବଂ ୧୩ ତମ ବିଜୟ। ଗତବର୍ଷ ମାର୍ଚ୍ଚରେ ରୁଷିଆର ଆର୍ଟିଶ ଲୋପସାନଙ୍କ ବିପକ୍ଷରେ ନିଜ ପେସାଦାର କ୍ୟାରିୟରର ଏକମାତ୍ର ପରାଜୟ ସ୍ୱୀକାର କରିଥିଲେ।

### ସଂକ୍ଷେପରେ ବିଜେନ୍ଦର...

ନାମ: ବିଜେନ୍ଦର ସିଂ ବେନିୱାଲ
ୱେଟ୍: ସୁପର–ମିଡିଲୱେଟ
ଉଚ୍ଚତା: ୬ ଫୁଟ୍
ଜନ୍ମ: ୨୯ ଅକ୍ଟୋବର ୧୯୮୫, କାଲୁୱାସ, ହରିୟାଣା
ପେସାଦାର ବକ୍ସିଂ ରେକର୍ଡ: ମୋଟ ଫାଇଟ୍–୧୪, ବିଜୟ–୧୩ (ନକ୍‌ଆଉଟ୍ ବିଜୟ–୮), ପରାଜୟ–୧

### ଆମେଚର ବକ୍ସିଂରେ ସଫଳତା

୨୦୦୮ : ବେଜିଂ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ
୨୦୦୯: ମିଲାନ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ
୨୦୦୬: ମେଲବୋର୍ନ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ
୨୦୧୪: ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ
୨୦୧୦: ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ
୨୦୧୦: ଗୁଆଙ୍ଗଝୋଉ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ
୨୦୦୬: ଦୋହା ଏସିଆନ ଗେମ୍ସରେ ବ୍ରୋଞ୍ଜ
୨୦୦୭: ଉଲାନବାଟର ଏସିଆନ ଚାମ୍ପିୟନଶିପ୍‌ରେ ରୌପ୍ୟ
୨୦୦୯: ଝୁହାଇ ଏସିଆନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୯/୨୦୨୨ Bhubaneswar, Friday, August 19/ 2022

# ଭାରତୀୟ ଦଳରେ ଓଡ଼ିଶାର ଆର୍ଯ୍ୟନ

**ଭୁବନେଶ୍ୱର, ୧୮।୮ (କ୍ରୀଡ଼ା ପ୍ରତିନିଧି)**

ବାହାରିନର ମାନାମାଠାରେ ଏସିଆନ ଯୁବ ହ୍ୟାଣ୍ଡବଲ ଚାମ୍ପିୟନଶିପ୍‌ର ୯ମ ସଂସ୍କରଣ ଗୁରୁବାର ଆରମ୍ଭ ହୋଇଛି। ଏହା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ଆର୍ଯ୍ୟନ ବ୍ରାହ୍ମିନ ସ୍ଥାନ ପାଇଛନ୍ତି। ଆର୍ଯ୍ୟନ ଯୁବ ଖେଳାଳିଭାବେ ଗତ ୫ ବର୍ଷ ଧରି ଭାରତୀୟ ଦଳରେ ସ୍ଥାନ


ଆର୍ଯ୍ୟନ ବ୍ରାହ୍ମିନ

ପାଇ ଆସୁଛନ୍ତି। ପ୍ରଥମ ଓଡ଼ିଆ ଖେଳାଳିଭାବେ ସେ ଜାତୀୟ ହ୍ୟାଣ୍ଡବଲ୍ ଦଳ ପକ୍ଷରୁ ଖେଳି ନୂଆ ଧାରା ସୃଷ୍ଟି କରିଛନ୍ତି। ଏସିଆନ ଚାମ୍ପିୟନଶିପ୍‌ରେ ଏସିଆ ମହାଦେଶର ୧୧ଟି ଦେଶ ଭାଗ ନେଉଛନ୍ତି। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ଆର୍ଯ୍ୟନଙ୍କୁ ଭୁବନେଶ୍ୱର ହ୍ୟାଣ୍ଡବଲ ସଂଘର ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଓ ଓଡ଼ିଶା ଆଡ୍‌ହକ୍ କମିଟି ଚେୟାରମ୍ୟାନ ରିତିକ୍ ଅଧିକାରୀ ଅଭିନନ୍ଦନ ଜଣାଇଛନ୍ତି।

# ଜୟନ୍ତୀଙ୍କୁ ସ୍ୱର୍ଣ୍ଣ, ରଶ୍ମି ବ୍ରୋଞ୍ଜ

**ଭୁବନେଶ୍ୱର, ୧୮।୮ (କ୍ରୀଡ଼ା ପ୍ରତିନିଧି)**

ବେଙ୍ଗାଲୁରୁର ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ଗୁରୁବାର ଆରମ୍ଭ ହୋଇଥିବା ଇଣ୍ଡିଆନ ଓପନ ଜାତୀୟ ପାରା ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଜୟନ୍ତୀ ବେହେରା ସ୍ୱର୍ଣ୍ଣ ଏବଂ ରଶ୍ମିରଞ୍ଜନ ମଲିକ ବ୍ରୋଞ୍ଜ ପଦକ ହାସଲ

**ଇଣ୍ଡିଆ ଓପନ ଜାତୀୟ ପାରା ଆଥଲେଟିକ୍ସ**

କରିଛନ୍ତି। ଜୟନ୍ତୀ ଟି-୪୭ ବର୍ଗ ୧୦୦ ମିଟର ରେସ୍‌ରେ ୧୩.୨୩ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଶ୍ରୀଲଙ୍କାର କୁମୁଦୁ ପ୍ରିୟଙ୍କା ୧୭.୪୭ ଓ ଜନନୀ ଧନଞ୍ଜୟ ୧୩.୯୦ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ପୁରୁଷ ଟି-୪୪ ବର୍ଗରେ ରଶ୍ମି ୧୨.୩୨ ସେକେଣ୍ଡ ସମୟ ସହ ବ୍ରୋଞ୍ଜ ପଦକ ପାଇଛନ୍ତି। ମହାରାଷ୍ଟ୍ରର ପ୍ରଣବ ଦେଶାଇ ୧୧.୭୫ ଓ ଶ୍ରୀଲଙ୍କାର ନୂଆନ ଇନ୍ଦୋକା ୧୧.୭୭ ସେକେଣ୍ଡ ସମୟ ନେଇ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ଶୁକ୍ରବାର ଉଦ୍‌ଯାପିତ ହେବାକୁଥିବା ଏହି ପ୍ରତିଯୋଗିତାରେ ୫ଟି ଦେଶର ୨୭୨ ଖେଳାଳି ଅଂଶ ଗ୍ରହଣ କରୁଛନ୍ତି।



ସ୍ୱର୍ଣ୍ଣ ପଦକ ବିଜୟିନୀ ଜୟନ୍ତୀ ବେହେରା ଓ ବ୍ରୋଞ୍ଜ ବିଜେତା ରଶ୍ମିରଞ୍ଜନ ମଲିକ।

# ଫାଓ ଲିଗ୍: ବିଡାନାସୀ, ରାଧାରମଣ ବିଜୟୀ

**ଭୁବନେଶ୍ୱର, ୧୮।୮ (କ୍ରୀଡ଼ା ପ୍ରତିନିଧି):** ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକରେ ଚାଲିଥିବା ଫୁଟବଲ ଲିଗ୍‌ରେ ଗୁରୁବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ବିଡାନାସୀ କ୍ଲବ ଓ ରାଧାରମଣ କ୍ଲବ ବିଜୟୀ ହୋଇଛି। ବିଡାନାସୀ ୩-୨ ଗୋଲରେ ଚାନ୍ଦ କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ କୋନୋ ବୋରିଶ୍ ୨ୟ ଓ ୫୧ତମ ମିନିଟରେ ୨ଟି ଏବଂ ଶିନୁ ୫୦ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଚାନ୍ଦ କ୍ଲବ ପକ୍ଷରୁ ଜନ୍‌ମୋ ଖେସ ୨୭ ଓ ମହମ୍ମଦ ହବିବ ୮୦+୧ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଅନ୍ୟଏକ ମ୍ୟାଚରେ ରାଧାରମଣ ୧-୦ ଗୋଲରେ ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରିଛି। ରାଧାରମଣର ବିନୟ କିଶାନ ୬୩ତମ ମିନିଟରେ ଏକମାତ୍ର ଗୋଲଟି ଦେଇଥିଲେ।

# କୋରିଆକୁ ହରାଇଲା ଭାରତ


ବିଜୟ ହାସଲ ପରେ ଉଲ୍ଲସିତ ଭାରତୀୟ ଖେଳାଳି।

**ଭୁବନେଶ୍ୱର, ୧୮।୮ (କ୍ରୀଡ଼ା ପ୍ରତିନିଧି):** ଇରାନର ତେହେରାନଠାରେ ଚାଲିଥିବା ୧୪ତମ ଏସିଆନ ୧୮ ବର୍ଷରୁ କମ୍ ପୁରୁଷ ଭଲିବଲ ଟୁର୍ନାମେଣ୍ଟରେ ଭାରତ ଗୁରୁବାର କୋରିଆକୁ ପରାସ୍ତ କରିଛି। ଚଳିତ ଟୁର୍ନାମେଣ୍ଟରେ ଭାରତର ଏହା ହେଉଛି ଦ୍ୱିତୀୟ ବିଜୟ। ପ୍ରଥମ

**୧୮ ବର୍ଷରୁ କମ୍ ଏସିଆନ ପୁରୁଷ ଭଲିବଲ**

ମ୍ୟାଚରେ ଦଳ ଜାପାନଠାରୁ ହାରି ଯାଇଥିଲେ ହେଁ ପରେ ଥାଇଲାଣ୍ଡକୁ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। କୋରିଆ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଭାରତ ପ୍ରଭାବୀ ପ୍ରଦର୍ଶନକରି ୩-୦ (୨୫-୨୩, ୨୫-୨୦, ୨୫-୨୧) ସେଟ୍‌ରେ ବିଜୟୀ ହୋଇଥିଲା। ଭାରତ ବିଜୟରେ ଖୁସ୍ ସିଂ, ଶେଖର ଡୁରାନ, ଆଶିଷ ସ୍ୱାଇଁ ଓ ଆର୍ଯ୍ୟନ ବଲିୟାନ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।
















4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ବୃଦ୍ଧଙ୍କ ମୃତ୍ୟୁ

ଯାଁଳା,୧୮।୮(ଡି.ଏନ୍.ଏ.): ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣେ ବୃଦ୍ଧଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ ଓଗାଳପଡାରେ ରହୁଥିବା ବି. ଆପାରାଓ (୬୨)। ସୂଚନା ମୁତାବକ, ଦୁଇ ଦିନ ପୂର୍ବେ ଆପାରାଓ ଓଗାଳପଡାଠାରେ ରାସ୍ତା ଅତିକ୍ରମ କରୁଥିବା ବେଳେ ତାଙ୍କୁ ଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ଆପା ରାଓ ଛିଟିକି ତଳେ ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କ ମୃତ୍ୟୁ ଘଟିଛି।

### ଶୁଖିଲା ଖାଦ୍ୟ ବଣ୍ଟନ



ନିରାକାରପୁର,୧୮।୮(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲାର ବ୍ରଜମୋହନପୁର, ନରଣଗଡ, ଓରବରସିଂହ, ଆଦି ପଞ୍ଚାୟତର ୧୦ରୁ ଉର୍ଦ୍ଧ୍ୱ ଗ୍ରାମ ପାଣି ଘେରରେ ରହିଛି। ଗୁରୁବାର ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତୀ ମହାପାତ୍ର ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚି ପ୍ରାୟ ୩ଶହ ଲୋକଙ୍କୁ ଶୁଖିଲା ଖାଦ୍ୟ ସହ ମହମବତୀ, ମଶାଧୁପ ଆଦି ବଣ୍ଟନ କରିଥିଲେ। ତେବେ ଗ୍ରାମବାସୀ ବିଭିନ୍ନ ସମସ୍ୟା ସମ୍ପର୍କରେ ମହାପାତ୍ରଙ୍କୁ କହିବା ସହିତ ପ୍ରଶାସନ ପକ୍ଷରୁ ଗୋଖାଦ୍ୟ ପହଞ୍ଚି ନ ଥିବା ନେଇ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ସହ ଆଲୋଚନା କରି ଗୋଖାଦ୍ୟ କିପରି ଶୀଘ୍ର ମିଳିପାରିବ ସେ ନେଇ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

### 'ତୃଣମୂଳ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରାଯିବ'

ଖୋର୍ଦ୍ଧା ଅଫିସ,୧୮।୮: ଆମ୍ ଆଦମୀ ପାର୍ଟି(ଏଏପି) ଖୋର୍ଦ୍ଧା ଜିଲା ପକ୍ଷରୁ ଜିଲା ପାର୍ଟି କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୧ତାରିଖରେ ଭୁବନେଶ୍ୱରରେ ପାର୍ଟିର ରାଜ୍ୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ଓଡ଼ିଶାରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି, ରୋଜଗାର, କୃଷି, ପରିବେଶ, ମହିଳା ସଶକ୍ତୀକରଣ ଏବଂ ଆଦିବାସୀ ସମାଜର ଉନ୍ନତି ସମ୍ପର୍କରେ ଆଲୋଚନା କରାଯିବ। ଓଡ଼ିଶାର କୋଣ ଅନୁକୋଣ ତଥା ତୃଣମୂଳ ସ୍ତରରେ ସଙ୍ଗଠନକୁ ସୁଦୃଢ଼ ଏବଂ ଏଏପିର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍ରିୱାଲଙ୍କ ବିକଳ୍ପ ରାଜନୀତିର ବାର୍ତ୍ତାକୁ ପହଞ୍ଚାଇବା ପାଇଁ ଯୋଜନା ପ୍ରସ୍ତୁତ ହେବ। ଏହି କର୍ମୀ ସମ୍ମିଳନୀରେ ସମସ୍ତ ପଦାଧିକାରୀ ଏବଂ ରାଜ୍ୟର ସକ୍ରିୟ କର୍ମୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଖୋର୍ଦ୍ଧା ଜିଲାରୁ ଶତାଧିକ ସକ୍ରିୟ ପଦାଧିକାରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ। ସମ୍ମିଳନୀରେ ଜିଲା ସଂଯୋଜକ ସୁଭାଶିଷ ସ୍ୱାଇଁ, ସମ୍ପାଦକ ସୁନୀଲ ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାନସଭା କ୍ଷେତ୍ର ସଂଯୋଜକ ପ୍ରଶାନ୍ତ କୁମାର ରଣସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### କିଣିବା ବାହାନାରେ ମୋବାଇଲ ନେଇ ଛୁ

ଭୁବନେଶ୍ୱର,(ବ୍ୟୁରୋ)୧୮।୮: ଭଦ୍ର ଓ ସାଧାରଣ ଗ୍ରାହକଙ୍କ ଭଳି ମୋବାଇଲ କିଣିବାକୁ ଦୋକାନକୁ ଆସିଥିଲେ। ବିଭିନ୍ନ ପ୍ରକାର ମୋବାଇଲ ମଧ ଦେଖିଲେ। ହେଲେ ଦୋକାନୀଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ମୋବାଇଲ ଧରି ଛୁ' ମାରିଲେ ଲୁଟେରା। କ୍ୟାପିଟାଲ ଥାନା ଅନ୍ତର୍ଗତ ବାପୁଜୀ ନଗରରେ ଏହି ଘଟଣା ଘଟିଥିବାବେଳେ ଚୋରିର ସମସ୍ତ ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପାଖରେ ଜଣେ ବ୍ୟକ୍ତି ଛିଡ଼ା ହୋଇଥିବାବେଳେ ଦୁର୍ବୃତ୍ତଜଣକ ମୋବାଇଲ ଚୋରି କରି ଚମ୍ପଟ ମାରିଥିଲେ। ହେଲେ ସାଙ୍ଗରେ ଆଣିଥିବା ଛତାକୁ ଦୋକାନରେ ଛାଡ଼ି ଯାଇଥିଲେ। କିନ୍ତୁ ଯିବାର କିଛି ସମୟ ପରେ ପୁଣି ଦୋକାନକୁ ଆସି ନିଜ ଛତାକୁ ନେଇଥିଲେ ମଧ ସେତେବେଳକୁ ଦୋକାନୀ ଚୋରି ସମ୍ପର୍କରେ ଜାଣି ନ ଥିଲେ। ପରେ ମୋବାଇଲ୍ ନ ଥିବା ଦେଖିବା ପରେ ସନ୍ଦେହ କରି ସିସିଟିଭି ଫୁଟେଜ ଯାଞ୍ଚ କରିବାରୁ ଘଟଣା ଜଣାପଡିଥିଲା। ଏନେଇ ଦୋକାନ ମାଲିକ ସରୋଜ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିବା ସହ ଧରିବା ଲାଗି ଉଦ୍ୟମ ଜାରି ରଖିଛି।



ବନ୍ୟାପାଣିରେ ପଶି ଲୋକେ ସୁରକ୍ଷିତ ସ୍ଥାନକୁ ଯାଉଛନ୍ତି ।



ବୋଟ୍ ମାଧ୍ୟମରେ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି ।

# ସହାୟତା ଅପେକ୍ଷାରେ ବିପନ୍ନ, ବଢୁଛି ଦୁର୍ଦ୍ଦଶା

ଖୋର୍ଦ୍ଧା ଅଫିସ,୧୮।୮:

ହୀରାକୁଦରୁ ବନ୍ୟାଜଳ ଛଡ଼ାଯିବା ପରେ ମହାନଦୀର ଶାଖା ନଦୀ ଦୟା, ମଲାଗୁଣୀ ଓ ରାଜୁଆର ଜଳସ୍ତର ବୃଦ୍ଧି ପାଇଛି। ଏହାର ପ୍ରଭାବରେ ଖୋର୍ଦ୍ଧା ବ୍ଲକର ଓରବରସିଂ, ନରଣଗଡ଼ ଓ ବ୍ରଜମୋହନପୁର ପଞ୍ଚାୟତର ୧୦ରୁ ଉର୍ଦ୍ଧ୍ୱ ଗାଁ ଜଳବନ୍ଦୀ ହୋଇଛି। ଜଳସ୍ତର ବଢ଼ିବା ସହିତ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ମଧ ବଢୁଛି। ହିରିମୂଳ, ଡିହଖଳା, ଦୁର୍ଗାପୁର, ଓରମି, ମାନପୁର, ବଳପୁର, ଧବଳପୁର, ରାୟପୁର, ଶରଧାପୁର ଆଦି ଗାଁ ବନ୍ୟା ପାଣି ଘେରରେ ରହିଛି। ଗୁରୁବାର ରାତି ସୁଦ୍ଧା ଜଳସ୍ତର ଆହୁରି ବଢ଼ିବା ଆଶଙ୍କା ରହିଛି। ଗାଁ ରାସ୍ତାରେ ୫ରୁ ୬ଫୁଟ ପାଣି ପ୍ରବାହିତ ହେଉଛି। ରାସ୍ତାଘାଟ, ମନ୍ଦିର, ସ୍କୁଲ, ଚାଷଜମି ବୁଡ଼ି ରହିଛି। ଯାତାୟାତ ପାଇଁ କୌଣସି ବ୍ୟବସ୍ଥା ନାହିଁ। ହିରିମୂଳ, ଓରମି ଓ ମାନପୁର ଗାଁର କେତେଜଣ ବାତ୍ୟା ଆଶ୍ରୟସ୍ଥଳୀରେ ରହିଥିବା ବେଳେ ମୁରବିମାନେ ଘର ଜଗି ରହିଛନ୍ତି।

### ପହଞ୍ଚିନି ରିଲିଫ ସାମଗ୍ରୀ

ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ରିଲିଫ ବ୍ୟବସ୍ଥା କରାଯାଇ ନାହିଁ ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି। ଫଳରେ ଅନେକ ଲୋକ ଉପବାସରେ ରହିଛନ୍ତି। ଗୋଖାଦ୍ୟ ପାଇଁ କହି ଥକିଗଲୁଣି, କିନ୍ତୁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇନାହିଁ। ବନ୍ୟାଜଳରେ ଶରୀର କୁଣ୍ଡେଇ ହେବା ସହ ଅନେକଙ୍କ ପାଦ ଖାଇଲାଣି। ବ୍ଲିଚିଂ ପାଉଡର ମଧ ଯୋଗାଇ ଦିଆଯାଉ ନାହିଁ। କେବଳ ହିରିମିଳ ଗ୍ରାମରେ ଡଙ୍ଗା ବ୍ୟବସ୍ଥା କରାଯାଇଛି, ଅନ୍ୟ କୌଣସି ଗାଁରେ ହୋଇନାହିଁ। ବନ୍ୟାଜଳ ଆହୁରି ଦୁଇ ସପ୍ତାହ ରହିବା ଆଶଙ୍କା ରହିଛି। ବର୍ଷାରୁ ତ୍ରାହି ମିଳି ନ ଥିବା ବେଳେ ଏବେ ବନ୍ୟାଜଳ ଦାଉ ସାଜିଛି ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି।

### ଅସହ୍ୟ ହେଲାଣି ବିଦ୍ୟୁତ୍ କାଟ

ବନ୍ୟାଜଳଠାରୁ ବାରମ୍ବାର ବିଦ୍ୟୁତ୍ କାଟ୍ ଅସହ୍ୟ ହେଲାଣି। ଦିନରେ ବିଦ୍ୟୁତ୍ କାଟ ହେଲେ ଚଳିବ, ମାତ୍ର ରାତିରେ ବିଦ୍ୟୁତ୍ କଟିଯାଉଛି। ଘର ଚାରିପଟେ ପାଣି ଜମିଛି। ସନ୍ଧ୍ୟା ହେଲେ ଘର ବାହାରକୁ ଯାଇ ହେଉନାହିଁ। ଅନ୍ୟପଟେ ସାପ ଭୟ ମଧ ରହୁଛି। ଫଳରେ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି ବୋଲି ଡିହଖଳାର ପରମାନନ୍ଦ ଛୋଟରାୟ କହିଛନ୍ତି।

### ସମସ୍ତ ବ୍ୟବସ୍ଥା କରାଯାଇଛି

ବିଡିଓ କେ.ତନୟା ସାହୁ କୁହନ୍ତି, ବନ୍ୟା ଘେରରେ ରହିଥିବା ଗ୍ରାମରେ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟାୟକ୍ରମେ ସବୁଠି ରନ୍ଧା ଓ ଶୁଖିଲା ଖାଦ୍ୟର ବ୍ୟବସ୍ଥା କରାଯିବ। ସ୍ୱାସ୍ଥ୍ୟ ଟିମ୍ ବୁଲି ଔଷଧ ଦେବା ଆରମ୍ଭ କରିଛନ୍ତି। ଗୋରୁଗାଈଙ୍କ ପାଇଁ ଗୋଖାଦ୍ୟ ଖୋର୍ଦ୍ଧା ବ୍ଲକରେ ପହଞ୍ଚିଛି। ବାତ୍ୟାଶ୍ରୟସ୍ଥଳୀରେ ଅସ୍ଥାୟୀ ମେଡିକାଲ କ୍ୟାମ୍ପ କରାଯାଇଛି। ଗୋରୁଗାଈଙ୍କ ଚିକିତ୍ସା ଲାଗି ଭ୍ରାମ୍ୟମାଣ ଚିକିତ୍ସା ଉପଲବ୍ଧ ରହିଛି। ସେହିପରି ତହସିଲଦାର ଈପସିତ୍ ସାହୁ କୁହନ୍ତି, ଗତ ୪ଦିନ ହେବ ଉକ୍ତ ୩ ପଞ୍ଚାୟତରେ ରାଜସ୍ୱ ଟିମ୍ ସହ ଗାଁ ଗାଁ ବୁଲି ସ୍ଥିତି ଅନୁଧ୍ୟାନ କରାଯାଉଛି। ସମସ୍ତ ବ୍ୟବସ୍ଥା କରାଯିବ।

### ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ

ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବ୍ଲକ ଉପାଧ୍ୟକ୍ଷା ପ୍ରକାଶ ସାମନ୍ତରାୟ ବନ୍ୟା ପ୍ରଭାବିତ ଗାଁ ବୁଲି ସ୍ଥିତି ପରଖି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଗ୍ରାମବାସୀଙ୍କ ଘେରିବନ୍ଧ ନିର୍ମାଣ ଦାବି ସମ୍ପର୍କରେ ବିଧାୟକ କହିଥିଲେ, ଏହି ସମସ୍ୟା ସମ୍ପର୍କରେ ସରକାର ଅବଗତ ଅଛନ୍ତି। ଏତେ ଗୁଡାଏ ଗ୍ରାମରେ ଘେରିବନ୍ଧ ନିର୍ମାଣ ସମ୍ଭବ ନୁହେଁ। ଏହାର ସ୍ଥାୟୀ ପ୍ରତିକାର ଲାଗି ବିଭାଗୀୟ କର୍ତ୍ତୃପକ୍ଷ ଏବଂ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ସେ କହିଛନ୍ତି।

### ସ୍ଥିତି ପରଖିଲେ ଜିଲାପାଳ

ଜଟଣୀ,୧୮।୮(ଡି.ଏନ୍.ଏ.):

ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଗୁରୁବାର ଜଟଣୀ ବ୍ଲକ ଅଧୀନ ପଧାନସାହି ପଞ୍ଚାୟତର ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ଉକ୍ତ ପଞ୍ଚାୟତର ତଳିଆ ଅଞ୍ଚଳରେ ବନ୍ୟା ପାଣି ଜମି ରହିଥିବାରୁ ଶତାଧିକ ଲୋକେ ପାଣି ଘେରରେ ଫସି ରହିଛନ୍ତି। ଗୁରୁବାର ଏହି ଅଞ୍ଚଳରେ ଟ୍ୟାଙ୍କର ଯୋଗେ ପିଇବା ପାଣି, ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ଯାତାୟାତ ପାଇଁ ବୋଟ ଏବଂ ଟ୍ରାକ୍ଟର ବ୍ୟବସ୍ଥା କରାଯାଇଥିବା ବେଳେ ୨୪ଘଣ୍ଟା ବିଦ୍ୟୁତ୍ ସେବା ପାଇ ଟାଟା ପାୱାରର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ସରୋଜ କୁମାର ରାଉତ, ଭୁବନେଶ୍ୱର ଉପ ଜିଲାପାଳ ଦେବବ୍ରତ ସାହୁ, ଏଡିଏମଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।



ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବନ୍ୟାଞ୍ଚଳର ସ୍ଥିତି ଅନୁଧ୍ୟାନ କରୁଛନ୍ତି ।



ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଗ୍ରାମବାସୀଙ୍କ ସହ ବନ୍ୟାପାଣିରେ ପହଁରି ଅତ୍ରିକୁ ଯାଉଛନ୍ତି।

## ବନ୍ୟାପାଣିରେ ପହଁରି ଅତ୍ରି ଗଲେ ବିଧାୟକ

ଖୋର୍ଦ୍ଧା ଅଫିସ,୧୮।୮:

ମହାନଦୀର ଜଳସ୍ତର ବଢ଼ିବା ଯୋଗୁ ଏହାର ଶାଖା ନଦୀ ରଣନଦୀରେ ବନ୍ୟାଜଳ ପ୍ରଭାବିତ ହେଉଛି। ଫଳରେ ଖୋର୍ଦ୍ଧା ଜିଲା ଅତ୍ରି ସ୍ଥିତ ଉଷ୍ଣ ପ୍ରସ୍ରବଣରେ ୫ରୁ ୬ ଫୁଟର ବନ୍ୟାପାଣି ଲହଡି ମାରୁଛି। ଉଷ୍ଣ ପ୍ରସ୍ରବଣ ସମ୍ପୂର୍ଣ୍ଣ ଭାବେ ବୁଡି ରହିଛି। ଏହାକୁ ସଂଯୋଗ କରୁଥିବା ରାସ୍ତାରେ ମଧ ୪ଫୁଟ ପାଣି ରହିଛି। ଗୁରୁବାର ବେଗୁନିଆ ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ବିଧାୟକ ରାଜେନ୍ଦ୍ର କୁମାର ସାହୁ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ବନ୍ୟାଜଳରେ ପହଁରି ଉଷ୍ଣ ପ୍ରସ୍ରବଣରେ ପହଞ୍ଚି ଏହାର ସ୍ଥିତି ଅନୁଧ୍ୟାନ କରିଥିଲେ। ଉଷ୍ଣ ପ୍ରସ୍ରବଣର କୁଆକୁଣ୍ଡ, ହଟ୍ଟକେଶ୍ୱର ଦେବଙ୍କ ବିଜେ ମଣ୍ଡପ ସମ୍ପୂର୍ଣ୍ଣ ବୁଡି ଯାଇଛି। ପୂର୍ବରୁ ଏହି କୁଆକୁଣ୍ଡ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ବେଳେ ବନ୍ୟାଜଳରେ ଏହା ଭୁଶୁଡି ଯାଇଥିବା ଆଶଙ୍କା କରାଯାଉଛି। ଏଠାକୁ ଏବେ ଆସିବାକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି। ଏନେଇ ବିଧାୟକ ସାହୁ କୁହନ୍ତି, ବେଗୁନିଆ ଓ ବୋଲଗଡ ବ୍ଲକର ୧୦ ଗାଁ ପ୍ରଭାବିତ ହୋଇଥିବା ବେଳେ ଶତାଧିକ ଏକର ଚାଷଜମି ଜଳମଗ୍ନ ହୋଇଛି। ଉଷ୍ଣ ପ୍ରସ୍ରବଣର ସ୍ଥିତି ପରଖିଛି। ଏହାର ପୁନରୁଦ୍ଧାର ଓ ଆନୁଷଙ୍ଗିକ ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଯେକୌଣସି ସମସ୍ୟା ଆସିଲେ ଯଥୋଚିତ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

### ୨ ଅଭିଯୁକ୍ତ ଗିରଫ, ଖଣ୍ଡା ଜବତ

ଭୁବନେଶ୍ୱର,୧୮।୮(ବ୍ୟୁରୋ):

ନୟାପଲ୍ଲୀ ଥାନା ଅନ୍ତର୍ଗତ ଜୟଦେବବିହାର ବିଜୁ ପଟ୍ଟନାୟକ କଲେଜ ଛକରେ ମଙ୍ଗଳବାର ଜେଲ ଫେରନ୍ତା ନୀଳାଚଳ ବେହେରାଙ୍କୁ ଗୋଡ଼ାଇ ହାଣିବା ଘଟଣାରେ ଖୋଳତାଡ଼ ଜାରି ରଖିଛି ପୋଲିସ। ଏହି ମାମଲାରେ ୬ରୁ ଉର୍ଦ୍ଧ୍ୱ ସମ୍ପୃକ୍ତ ଥିବାବେଳେ ୨ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ସାଲିଆସାହିର କୁନା ନାୟକ ଓ ଖୋର୍ଦ୍ଧା ଜିଲା ବୋଲଗଡ଼ର ସାହାନବାଜ୍ ମଲ୍ଲିକ ଓରଫ ମୁଫି। ସେମାନଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଖଣ୍ଡା ଜବତ କରାଯାଇଛି। ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ପଚରାଉଚରା କରୁଛି। ଏଥିସହ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରହିଥିବା ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ନୀଳାଚଳ ଓ ଆକ୍ରମଣକାରୀମାନେ ଗୋଟିଏ ଗୋଷ୍ଠୀର। ୨୦୨୧ ମେ ୧୦ରେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ ମାମଲାରେ ନୀଳାଚଳ ଗିରଫ ହୋଇ ଜେଲ ଯିବା ପରେ ବେଲ୍‌ରେ ଆସିଥିଲେ। କିଛିଦିନ ତଳେ ମତାନ୍ତର ହେବାରୁ ନୀଳାଚଳ ଉକ୍ତ ଗୋଷ୍ଠୀରୁ ଅଲଗା ହୋଇଯାଇଥିଲେ। ମଙ୍ଗଳବାର ଅପରାହ୍ନରେ ନୀଳାଚଳ ବିଜୁ ପଟ୍ଟନାୟକ ଛକରେ ଛିଡ଼ା ହୋଇଥିବାବେଳେ ଉକ୍ତ ଗୋଷ୍ଠୀର ୬ରୁ ଉର୍ଦ୍ଧ୍ୱ ଯୁବକ ତାଙ୍କୁ ଗୋଡ଼ାଇ ହାଣିଥିଲେ। ବର୍ତ୍ତମାନ ନୀଳାଚଳ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

### ସାମାଜିକ କାର୍ଯ୍ୟ ପାଇଁ ଜଟଣୀ ବିକାଶ ପରିଷଦ ଗଠନ

ଜଟଣୀ,୧୮।୮(ଡି.ଏନ୍.ଏ.):

ସମାଜର ସାମୂହିକ ବିକାଶ ଏବଂ ବିଭିନ୍ନ ସମସ୍ୟାର ସମାଧାନ ଲକ୍ଷ୍ୟ ନେଇ ଗଠନ ହୋଇଛି ଜଟଣୀ ବିକାଶ ପରିଷଦ। କୁସୁମାଟି ଗ୍ରାମସ୍ଥିତ କପାଳଲୋଚନ ମହାଦେବଙ୍କ ପୀଠରେ ଆୟୋଜିତ ଏକ ସଭାରେ ସାମାଜିକ କର୍ମୀ ରାଜକିଶୋର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏଭଳି ନିଷ୍ପତ୍ତିକୁ ପ୍ରଶଂସା କରିଥିଲେ। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବର୍ଗର ସାମାଜିକ କାର୍ଯ୍ୟକର୍ତ୍ତା, ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ଅନୁଷ୍ଠାନର କାର୍ଯ୍ୟ ସୁରୁଖୁରୁରେ ଚଳାଇବା ପାଇଁ ସମସ୍ତଙ୍କ ସହମତିକ୍ରମେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଦାୟିତ୍ୱ ନେବା ପାଇଁ ସର୍ବସମ୍ମତିକ୍ରମେ ବିଜୟ ଛୋଟରାୟ ସଭାପତି ଏବଂ ସୁଦର୍ଶନ ସୁନ୍ଦରାୟ ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। କାର୍ଯ୍ୟକାରୀ ସଭାପତି ଭାବରେ ବିଘ୍ନେଶ ବଳବନ୍ତରାୟ, କୈଳାସ ଚନ୍ଦ୍ର ମହାପାତ୍ର ଓ ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ବିଜୟ କୁମାର ପଣ୍ଡା ସଭା ପରିଚାଳନା କରିଥିଲେ। ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଜଟଣୀର ବିକାଶ ପାଇଁ ଉନ୍ନତି ମୂଳକ କାର୍ଯ୍ୟକ୍ରମ କରି ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଲାଗି ସମସ୍ତ ସଭ୍ୟ ଆଗ୍ରହ ପ୍ରକାଶ କରିଥିଲେ। ଶେଷରେ ନିମାଇଁ ଚରଣ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

## ଡଙ୍ଗା, ଜାଲ ପୋଡ଼ିଦେଲେ ଦୁର୍ବୃତ୍ତ

ଟାଙ୍ଗୀ(ଖୋର୍ଦ୍ଧା)/ନିରାକାରପୁର, ୧୮।୮(ଡି.ଏନ୍.ଏ.):

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଜରିପଡ଼ା ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମ ନିକଟ ଚିଲିକା କୂଳରେ ଥିବା ଡଙ୍ଗା ଓ ଜାଲକୁ ଦୁର୍ବୃତ୍ତମାନେ ଗୁରୁବାର ପୋଡ଼ି ଦେଇଛନ୍ତି। ଏହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ। ସୂଚନା ମୁତାବକ, ଉକ୍ତ ଅଞ୍ଚଳର ମତ୍ସ୍ୟଜୀବୀମାନେ ଡଙ୍ଗା ଓ ଜାଲକୁ ଚିଲିକା କୂଳରେ ରଖି ରାତିରେ ଘରକୁ ଫେରି ଯାଇଥାନ୍ତି। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏଥିରେ ନିଆଁ ଲଗାଇ ଦେଇଥିଲେ। ଖବରପାଇ ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ୩ଟି ଡଙ୍ଗା ସହ ଜାଲ ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ୧୦ଟି ମେଶିନ ଡଙ୍ଗାରେ ଆଂଶିକ ନିଆଁ ଲାଗିଥିଲା। ତେବେ ଏ ନେଇ ବୁଲୁ ବେହେରାଙ୍କ ଅଭିଯୋଗକ୍ରମେ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଗତ ବର୍ଷ ମଧ ସମାନ ଘଟଣା ଜଗନ୍ନାଥପୁର ଜେଟି ନିକଟରେ ଦେଖିବାକୁ ମିଳିଥିଲା। ଉକ୍ତ ଘଟଣାରେ ପୋଲିସ କାହାରିକୁ ଗିରଫ କରିପାରି ନାହିଁ।



ପୋଡ଼ିଯାଇଥିବା ମାଛଧରା ଜାଲ ଓ ଡଙ୍ଗା ।

# ନକଲି ଟିଭି ବିକି ୨୫ ହଜାର ଠକେଇ

- ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ ଗିରଫ
- ନିଜକୁ ଆର୍ମି ଅଫିସର କହିଥିଲେ
- ସ୍କର୍ପିଓ, ଟଙ୍କା, ନକଲି ଟିଭି ଓ ମୋବାଇଲ ଜବତ

ଯାଁଳା,୧୮।୮(ଡି.ଏନ୍.ଏ.):

ଏକ ନକଲି ଟିଭି ବିକି ୨୫ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗରେ ଗୁରୁବାର ଇନ୍‌ଫୋସିଟି ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉତ୍ତର ପ୍ରଦେଶର ଆଜାଦ ନଗର ଥାନା ଅଧୀନ ସର୍ଦ୍ଧଣା ଗ୍ରାମର ମୁଖ୍ୟ ଅଭିଯୁକ୍ତ ନଇମ୍ ଖାନ୍ (୩୯), ଏମ୍.ଡି ଆସିଫ୍ (୨୯), ମଣ୍ଟିଆଜ୍ (୩୪), ଗାଜିଆବାଦ ଜିଲା ମସୁରିର ଏମ୍.ଡି ସାଜିଦ୍ (୩୪) ଓ ଜୁଲିଫିକର୍ (୩୨)। ଏମାନଙ୍କ ନିକଟରୁ ଏକ ସ୍କର୍ପିଓ(ୟୁପି ୧୬ଏୱାଇ ୬୩୦୬)ଗାଡ଼ି, ୩ଟି ମୋବାଇଲ ଫୋନ, ୨୫,୧୦୦ଟଙ୍କା ଏବଂ ଏକ ନକଲି ୪୩ ଇଞ୍ଚ ଟିଭି ଜବତ ହୋଇଛି।

ଅଭିଯୋଗ ମୁତାବକ, ଗତ ଅଗଷ୍ଟ ୧୫ ପୂର୍ବାହ୍ନ ୧୦ଟା ୪୦ରେ ଏକ ସ୍କର୍ପିଓରେ ୫ଜଣ ଯୁବକ ଇନ୍‌ଫୋସିଟି ଥାନା ଅଧୀନ ଗଙ୍ଗପଡ଼ା ନିକଟ ଏକ ପେଟ୍ରୋଲ ପମ୍ପରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ନଇମ ନିଜର ପ୍ରକୃତ ନାମ ଲୁଚାଇ ଜଣେ ଆର୍ମି ଅଫିସର ଭାବେ ପରିଚୟ ଦେଇଥିଲେ। ମୋର ଚାକିରି ଭୁବନେଶ୍ୱରରୁ ବିଶାଖପାଟଣା ବଦଳି ହୋଇଯାଇଛି। ବଦଳି ହେବା ଯୋଗୁ ଟଙ୍କା ଆବଶ୍ୟକ। ଆର୍ମି କ୍ୟାଣ୍ଟିନରୁ ଆଣିଥିବା ସୋନି ବ୍ରାଭିଆ ସ୍ମାର୍ଟ ଏଲ୍‌ଇଡି ଟିଭି କିଣିଥିଲି। ମୋତେ ୨୫ ହଜାର ଟଙ୍କା ଦେଲେ ଏହି ଟିଭିକୁ ଦେଇଦେବି ବୋଲି ଉକ୍ତ ପେଟ୍ରୋଲ ପମ୍ପର ମ୍ୟାନେଜର ପ୍ରଦୀପ୍ତ ରାଉତଙ୍କୁ କହିଥିଲେ। ଏହା ପରେ ୨୫ ହଜାର ଟଙ୍କାରେ ପ୍ରଦୀପ୍ତ ଉକ୍ତ ଟିଭିକୁ କିଣିଥିଲେ। ଏହା ପରେ ଅଭିଯୁକ୍ତମାନେ ସେଠାରୁ ପଳାଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଟିଭି ନକଲି ବୋଲି ପ୍ରଦୀପ୍ତ ଜଣିବାକୁ ପାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ପେଟ୍ରୋଲ ପମ୍ପର ସିସି ଟିଭି ଯାଞ୍ଚ କରିବା ସହ ମୋବାଇଲ ନମ୍ବର ଟ୍ରାକ୍ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।



ଗିରଫ ୫ ଅଭିଯୁକ୍ତ ଏବଂ ଜବତ ହୋଇଥିବା ଟଙ୍କା, ନକଲି ଟିଭି ଓ ମୋବାଇଲ ।

**ସାପ କାମୁଡ଼ାରେ ଜଣେ ଗୁରୁତର**

ଡେଲାଙ୍ଗ,(ଡି.ଏନ୍.ଏ.)- ବନ୍ୟା ଅଞ୍ଚଳକୁ ରିଲିଫ୍ ବାଣ୍ଟିବାକୁ ଯାଉଥିବାବେଳେ ଜଣେ ବୋଟ୍ ଚାଳକଙ୍କୁ ସାପ କାମୁଡିବାରୁ ଗୁରୁତର ଆହତ ହୋଇଛନ୍ତି। ସେ ହେଉଛନ୍ତି କଣାସ ବ୍ଲକର ନୂଆଦୋକନ୍ଦା ଗ୍ରାମର ତୋଫାନ ବେହେରା(୩୫)। ସୂଚନା ମୁତାବକ, ମୁନିନ୍ଦା ପଞ୍ଚାୟତର ଡାକପଡା ଓ ଶଙ୍ଖପାଟ ଗ୍ରାମରେ ବନ୍ୟାଜଳ ପ୍ରବେଶ ଯୋଗୁ ଗ୍ରାମବାସୀ ପାଣି ଘେରରେ ଥିଲେ। ପ୍ରଶାସନ ପକ୍ଷରୁ ଗୁରୁବାର ତୋଫାନଙ୍କ ସହ କେତେଜଣ ରିଲିଫ୍ ବଣ୍ଟନ ପାଇଁ ବୋଟ୍ ନେଇ ଯାଉଥିଲେ। ଏହି ସମୟରେ ତୋଫାନଙ୍କୁ ଏକ ବୋଡା ସାପ କାମୁଡ଼ି ଦେଇଥିଲା। ସେ ଗୁରୁତର ହୋଇପଡ଼ିବାରୁ ପ୍ରଥମେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।





**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୮।୮।୨୦୨୨

| | |
|---|---|
| ୩,୬୮,୪୪୦ ଟଙ୍କା | |
| ସୁନା | ୧.୩୫୦ ଗ୍ରାମ |
| ରୁପା | ୩୨.୫୦୦ ଗ୍ରାମ |

# ବକୁଳବନରୁ ସୁଆଣ୍ଡୋ ଯାଏ ବିକଶିତ ମାର୍ଗ ହେବ

**ସାକ୍ଷୀଗୋପାଳ, ୧୮।୮ (ସ୍ୱ.ପ୍ର./ଡି.ଏନ୍.ଏ.)**

ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମ ମହୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ସମସ୍ତ ନୀତିକାନ୍ତି ଅନୁଯାୟୀ ଜନ୍ମାଷ୍ଟମୀ ଉତ୍ସବ ପାଳନ ହୋଇଥିବା ବେଳେ ସନ୍ଧ୍ୟାରେ ସେବାୟତ ସଂଘ ପକ୍ଷରୁ ମନ୍ଦିର ସମ୍ମୁଖରେ ସାଂସ୍କୃତିକ ମଞ୍ଚରେ ସାଂସ୍କୃତିକ ଉତ୍ସବ ଆୟୋଜନ ହୋଇଥିଲା। ଏଥିରେ ଅତିଥି ଭାବେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଯୋଗଦେଇ ଶ୍ରୀକୃଷ୍ଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଐତିହାସିକ ବକୁଳବନଠାରୁ ପଣ୍ଡିତ ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋ ପର୍ଯ୍ୟନ୍ତ ଏକ ଆକର୍ଷଣୀୟ ବିକଶିତ ମାର୍ଗ ହେବ ଏବଂ ଖୁବ୍‌ଶୀଘ୍ର ସାକ୍ଷୀଗୋପାଳଙ୍କ ଐତିହ୍ୟ କରିଡ଼ର କାମ ଆରମ୍ଭ ହେବ ବୋଲି ସେ କହିଥିଲେ। ସାକ୍ଷୀଗୋପାଳ ସେବାୟତ ସଂଘ ସଭାପତି ଶ୍ରୀବତ୍ସ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ତହସିଲଦାର ଜୟନ୍ତ କୁମାର ଜୟ ସିଂ, ପ୍ରମୁଖ ଅତିଥି ଷ୍ଟାଲିନ ପରିଜା, ସମ୍ମାନିତ ଅତିଥି ରୂପେ ଅତିରିକ୍ତ ତହସିଲଦାର ସନ୍ତୋଷ ପାଣିଗ୍ରାହୀ ଓ ଧୀରେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ । ସମ୍ପାଦକ ବିଜୟ କୁମାର ନନ୍ଦ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅଞ୍ଜନ କୁମାର ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେବାୟତ ସଂଘର ସଭାପତି ଶ୍ରୀବତ୍ସ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପୂଜାପଣ୍ଡା କିଶୋର ମହାପାତ୍ର, ବିଶ୍ୱନାଥ ମହାପାତ୍ର, ଜୟକୃଷ୍ଣ ମହାପାତ୍ରଙ୍କ ସମେତ ୮ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ସହ କଣ୍ଠଶିଳ୍ପୀ ସୁଧାକର ମିଶ୍ର, ସୌରଭ ନାୟକ, ଅଞ୍ଜଳି ମିଶ୍ର, ଶ୍ରୀକର ପାଢ଼ୀ ପ୍ରମୁଖ ଭଜନ ପରିବେଷଣ କରିଥିଲେ।



ଉତ୍ସବରେ ପୂଜାପଣ୍ଡା କିଶୋର ମହାପାତ୍ରଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି ।

### ଶ୍ରୀକୃଷ୍ଣ ଜନ୍ମ ମହୋତ୍ସବ ପାଳିତ

## ନଦୀକୁ ଡେଇଁଲେ ଯୁବତୀ, ଉଦ୍ଧାର କଲେ ଲୋକେ

**ନିମାପଡ଼ା,୧୮।୮(ଡି.ଏନ୍.ଏ.):**

କୁଶଭଦ୍ରା ନଦୀରେ ଭାସିଯାଉଥିବା ଜଣେ ଯୁବତୀଙ୍କୁ ଧୀରପୁର ବାଲିଘାଟଠାରୁ କେତେକ ଲୋକ ଗୁରୁବାର ଉଦ୍ଧାର କରିଛନ୍ତି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ସର୍ବାପଡା ମାଟି ସାହି ଗ୍ରାମର ମାନସୀ ମାଝୀ(୨୧)। ସୂଚନା ମୁତାବକ, କୁଶଭଦ୍ରା ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାବେଳେ ଗୁରୁବାର ମାନସୀ ପୋଲ ଉପରୁ ନଦୀକୁ ଡେଇଁ ପଡିଥିଲେ। ମାନସୀଙ୍କୁ ନିମାପଡ଼ା ଅଗ୍ନିଶମ ବାହିନୀ କର୍ମଚାରୀ ବୋଟ ଯୋଗେ ଖୋଜାଖୋଜି କରିଥିଲେ ମଧ୍ୟ ଅନ୍ଧାରରେ ତାଙ୍କୁ ପାଇ ନ ଥିଲେ। ବନ୍ୟାସ୍ରୋତରେ ମାନସୀ ସେଠାରୁ ପ୍ରାୟ ୩ କି.ମି. ଭାସିଯାଇଥିବେଳେ ନଦୀବନ୍ଧ ଉପରେ ବସିଥିବା କିଛି ଯୁବକ ତାଙ୍କୁ ଉଦ୍ଧାର କରିଥିଲେ। ତେବେ ସେ ବର୍ତ୍ତମାନ ସୁସ୍ଥ ଥିବା ଅଗ୍ନିଶମ ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକଙ୍କ ପକ୍ଷରୁ ଜଣାପଡିଛି। ତେବେ ଯୁବତୀ ଜଣଙ୍କ କାହିଁକି ନଦୀକୁ ଡେଇଁ ପଡିଥିଲେ, ତାହା ଜଣାପଡିନାହିଁ।

### ସଂକ୍ଷେପରେ

## କଳିଙ୍ଗ କାଚରା ଜାତି ମହାସଭାର ବାର୍ଷିକ ଅଧିବେଶନ

ପୁରୀ ଅଫିସ, ୧୮।୮: କଳିଙ୍ଗ କାଚରା ଜାତି ମହାସଭାର ବାର୍ଷିକ ଅଧିବେଶନ ଓ ପୁରସ୍କାର ବିତରଣ ଉତ୍ସବ ବଳଗଣ୍ଡିସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳିଙ୍ଗ କାଚରା ଜାତି ମହାସଭାର ସ୍ଥାୟୀ ସଭାପତି ସୋମନାଥ ନନ୍ଦୀ ଅଧ୍ୟକ୍ଷତା କରିଥିଲେ। ସହାସଭାର ଉପସଭାପତି ଦିବ୍ୟସିଂହ ସାହୁ ସଭାକାର୍ଯ୍ୟ ପରିଚାଳନା ଏବଂ ଅନୁଷ୍ଠାନର ସମ୍ପାଦକ ଗଗନ ବିହାରୀ ନନ୍ଦୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧିବେଶନରେ ମହାସଭାର ବିଭିନ୍ନ ସମସ୍ୟା ଓ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉଲ୍ଲେଖନୀୟ ସେବା ଓ କାଚରା ଜାତିର ଉନ୍ନତି ନିମନ୍ତେ କାର୍ଯ୍ୟ କରୁଥିବା ମହାସଭାର ସଦସ୍ୟ ନୃସିଂହ ଚରଣ ନନ୍ଦୀ, ବଂଶୀଧର ନନ୍ଦୀ, ସୋମନାଥ ନନ୍ଦୀ, ହରି ଗିରି ଏବଂ କ୍ଷେତ୍ରବାସୀ ପ୍ରଧାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନାରାୟଣ ପ୍ରଧାନଙ୍କୁ ମରଣୋତ୍ତର ଉପାଧିରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦୁର୍ଯ୍ୟୋଧନ ପାତ୍ର, ବାନାମ୍ବର ମାଣିକ, କ୍ଷେତ୍ରବାସୀ ପ୍ରଧାନ, ବୈକୁଣ୍ଠ ବେହେରା, ଦୋଳଗୋବିନ୍ଦ ନନ୍ଦୀ, ବିଜୟ କୁମାର ବେହେରା, ପ୍ରଭାତ କୁମାର ନନ୍ଦୀ, ସୁରେଶ ଚନ୍ଦ୍ର ବେହେରା ଏବଂ ଅକ୍ଷୟ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂସ୍କୃତର ପ୍ରସାର ପ୍ରଚାର ଉପରେ ଗୁରୁତ୍ୱ

ପୁରୀ ଅଫିସ, ୧୮।୮: ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ଏବଂ ଲୋକଭାଷା ପ୍ରଚାର ଆନୁକୂଲ୍ୟରେ ବୁଧବାର ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ପାଣି ଅତିଥି ପରିଚୟ ପ୍ରଦାନ ସହ ବିଶ୍ୱ ସଂସ୍କୃତ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ସଂସ୍କୃତର ସର୍ବକାଳୀନ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଅମୃତ ବାରି ପ୍ରତିଷ୍ଠାନର ମୁଖ୍ୟ ଡ. କୁମାର ଚନ୍ଦ୍ର ମିଶ୍ର ସଂସ୍କୃତ ଅତ୍ୟନ୍ତ ସମୁନ୍ନତ ଏବଂ ଏହା ବର୍ତ୍ତମାନ ବିଶ୍ୱ ଭାଷା ରୂପେ ଆଦୃତ ହୋଇପାରିଛି ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ତିରୁପତିସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ସୋମନାଥ ଦାଶ ସଂସ୍କୃତ ଭାଷାର ବିତ୍ତ୍ୱ ପ୍ରତିପାଦନ କରିଥିଲେ। ଲୋକଭାଷା ପ୍ରଚାର ସମିତିର ସର୍ବଭାରତୀୟ ଅଧ୍ୟକ୍ଷ ଡ. ସଦାନନ୍ଦ ଦୀକ୍ଷିତ ସଂସ୍କୃତର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ. ହରପ୍ରିୟା ଦାଶ ଧନ୍ୟବାଦ ଦେଇଥିଲେ।



ପୁରୀ ମଧୁବନସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁବାର ଆୟୋଜିତ ଜନ୍ମାଷ୍ଟମୀ ଅବସରରେ ରାଧାକୃଷ୍ଣ ବେଶଧାରୀ ପିଲାମାନେ ଦୋଳି ଖେଳୁଛନ୍ତି ।

## ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମନୀତି

**ସାକ୍ଷୀଗୋପାଳ, ୧୮।୮(ସ୍ୱ.ପ୍ର./ଡି.ଏନ୍.ଏ.)**

ସାକ୍ଷୀଗୋପାଳଙ୍କ ଜନ୍ମାଷ୍ଟମୀ ଅବସରରେ ଦୈନନ୍ଦିନ ଦେବ ନୀତି ସହ ଦ୍ୱିପ୍ରହର ଧୂପରେ ଠାକୁରଙ୍କୁ ପୂର୍ଣ୍ଣ ସ୍ନାନ ଓ ଜନ୍ମବିଧି ନିମନ୍ତେ ସୁଗନ୍ଧିତ ଜଳ କଳସ ପୂଜା କରାଯାଇଥିଲା। ସାକ୍ଷୀଗୋପାଳ ଠାକୁର ଓ ରାଧାରାଣୀ ନୂତନ ପାଟବସ୍ତ୍ର ପରିଧାନ କରିଥିଲେ। ପ୍ରଭୁ ସୁବର୍ଣ୍ଣ ବଂଶୀ, କୁଣ୍ଡଳ, କିରଟି, ହୀରମୁଦ୍ରିକା, ବେଙ୍ଗପାଟିଆ, ଚାପସରୀ ଆଦି ଅନେକ ଅଳଙ୍କାର ପରିଧାନ କରିଥିଲେ। ସନ୍ଧ୍ୟାଧୂପ ଓ ବଡ଼ସିଂହାର ପରେ ଗର୍ଭଗୃହ ମଧ୍ୟରେ ଜନ୍ମବିଧି ଦେବ ନୀତି ଆରମ୍ଭ ହୋଇଥିଲା। ପୂଜାର୍ଚ୍ଚନା ମଧ୍ୟରେ ଅନ୍ଧକାରରେ କୃଷ୍ଣ ଜନ୍ମ ହୋଇଥିଲେ। ପରେ ବାସୁଦେବ ସେବକ ତାଙ୍କୁ ମୁଣ୍ଡରେ ଧରି ମନ୍ଦିରରେ କୃତ୍ରିମ ଯମୁନା ନଦୀ ଅତିକ୍ରମ କରୁଥିବା ବେଳେ ଉଗ୍ରସେନଙ୍କ ହାତରେ ଧରାପଡ଼ିଥିଲେ। ମହାପ୍ରଭୁଙ୍କ ଦର୍ଶନ ପରେ ଉଗ୍ରସେନ ବାଟ ଛାଡ଼ିଦେଇ ଶରଣ ପଶିଥିଲେ। ଘଣ୍ଟ, କାହାଳି, ବାଜା ବଜାଇ କୃଷ୍ଣଙ୍କୁ ମନ୍ଦିରକୁ ପାଛୋଟି ନିଆଯାଇଥିଲା। ଠାକୁରଙ୍କ ନାମକରଣ କର୍ଣ୍ଣବିଧ, ନୂତନ ବସ୍ତ୍ର ଓ ଅଳଙ୍କାର ଲାଗି ସହ ବ୍ରତପନୟନ ପରେ କୋରା ଭୋଗ ଲାଗି ହୋଇଥିଲା। ଏହି ଅବସରରେ ପ୍ରତ୍ୟୁଷରୁ ମନ୍ଦିର ସମ୍ମୁଖରେ ସେବାୟତ ସଂଘ ପକ୍ଷରୁ ମହାଯଜ୍ଞ ଅନୁଷ୍ଠିତ ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ମନ୍ଦିର କୁ ବିଭିନ୍ନ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା।

## ୩ ସ୍ଥାନରେ ଅହିଂସା ରଥକୁ ସ୍ୱାଗତ

**କଣାସ/ସାକ୍ଷୀଗୋପାଳ/କୋଣାର୍କ, ୧୮।୮(ସ୍ୱ.ପ୍ର./ଡି.ଏନ୍.ଏ.):**

କଣାସ ବ୍ଲକ ତ୍ରିଲୋଚନପୁର ବସଷ୍ଟାଣ୍ଡରେ ଗୁରୁବାର ଅହିଂସା ରଥକୁ ସ୍ୱାଗତ କରାଯାଇଛି। ବିଡିଓ ଲୋଚନ ଦାସ, ତହସିଲଦାର ସ୍ମିତିରଞ୍ଜନ ଶତପଥୀ, ଅତିରିକ୍ତ ବିଡିଓ ମଙ୍ଗଳସିଂହ ହେମ୍ବ୍ରମ, କଣାସ ଆଇଆଇସି ସୁଜିତ ଦାସ ଓ ତ୍ରିଲୋଚନପୁର ସରପଞ୍ଚ ରଥକୁ ସ୍ୱାଗତ କରିବା ପରେ ଏକ ଶୋଭାଯାତ୍ରାରେ ବାହାରି କଣାସ, ଜଙ୍କିଆ, ବିଜିପୁର ପର୍ଯ୍ୟନ୍ତ ନେଇ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ପ୍ରଦର୍ଶନ କରିଥିଲେ। ପରେ ସୁଖଳ ଛକରେ ସାକ୍ଷୀଗୋପାଳ ପ୍ରଶାସନିକ ଅଧିକାରମାନଙ୍କୁ ହସ୍ତାନ୍ତର କରିଥିଲେ। କଣାସରେ ମହନ୍ତ ବନମାଳୀ ଦାସ ବାଳିକ ଉଚ୍ଚ ବିଦ୍ୟାଳୟ, କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ, ସିରେଇ ବିଶ୍ୱନାଥ ବିଦ୍ୟାନିକେତନ ସ୍କାଉଟ୍ ଗାଇଡ୍ ଛାତ୍ରୀଛାତ୍ରମାନେ ବାଦ୍ୟ ବଜାଇ ରଥକୁ ସ୍ୱାଗତ କରିଥିଲେ।

ଏହାପରେ ସତ୍ୟବାଦୀ ବ୍ଲକର ଶୁକଳ ପଞ୍ଚାୟତସ୍ଥିତ ତୃତୀୟା ଦେବ ଉଚ୍ଚ ବିଦ୍ୟାଳୟ ନିକଟରେ ଅହିଂସା ରଥ ପହଞ୍ଚିବା ପରେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଓ ବିଡିଓ ଜୟନ୍ତ ଜୟସିଂହ, ଜିଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ ଏବଂ ଜନସାଧାରଣ ସ୍ୱାଗତ କରିଥିଲେ। ପରେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିବାରୁ ପ୍ରଧାନ ଶିକ୍ଷକ ଭବମ ପ୍ରଧାନଙ୍କ ସହିତ ଏନସିସି,ସ୍କାଉଟ ଛାତ୍ରୀଛାତ୍ର, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ସ୍ୱାଗତ କରିଥିଲେ। ଏହାପରେ ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ, ଗୋପବନ୍ଧୁଙ୍କ ଜନ୍ମପୀଠ ପରିକ୍ରମା କରିଥିଲା। ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା, ଅତିରିକ୍ତ ତହସିଲଦାର ସନ୍ତୋଷ ପାଣିଗ୍ରାହୀ ଉପସ୍ଥିତ ଥିଲେ।

### କୋଣାର୍କରେ ବିଳମ୍ବରେ ସମ୍ବର୍ଦ୍ଧନା

କୋଣାର୍କରେ ଏନ୍‌ଏସି ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅହିଂସା ରଥକୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବାର କାର୍ଯ୍ୟକ୍ରମ ଥିଲା। ହେଲେ ପୂର୍ବାହ୍ନ ସମୟରେ ଅହିଂସା ରଥ କାର୍ଯ୍ୟାଳୟରେ ପହଞ୍ଚି ଥିବାବେଳେ ଅଫିସ ଛୁଟି ଥିବାରୁ କୌଣସି ଲୋକ ପ୍ରତିନିଧି କି ପରିସରରେ ରୋଷ୍ଟର ଡ୍ୟୁଟିରେ ଥିବା କେହି ଅଧିକାରୀ ମଧ୍ୟ ଉପସ୍ଥିତ ନ ଥିଲେ। ପ୍ରାୟ ୨ଘଣ୍ଟା ଧରି ଅପେକ୍ଷା କରିବା ପରେ ଖବରପାଇ ଅଧିକାରୀମାନେ ଆସି ଅହିଂସା ରଥକୁ ସ୍ୱାଗତ କରିଥିଲେ । ଏନ୍‌ଏସି ଅଧିକାରୀ କହିଛନ୍ତି ଅହିଂସା ରଥ ଦୁଇଘଣ୍ଟା ପୂର୍ବରୁ ଆସିଯିବାରୁ କେହି ଜାଣିପାରି ନ ଥିଲେ ।

## ମଙ୍ଗଳା ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ

**କାକଟପୁର, ୧୮।୮(ଡି.ଏନ୍.ଏ.)**

ମା' ମଙ୍ଗଳାଙ୍କ ମନ୍ଦିରରେ ଜନ୍ମାଷ୍ଟମୀ ନୀତି ପାଳିତ ହୋଇଯାଇଛି। ମା' ମଙ୍ଗଳାଙ୍କୁ ଚନ୍ଦନ ବେଶରେ ସୁସଜ୍ଜିତ କରାଯିବା ପରେ ନୀତିକାନ୍ତି କରାଯାଇଥିଲା। ମା'ଙ୍କ ରାତ୍ର ଧୂପ ସରିବା ପରେ ବେଢା ଭିତରେ ଥିବା ଦଧିବାମନ ମନ୍ଦିରରେ ପାଳିଆ ସେବକ ଓ ପୂଜା ପଣ୍ଡା ଶ୍ରୀକୃଷ୍ଣଙ୍କ ଚଳନ୍ତି ପ୍ରତିମାଙ୍କୁ ରଖି ସ୍ୱତନ୍ତ୍ର ନୀତି କରାଯାଇଥିଲା। ଶ୍ରଦ୍ଧାଳୁମାନେ ଘରୁ ଫଳମୂଳ ସହିତ ନଡ଼ିଆ, ଗୁଡ଼, ରାଶିରେ ତିଆରି ଲଡ୍ଡୁ ପ୍ରସ୍ତୁତି କରି ଶ୍ରୀକୃଷ୍ଣଙ୍କୁ ଭୋଗ ଲାଗି କରିଥିଲେ। ପୁରାଣ ବର୍ଣ୍ଣିତ କୃଷ୍ଣ ଜନ୍ମ ଯମୁନା ନଦୀ ପାର ଓ ବସୁଦେବ ଉଗ୍ରସେନଙ୍କ ଭେଟ ମନ୍ଦିରରେ ହୋଇଥିବା ପ୍ରଥା ପୂର୍ବରୁ ପ୍ରଚଳିତ ହୋଇଆସୁଛି। ମନ୍ଦିର ପ୍ରଶାସନ ପକ୍ଷରୁ ପାଳିଆ ସେବକଙ୍କୁ ଉଗ୍ରସେନ ବେଶରେ ସଜ୍ଜିତ କରାଯାଇ କଂସ ରାଜାଙ୍କ ଆଦେଶରେ ଯମୁନା କୂଳରେ ପହରା ଦିଆଯାଇଥିବା କଥା ଚିତ୍ରଣ କରାଯାଇଥିଲା। ଉଗ୍ରସେନଧାରୀ ସେବାୟତ ବସୁଦେବ ଓ କୃଷ୍ଣଙ୍କୁ ଅଟକାଇବା ପରେ ପ୍ରଭୁ ଶ୍ରୀକୃଷ୍ଣ ଉଗ୍ରସେନଙ୍କୁ ତାଙ୍କ ନିଜ ସ୍ୱରୂପ ଦେଖାଇବା ପରେ ରାଜା ଉଗ୍ରସେନ କ୍ଷମା ପ୍ରାର୍ଥନା କରିଥିଲେ। ଏକ ପାଟ ବସ୍ତ୍ର ଉଗ୍ରସେନଙ୍କ ମୁଣ୍ଡରେ ବାନ୍ଧି ଦିଆଯାଇଥିଲା। କୃଷ୍ଣଙ୍କ ଚଳନ୍ତି ପ୍ରତିମାଙ୍କୁ ଯମୁନା ନଦୀରେ ସ୍ନାନ କରାଯାଇ ମନ୍ଦିରରେ ନୈବେଦ୍ୟ ଓ ଆଳତି କରାଯାଇଥିଲା।

## ଓଡ଼ିଆ ଭାଷା ପ୍ରଚଳନ, ସୁରକ୍ଷା ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୧୮।୮:**

ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ଶରଧାବାଲିସ୍ଥିତ ରାଣୀସତୀ ଭବନରେ ଗୁରୁବାର ପୁରୀ ଶାଖା ପୁନର୍ଗଠନ ଏବଂ ଓଡ଼ିଆ ଭାଷା ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ରୀୟ ସଭାପତି ବିଭୂତି ମିଶ୍ର, ଉପସଭାପତି ସୁରେନ୍ଦ୍ର କୁମାର ମିଶ୍ର, ବିଚିତ୍ରାନନ୍ଦ ସାହୁ, ସାଧାରଣ ସମ୍ପାଦକ ବିଚିତ୍ର କୁମାର ବଡ଼ଜେନା, କୋଷାଧ୍ୟକ୍ଷ ସୌଦାମିନୀ ସାମନ୍ତରା, ଭୁବନେଶ୍ୱର ମଞ୍ଚେଶ୍ୱର ଶାଖା ସଭାପତି ଦିଲୀପ ଦାଶଶର୍ମା, ପୁରୀ ଶାଖା ଉପଦେଷ୍ଟା ଯୋଗାଚାର୍ଯ୍ୟ ଡ. ରମାକାନ୍ତ କର, ପୁରୀ ଶାଖା ସଭାପତି ପ୍ରତିଭା ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ପ୍ରଫେସର ଅଭିମନ୍ୟୁ ଭୂୟାଁ ଏବଂ ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

### ଉତ୍କଳ ସମ୍ମିଳନୀର ପୁରୀ ଶାଖା ପୁନର୍ଗଠିତ

ଉତ୍କଳ ସମ୍ମିଳନୀ ଓଡ଼ିଶାର ସର୍ବପୁରାତନ ଓଡ଼ିଆ ଭାଷା ସୁରକ୍ଷା ସଙ୍ଗଠନ। ଏହା ବାରିଷ୍ଟର ମଧୁସୂଦନ ଦାସଙ୍କ ପ୍ରେରଣାରେ ଗଠିତ ହୋଇଥିଲା, ଯାହାର ଉଦ୍ଦେଶ୍ୟ ଥିଲା ଓଡ଼ିଆଙ୍କୁ ଏକାଠି କରି ଓଡ଼ିଶାର ଐତିହ୍ୟ, ପରମ୍ପରା, ସାମାଜିକ, ସାଂସ୍କୃତିକ ସର୍ବୋପରି ଓଡ଼ିଆ ଭାଷାର ସୁରକ୍ଷା ତଥା ପ୍ରଚଳନ ଉପରେ ଗୁରୁତ୍ୱାରୋପ କରିବା। ଏହା ଆଜି ବି ସମ୍ମିଳନୀର ଆଭିମୁଖ୍ୟ ହୋଇ ରହିଛି। ସମ୍ମିଳନୀର ସଙ୍ଗଠନ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଅତିଥି ପରିଚୟ ଦେଇଥିଲେ। ଅନାମ ଚନ୍ଦ୍ର ସାହୁ, ଡ. କାର୍ତ୍ତିକ କୁମାର ଦାସ, ଶିକ୍ଷାବିତ୍ ସଦାଶିବ ମିଶ୍ର, ଡା. ପ୍ରମିଳ କୁମାର ମିଶ୍ର, ଅଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ଅଧିବକ୍ତା ରତିକାନ୍ତ ପ୍ରତିହାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜ ମତ ରଖିଥିଲେ। ଏହି ଅବସରରେ ପୁରୀ ଶାଖା ପୁନର୍ଗଠିତ ହୋଇଛି। ଉପଦେଷ୍ଟା ଭାବେ ଡ. ରମାକାନ୍ତ କର, ଶିବସୁନ୍ଦର ମିଶ୍ର, ଡ. କାର୍ତ୍ତିକ କୁମାର ଦାସ, ଦାଶରଥି ମହାପାତ୍ର, ଅଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ପ୍ରମୋଦା ଦେବୀ, ଆଶାଲତା ପ୍ରଧାନ ମନୋନୀତ ହୋଇଛନ୍ତି। ଉପସଭାପତି ଭାବେ କ୍ରିଷ୍ଣା ମହାପାତ୍ର, କେଶବ ଚନ୍ଦ୍ର ପାତ୍ର, ଭବାନୀ ପ୍ରସାଦ ବଳିଆରସିଂ, ତୃପ୍ତି ପଣ୍ଡା, ସହସମ୍ପାଦକ ଭାବେ ରତିକାନ୍ତ ପ୍ରତିହାରୀ, ଆର୍.ପ୍ରିୟଦର୍ଶିନୀ ବରାଳ ଓ ପ୍ରଦୀପ କୁମାର ନାୟକଙ୍କୁ ମନୋନୀତ କରାଯାଇଛି। ସଦସ୍ୟ ଭାବେ ହେମାଙ୍ଗିନୀ ମହାନ୍ତି, ବିଜୟ କୁମାର ଛାଟୋଇ, ଜ୍ୟୋତି ପ୍ରକାଶ ମହାରଣା, ନୃସିଂହ ଚରଣ ମହାନ୍ତି, ଶିବ ପ୍ରସାଦ ମହାନ୍ତି, ସୌମ୍ୟ ରଞ୍ଜନ ମଲ୍ଲିକ ପ୍ରମୁଖ ମନୋନୀତ ହୋଇଛନ୍ତି। ଏ ନେଇ ସଙ୍ଗଠନ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।



୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଗୁରୁବାର ସନ୍ଧ୍ୟାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରୁଛନ୍ତି ।

# ୩୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

- ବିଭିନ୍ନ ସ୍ଥାନରୁ ୫ ବେପାରୀ ଗିରଫ
- ବାଇକ୍, ସ୍କୁଟି, ମୋବାଇଲ, ଟଙ୍କା ଜବତ

**ପୁରୀ ଅଫିସ, ୧୮।୮**

ପୁରୀ ସହରରେ ଦିନକୁ ଦିନ ବ୍ରାଉନସୁଗାର କାରବାର ବଢ଼ିବାରେ ଲାଗିଛି। ପୋଲିସ ପ୍ରଶାସନ ପକ୍ଷରୁ ବାରମ୍ବାର ଚଢ଼ାଉ କରାଯାଇ ଅଭିଯୁକ୍ତମାନଙ୍କୁ ଧରୁଥିଲେ ମଧ୍ୟ ବେପାରୀମାନେ ନୂଆ ତରିକା ଆପଣାଇ ବ୍ରାଉନସୁଗାର କାରବାର ଜାରି ରଖିଛନ୍ତି। ଏଭଳି ସମୟରେ ପୁରୀର ବିଭିନ୍ନ ଥାନା ପକ୍ଷରୁ କେତେକ ସ୍ଥାନରେ ପୁଣି ଚଢ଼ାଉ କରି ୫ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏଥିସହ ସେମାନଙ୍କଠାରୁ ପ୍ରାୟ ୨୯.୫ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ବଳିଆପଣ୍ଡା ଥାନା ଅଞ୍ଚଳ ଲାଇଟ୍ ହାଉସ ନିକଟରେ ବ୍ରାଉନସୁଗାର କାରବାର ଚାଲୁଥିବା ବେଳେ ପୋଲିସ ଚଢ଼ାଉ କରି ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଧରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବଳିଆପଣ୍ଡା ବସ୍ତି ବିଜୟ ନଗର ବସ୍ତିର ବୁଲୁ ମହାନ୍ତି (୩୭)। ପୋଲିସ ତାଙ୍କଠାରୁ ଗୋଟିଏ ମୋବାଇଲ, ୧ହଜାର ଟଙ୍କା ଓ ୧୨ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଏ ନେଇ ପୋଲିସ ନଂ. ୧୦୨/୨୨ରେ ଏକ ମାମଲା ରୁଜୁ କରିଛି।

ସେହିପରି କୁମ୍ଭାରପଡା ଥାନା ପକ୍ଷରୁ ବସଷ୍ଟାଣ୍ଡ ନିକଟ ଆଶ୍ରମ ଛକରେ ଗାଡି ଚେକିଂ କରାଯାଉଥିଲା। ଏହି ସମୟରେ ଜଣେ ଯୁବକ ସ୍କୁଟି ଯୋଗେ ସନ୍ଦେହଜନକ ଅବସ୍ଥାରେ ଆସୁଥିବା ଦେଖି ପୋଲିସ ଅଟକାଇଥିଲା। ଯାଞ୍ଚ କରିବାରୁ ଗାଡି ଡିକିରୁ ଏକ କଳା ରଙ୍ଗର ପଲିଥିନ ମିଳିଥିଲା, ଯେଉଁଥିରେ ବ୍ରାଉନସୁଗାର ଥିବା ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇଛି। ସେ ହେଲେ ଟାଉନଥାନା ଅନ୍ତର୍ଗତ ମାର୍କଣ୍ଡେଶ୍ୱର ସାହି ରାଧାଗୋବିନ୍ଦ ଲେନ୍‌ର ବାଲମିକ୍ ପ୍ରଧାନ ଓରଫ ବିଜୟ (୩୨)। ପୋଲିସ ତାଙ୍କଠାରୁ ୬.୫ ଗ୍ରାମର ବ୍ରାଉନ ସୁଗାର ସହ ଗୋଟିଏ ସ୍କୁଟି ଜବତ କରିଛି। ପୋଲିସ ଏ ନେଇ କେସ ନଂ ୨୨୬/୨୨ରେ ଏକ ମାମଲା ରୁଜୁ କରିଛି।

ଅପରପକ୍ଷେ ସମୁଦ୍ରକୂଳ ଥାନା ଅଞ୍ଚଳରେ ବ୍ରାଉନ ସୁଗାର କାରବାର କରିବା ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଉନଥାନା ଅନ୍ତର୍ଗତ ମାଟି ମଣ୍ଡପ ସାହିର ଜ୍ୟୋତି ରଞ୍ଜନ ଶତପଥୀ ଓରଫ ଲିପୁ(୨୬), କୁମୁଟି ସାହିର ରଞ୍ଜିତ କୁମାର ବରାଳ ଓରଫ ସନ୍ତୁ (୨୯) ଏବଂ ଚିତ୍ରକାର ସାହିର ପ୍ରଭାତ ମହାରଣା ଓରଫ ପ୍ରଭାତ (୩୨)। ପୋଲିସ ସେମାନଙ୍କ ନିକଟରୁ ୧୦ ଗ୍ରାମ ୨ ମିଲି ଗ୍ରାମ ଓଜନର ବ୍ରାଉନ ସୁଗାର, ଗୋଟିଏ ମୋବାଇଲ ଫୋନ, ଗୋଟିଏ ବାଇକ୍ ଏବଂ ନଗଦ ୫ ହଜାର ୪୫୦ ଟଙ୍କା ଜବତ କରିଛି । ଏ ନେଇ ପୋଲିସ ନଂ. ୧୮୫/୨୨ ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ଗୁରୁବାର ପୂର୍ବାହ୍ନ ୧୦ଟା ୩୦ରେ କେତେଜଣ ଯୁବକ ମିଶି ଗୋପାଳବଲ୍ଲଭ ରୋଡ ହୋଟେଲ ଭିଶାଲ ପାଖରେ ଥିବା ଏକ ପରିତ୍ୟକ୍ତ କୋଠା ପରିସରରେ ବ୍ରାଉନ ସୁଗାର କାରବାର କରୁଛନ୍ତି। ବିଶେଷ ସୂତ୍ରରୁ ପୋଲିସ ଖବର ପାଇ ଉକ୍ତ ଅଞ୍ଚଳରେ ଚଢାଉ କରିଥିଲା। ପୋଲିସକୁ ଦେଖି କେତେଜଣ ଦୌଡ଼ିବା ବେଳେ ତିନି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କ ନିକଟରେ ଥିବା ଏକ ଧଳା ରଙ୍ଗର ଜରି ପକେଟ ମଧ୍ୟରୁ ବ୍ରାଉନ ସୁଗାର ଜବତ କରିଥିଲା।

## ସଂକ୍ଷେପରେ

### ବନ୍ୟାବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ଖୁଣ୍ଟୁଣୀ,୧୮।୮(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଗୋପୀନାଥପଡା ଓ କାପ୍ତାବୋରେଇ ଗ୍ରାମ ବନ୍ୟାପାଣି ଘେରରେ ରହିଛି। ଫଳରେ ଲୋକମାନେ ଭୋକଓପାସରେ ରହିଛନ୍ତି। ଖୁଣ୍ଟୁଣୀ ଘଣ୍ଟିଖାଲସ୍ଥିତ ଆରତୀ ଷ୍ଟିଲ୍ କାରଖାନା କର୍ତ୍ତୃପକ୍ଷ ଗୁରୁବାର ଉକ୍ତ ଗ୍ରାମରେ ପହଞ୍ଚି ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ, ପାନୀୟଜଳ ଓ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରିଛନ୍ତି। କାରଖାନାର ସଭାପତି ଇଂ. ଲାଲା ତରୁଣ ପ୍ରକାଶ ନାରାୟଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ଗ୍ରାମ ଦ୍ୱୟରୁ ଘଣ୍ଟିଖାଲ ସ୍କୁଲକୁ ସ୍ଥାନାନ୍ତର ହୋଇଥିବା ୨୦ ଜନଜାତି ପରିବାରକୁ ଶୁଖିଲା ଖାଦ୍ୟ କରାଯାଇଥିଲା। ପରେ କାପ୍ତାବୋରେଇ ଓ ଗୋପୀନାଥପଡ଼ା ଗ୍ରାମରେ ମଧ ବିପନ୍ନଙ୍କ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଇଂ. ନାରାୟଣ ଲୋକଙ୍କୁ ଆଶ୍ୱାସନା ଦେବା ସହ ବନ୍ୟା ମୁକାବିଲା ପାଇଁ ମନୋବଳ ବଢ଼ାଇଥିଲେ। ଖାଦ୍ୟ ସାମଗ୍ରୀ ବଣ୍ଟନବେଳେ ନାରାୟଣଙ୍କ ସହିତ କାରଖାନା ପରିଚାଳକ ସରୋଜ କୁମାର ଜେନା, ଲୋକ ସମ୍ପର୍କ ଅଧିକାରୀ ଶରତ କୁମାର ନିଶାଙ୍କ, ଘଣ୍ଟିଖାଲ ସରପଞ୍ଚଙ୍କ ପ୍ରତିନିଧି ସୁଭାଷ ବିଶ୍ୱାଳ, କଖଡ଼ି ସରପଞ୍ଚଙ୍କ ପ୍ରତିନିଧି ଦିଲୀପ କୁମାର ଛତାର, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ମହାନ୍ତି ଓ ଯୁବନେତା ରଞ୍ଜନ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

### ବାଙ୍କୀର ପ୍ରଥମ ବିଧାୟକ ଗୋକୁଳାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

ବାଙ୍କୀ,୧୮।୮(ସ୍ୱ.ପ୍ର.): ବାଙ୍କୀର ପ୍ରଥମ ବିଧାୟକ, ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ଆନ୍ଦୋଳନର ପ୍ରବକ୍ତା ଓ ଶାଶ୍ୱତ କବି ଗୋକୁଳାନନ୍ଦ ପ୍ରହରାଜଙ୍କ ୧୭ତମ ଶ୍ରାଦ୍ଧ ଦିବସ ଗୁରୁବାର ବାଙ୍କୀ କଲେଜ ପରିସରରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରହରାଜଙ୍କ ପ୍ରତିମୂର୍ତ୍ତିରେ ଅତିଥି ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଭାରେ ବାଙ୍କୀ କଲେଜ ଅଧକ୍ଷ କ୍ୟାପଟେନ ଭବାନୀ ପ୍ରସାଦ ହୋତା ସଭାପତିତ୍ୱ କରି ପ୍ରହରାଜଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବାଙ୍କୀ ସାଂସ୍କୃତିକ ସମାଜ ଓ ଚିନ୍ତାଚେତନାର ସମ୍ପାଦକ ପ୍ରାଧାପକ ମନୋଜ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ପ୍ରହରାଜଙ୍କ ଜୀବନୀ ଉପରେ କହିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସହକାରୀ ଶ୍ରମ କମିଶନର ବ୍ରଜବନ୍ଧୁ ପାଲ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଅଧାପକ ଯୋଗୀନାଥ ମଲ୍ଲିକ, ଅକ୍ଷୟ କୁମାର ସାମଲ, କବି ଲଲାଟେନ୍ଦୁ ପଣ୍ଡା, ବୃନ୍ଦାବନ ପ୍ରଧାନ, ସୁବାସ ଚନ୍ଦ୍ର ପ୍ରହରାଜ ଓ କବି ବଂଶୀଧର ମହାପାତ୍ର ପ୍ରମୁଖ ଯୋଗଦାନ କରି ପ୍ରହରାଜଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

ସେହିପରି ବାଙ୍କୀ ବ୍ଲକ ଗୋଲାଗଣ୍ଡ ଗ୍ରାମରେ ଜନ୍ମିତ ଗୋକୁଳାନନ୍ଦଙ୍କୁ ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଅଭିଯାନ ସଭାପତି ସୁନୀଲ କୁମାର ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ସରପଞ୍ଚ ପ୍ରଫୁଲ୍ଲ କୁମାର ସେନାପତି, ହୃଦାନନ୍ଦ ପ୍ରହରାଜ, ଶିକ୍ଷାବିତ ସୁରେଶ୍ୱର ବେହେରା, କମଳାକାନ୍ତ ପ୍ରହରାଜ, ରଞ୍ଜିତ ସେଠ, ସନ୍ତୋଷ ପରିଡା, ପବିତ୍ର କର, ତପନ କର, ସୁନୀଲ ପ୍ରଧାନ, ଅରୂପାନନ୍ଦ କର, ବିପିନ ପ୍ରଧାନ, ପ୍ରଫୁଲ ପ୍ରଧାନ, ନାରାୟଣ ପ୍ରଧାନ ପ୍ରମୁଖ ଯୋଗଦାନ କରି ପ୍ରହରାଜଙ୍କର ସଂଗ୍ରାମ ଜୀବନ ଉପରେ ଆଲୋକପାତ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ୧୨୧୪୦ ଚାଷ ଜମି, ୪୬୮୫ ହେକ୍ଟର ଫସଲ ନଷ୍ଟ

- ବହୁ ସ୍ଥାନରେ ବିଦ୍ୟୁତ୍ ସରବରାହ ବନ୍ଦ
- ୩୯ ଗାଁ ଜଳାର୍ଣ୍ଣବ

ବାଙ୍କୀ,୧୮।୮(ସ୍ୱ.ପ୍ର.)

ମହାନଦୀରେ ବନ୍ୟାଜଳ କମିବା ପରେ କଟକ ଜିଲା ବାଙ୍କୀ ଉପଖଣ୍ଡର ବାଙ୍କୀ ଓ ଡମପଡ଼ା ବ୍ଲକରେ ବିପନ୍ନମାନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ବନ୍ୟା ପାଣି ଘେରରେ ରହିଥିବା ବାଙ୍କୀର ୩୯ ଗାଁର ୧ଲକ୍ଷ ୨ ହଜାର ୪୯୩ ଜଣ ଗୁରୁବାର ମଧ ଜଳବନ୍ଦୀ ଜୀବନ ବିତାଉଛନ୍ତି। ବହୁ ସ୍ଥାନରେ ପାଣି ଯୋଗୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଫଳରେ ଲୋକଙ୍କ ସମସ୍ୟା ଦୁଇ ଗୁଣିତ ହୋଇଛି। ବାଙ୍କୀ ଓ ଡମପଡ଼ା ଅଞ୍ଚଳର ଚାଷୀମାନେ ପନିପରିବା ଓ ଧାନଚାଷକୁ ଜୀବିକା ଭାବେ ଗ୍ରହଣ କରିଥାନ୍ତି। ହେଲେ ବନ୍ୟା ପାଣିରେ ଡମପଡ଼ା ବ୍ଲକରେ ୬,୩୪୦ ହେକ୍ଟର ଧାନ ଜମି, ୨୪୮୫ ହେକ୍ଟର ପନି ପରିବା ଫସଲ ପାଣିରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ବାଙ୍କୀ ବ୍ଲକରେ ୫,୮୦୦ ହେକ୍ଟର ଧାନ ଜମି ଓ ୨୨୦୦ ହେକ୍ଟର ପନିପରିବା ଫସଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ବର୍ଷକର ଆହାର ନଷ୍ଟ ହୋଇ ଯାଇଥିବାରୁ ଚାଷୀମାନେ ପରିବାରକୁ କେମିତି ପ୍ରତିପୋଷଣ କରିବେ। ସେହି ଚିନ୍ତା ଏବେ ସେମାନଙ୍କୁ ଘାରିଛି। ତୁରନ୍ତ କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇ ସେମାନଙ୍କୁ ସହାୟତା ପ୍ରଦାନ ପାଇଁ ଦାବି ହେଉଛି। ଏଥିସହ କ୍ଷତିଗ୍ରସ୍ତ ଚାଷୀଙ୍କ ଋଣ ଛାଡ ପାଇଁ ଦାବି କରୁଛନ୍ତି। ବାଙ୍କୀ-କଳାପଥର ରାସ୍ତାରେ ଚନ୍ଦ୍ରପା ସେତୁଠାରେ ଆଉ ଏକ ନୂଆ ଉଚ୍ଚା ସେତୁ ନିର୍ମାଣ କରିବା, ହୁଲୁହୁଳ ସେତୁକୁ ଉଚ୍ଚା କରିବା ଏବଂ କଇମୁଣ୍ଡିଠାରେ ଏକ ପୋଲ ନିର୍ମାଣ ପାଇଁ ସ୍ଥାନୀୟ ଅଧିବାସୀ ଗୁରୁବାର କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ଜିଲାପାଳ ଭବାନୀ ଶଙ୍କର ଚୟନି ବନ୍ୟା ଅଞ୍ଚଳ ଗସ୍ତ ସମୟରେ ତାଙ୍କ ପାଖରେ ଦାବି ରଖିଛନ୍ତି। ଗୁରୁବାର ରାତି ସାଢେ ୧୧ଟା ସୁଦ୍ଧା ମହାନଦୀରେ ବାଙ୍କୀଠାରେ ୭.୯୭ ସେମି ବିପଦସଙ୍କେତ ତଳେ ୧୦ ଲକ୍ଷ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଛି।


ବୁଡି ଯାଇଥିବା ଚାଷ ଜମି।

# ପୋଲିସ କବ୍‌ଜାରେ ୪ ଅଭିଯୁକ୍ତ

### ଅଟୋ ଚାଳକ ହତ୍ୟା ମାମଲା

କଟକ ସଦର,୧୮।୮(ଡି.ଏନ୍.ଏ.)

କିଶନନଗର ଥାନା ଅନ୍ତର୍ଗତ ପ୍ରହରାଜପୁର ଗ୍ରାମର ଅଟୋ ଚାଳକ ଅବ୍‌ଦୁଲ କାଦର(୪୬) ହତ୍ୟା ମାମଲାରେ ପୋଲିସ ୪ ଜଣଙ୍କୁ କାବୁ କରିଛି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଥିବା ଜଣାପଡିଛି। ପୋଲିସ ସୂତ୍ରରୁ ପ୍ରକାଶ, ପ୍ରହରାଜପୁର ଗ୍ରାମ ନମାଜ ପଡିଆ ନିକଟ ପାଚେରି ପାଖରେ ଗତ ୧୦ ତାରିଖ ରାତିରେ ଅବ୍‌ଦୁଲଙ୍କ ଗଳାକାଟି ହତ୍ୟା କରାଯାଇଥିଲା। ୧୧ ତାରିଖ ସକାଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏ ସମ୍ପର୍କରେ ଅବ୍‌ଦୁଲଙ୍କ ସ୍ତ୍ରୀ ୱାହିଦା ଖାତୁନ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୧୪୩/୨୨) ରୁଜୁକରିଥିଲା। ତଦନ୍ତବେଳେ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ବୁଧବାର ପୋଲିସ ହାଇଦ୍ରାବାଦରୁ କାବୁ କରିଥିଲା। ଗୁରୁବାର ତାଙ୍କୁ କିଶୋର ନଗର ଥାନାକୁ ଅଣାଯିବା ପରେ ଅନ୍ୟ ଅଭିଯୁକ୍ତମାନେ ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡିଛି। ପଚରାଉଚରା ପାଇଁ ସେମାନଙ୍କୁ ସାଲେପୁର ଥାନାକୁ ନିଆଯାଇଛି। ତେଣୁ ତଦନ୍ତରେ ବାଧା ସୃଷ୍ଟି ହେବା କାରଣକୁ ଅଧିକ କିଛି କହିବା ପାଇଁ ତଦନ୍ତକାରୀ ଅଧିକାରୀ ରଶ୍ମିରଞ୍ଜନ ଦାଶ ମନା କରିଛନ୍ତି।

# ଧାନମଣ୍ଡଳ ଘେରି ବୁଲିଲେ ଜିଲାପାଳ


ଜିଲାପାଳ ଭବାନୀ ଶଙ୍କର ଚୟନୀ ଘେରିବନ୍ଧ ପରିଦର୍ଶନ କରୁଛନ୍ତି।

କଣ୍ଟାପଡା, ୧୮।୮(ଡି.ଏନ୍.ଏ.)

ଦେବୀ ଓ କନ୍ଦଳ ନଦୀରେ ବନ୍ୟାଜଳ ହ୍ରାସ ପାଇଛି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଗୁରୁବାର କଣ୍ଟାପଡା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣସାଇଲୋ ପଞ୍ଚାୟତ କନ୍ଦଳ ନଦୀର ଧାନମଣ୍ଡଳ ଘେରି ପରିଦର୍ଶନ କରିଥିଲେ। ଗତ ସୋମବାର କନ୍ଦଳ ନଦୀରେ ବନ୍ୟାଜଳ ବୃଦ୍ଧି ପାଇବା ଫଳରେ ଧାନମଣ୍ଡଳ, ବଡବିଲି ଓ ଖେରସ ଘେରିବନ୍ଧ ଡେଇଁ ବନ୍ୟାଜଳ ପ୍ରବେଶ କରିଥିଲା। ଫଳରେ ଉକ୍ତ ଘେରି ଭିତରେ ଥିବା ପରିବାରଗୁଡିକ କ୍ଷତିଗ୍ରସ୍ତ ହୋଇଥିଲେ। ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ ରନ୍ଧାଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। କଣ୍ଟାପଡା ପଞ୍ଚାୟତ ସମିତି ଅଧକ୍ଷା ଜିନା ଭୋଇ ଓ ଉପାଧକ୍ଷ ଯତୀନ୍ଦ୍ର ଭୋଇ ବୁଧବାର ଉକ୍ତ ଘେରି ପରିଦର୍ଶନ କରି ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଜଣାଇଥିଲେ। ଗୁରୁବାର ଜିଲାପାଳ ଚୟନୀ ଉକ୍ତ ଘେରି ପରିଦର୍ଶନ କରିବା ସହ ଘେରିବନ୍ଧ ମରାମତି ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ଜିଲାପାଳଙ୍କ ଏହି ପରିଦର୍ଶନ ସମୟରେ କଣ୍ଟାପଡା ପଞ୍ଚାୟତ ସମିତି ଅଧକ୍ଷା ଜିନା ଭୋଇ, ବିଡିଓ ସନ୍ତୋଷ ପତି, ତହସିଲଦାର ମିତାଞ୍ଜଳି ଦାସ, କଣ୍ଟାପଡା ଜଳସେଚନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ବିଷ୍ଣୁପ୍ରସାଦ ବାହିନୀପତି, ସହକାରୀ ଯନ୍ତ୍ରୀ ନିରୋଜ କୁମାର ପଲାଇ, ବ୍ରାହ୍ମଣସାଇଲୋ ସରପଞ୍ଚ ନକୁଳ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# 'ଭଲ ପାଠ ପଢ଼ି କଲେଜର ଟେକ ରଖ'

### ଜବାହରଲାଲ ନେହେରୁ ମହାବିଦ୍ୟାଳୟର ୪୧ ତମ ପ୍ରତିଷ୍ଠା ଉତ୍ସବ

ମାହାଙ୍ଗା, ୧୮।୮(ସ୍ୱ.ପ୍ର.)




ମାହାଙ୍ଗା ବ୍ଲକ ଜଳେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ କୁଆଁପାଳସ୍ଥିତ ଅଲିଯୋଡାସ୍ଥିତ ଜବାହରଲାଲ ନେହେରୁ ମହାବିଦ୍ୟାଳୟର ୪୧ ତମ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଅଜୟ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଉଦ୍‌ଘାଟଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ .ପ୍ରତାପ କୁମାର ଚୌଧୁରୀ ଯୋଗଦେଇଥିଲେ। ମୁଖ୍ୟଅତିଥିଭାବେ ବ୍ଲକ ଅଧକ୍ଷା ଦୀପା ମଲିକ, ସମ୍ମାନିତ ବକ୍ତାଭାବେ ବିଶ୍ୱନାଥ ଦାସ ଓ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ଜିଲା ପରିଷଦ ସଭ୍ୟ ମୁର୍ସିଦ ରିଆଜୁଲ ହୋଦା ପ୍ରମୁଖ ଯୋଗଦେଇ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ଭଲ ପାଠ ପଢ଼ି ମହାବିଦ୍ୟାଳୟର ଟେକ ରଖିବାକୁ ପରାମର୍ଶ ଦେଇଥିଲେ। ପ୍ରଥମେ ଅତିଥିମାନେ ରାଧାକୃଷ୍ଣଙ୍କ ମୂର୍ତ୍ତି, କଲେଜ ପରିସରରେ ଥିବା ପ୍ରତିମୂର୍ତ୍ତି ଓ କଲେଜର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ବିକ୍ରମ କେଶରୀ ବର୍ମାଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ସଭ୍ୟ ହୃଷିକେଶ ସ୍ୱାଇଁ, ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ଅଧାପକ ଜ୍ଞାନରଞ୍ଜନ ଶତପଥୀ, ଶଶୀଭୂଷଣ ସ୍ୱାଇଁ, ଅଶୋକ ସିଂହ, ରବୀନ୍ଦ୍ର ବାରିକ, ଜିତେଶ ମହାନ୍ତି ଓ ନଗେନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଅଧାପକ ନିଖିଳେଶ ପଦ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ରୁଦ୍ର ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ଭାଜପା ପ୍ରତିନିଧି ଦଳର ବନ୍ୟାଞ୍ଚଳ ପରିଦର୍ଶନ

ବାଙ୍କୀ, ୧୮।୮ (ସ୍ୱ.ପ୍ର.)

ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଉପସଭାପତି ପୃଥ୍ୱୀରାଜ ହରିଚନ୍ଦନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବାଙ୍କୀର ବନ୍ୟାଞ୍ଚଳ ପରିଦର୍ଶନ କରିଥିଲା। ଏଥିରେ ଭାଜପା ସମ୍ପାଦିକା ପିଙ୍କି ପ୍ରଧାନ, ରାଜ୍ୟ ସମ୍ପାଦକ ତଥା କଟକ ଜିଲା ଭାଜପା ପ୍ରଭାରୀ ଅମର ନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ହୃଷୀକେଶ ଜେନା, ବାଙ୍କୀ ବିଧାନ ସଭା ଭାଜପା ପ୍ରାର୍ଥୀ ଶୁଭ୍ରାଂଶୁ ମୋହନ ପାଢ଼ୀ ପ୍ରମୁଖ ସାମିଲ ହୋଇଥିଲେ।

# ସ୍ୱଚ୍ଛ ପାନୀୟ ଜଳ, ବିଦ୍ୟୁତ୍ ସଂଯୋଗ ଉପରେ ଗୁରୁତ୍ୱ

### ଏମ୍‌ପିଙ୍କ ବାଙ୍କୀ ବନ୍ୟାଞ୍ଚଳ ପରିଦର୍ଶନ, ସମୀକ୍ଷା ବୈଠକ

ବାଙ୍କୀ,୧୮।୮(ସ୍ୱ.ପ୍ର.)


ଏମ୍‌ପି ଭର୍ତ୍ତୃହରି ମହତାବ ବନ୍ୟାଞ୍ଚଳ ବୁଲି ଦେଖୁଛନ୍ତି।

କଟକ ଜିଲା ବାଙ୍କୀ ଉପଖଣ୍ଡରେ ମହାନଦୀରେ ପ୍ରବଳ ବନ୍ୟା ଜଳ ଆସିବାରୁ ବହୁ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ସେଠାରେ ବହୁ ଲୋକେ ଜଳବନ୍ଦୀ ହୋଇ ରହିଛନ୍ତି। ସେମାନଙ୍କୁ ପ୍ରଶାସନ ପକ୍ଷରୁ ଉପଯୁକ୍ତ ଥଇଥାନ ଓ ସହାୟତା ଯୋଗାଇ ଦେବା ଲାଗି ଗୁରୁବାର ଏମ୍‌ପି ଭର୍ତ୍ତୃହରି ମହତାବ ବନ୍ୟାଞ୍ଚଳ ଗସ୍ତ କରିବା ସମୟରେ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହ ଅବସରରେ ଆୟୋଜିତ ବୈଠକରେ ଏମ୍‌ପିଙ୍କ ସହ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ।

ଏମ୍‌ପି ମହତାବ ପ୍ରଥମେ ଡମପଡ଼ା ବ୍ଲକର ଗୟଳବାଙ୍କ ହାଇସ୍କୁଲରେ ପହଞ୍ଚି ବିପନ୍ନଙ୍କ ସ୍ୱାସ୍ଥ୍ୟ, ରନ୍ଧା ଖାଦ୍ୟ ଓ ପ୍ରଶାସନିକ ସହାୟତା ସମ୍ପର୍କରେ ବୁଝିଥିଲେ।ଏହାପରେ କଇଁମୁଣ୍ଡିରେ ପହଞ୍ଚି ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଏମ୍‌ପି କୁଶୁପଙ୍ଗି, ନିସ୍ତିପୁର, କରବର ପରିଦର୍ଶନ କରି ବନ୍ୟା ସ୍ଥିତି ପରଖିଥିଲେ। କରବରଠାରେ ଜଳବନ୍ଦୀ ଥିବା ଶୁଖୁଆ ଖେଳା ଓ ବିଲିପଡା ବିପନ୍ନଙ୍କ ଅବସ୍ଥା ବୁଝିଥିଲେ। ଏହାପରେ ରାମଚନ୍ଦ୍ର ପୁରଠାରେ ଥିବା ଚନ୍ଦ୍ରପା ସେତୁ ପରିଦର୍ଶନ କରି ଏଠାରେ ଅନ୍ୟ ଏକ ଉଚ୍ଚ ସେତୁ ନିର୍ମାଣ କରିବା ସହ ରାସ୍ତାକୁ ଉଚ୍ଚା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବାଙ୍କୀ ପୂର୍ତ୍ତ ଡାକବଙ୍ଗଳାଠାରେ ଏକ ସମୀକ୍ଷା ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ଜନସାଧାରଣଙ୍କୁ ତୁରନ୍ତ ରିଲିଫ୍ ସାମଗ୍ରୀ ଯୋଗାଇ ଦେବାକୁ ଏମ୍‌ପି ବାଙ୍କୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ବିଶେଷକରି ସ୍ୱଚ୍ଛ ପାନୀୟ ଜଳ ଓ ବିଦ୍ୟୁତ୍ ସଂଯୋଗ ଉପରେ ସେ ଗୁରୁତ୍ୱ ଦେଇଥିଲେ। ବନ୍ୟା ବିପନ୍ନଙ୍କ ଗ୍ରାମକୁ ଯାଇ ଡାକ୍ତରମାନେ ମାଗଣାରେ ଔଷଧ ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ କହିଥିଲେ। ବାଙ୍କୀ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାପ ଓ କୁକୁର କାମୁଡ଼ା ଇଞ୍ଜେକସନ ସହ ସଲାଇନ ଏବଂ ଔଷଧ ଆବଶ୍ୟକ ଅନୁଯାୟୀ ମହଜୁଦ ରଖିବାକୁ ଏମ୍‌ପି କହିଥିଲେ। ଚାଷୀ ଯେପରି କ୍ଷୟକ୍ଷତି ସହାୟତା ପାଇବାରୁ ବଞ୍ଚିତ ନହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ଏମ୍‌ପି କୃଷି ବିଭାଗକୁ ପରାମର୍ଶ ଦେଇଥିଲେ। ବାଙ୍କୀ ଓ ଡମପଡା ବ୍ଲକ ଏବଂ ଏନଏସିରେ ଗୃହପାଳିତ ପ୍ରାଣୀ ଏବଂ ବୁଲା ଗାଇ ଗୋରୁଙ୍କୁ ଖାଦ୍ୟ ଯୋଗେଇବ ପାଇଁ ପ୍ରାଣୀ ଚିକିତ୍ସା ଅଧିକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ କଟକ ଜିଲାପାଳ ଚୟନୀ, ଅତିରିକ୍ତ ଜିଲାପାଳ ମିଶ୍ର, ଉପ ଜିଲାପାଳ ରଞ୍ଜନ କୁମାର ଜେନା, ଡମପଡ଼ା ବିଡିଓ ଶ୍ୟାମଳ କୁମାର ରାୟ, ତହସିଲଦାର କ୍ଷୀତିଶ ବେହେରା, ବାଙ୍କୀ ବିଡିଓ ଯୋଗେଶ୍ୱର ନାୟକ, ତହସିଲଦାର ସତରଞ୍ଜନ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଲୋକପ୍ରତିନିଧିମାନେ ସାମିଲ ହୋଇଥିଲେ।

# ପ୍ରତାପବାବୁ ରାଜତନ୍ତ୍ର ବିରୋଧରେ ସଂଗଠିତ ବ୍ୟକ୍ତି ଥିଲେ

### ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ପ୍ରତିଷ୍ଠାତାଙ୍କୁ ଶ୍ରଦ୍ଧାଞ୍ଜଳି

ତିଗିରିଆ/ବଡ଼ମ୍ବା, ୧୮।୮(ଡି.ଏନ.ଏ.)


ଶ୍ରଦ୍ଧାଞ୍ଜଳି ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ପ୍ରତିଷ୍ଠାତା ତଥା ପ୍ରଜା ଆନ୍ଦୋଳନର ଅଦ୍ୱିତୀୟ ଜନନେତା ପ୍ରତାପ ଚନ୍ଦ୍ର ପଟ୍ଟନାୟକଙ୍କ ତିରୋଧାନ ଦିବସ ଅବସରରେ ଗୁରୁବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମୋହନ ସୁବୁଦ୍ଧି ମହାବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ଅଧକ୍ଷା ଡ. ସୁଚିସ୍ମିତା ମହାନ୍ତି ପୌରୋହିତ୍ୟ କରିଥିଲେ। ପ୍ରଥମେ ମହାବିଦ୍ୟାଳୟ ପରିସରରେ ସ୍ଥାପିତ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ମହାବିଦ୍ୟାଳୟ ଅଧକ୍ଷାଙ୍କ ସମେତ ଅଧାପିକା, ଅଧାପକ, କର୍ମଚାରୀ ଏବଂ ଉପସ୍ଥିତ ଅତିଥି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ କରାଯାଇଥିଲା। ମୁଖ୍ୟଅତିଥିଭାବେ ବୈଜ୍ଞାନିକ ଡ. ବଳରାମ ସାହୁ, ମୁଖ୍ୟବକ୍ତା ସଂଗ୍ରାମୀ ପ୍ରତାପ ପଟ୍ଟନାୟକ, ସ୍ମାରକ ଟ୍ରଷ୍ଟର ସମ୍ପାଦକ କବି ଚନ୍ଦ୍ର ଶେଖର ମହାନ୍ତି, ସମ୍ମାନିତ ଅତିଥିଭାବେ ଏମ୍‌ପିଙ୍କ ପ୍ରତିନିଧି ଦୀପକ କୁମାର ସାହୁ ଯୋଗ ଦେଇଥିଲେ। ପ୍ରତାପ ବାବୁ ରାଜତନ୍ତ୍ର ବିରୋଧରେ ଜଣେ ସଂଗଠିତ ବ୍ୟକ୍ତି ଥିଲେ। ଏଥିସହିତ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ପ୍ରତିଷ୍ଠାତା, ଜଣେ ବିପ୍ଳବୀ, ଆଦର୍ଶବାନ, ସୁସଂଗଠକ ଭାବରେ ତାଙ୍କର ସୁଖ୍ୟାତି ରହିଛି ବୋଲି ମତ ପ୍ରକାଶ ପାଇଥିଲା। କଲେଜରେ ତାଙ୍କ ସ୍ମରଣରେ ଏକ ସ୍ୱତନ୍ତ୍ର ସମ୍ମିଳନୀ କକ୍ଷ ନିର୍ମାଣ ପାଇଁ ପ୍ରସ୍ତାବ ରଖାଯାଇଛି। କାର୍ଯ୍ୟକ୍ରମରେ ଅଧାପକ ମାନଗୋବିନ୍ଦ ପାତ୍ର, ଅଧାପକ ସୌମ୍ୟରଞ୍ଜନ ପରିଡ଼ା, ସରକାରୀ ଗୋପମଥୁରା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା, ଶିବ ନାରାୟଣ ମିଶ୍ର, ନବକିଶୋର ପଣ୍ଡା, ବିଜ୍ଞାନ ଏକାଡେମୀ ନିର୍ଦ୍ଦେଶକ ବିଶ୍ୱଜିତ ପ୍ରଧାନ ଏବଂ ପ୍ରତାପବାବୁଙ୍କ ବଡ଼ ନାତି ଖବରଦାତା ଚିନ୍ମୟ ମହାନ୍ତି(ପୁପୁ), ନାତୁଣୀ ଅନ୍ୱେଷା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।


ଜନ୍ମାଷ୍ଟମୀ ଅବସରରେ କଟକ ମଙ୍ଗଳାବାଗ ପୂଜା କମିଟି ପକ୍ଷରୁ ଗୁରୁବାର ଯୋବ୍ରା ମହାନଦୀ ତଟରୁ ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ ପାଇଁ ମାଟି ଅନୁକୂଳ।

# 'ନଦୀବନ୍ଧ ଉପରେ ଆଶ୍ରିତ ଲୋକଙ୍କୁ ରିଲିଫ୍ ଦିଅ'

### କଟକ ସଦର ବିଧାୟକଙ୍କ ବନ୍ୟା ସ୍ଥିତି ସମୀକ୍ଷା

ନିଶ୍ଚିନ୍ତକୋଇଲି,୧୮।୮(ସ୍ୱ.ପ୍ର)



କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଦେଇ ପ୍ରବାହିତ ମହାନଦୀ ଓ ତାର ଶାଖା ଲୁଣା, ଚିତ୍ରୋତ୍ପଳା ନଦୀରେ ବନ୍ୟାଜଳ ବିପଦସଙ୍କୁଳ ତଳେ ପ୍ରବାହିତ ହେଉଛି। ହେଲେ ବନ୍ୟା ପ୍ଲାବିତ ଅଞ୍ଚଳର ବିପନ୍ନମାନଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି। ବ୍ଲକ ପ୍ରଶାସନର ତଥ୍ୟ ଅନୁଯାୟୀ ୭ଟି ପଞ୍ଚାୟତର ୧୨ଟି ଗାଁର ୧୨୩୪ଜଣ କ୍ଷତିଗ୍ରସ୍ତ ହୋଇଛନ୍ତି। ସେଥିମଧ୍ୟରୁ ୪ଟି ଅସ୍ଥାୟୀ ଶିବିରରେ ୭୮୩ ଜଣଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ତେବେ ବନ୍ୟା ପାଣି ଛାଡିବା ପରେ ବନ୍ଧ ଉପରେ ଥିବା ଗୋରୁଙ୍କୁ ଅଦ୍ୟାବଧି କୌଣସି ଖାଦ୍ୟ ଦିଆଯାଇ ନାହିଁ। ଗୁରୁବାର ବନ୍ୟା ସ୍ଥିତିର ସମୀକ୍ଷା ବୈଠକ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା କରିଛନ୍ତି। ତୁରନ୍ତ ନଦୀବନ୍ଧ ଉପରେ ଆଶ୍ରୟ ନେଇଥିବା ଲୋକଙ୍କୁ ରିଲିଫ ସହ ଗୋରୁଙ୍କ ପାଇଁ ଗୋଖାଦ୍ୟର ବ୍ୟବସ୍ଥା କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଆଗକୁ ସମ୍ଭାବ୍ୟ ଲଗାଣ ବର୍ଷା ପାଇଁ ସ୍ୱାସ୍ଥ୍ୟ ବିଭାଗ, ପାନୀୟ ଜଳ, ପଶୁ ସମ୍ପଦ, ଜଳ ସମ୍ପଦ ବିଭାଗ ସଜାଗ ରହିବାକୁ କହିଥିଲେ। ରାଜସ୍ୱ ବିଭାଗ ପକ୍ଷରୁ ନିରପେକ୍ଷ ଭାବେ କ୍ଷୟକ୍ଷତିର ଆକଳନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ନିଶ୍ଚିନ୍ତକୋଇଲି ବିଡିଓ ଦିବ୍ୟଜ୍ୟୋତ ସ୍ମୃତିରଞ୍ଜନ ଦେଓ, ଏବିଡିଓ ସୁଶାନ୍ତ କୁମାର ରଣା, ପଞ୍ଚାୟତ ସମିତି ଅଧକ୍ଷା ରୋଜି ସେଠୀ, ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶ ରଞ୍ଜନ ମହାପାତ୍ର, ନିଶ୍ଚିନ୍ତକୋଇଲି ଅତିରିକ୍ତ ତହସିଲଦାର କ୍ରୀଷ୍ଣା ପାଢୀ, ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଅମିତ ଜେନା, ବିଧାୟକଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ କଟକ ସଦର ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ନିଶ୍ଚିନ୍ତକୋଇଲି ବ୍ଲକର ୧୪ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲାପରିଷଦ ସଭ୍ୟମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ବନ୍ୟା ବିପନ୍ନଙ୍କ ନିମନ୍ତେ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ପଦକ୍ଷେପ ଓ ସାହାଯ୍ୟ ସହଯୋଗ ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା। ତେବେ ବନ୍ୟା ବିପନ୍ନଙ୍କୁ ଯଥାସମ୍ଭବ ସାହାଯ୍ୟ ସହଯୋଗ ହାତ ବଢ଼ାଇବା ସହ ସେବା କାର୍ଯ୍ୟକୁ ଅଧିକରୁ ଅଧିକ ତ୍ୱରାନ୍ୱିତ କରାଯିବାକୁ ବିଧାୟକ ବେହେରା ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସଂକ୍ଷେପରେ

### ସହାୟତା କରିବାକୁ ଯାଇ ନଦୀରେ ଯୁବକ ନିଖୋଜ

ବାଲିଅନ୍ତା,୧୮।୮(ଡି.ଏନ୍.ଏ.): କୁଶଭଦ୍ରା ନଦୀକୁ ଦଶାହ କାର୍ଯ୍ୟରେ ଆସି ଗୁରୁବାର ଜଣେ ଯୁବକ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁର ଗ୍ରାମର ଅମୂଲ୍ୟ ରାଉତ(୪୮)। ସୂଚନା ମୁତାବକ, ଅମୂଲ୍ୟ ଦଶାହ କାର୍ଯ୍ୟରେ ନଦୀରେ ସ୍ନାନ କରିବା ସମୟରେ ଅନ୍ୟଜଣେ ଯୁବକ ବୁଡି ଯାଉଥିଲେ। ଏହା ଦେଖି ତାଙ୍କୁ ଉଦ୍ଧାର କରିବାକୁ ଅମୂଲ୍ୟ ପାଣି ଭିତରକୁ ଚାଲିଯାଇଥିଲେ। ଏହି ସମୟରେ ସେ ବନ୍ୟାର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ବହୁ ଖୋଜାଖୋଜି ପରେ ମଧ ତାଙ୍କ ସନ୍ଧାନ ପାଇ ନ ଥିବା ଜଣାପଡିଛି।

### ଦୁର୍ଗାପୂଜା ପାଇଁ କୁଆଖାଇରୁ ମାଟି ଅନୁକୂଳ

ବାଲିଅନ୍ତା,୧୮।୮(ଡି.ଏନ୍.ଏ.): ରାଜଧାନୀରେ ଚଳିତ ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରାଥମିକ ପ୍ରସ୍ତୁତି ଗୁରୁବାର ଜନ୍ମାଷ୍ଟମୀରୁ ଆରମ୍ଭ ହୋଇଛି। ସହରର ବିଭିନ୍ନ ପୂଜା କମିଟି ପକ୍ଷରୁ ମା’ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ନିମନ୍ତେ ପାରମ୍ପରିକ ରୀତିନୀତି ଅନୁସାରେ କୁଆଖାଇ ନଦୀକୂଳରୁ ମାଟି ସଂଗ୍ରହ କରାଯାଇଛି। ଏହାକୁ ମୃତ୍ତିକା ଆନୟନ ଉତ୍ସବ ବା ମାଟିଯାତ୍ରା ବୋଲି କୁହାଯାଏ। ମାଟି ଅନୁକୂଳ ପର୍ବରୁ ହିଁ ଦୁର୍ଗାପୂଜା ପ୍ରସ୍ତୁତିର ଶୁଭାରମ୍ଭ ହୋଇଥାଏ। ମାଟି ଅନୁକୂଳ ଉତ୍ସବରେ ଭୁବନେଶ୍ୱର ୪ନଂ. ୱାର୍ଡ ଗଡ଼ନହରକଣ୍ଟା ଦୁର୍ଗାପୂଜା କମିଟି, ବରମୁଣ୍ଡା ରୁଚିକା ବଜାର ସାର୍ବଜନୀନ ଦୁର୍ଗାପୂଜା ସମିତି, ଡୁମ୍‌ଡୁମା ହାଉସିଂବୋର୍ଡ, ଶୈଳଶ୍ରୀବିହାର, ନୀଳାଦ୍ରି ବିହାର ଦୁର୍ଗାପୂଜା କମିଟି, ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ଏବଂ ବହୁ ପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ କରାଯାଇଥିଲା। ବିଭିନ୍ନ ପୂଜା କମିଟି ପକ୍ଷରୁ ନଦୀକୂଳରେ ହୋମଯଜ୍ଞ ଆୟୋଜିତ ହୋଇଥିଲା। ମା’ ଗଙ୍ଗାଙ୍କୁ ଆବାହନ ପୂର୍ବକ ଅର୍ଘ୍ୟ ଅର୍ପଣ ସହ ଆଳତି କରାଯାଇଥିଲା। ବିଭିନ୍ନ ପୂଜା କମିଟିର କର୍ତ୍ତାମାନେ ମା’ଙ୍କ ଏହି ପ୍ରଥମ ପର୍ବରେ ଉପସ୍ଥିତ ରହି ବ୍ରତ ଧାରଣ କରିଥିଲେ। ହୋମଯଜ୍ଞ ସାରି ନାଲିକନାରେ ମାଟି ବାନ୍ଧି ସଂକୀର୍ତ୍ତନ କରି ପୂଜାମଣ୍ଡପ ଅଭିମୁଖେ ଯାଇଥିଲେ।

### ସାପ କାମୁଡ଼ାରେ ଜଣେ ଗୁରୁତର

ଡେଲାଙ୍ଗ,୧୮।୮(ଡି.ଏନ୍.ଏ.): ବନ୍ୟା ଅଞ୍ଚଳକୁ ରିଲିଫ୍ ବାଣ୍ଟିବାକୁ ଯାଇଥିବାବେଳେ ଜଣେ ବୋଟ୍ ଚାଳକଙ୍କୁ ସାପ କାମୁଡିବାରୁ ଗୁରୁତର ଆହତ ହୋଇଛନ୍ତି। ସେ ହେଉଛନ୍ତି କଣାସ ବ୍ଲକର ନୂଆଦୋକନ୍ଦା ଗ୍ରାମର ତୋଫାନ ବେହେରା(୩୫)। ସୂଚନା ମୁତାବକ, ମୁନିନ୍ଦା ପଞ୍ଚାୟତର ଡାକପଡା ଓ ଶଙ୍ଖପାଟ ଗ୍ରାମରେ ବନ୍ୟାଜଳ ପ୍ରବେଶ ଯୋଗୁ ଗ୍ରାମବାସୀ ପାଣି ଘେରରେ ଥିଲେ। ପ୍ରଶାସନ ପକ୍ଷରୁ ଗୁରୁବାର ତୋଫାନଙ୍କ ସହ କେତେଜଣ ରିଲିଫ୍ ବଣ୍ଟନ ପାଇଁ ବୋଟ୍ ନେଇ ଯାଉଥିଲେ। ଏହି ସମୟରେ ତୋଫାନଙ୍କୁ ଏକ ବୋଡା ସାପ କାମୁଡ଼ି ଦେଇଥିଲା। ସେ ଗୁରୁତର ହୋଇପଡ଼ିବାରୁ ପ୍ରଥମେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

### ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ

ଖୋର୍ଦ୍ଧା ଅଫିସ/ ନିରାକାରପୁର/ ଜଟଣୀ, ୧୮।୮(ଡି.ଏନ୍.ଏ.): ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୩୫ ଜଣ ଛାତ୍ରୀଛାତ୍ର କୃଷ୍ଣ, ବଳରାମ, ରାଧା ଓ ସୁଦାମା ବେଶରେ ସଜ୍ଜିତ ହୋଇ ବିଦ୍ୟାଳୟକୁ ଆସିଥିବା ଦେଖିବାକୁ ମିଳିଥିଲା। ବିଦ୍ୟାଳୟର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ, ସହ ସମ୍ପାଦକ ପ୍ରାଣେଶ୍ୱର ଜୟସିଂହ ଜନ୍ମାଷ୍ଟମୀର ପୌରାଣିକ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଶ୍ରୀକୃଷ୍ଣଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁସଜ୍ଜିତ ଛାତ୍ରୀଛାତ୍ରଙ୍କୁ ରାମ ମନ୍ଦିରକୁ ନିଆ ଯାଇ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ବିଦ୍ୟୁତ ପ୍ରଭା, ସୁମିତ୍ରା, କବିତା, ଗୁରୁମାଙ୍କ ସମେତ ବିନୋଦ, ନିହାର ଗୁରୁଜୀ ସହଯୋଗ କରିଥିଲେ।

ସେହିପରି ଖୋର୍ଦ୍ଧା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ରାଧାକୃଷ୍ଣ ବେଶରେ ଛାତ୍ରୀଛାତ୍ରମାନେ ସ୍କୁଲକୁ ଆସିଥିଲେ। ଜଟଣୀ ସହର ଏବଂ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ମା’ଡାମଣେଇ ମନ୍ଦିର, ଗୋପୀନାଥ ଦେବ ମନ୍ଦିର, ମଦନମୋହନ ଦେବଙ୍କ ମନ୍ଦିର ସହିତ ଶ୍ରୀହରୀ ବିହାରସ୍ଥିତ ଗୁରୁକୃପା କୁଟୀରରେ ଏହି ଉତ୍ସବ ପାଳିତ ହୋଇଥିଲା। ସେହିପରି ଅରଗୁଲସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି।

# ବନ୍ଦ ଘରୁ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

ଭୁବନେଶ୍ୱର,୧୮।୮ (ବ୍ୟୁରୋ)

ଖାରବେଳନଗର ଥାନା ଅନ୍ତର୍ଗତ ମଧୁସୂଦନ ନଗରସ୍ଥିତ ପ୍ଲଟ୍ ନଂ.୨୬ରେ ଥିବା ଏକ ବନ୍ଦ ଘରୁ ଗୁରୁବାର ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରିଛି ପୋଲିସ। ମୃତା ମହିଳା ହେଲେ ମିନୁଶ୍ରୀ ପ୍ରହରାଜ(୫୨)। ତାଙ୍କ ଶରୀରର ୫୦ ପ୍ରତିଶତ ପୋଡ଼ିଯାଇଛି। ଉକ୍ତ ଘରୁ ଅଳ୍ପ କିରୋସିନ ଥିବା ଏକ ପ୍ଲାଷ୍ଟିକ୍ ବୋତଲ ମିଳିଛି। ତେଣୁ ପାରିପାର୍ଶ୍ୱିକ ସ୍ଥିତରୁ ମିନୁଶ୍ରୀ କିରୋସିନ ଦ୍ୱାରା ପୋଡ଼ି ହୋଇ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଥିସହ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୩୨/୨୦୨୨) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିବା ସହ ପରିବାର ସଦସ୍ୟଙ୍କ ବୟାନ ରେକର୍ଡ କରିଛି। ଥାନାଧିକାରୀ ରଜନୀକାନ୍ତ ପ୍ରଧାନ କହିଛନ୍ତି, ମହିଳା ଜଣକ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

## ଆତ୍ମହତ୍ୟା ସନ୍ଦେହ, ଘରୁ ମିଳିଲା କିରୋସିନ ବୋତଲ



ମୃତଦେହ ଜବତ ପରେ ପୋଲିସ ବ୍ୟବଚ୍ଛେଦ ପାଇଁ ନେଉଛି।

### ଅନ୍ୟଏକ ରୁମ୍‌ରେ ଶୋଇଥିଲେ

ମିନୁଶ୍ରୀଙ୍କ ସ୍ୱାମୀ ବିଷ୍ଣୁପ୍ରସାଦ ଏକ ମାର୍କେଟିଂ କମ୍ପାନୀରେ ଚାକିରି କରୁଛନ୍ତି। ସେମାନେ ଘରର ଉପର ମହଲାରେ ରୁହନ୍ତି। ବିବାହିତ ନଣନ୍ଦ ଓ ଶାଶୁ ତଳ ମହଲାରେ ରୁହନ୍ତି। ତାଙ୍କର ଏକମାତ୍ର ପୁଅ ପ୍ରଭାତ ୨୦୨୦ ନଭେମ୍ବରରୁ ଚନ୍ଦ୍ରଶେଖରପୁରସ୍ଥିତ ଏକ ନିଶା ନିବାରଣ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ବୁଧବାର ରାତିରେ ସ୍ୱାମୀଙ୍କ ରୁମ୍ ବଦଳରେ ମିନୁଶ୍ରୀ ଅନ୍ୟଏକ ରୁମ୍‌ରେ ଶୋଇଥିଲେ। ଏପଟେ ଗୁରୁବାର ଜନ୍ମାଷ୍ଟମୀ ପାଇଁ ଛୁଟି ଥିବାରୁ ବିଷ୍ଣୁପ୍ରସାଦ ଘରେ ଥିଲେ। ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ମିନୁଶ୍ରୀ କବାଟ ନ ଖୋଲିବାରୁ ସ୍ୱାମୀଙ୍କ ସନ୍ଦେହ ହୋଇଥିଲା। ସ୍ଥାନୀୟ କମିଟିଙ୍କ ପରାମର୍ଶକ୍ରମେ ସେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି କବାଟ ତାଡ଼ି ଭିତରେ ପଶିଥିଲା। ଉକ୍ତ ରୁମ୍‌ର ଆସବାବପତ୍ର ପୋଡ଼ିଯାଇଥିଲା। ମିନୁଶ୍ରୀ ପୋଡ଼ିହୋଇ ମୃତ ଅବସ୍ଥାରେ ତଳେ ପଡ଼ିଥିଲେ। କିଛି ସମୟ ପରେ ସାଇଣ୍ଟିଫିକ୍ ଟିମ ପହଞ୍ଚି ପୋଲିସ ଉପସ୍ଥିତିରେ ବିଭିନ୍ନ ନମୁନା ସଂଗ୍ରହ କରିଥିଲା।

### ପୁଅ ପାଇଁ ଚିନ୍ତିତ ଥିଲେ, ପୂର୍ବରୁ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ

ମିନୁଶ୍ରୀ ତାଙ୍କ ଏକମାତ୍ର ପୁଅ ପାଇଁ ଚିନ୍ତିତ ରହୁଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି। ନିଶା ନିବାରଣ କେନ୍ଦ୍ରରେ ରହୁଥିବା ପୁଅ ପ୍ରଭାତଙ୍କ ଗାଲରେ ଇନ୍‌ଫେକ୍ସନ୍ ହୋଇଥିଲା। ତେଣୁ ଗତ ୫ଦିନ ତଳେ ତାଙ୍କ ଗାଲର ଅସ୍ତ୍ରୋପଚାର କରାଯାଇଥିଲା। ଏହାକୁ କ୍ୟାନ୍‌ସର ଭାବି ମା’ ମିନୁଶ୍ରୀ ମାନସିକ ଭାବେ ଭାଙ୍ଗି ପଡ଼ିବା ସହ ଏଭଳି ଚରମ ନିଷ୍ପତ୍ତି ନେଇଥିବା ପୋଲିସ ଅନୁମାନ କରୁଛି। ଏପଟେ ଘରେ କୌଣସି ପାରିବାରିକ ଅଶାନ୍ତି ନ ଥିବା ସ୍ୱାମୀ ବିଷ୍ଣୁପ୍ରସାଦ କହିଛନ୍ତି। ପୁଣି ମିନୁଶ୍ରୀ ଅଢ଼େଇ ବର୍ଷ ତଳେ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିବା ପୋଲିସ ଜାଣିବାକୁ ପାଇଛି। ତେବେ ସେତେବେଳେ ମିନୁଶ୍ରୀ କାହିଁକି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ? ପାରିବାରିକ ଅଶାନ୍ତି ଆତ୍ମହତ୍ୟାର ଆଉଏକ କାରଣ ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି।

### କେମିତି ଜାଣି ପାରିଲେନି ସ୍ୱାମୀ, ପରିବାର ଲୋକେ?

ମିନୁଶ୍ରୀ ନିଆଁରେ ପୋଡ଼ି ହୋଇଗଲେ, ହେଲେ ପାଖ ରୁମ୍‌ରେ ଥିବା ସ୍ୱାମୀ କେମିତି ଜାଣିପାରିଲେ ନାହିଁ? ଶରୀରରେ ନିଆଁ ଲାଗିବାବେଳେ ମିନୁଶ୍ରୀ ନିଶ୍ଚିତ ଚିତ୍କାର କରିଥିବେ। ଏପରି କି ପୋଡ଼ା ଗନ୍ଧ ମଧ ହୋଇଥିବ। ଉକ୍ତ ରୁମ୍‌ର ସ୍କାଏ ଲାଇଟ୍ ଦେଇ ଧୂଆଁ ବାହାରକୁ ଆସିଥିବା ଦେଖିବାକୁ ମିଳିଛି। ଏହା ସତ୍ତ୍ୱେ ମଧ ସ୍ୱାମୀ ବିଷ୍ଣୁପ୍ରସାଦ କିମ୍ବା ତାଙ୍କ ପରିବାର ଲୋକେ ଦିନ ପ୍ରାୟ ୧୧ଟା ୩୦ ପର୍ଯ୍ୟନ୍ତ କିପରି ଜାଣିପାରିଲେ ନାହିଁ। ଏଭଳି ବିଭିନ୍ନ ଦିଗକୁ ନେଇ ଏକାଧିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ‘ଇତିହାସ, ସଂସ୍କୃତି ଗବେଷଣା କ୍ଷେତ୍ରରେ ଭବାନୀଚରଣ ଥିଲେ ଅଗ୍ରଗଣ୍ୟ’

ଭୁବନେଶ୍ୱର,୧୮।୮(ବ୍ୟୁରୋ)

ସ୍ୱାଧୀନୋତ୍ତର କାଳରେ ଯେଉଁ କେତେଜଣ ଐତିହାସିକ ଓଡ଼ିଶା ଇତିହାସ, ସଂସ୍କୃତି ଓ ଐତିହ୍ୟ ସମ୍ପର୍କିତ ଗବେଷଣା କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲେ, ସେମାନଙ୍କ ମଧ୍ୟରୁ ଐତିହାସିକ ପ୍ରଫେସର ଭବାନୀଚରଣ ରାୟ ଥିଲେ ଅଗ୍ରଣ୍ୟ। ସାହିତ୍ୟ ଏକାଡେମୀ ପକ୍ଷରୁ ଗୁରୁବାର ଖାରବେଳନଗରସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦଠାରେ ଆୟୋଜିତ ତାଙ୍କ ଜୟନ୍ତୀ ଉତ୍ସବରେ ଏହି ମତ ପ୍ରକାଶ ପାଇଛି। ମୁଖ୍ୟ ଅତିଥି ଭାବେ ଐତିହାସିକ ତଥା ଶିକ୍ଷାବିତ୍ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ଗବେଷକ ଡ. କୈଳାସ ଚନ୍ଦ୍ର ଦାଶ ଯୋଗଦେଇ ପ୍ରଫେସର ରାୟଙ୍କ ସାରସ୍ୱତ ପ୍ରତିଭା, ଗବେଷଣାରେ ସ୍ୱତନ୍ତ୍ରତା ସମ୍ପର୍କରେ ଆଲୋକପାତ କରିଥିଲେ। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ କାର୍ଯ୍ୟକ୍ରମରେ ପୌରାହିତ୍ୟ କରି ରାୟଙ୍କ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ଏକାଡେମୀର ଉପବିଭାଗ ଅଧିକାରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଦେଇଥିଲେ।

## ଇଂଲିଶ ଲେଖାରେ ଓଡ଼ିଆ ସଂସ୍କୃତିର ଛାପ ଶୁଭଙ୍କର



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୮।୮(ବ୍ୟୁରୋ)

ସମକାଳୀନ ଇଂଲିଶ ଲେଖାରେ ଓଡ଼ିଆ ସଂସ୍କୃତିର ଛାପ ରହିଛି। ଆମର ଜୀବନଧାରା, ପର୍ବପର୍ବାଣି, କିମ୍ବଦନ୍ତୀ ଓ ଲୋକକଥା ତଥା ଲୋକାଦର୍ଶ ଆଦି ଇଂଲିଶ ଲେଖାମାନଙ୍କରେ ପ୍ରତିଫଳିତ ହେବା ଶୁଭଙ୍କର ବୋଲି କବି ତଥା ସମାଲୋଚକ ଡ. ହରପ୍ରସାଦ ଦାସ କହିଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଗୀତଗୋବିନ୍ଦ ସଦନରେ ଦୀପ୍ତି ପାଇକରାୟଙ୍କ ପୁସ୍ତକ ‘ ଷ୍ଟୋରିଜ୍ ଆଟ୍ ମାଇଁ ଡୋର୍ ଷ୍ଟେପ୍’ର ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ଦାସ ଏହା କହିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗ ପ୍ରଫେସର ଡ . ଅସୀମ ରଞ୍ଜନ ପାଢ଼ୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଏବେର ଭାରତୀୟ ଇଂଲିଶ ସାହିତ୍ୟରେ ସ୍ଥାନୀୟତା, ସାଂସ୍କୃତିକ ବିବିଧତା, ବ୍ୟକ୍ତିଗତ ଘଟନାୟନର ବିଶ୍ଳେଷଣ ସମ୍ପର୍କରେ ମତ ଦେଇଥିଲେ। ଲେଖକ ଡ . ରାଜେନ୍ଦ୍ର ପାଢ଼ୀ ପୁସ୍ତକର ବିସ୍ତୃତ ସମୀକ୍ଷା କରିଥିଲେ। ଲେଖିକା ପାଇକରାୟ ଲିଖନକର୍ମକୁ ଏକ ଆଧ୍ୟାତ୍ମିକ ପ୍ରେରଣା ଓ ଅନ୍ତର୍ଯାତ୍ରା ଭାବରେ ଅଭିହିତ କରି ନିଜ ସୃଜନ ଅନୁଭୂତି ବର୍ଣ୍ଣନା କରିବା ସହିତ ପାଠକଙ୍କ ଶୁଭେଚ୍ଛା କାମନା କରିଥିଲେ। ସୁଲେଖକ ତଥା ଖୋର୍ଦ୍ଧା କଲେଜର ପୂର୍ବତନ ଇଂଲିଶ ବିଭାଗ ମୁଖ୍ୟ ଡ . ନନ୍ଦ କିଶୋର ବିଶ୍ୱାଳ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ତୁଳନାତ୍ମକ ସାହିତ୍ୟର ରୂପରେଖ ଆଲୋଚନା କରିଥିଲେ। ଆରମ୍ଭରେ ସୁବାସ ଚନ୍ଦ୍ର କୁମାର ଲେଖିକାଙ୍କ ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଟ୍ରଷ୍ଟ ସଭାପତି ସୂର୍ଯ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ‘ଷ୍ଟୋରିଜ୍ ଆଟ୍ ମାଇଁ ଡୋର୍ ଷ୍ଟେପ୍’ ଲୋକାର୍ପିତ

## ଦେଶୀ ମଦ ଜବତ, ୨ ଗିରଫ

ଭୁବନେଶ୍ୱର, (ବ୍ୟୁରୋ)୧୮।୮

ବେଆଇନ ଭାବେ ଦେଶୀ ମଦ ବିକ୍ରି କରୁଥିବା ୨ ଅଭିଯୁକ୍ତଙ୍କୁ ଏୟାରପୋର୍ଟ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଉକ୍ତ ଥାନା ଅଧୀନ କେଳାସାହିରେ ରହୁଥିବା ପୁରୀର ସିଦ୍ଧେଶ୍ୱର ମହରଣା ଓ ଉତ୍ତରପ୍ରଦେଶର ବେଜେନ୍ଦ୍ର ଯାଦବ। ସେମାନଙ୍କଠାରୁ ୧୩ ପେଟିରେ ଥିବା ୩୨୫ଟି ଆସ୍କା-୪୦ ବୋତଲ ଜବତ କରାଯାଇଛି। ଏନେଇ ପୋଲିସ ପୃଥକ୍ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଭୁବନେଶ୍ୱର ସହରାଞ୍ଚଳ ଅନ୍ତର୍ଗତ ବସ୍ତିଗୁଡିକରେ ନିଶା କାରବାର ବଢ଼ି ଚାଲିଛି। କମିଶନରେଟ ପୋଲିସ ପକ୍ଷରୁ ବସ୍ତିକୁ ଚାଲ ଅଭିଯାନ ସତ୍ତ୍ୱେ ବେପାରୀମାନେ ବେଆଇନ ଭାବେ ନିଶା କାରବାର ଜାରି ରଖିଛନ୍ତି।

## ଏଥର ଜମିବ ଗଣେଶ ମହୋତ୍ସବ


ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତା ଓ ବ୍ୟକ୍ତିବିଶେଷ।

ଜଟଣୀ,୧୮।୮(ଡି.ଏନ୍.ଏ.)

କଳିଙ୍ଗ ୟୁଥ୍ ଫୋରମ ପକ୍ଷରୁ ଗଣେଶ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌରାଞ୍ଚଳ ଅଧୀନ ବାବା ବିଶ୍ୱନାଥ ଦେବଙ୍କ ମନ୍ଦିର ପରିସରରେ ଫୋରମ ସଭାପତି ଦୀନବନ୍ଧୁ ରତ୍ନସିଂହଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଆସନ୍ତା ୩୧ ତାରିଖରୁ ସେପ୍ଟେମ୍ବର ପୂର୍ଣ୍ଣମୀ ପର୍ଯ୍ୟନ୍ତ ଗଣେଶ ଉତ୍ସବ ପାଳନ କରାଯିବା ନେଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। କଳିଙ୍ଗ ୟୁଥ ଫୋରମ, ଖୁଦୁପୁର ୟୁଥ କ୍ଲବ ଏବଂ ଜଟଣୀ ୟୁଥ ଫେଡେରେଶନ ସହଯୋଗରେ ଖୁଦୁପୁର ନବଜ୍ୟୋତି ଖେଳ ପଡିଆରେ ମହୋତ୍ସବ ଆୟୋଜିତ ହେବ। ମୀନାବଜାର, ଯାତ୍ରା ତୁଳସୀ ଗଣନାଟ୍ୟ, ବିଭିନ୍ନ ଷ୍ଟଲ ଖୋଲାଯିବା ସହିତ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହେବ। ଏଥିସହ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଉପସଭାପତି ସୀତାକାନ୍ତ ନାୟକ କହିଛନ୍ତି। ଶାନ୍ତିଶୃଙ୍ଖଳା ଓ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏକ କମିଟି ଗଠନ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ଅନନ୍ତ ଶତପଥୀ, ଆଇନ ପରାମର୍ଶଦାତା ଦୀପକ ମହାକୁଡ଼, ଉପଦେଷ୍ଟା ଜଟଣୀ ପୋରାଧ୍ୟକ୍ଷ ଅନନ୍ତ ବେହେରା, ପୌର ଉପାଧ୍ୟକ୍ଷା ଆରତି ରାଉତଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ।

## ଅସରଳାରେ ବଢୁଛି ପକ୍ଷୀ ଶିକାର


ଜଣେ ଶିକାରୀ ବନ୍ଧୁକରେ ପକ୍ଷୀ ଶିକାର କରୁଛନ୍ତି।

ଖୋର୍ଦ୍ଧା ଅଫିସ,୧୮।୮

ବୋଲଗଡ ବ୍ଲକ ଅଧୀନ ଅସରଳା ଗ୍ରାମରେ ଅବାଧରେ ଚାଲିଛି ପକ୍ଷୀ ଶିକାର। ଶିକାରୀମାନେ ସତର୍କତାର ସହ ବିଭିନ୍ନ ଉପାୟରେ ଗଛରେ ଥିବା ପକ୍ଷୀଙ୍କୁ ବନ୍ଧୁକ ମୁନରେ ଶିକାର କରିଚାଲିଛନ୍ତି। ବଡ଼ ବଡ଼ ମାଛ ରଙ୍କା, ବଗ, ବାଦୁଡ଼ି ପ୍ରତିଦିନ ପ୍ରାଣ ହରାଉଛନ୍ତି। ପକ୍ଷୀମାନେ ପୋଖରୀ ପାଖରେ ଥିବା ଗଛରେ ଆଶ୍ରୟ ନେବା ବେଳେ ଶିକାରୀର ଶିକାର ହେଉଛନ୍ତି। ଖାଦ୍ୟ ଅନ୍ୱେଷଣରେ ପକ୍ଷୀ ଗୁଡିକ ବାହାରକୁ ବାହାରୁଥିବା ବେଳେ କିଛି ଜାଲରେ ଛନ୍ଦି ହୋଇ ପଡୁଥିବା ବେଳେ ଆଉ କିଛି ଶିକାରୀଙ୍କ ହାବୁଡ଼ରେ ପଡ଼ି ପ୍ରାଣ ହରାଉଛନ୍ତି। ଦିନ ଦ୍ୱିପ୍ରହରରେ ପକ୍ଷୀ ଶିକାର ବଢ଼ି ଚାଲିଥିବା ବେଳେ ବନ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ରାଜ୍ୟସ୍ତରୀୟ କ୍ୟାରମ ପ୍ରତିଯୋଗିତା ଉଦ୍‌ଯାପିତ

ଜଟଣୀ,୧୮।୮(ଡି.ଏନ୍.ଏ.)



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଟ୍ରାଫିକ କଲୋନୀସ୍ଥିତ ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ବିଜେବି ଇନଷ୍ଟିଚ୍ୟୁଟର ଇଣ୍ଡୋର ହଲ୍‌ଠାରେ ଚାଲିଥିବା ଡ଼ିଆରେମ କପ୍ ରାଜ୍ୟସ୍ତରୀୟ ଓପନ କ୍ୟାରମ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ସୁବ୍ରତ ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସହପ୍ରଭନ୍ଧକ ଅଶୋକ କୁମାର ମୁଖ୍ୟ ଅତିଥିଭାବେ ଯୋଗୋଦେଇ ବିଜୟୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରିଥିଲେ। ବରିଷ୍ଠ ଯନ୍ତ୍ରୀ ଚନ୍ଦ୍ରଭାନୁ ନାୟକ, ଓଡ଼ିଶା ମୁଖ୍ୟ କ୍ୟାରମ୍ ରେଫ୍ରି ପ୍ରେମ ଚାନ୍ଦ ଦାସ, ଇନଷ୍ଟିଚ୍ୟୁଟର ଉପସଭାପତି ପି.ରାଜା ରାଓ, ଶ୍ରମିକ କଂଗ୍ରେସ ମଣ୍ଡଳ ସଂଯୋଜକ ପ୍ରମୋଦ କୁମାର ସାହାଣୀ ଅତିଥି ଭାବେ ଯୋଗଦେଇଥିଲେ।

ସମ୍ପାଦକ କୀର୍ତ୍ତି ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ଏକକ ବିଭାଗରେ ପୁରୀ ଜିଲାର ଗୌତମ ପ୍ରସାଦ ଭୋଳ ବିଜୟୀ ହୋଇଥିଲେ। ଯୁଗ୍ମରେ ଜଟଣୀର ତ୍ରିନାଥ ବେହେରା, ଭୁବନେଶ୍ୱରର ଏସ.ଆର୍ ସାମନ୍ତରାୟ ବିଜୟୀ ହୋଇଥିଲେ। ନବୀନ କୁମାର ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ରାଜ୍ୟ କ୍ୟାରମ୍ ଆସୋସିଏଶନ୍ ଓ ବିଜେବି ରେଲୱେ ଇନଷ୍ଟିଚ୍ୟୁଟର ମିଳିତ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଶ୍ରମିକ କଂଗ୍ରେସ ସହ ସଂଯୋଜକ ସୁନିଲ କୁମାର ଭଞ୍ଜ, ଶ୍ରମିକ କଂଗ୍ରେସ ମିଡିଆ ସେଲର ମୁଖ୍ୟ ଓ ଶାଖା ସମ୍ପାଦକ ଏଲ୍.ଡି ମହାନ୍ତି, ଶରତ ପଣ୍ଡା, ଅର୍ପିତା ମହାନ୍ତି, ରୁନି ବେହେରା, ଆର୍ ଭେନୁ, ସଭ୍ୟ ସାମୁଏଲ ପ୍ରଧାନ, ଗୋପାଳ ଦାସ, ଅକ୍ଷୟ ପ୍ରଧାନ, ମନୋରଞ୍ଜନ ମହାପାତ୍ର ଓ ପରିଷଦର ସମସ୍ତ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।


ଜଟଣୀ : ଅରଗୁଳସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁବାର ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଉଛି।


ନିରାକାରପୁର: ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଜନ୍ମାଷ୍ଟମୀ ଅବସରରେ ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜେଇ ହୋଇଛନ୍ତି।

# ହ୍ରାସ ପାଉଛି ବନ୍ୟାଜଳ, ବଢୁଛି ଦୁର୍ଦ୍ଦଶା

କଟକ ଅଫିସ ୧୮।୮

ତିନିଦିନ ଧରି ମହାନଦୀ ଅବବାହିକା ଅଞ୍ଚଳକୁ ଉବୁଟୁବୁ କରୁଥିବା ବନ୍ୟାଜଳ ଗୁରୁବାର ସକାଳୁ ହ୍ରାସ ପାଇବାରେ ଲାଗିଛି। ମଙ୍ଗଳବାର ଏବଂ ବୁଧବାର ମୁଣ୍ଡଳୀଠାରେ ୧୨ଲକ୍ଷ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେବା ଫଳରେ ତଳିଆ ଅଞ୍ଚଳରେ ବ୍ୟାପକ କ୍ଷତି ହେବା ସହ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଗୁରୁବାର ଭୋର ୪ଟାରୁ ମୁଣ୍ଡଳୀଠାରେ ୧୦.୨୮ଲକ୍ଷ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଥିବାବେଳେ ସନ୍ଧ୍ୟାରେ ହ୍ରାସ ପାଇ ୧୦.୦୨ଲକ୍ଷ କ୍ୟୁସେକ୍ ବନ୍ୟାଜଳ ପ୍ରବାହ ହେଉଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ହୀରାକୁଦ ଜଳଭଣ୍ଡାରର ୧୨ ଗେଟ୍‌କୁ ଗୁରୁବାର ସନ୍ଧ୍ୟାରେ ବନ୍ଦ କରାଯିବା ପରେ ଭୟଙ୍କର ବନ୍ୟାରୁ କିଛିଟା ଆଶ୍ୱସ୍ତି ମିଳିଛି।

ଅପରପକ୍ଷରେ ମହାନଦୀ ତଳିଆ ଅଞ୍ଚଳରେ ପଶିଥିବା ବନ୍ୟାପାଣି ଓ ଘାଇଭଙ୍ଗା ଯୋଗୁଁ ବନ୍ୟା ପ୍ରପୀଡ଼ିତଙ୍କ ଦୁର୍ଦ୍ଦଶା ଥମିବାର ନାଁ ନେଉନି। ଗାଁ ଗାଁରେ ପଶିଥିବା ବନ୍ୟାଜଳ ଶୁଖିବା ପାଇଁ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଲାଗିବାକୁ ଥିବାରୁ ପ୍ରଭାବିତ ଲୋକଙ୍କ ସ୍ୱାସ୍ଥ୍ୟ, ଗୋରୁଙ୍କ ଖାଦ୍ୟାଭାବ ଜନିତ ସମସ୍ୟା ବଢ଼ିଯାଇଛି। ପ୍ରଶାସନ ପକ୍ଷରୁ ଲୋକଙ୍କୁ ଉଦ୍ଧାର କରାଯାଇ ଗୋଷ୍ଠୀ କେନ୍ଦ୍ରରେ ମାଗଣା ରୋଷେଇ ଦିଆଯାଉଥିଲେ ସୁଦ୍ଧା ତାହା ପର୍ଯ୍ୟାପ୍ତ ହେଉନାହିଁ। ମିଳିଥିବା ସରକାରୀ ତଥ୍ୟ ଅନୁଯାୟୀ କେବଳ କଟକ ଜିଲାରେ ଏପର୍ଯ୍ୟନ୍ତ ୧୧ ବ୍ଲକର ୧୦୭ ଗ୍ରାମପଞ୍ଚାୟତର ୩୫୮ ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ୨ଲକ୍ଷ ୨୭ହଜାର ୭୬୩ ଲୋକ ବନ୍ୟା ପ୍ରଭାବିତ ହୋଇଥିବାବେଳେ ୮୧ ଗୋଷ୍ଠୀ ବନ୍ୟା ଆଶ୍ରୟ ସ୍ଥଳରେ ୪୬ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇ ସୁରକ୍ଷିତ ରଖାଯାଇଛି। ସେହିପରି ୬୬ ହଜାରରୁ ଊର୍ଦ୍ଧ୍ୱ ଗୃହପାଳିତ ପଶୁ କ୍ଷତିଗ୍ରସ୍ତ ହୋଇଥିବା ସରକାରୀ ଭାବେ କୁହାଯାଉଥିଲେ ହେଁ ବେସରକାରୀ ଭାବେ ଏହା ଯଥେଷ୍ଟ ଅଧିକ ବୋଲି କୁହାଯାଉଛି। ସେହିପରି ୧୧ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଚାଷ ଜମିରେ ପାଣି ବୁଡ଼ି ରହିଥିବାରୁ ସେହି ଚାଷ ଉପରେ ନିର୍ଭର କରି ଚଳୁଥିବା ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏଣୁ ବନ୍ୟା ପରବର୍ତ୍ତୀ ସମୟର ପରିଚାଳନା ଠିକ୍ ଭାବେ କରା ନ ଗଲେ ଲୋକ ଓ ଜୀବଜନ୍ତୁଙ୍କ ଦୁର୍ଦ୍ଦଶା ଜୀବନଜୀବିକାରେ ଗଭୀର ପ୍ରଭାବ ପକାଇବ ବୋଲି କୁହାଯାଉଛି।


ବାଙ୍କୀ ଅଞ୍ଚଳରେ ବନ୍ୟାଜଳ କମିଯିବା ପରେ ଦୁର୍ଦ୍ଦଶା ଭୋଗୁଥିବା ଲୋକେ।

## ବନ୍ୟା ପ୍ରଭାବ: ଟୁଇନ୍ ସିଟିରେ ମହଙ୍ଗାମାଡ଼

କଟକ ଜିଲାର ବାଙ୍କୀ ଓ ଆଠଗଡ଼ ଅଞ୍ଚଳର ପନିପରିବା ଚାଷ ଉପରେ କଟକର ମୁଖ୍ୟ ପରିବା ବ୍ୟବସାୟ ପେଣ୍ଠସ୍ଥଳ କୁହାଯାଉଥିବା ଛତ୍ରବଜାର ଓ ଭୁବନେଶ୍ୱରର ୧ ନମ୍ବର ହାଟ ବିଶେଷଭାବେ ନିର୍ଭର କରିଥାଏ। ଏଠାରୁ ବଜାରକୁ ସମସ୍ତ ଋତୁକାଳୀନ ପରିବା ଯୋଗାଣ ହୋଇଥାଏ। ଟୁଇନ୍‌ସିଟିରେ ବସବାସ କରୁଥିବା ଜନସାଧାରଣ ଓ ବେପାରୀ ପରିବା ପାଇଁ ବାଙ୍କୀ ଓ ଆଠଗଡ଼ ଚାଷୀଙ୍କ ଉପରେ ନିର୍ଭର କରିଥାନ୍ତି। ଚଳିତ ବନ୍ୟାରେ ବାଙ୍କୀ ଏବଂ ଆଠଗଡ଼ ଅଞ୍ଚଳ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ତେଣୁ ଏହି ଅଞ୍ଚଳରେ ହେଉଥିବା ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବଜାରରେ ପରିବା ଅଭାବରୁ ଏହାର ଦାମ୍ ବହୁ ଅଧିକ ହୋଇଯାଇଛି। କେବଳ କଖାରୁ ଏବଂ ଅମୃତଭଣ୍ଡାକୁ ଛାଡ଼ିଲେ ଅନ୍ୟ ସବୁ ପରିବା ମୂଲ୍ୟ ୬୦ଟଙ୍କା ଉପରେ ରହିଥିବା ଦେଖିବାକୁ ମିଳିଛି।

## ଗାଧୋଇବାବେଳେ ଭାସିଗଲେ: ଜଣେ ମୃତ, ୪ ଉଦ୍ଧାର

ଖୁଣ୍ଟୁଣୀ,୧୮।୮(ଡି.ଏନ୍.ଏ.)

ଗାଧୋଇବାବେଳେ ପ୍ରଖର ସ୍ରୋତରେ ଭାସିଯାଇ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିବାବେଳେ ୪ ସହଯୋଗୀଙ୍କୁ ଉଦ୍ଧାର କରାଯାଇଛି। ମୃତକ ହେଲେ ଆଠଗଡ଼ ବ୍ଲକ ମଞ୍ଜେଶ୍ୱର ପଞ୍ଚାୟତ ବ୍ରାହ୍ମଣବସ୍ତ ଗ୍ରାମର ପ୍ରଦ୍ୟୁମ୍ନ ରାଉତ। ଗୁରୁବାର ସକାଳେ ଉକ୍ତ ଗ୍ରାମର ୫ ଜଣ ସାଙ୍ଗ ନିକଟସ୍ଥ ପୋଲ ତଳ ପୁରୁଣା ପୋଖରୀରେ ଗାଧୋଉଥିଲେ। ହଠାତ୍ ସେମାନେ ପାଣି ସୁଅରେ ଭାସି ଯାଇଥିଲେ। ଏହି ସମୟରେ ଗାଧୋଇବାକୁ ଯାଉଥିବା ବ୍ରାହ୍ମଣବସ୍ତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶ୍ରୀନିବାସ ଖଟୁଆ ଯୁବକମାନେ ଭାସି ଯାଉଥିବା ଦେଖି ପାଣିକୁ ଡେଇଁ ପଡିଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଉଦ୍ଧାର କରିଥିଲେ। ବହୁ ସମୟ ଖୋଜାଖୋଜି କରିବା ପରେ ପ୍ରଦ୍ୟୁମ୍ନଙ୍କୁ ଉଦ୍ଧାର କରି ଆଠଗଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଗୁରୁଡିଝାଟିଆ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୭/୨୨) ରୁଜୁ ହୋଇଛି। ସୂଚନାଯୋଗ୍ୟ, ପ୍ରଦ୍ୟୁମ୍ନ ସ୍ଥାନୀୟ କଖଡ଼ି କଲେଜର ଛାତ୍ର ଥିଲେ।

## ସଂକ୍ଷେପରେ

### ୩୧ରେ ପୂଜା, ୨ ପର୍ଯ୍ୟାୟରେ ଭସାଣି

**ଗଣେଶ ପୂଜା ପ୍ରସ୍ତୁତି ବୈଠକ**

ଫୁଲନଖରା,୧୮।୮(ଡି.ଏନ୍.ଏ.): କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀସ୍ଥିତ ମା' ଧାକୁଲେଇ ପୀଠ ସମ୍ମିଳନୀ କକ୍ଷରେ ଗଣେଶ ପୂଜା ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଟକ ସଦର ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଟକ ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର ଯୋଗଦେଇ ପୂଜା ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ୩୧ରେ ପୂଜା ଓ ସେପ୍ଟେମ୍ବର ୪ ଏବଂ ୮ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ପୂଜା ମଣ୍ଡପରେ ଡ଼ାକବାଜି ଯନ୍ତ୍ର ବଜାଇବା ପାଇଁ ଲାଇସେନ୍ସ ଦିଆଯିବ। ୬୦ ଡେସିବଲରୁ ଊର୍ଦ୍ଧ୍ୱ ଅଧିକ ଶବ୍ଦର ସାଉଣ୍ଡ ବକ୍ସ ବଜାଇଲେ ସେଗୁଡିକ ଜବତ କରାଯିବ। ପୂଜା ପାଇଁ ଚାନ୍ଦା ଆଦାୟକୁ ପୋଲିସ ପକ୍ଷରୁ ବାରଣ କରାଯାଇଛି। ଭସାଣିବେଳେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଓ ମଦ୍ୟପାନ ନ କରିବା ସହ ନିର୍ଦ୍ଦିଷ୍ଟ ସ୍ଥାନରେ ମୂର୍ତ୍ତି ବିସର୍ଜନ କରିବା ପାଇଁ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କୁ କୁହାଯାଇଛି। ଏହି ବୈଠକରେ କଟକ ସଦର ଥାନା ଅତିରିକ୍ତ ଆଇଆଇସି ରୀନା ମିଶ୍ର, ସାମ୍ବାଦିକ ଲଳିତ କୁମାର ଦାଶ, ସୁରେନ୍ଦ୍ର ମହାପାତ୍ର, କର୍ପୋରେଟର ମମତା ମହାନ୍ତି, ଜନାର୍ଦ୍ଦନ ପରିଡା, ପୂର୍ଣ୍ଣିମା ସ୍ୱାଇଁ, ସରପଞ୍ଚ ପଦ୍ମିନୀ ପ୍ରଧାନ, ମାନସୀ ପୃଷ୍ଟି, ପ୍ରତାପନଗରୀ ଗ୍ରାମ ଉନ୍ନୟନ କମିଟି ସଭାପତି ପ୍ରମୋଦ ସ୍ୱାଇଁ, ବାଦଲ ଜେନାଙ୍କ ସମେତ ସଦର ଥାନା ଅଞ୍ଚଳର ପ୍ରତ୍ୟେକ ଗଣେଶ ପୂଜା କମିଟିର କର୍ମକର୍ତ୍ତା ଯୋଗ ଦେଇଥିଲେ।

### ପଣ୍ଡିତ କେଦାରନାଥ ଷଡ଼ଙ୍ଗୀଙ୍କ ପରଲୋକ

ଚୌଦ୍ୱାର,୧୮।୮(ଡି.ଏନ୍.ଏ.): ଚୌଦ୍ୱାର ଦିବ୍ୟଜୀବନ ସଂଘ ସଭାପତି, ଜଗନ୍ନାଥ ଭକ୍ତ ସମାଜର କାର୍ଯ୍ୟକାରୀ ସଭାପତି, ବୈଦିକ ବ୍ରାହ୍ମଣ ସଭାର ବ୍ଲକ୍ ସଭାପତି ତଥା ଓଟିଏମ୍



ହନୁମାନ ମନ୍ଦିରର ପରିଚାଳନା କମିଟି ମୁଖ୍ୟ ପଣ୍ଡିତ କେଦାରନାଥ ଷଡଙ୍ଗୀଙ୍କ(୬୬) ଗୁରୁବାର ପରଲୋକ ହୋଇଯାଇଛି। ସ୍ୱାସ୍ଥ୍ୟଗତ କାରଣରୁ ସେ କିଛିଦିନ ହେବ ଚିକିତ୍ସାଧୀନ ଥିଲେ। ଗୁରୁବାର ଭୋର ସମୟରେ ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିବାରୁ ଚିକିତ୍ସା ପାଇଁ କଟକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତାଙ୍କ ମରଶରୀର ଯାଜଭୈରବ ନୂଆଗାଁସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ମରଶରୀରକୁ ଶୋଭାଯାତ୍ରାରେ ଚୌଦ୍ୱାର ସହର ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନକୁ ନିଆଯାଇଥିଲା। ବଡ଼ପୁଅ ଦେବୀ ପ୍ରସାଦ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଷଡଙ୍ଗୀ ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳରେ ଆଧାତ୍ମିକ ବ୍ୟକ୍ତି ଭାବେ ବେଶ୍ ଜଣାଶୁଣା ଥିଲେ। ସେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଧାର୍ମିକ, ସାମାଜିକ, ଶୈକ୍ଷିକ ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରତିଷ୍ଠା କରିବା ସହିତ ବହୁ ଅନୁଷ୍ଠାନର ପରିଚାଳନା ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ।


ଜନ୍ମାଷ୍ଟମୀ ଅବସରରେ ଗୁରୁବାର କଟକ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ରାଧାକୃଷ୍ଣ ବେଶ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# ଜନ୍ମାଷ୍ଟମୀରେ ଚଭାଡ଼ି ଶୋଭାଯାତ୍ରା

କଟକ ଅଫିସ/କଟକ ସଦର,୧୮।୮(ଡି.ଏନ୍.ଏ.)

ଜନ୍ମାଷ୍ଟମୀ ଅବସରରେ ସହରର ମଠ, ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ବିଶେଷକରି ସହରର ଚୌଧୁରୀବଜାରସ୍ଥିତ ଗୋପାଳଜୀଉ ମନ୍ଦିର, ରାଣୀହାଟସ୍ଥିତ ରାଧାମୋହନଜୀଉ ଟୁଙ୍ଗି, ବାଉଁଶଗଳିସ୍ଥିତ ସଚ୍ଚିଦାନନ୍ଦ ମଠରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମଧୁପାଟଣା ଶିଳ୍ପାଞ୍ଚଳସ୍ଥିତ ରୁଚି ଫ୍ରୋଜିଟ୍ ଡିଭିଜନ୍ ଶିରିଡ଼ି ସାଇ ମନ୍ଦିରରେ ଗୁରୁବାର ଶିରିଡି ସାଇଙ୍କ ଚଭାଡ଼ି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସୁସଜ୍ଜିତ ପାଲିଙ୍କିରେ ବାବାଙ୍କ ବିଗ୍ରହକୁ ରଖାଯାଇ ଶିଳ୍ପାଞ୍ଚଳ, ନୂଆପଡ଼ା, କାଜିଡିହ ଅଞ୍ଚଳ ପରିକ୍ରମା କରାଯାଇଥିଲା। ସାଇ ମଣ୍ଡପରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ସାଇଭକ୍ତ ଡ. ଶରତ କୁମାର ସାହୁ, ସଙ୍ଗୀତା ସାହୁ, ସଲିନା ସାହୁ ଓ ରଶ୍ମି ସାହୁଙ୍କ ସମେତ ଭକ୍ତମାନେ ପାଲିଙ୍କି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେହିପରି ଅଭୀପ୍ସା ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ ଗାନ୍ଧୀଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଇଂ. ରବି ନାରାୟଣ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଡା. ରବି ରଞ୍ଜନ ସାହୁ, କବି ଶତ୍ରୁଘ୍ନ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୀନାକ୍ଷୀ ଦାଶ, ଅଭୀପ୍ସା ପ୍ରତିଷ୍ଠାତା ସମ୍ପାଦକ ସଂଗ୍ରାମ କେଶରୀ ନାୟକ, ସୁଲତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗର ପଞ୍ଚାୟତ ଗିରିଧାରୀ ମଠ, ରାମଚନ୍ଦ୍ରପୁରସ୍ଥିତ କିଶୋରଜୀଉ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଥିଲା।


ଜନ୍ମାଷ୍ଟମୀ ଅବସରରେ ଶିରିଡ଼ି ସାଇ ମନ୍ଦିରରୁ ବାହାରିଥିବା ଚଭାଡି ଶୋଭାଯାତ୍ରା।

# ଭାଇ ମୁହଁରେ ମୁଖାଗ୍ନି ଦେଲେ ଭଉଣୀ

**ପୋଲିସ, ଡାକ୍ତରଙ୍କ ମଣିଷପଣିଆ**

କଟକ ଅଫିସ,୧୮।୮

ପୋଲିସ ଓ ଡାକ୍ତରଙ୍କ ମଣିଷପଣିଆ ପାଇଁ କର୍କଟ ରୋଗରେ ମୃତ୍ୟୁ ଘଟିଥିବା ଭାଇ ମୁହଁରେ ମୁଖାଗ୍ନି ଦେଇଛନ୍ତି ଭଉଣୀ। ଗୁରୁବାର କଟକ ଖାନ୍‌ନଗର ସ୍ୱର୍ଗଧାମଠାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଝାରସୁଗୁଡା ଜିଲା ବେଲପାହାଡ ଅଞ୍ଚଳର ଫଗୁଲାଲ ମାଝି(୨୫) କର୍କଟ ରୋଗରେ ଆକ୍ରାନ୍ତ ହୋଇ କିଛିଦିନ ତଳେ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନରେ ଭର୍ତ୍ତି ହୋଇଥିଲେ। ତାଙ୍କ ସହ ଭଉଣୀ ଭୀମସୀତା ମାଝି ମେଡିକାଲକୁ ଆସିଥିଲେ। ଫଗୁଲାଲଙ୍କ ଅବସ୍ଥା ଗୁରୁତର ଥିବାରୁ ଚିକିତ୍ସା କରାଯାଉଥିଲା। ହେଲେ ତାଙ୍କ ଆରୋଗ୍ୟ ହେବା ଉପରେ ଭୀମସୀତା ଭରସା କରିପାରି ନ ଥିଲେ। ସେ ଭାଇ ଦୁଃଖକୁ ଦେଖି ନିଜକୁ ସମ୍ଭାଳି ପାରି ନ ଥିଲେ। ତେଣୁ ସେ ଭାଇଙ୍କୁ ମେଡିକାଲରେ ଛାଡି ଘରକୁ ପଳାଇଥିଲେ। କିଛିଦିନ ଚିକିତ୍ସିତ ହେବା ପରେ ଗତ ୧୫ ତାରିଖରେ ଫଗୁଲାଲଙ୍କର ମୃତ୍ୟୁ ଘଟିଥିଲା। ମେଡିକାଲ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଏସ୍‌ସିବି ମେଡିକାଲ ଫାଣ୍ଡି ଇନ୍‌ଚାର୍ଜ ମାନେଶ୍ୱର ପ୍ରଧାନଙ୍କୁ ଜଣାଇଥିଲେ। ପ୍ରଧାନ ଏ ନେଇ ଭୀମସୀତାଙ୍କୁ ଅବଗତ କରାଇଥିଲେ। ଫଳରେ ଭୀମସୀତା ଗୁରୁବାର କଟକରେ ପହଞ୍ଚିବା ପରେ ତାଙ୍କୁ ଫଗୁଲାଲଙ୍କ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଭୀମସୀତା ଅତ୍ୟନ୍ତ ଗରିବ ହୋଇଥିବାରୁ ଭାଇଙ୍କ ମୃତଦେହକୁ ନିଜ ଗାଁକୁ ନେଇ ସତ୍କାର କରିବାରେ ଅସମର୍ଥ ଥିଲେ। ତାଙ୍କର ଏଭଳି ଅସହାୟ ଅବସ୍ଥାରେ ଡା. ଆଶୁତୋଷ ସାହୁ ଓ ଫାଣ୍ଡି ଇନ୍‌ଚାର୍ଜ ପ୍ରଧାନ ମାନବିକତା ଦେଖାଇବାକୁ ଆଗେଇ ଆସିଥିଲେ। ଅସହାୟଙ୍କ ନିମନ୍ତେ ଉତ୍ସର୍ଗୀକୃତ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ଅଭିମନ୍ୟୁ ଦାସ, ଶିଶିର ସାହୁଙ୍କୁ ଏ ସମ୍ପର୍କରେ ପ୍ରଧାନ ଅବଗତ କରାଇଥିଲେ। ଏଥିସହ ଡା. ସାହୁ ମୃତଦେହ ସତ୍କାର ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ମୃତଦେହ ନେବା ପାଇଁ ମାଗଣା ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିଲା। ଫଳରେ ସମସ୍ତଙ୍କ ସହଯୋଗରେ ଫଗୁଲାଲଙ୍କ ମୃତଦେହକୁ ଖାନ୍‌ନଗର ସ୍ୱର୍ଗଧାମ ନିଆଯାଇ ସତ୍କାର କରାଯାଇଥିଲା। ସେଠାରେ ଭୀମସୀତା ତାଙ୍କ ମୁହଁରେ ମୁଖାଗ୍ନି ଦେଇଥିଲେ। ପରେ ତାଙ୍କୁ ବସ୍‌ରେ ଘରକୁ ପଠାଇ ଦିଆଯାଇଥିଲା।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

କଟକ ସଦର,୧୮।୮(ଡି.ଏନ୍.ଏ.)

କନ୍ଦରପୁର ଥାନା ନିକଟ ତାଳଦଣ୍ଡା କେନାଲ ବନ୍ଧରେ ବୁଧବାର ବିଳମ୍ବିତ ରାତିରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କିଶନନଗର ଥାନା ଅନ୍ତର୍ଗତ ଯଶପଡ଼ା ପଞ୍ଚାୟତ ନୂଆଗାଁ ଗ୍ରାମର ପ୍ରକାଶ ପଣ୍ଡା। ଗୁରୁବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୧୪୪/୨୨) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ବୁଧବାର ରାତିରେ ପ୍ରକାଶ ଘରକୁ ଫେରୁଥିବାବେଳେ ଥାନା ନିକଟରେ ତାଙ୍କ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପୋଲିସ ଉକ୍ତ ବାଇକ ଜବତ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଜଷ୍ଟିସ ଛକରେ ୫ ଫୁଟ୍‌ର ୩ ଗର୍ତ୍ତ

**ମେୟରଙ୍କ ଉପସ୍ଥିତିରେ ହେଲା ମରାମତି**

କଟକ ଅଫିସ, ୧୮।୮

କଟକ ମହାନଗର ନିଗମ(ସିଏମ୍‌ସି) ୪ନଂ. ୱାର୍ଡ ଅଧୀନ ଜଷ୍ଟିସ ଛକ ନିକଟରେ ତିନୋଟି ଗର୍ତ୍ତ ସୃଷ୍ଟି ହୋଇଛି। ଖବରପାଇ ସିଏମ୍‌ସି ମେୟର ସୁବାସ ସିଂ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ନିଜେ ଉପସ୍ଥିତ ରହିବା ସହ ତୁରନ୍ତ ବିଭାଗୀୟ ଅଧିକାରୀଙ୍କୁ ଡାକି ଗର୍ତ୍ତ ମରାମତି କରିଥିଲେ। ଏହି ମରାମତିବେଳେ ୪ନଂ. ୱାର୍ଡ କର୍ପୋରେଟର ପ୍ରିୟମ୍ବଦା ମହାନ୍ତି, ୩ ନଂ. ୱାର୍ଡ କର୍ପୋରେଟର ପ୍ରଦୀପ ରାଉତ, ଡେପୁଟି କମିଶନର ଅଜୟ ମହାନ୍ତି, ଅକ୍ଷୟ ଦାସ, ରାଜୀବ ମହାନ୍ତି, ଆଡ୍‌ଭୋକେଟ୍ ଶୁଭ୍ରାଂଶୁ ମହାନ୍ତି, ଜଗନ୍ନାଥ ସ୍ୱାଇଁ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଅବିନାଶ ରାଉତ, ୱାଟ୍‌କୋ ମ୍ୟାନେଜର ଦେବବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ଜଷ୍ଟିସ୍ ଛକରେ ସୃଷ୍ଟି ହୋଇଥିବା ଗର୍ତ୍ତ।

# ଏଥର ରାଷ୍ଟ୍ରପତି ଭବନ, ଇଣ୍ଡିଆ ଗେଟ୍ ଆକୃତିର ତୋରଣ

**ନୂଆପଡ଼ାରେ ଗଣେଶପୂଜା**

କଟକ ଅଫିସ, ୧୮।୮

କରୋନା ମହାମାରୀ କମିବା ପରେ ଚଳିତବର୍ଷ ଧୁମଧାମରେ ଗଣେଶ ପୂଜା ପାଳନ କରାଯିବ। ଏଥିପାଇଁ କଟକ ସହରର ବିଭିନ୍ନ କ୍ଲବ ପକ୍ଷରୁ ପୂଜା ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବିଶେଷକରି ନୂଆପଡାରେ ଗଣେଶ ପୂଜା ବେଶ୍ ଜାକଜମକରେ ହୋଇଥାଏ। ପ୍ରତିବର୍ଷ ବିଭିନ୍ନ କ୍ଲବ ପକ୍ଷରୁ ନିର୍ମାଣ ତୋରଣ ଦେଖିବା ପାଇଁ ଲୋକମାନଙ୍କ ଭିଡ ଜମିଥାଏ। ଚଳିତବର୍ଷ ମଧ୍ୟ କ୍ଲବଗୁଡିକ ତୋରଣ ନିର୍ମାଣକୁ ଗୁରୁତ୍ୱ ଦିଆଯାଇଛି। ଜନ୍ମାଷ୍ଟମୀ ଅର୍ଥାତ୍ ଗୁରୁବାରଠାରୁ ତୋରଣ ନିର୍ମାଣ ପାଇଁ କ୍ଲବଗୁଡିକ ପକ୍ଷରୁ ଶୁଭ ଦିଆଯାଇଛି। ଏଥର ନୂଆପଡା ଅଞ୍ଚଳରେ ଦେଖିବାକୁ ମିଳିବ ରାଷ୍ଟ୍ରପତି ଭବନ, ଇଣ୍ଡିଆଗେଟ୍, କେଦାରନାଥ ମନ୍ଦିର, ଜର୍ମାନୀର ରୋୟାଲ ପ୍ୟାଲେସ ଆକୃତିର ସୁଉଚ୍ଚ ତୋରଣ। ଏ ସମ୍ପର୍କରେ ସିଏମ୍‌ସି ୫୦ ନଂ. ୱାର୍ଡ କର୍ପୋରେଟର ସନ୍ତୋଷ ଭୋଳ କହିଛନ୍ତି, ଏଠାରେ ୨୭ରୁ ୩୦ଟି କ୍ଲବରେ ଗଣେଶ ପୂଜା ପାଳନ କରାଯାଇଥାଏ। ଚଳିତବର୍ଷ ଶାନ୍ତିଶୃଙ୍ଖଳାରେ ପୂଜା କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯିବ। ଭସାଣି ପାଇଁ ରୁଟ୍ ମ୍ୟାପ ପ୍ରସ୍ତୁତ ହେବ। ଆସନ୍ତା ରବିବାର ମଧ୍ୟରେ ବୈଠକ କରାଯାଇ ପୂଜା ପାଇଁ ଆବଶ୍ୟକ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

ଇଣ୍ଡିପେଣ୍ଡେସ କ୍ଲବ ପକ୍ଷରୁ ଚଳିତବର୍ଷ ରାଷ୍ଟ୍ରପତି ଭବନ ଆକୃତିର ତୋରଣ ନିର୍ମାଣ ହେବ। ଏ ସମ୍ପର୍କରେ କ୍ଲବର ପୁରୁଷୋତ୍ତମ ଲେଙ୍କା କହିଛନ୍ତି, ଓଡ଼ିଶାର ମହିଳା ଦ୍ରୌପଦୀ ମୁର୍ମୁ ଭାରତର ରାଷ୍ଟ୍ରପତି ହୋଇଛନ୍ତି। ଏଣୁ ରାଷ୍ଟ୍ରପତି ଭବନ ଆକୃତି ତୋରଣ କରିବାକୁ କ୍ଲବ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିସହ ୧୨ ଫୁଟ ଉଚ୍ଚର ମୂର୍ତ୍ତି ନିର୍ମାଣ କରାଯିବ ବୋଲି ସେ କହିଛନ୍ତି। ସେହିପରି ଦିବ୍ୟଜ୍ୟୋତି କ୍ଲବ ପକ୍ଷରୁ କେଦାରନାଥ ମନ୍ଦିର ଆକୃତି ତୋରଣ ନିର୍ମାଣ କରାଯିବ । ଏ ନେଇ କ୍ଲବର ସଭାପତି ସତ୍ୟନାରାୟଣ ସାମଲ କହିଛନ୍ତି, ଏହି ତୋରଣ ଲୋକମାନଙ୍କୁ ବେଶ୍ ଆକର୍ଷିତ କରିବା ବୋଲି ଆଶା ରଖିଛୁ। ରୋୟାଲ କ୍ଲବ ପକ୍ଷରୁ ଚଳିତବର୍ଷ ଜର୍ମାନୀର ରୋୟାଲ ପ୍ୟାଲେସ ଆକୃତିର ତୋରଣ କରାଯିବ। ଏ ସମ୍ପର୍କରେ କ୍ଲବ୍‌ର ସେକ୍ରେଟାରି ସ୍ମୃତିରଞ୍ଜନ ଦାସ କହିଛନ୍ତି, ସୁନ୍ଦର ତୋରଣ ସହ ଭସାଣିରେ ବ୍ରହ୍ମପୁର ସ୍ୱତନ୍ତ୍ର ବାଜାକୁ ସାମିଲ କରାଯିବ। ସେହିପରି ଜୟ ଜଗନ୍ନାଥ କ୍ଲବ ପକ୍ଷରୁ ଇଣ୍ଡିଆ ଗେଟ୍ ଆକୃତିର ତୋରଣ ନିର୍ମାଣ କରାଯିବ। ଏ ନେଇ କ୍ଲବ୍‌ସଭାପତି ପ୍ରଣବ କୁମାର ଦାସ, କ୍ଲବର ୧୭ ବର୍ଷ ପୂର୍ତ୍ତି ଉପଲକ୍ଷେ ଚଳିତବର୍ଷ ଏହି ତୋରଣ ନିର୍ମାଣ କରାଯିବାକୁ ସ୍ଥିର କରାଯାଇଛି।







ରାଷ୍ଟ୍ରପତି ଭବନ ଓ ଇଣ୍ଡିଆ ଗେଟ୍ ତୋରଣର ନକଲ।

**ଦଶମଲ୍ଲିରେ ୫ ଘଳିଆ**

ଗୋପ,(ଡି.ଏନ୍.ଏ.)- କୁଶଭଦ୍ରା ନଦୀର ଖଣ୍ଡିଆକୁଦ ନିକଟରେ ଗତ ୧୬ ତାରିଖରେ ଏକ ୩୦ ଫୁଟ ଲମ୍ବର ଘାଇ ସୃଷ୍ଟି ହେବା ପରେ ଏବେ ଗୋପ ବ୍ଲକ ଅଧିନ ୬ଟି ପଞ୍ଚାୟତର ଅଧିକାଂଶ ଗାଁ ପାଣି ଘେରରେ ରହିଛି। ହେଲେ ଗୁରୁବାର ଏହି ନଦୀର ଦଶମଲ୍ଲି ନିକଟରେ ୫ଟି ଘାଇ ସୃଷ୍ଟି ହୋଇଛି। ଫଳରେ ଗୋପ ଜଳସମ୍ପଦ ବିଭାଗ ପକ୍ଷରୁ ଏହାକୁ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି। ପ୍ରକାଶ ଯେ, ବନ୍ୟାକୁ ଦୃଷ୍ଟିରେ ରଖି ଏହି ନଦୀ ବନ୍ଧରେ ବିଭାଗ ପକ୍ଷରୁ ନଦୀ ବନ୍ଧର ସୁରକ୍ଷା ଲାଗି କାର୍ଯ୍ୟ କରାଯାଇଥିଲା। ମାତ୍ର ଖଣ୍ଡିଆକୁଦ ନିକଟରେ ଏକ ଘାଇ ସୃଷ୍ଟି ହେବା ପରେ ଗୋପ ବ୍ଲକର ନାଗପୁର, ଗଣେଶ୍ୱରପୁର, ରାହାଙ୍ଗୋରଡା, ଡଭାର ନୁଆଖୋଲମରା, ବେଦପୁର, ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତରେ ବନ୍ୟାଜଳ ପଶିଯାଇଛି। ଏଭଳି ସମୟରେ ଦୁଇଦିନ ପରେ ଦଶମଲ୍ଲିରେ କୁଶଭଦ୍ରା ନଦୀ ବନ୍ଧରେ ୫ଟି ଘଳିଆ ପଡ଼ିଯାଇଛି।

## ସଂକ୍ଷେପରେ

### ପୁରୀ ଜିଲାରେ ଆଉ ୨ଦିନ ସ୍କୁଲ୍ ଛୁଟି ବଢ଼ିଲା

ପୁରୀ ଅଫିସ,୧୮।୮: ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁରୀ ଜିଲାରେ ଆଉ ଦୁଇଦିନ ପାଇଁ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ୧୯ ଓ ୨୦ ତାରିଖରେ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ବନ୍ଦ ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏ ନେଇ ଜିଲା ଶିକ୍ଷାଧିକାରୀଙ୍କ ସମେତ ସମସ୍ତ ବିଡିଓ ଏବଂ ବିଇଓଙ୍କୁ ଅବଗତ କରାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ୧୭ ଓ ୧୮ତାରିଖରେ ସମସ୍ତ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ ବନ୍ଦ ରଖାଯାଇଥିଲା। ପୁରୀ ଜିଲାରେ ବନ୍ୟା ଯୋଗୁ ପ୍ରଭାବିତ ଅଞ୍ଚଳର ଅନେକ ସ୍କୁଲ ଘରେ ଲୋକେ ଆଶ୍ରୟ ନେଇଛନ୍ତି।

### ପ୍ରାକୃତିକ ବିପର୍ଯ୍ୟୟ ପ୍ରତିକାର କ୍ରିୟାନୁଷ୍ଠାନ କମିଟିର ସ୍ଥିତି ସମୀକ୍ଷା

ପୁରୀ ଅଫିସ, ୧୮।୮: ପୁରୀ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରତିକାର କ୍ରିୟାନୁଷ୍ଠାନ କମିଟି ବ୍ରହ୍ମଗିରି ଶାଖା ପକ୍ଷରୁ ଗୁରୁବାର ବନ୍ୟାଞ୍ଚଳ ପରିଦର୍ଶନ ସହ ସ୍ଥିତି ସମୀକ୍ଷା କରାଯାଇଛି। କମିଟିର ଏକ ୮ଜଣିଆ ପ୍ରତିନିଧି ଦଳ ବ୍ରହ୍ମଗିରି ବ୍ଲକ୍‌ର ତିନିକୁଦି ପରିଦର୍ଶନ କରିଥିଲେ। ତିନିକୁଦି-ବାଲିକେରା ବ୍ରିଜ୍ ଭାସିଯିବା ଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେଠାରେ ଜଳସେଚନ ବିଭାଗ ଦ୍ୱାରା ବାଲିବନ୍ଧ କରାଯାଇଥିଲେ ମଧ ଘଳିଆ ପଡ଼ିଛି। ସେହିପରି କମଳନୟନପୁରଠାରେ ଘଳିଆ ପଡ଼ି ବନ୍ଧ ଭାଙ୍ଗିଯିବା ଆଶଙ୍କା ସୃଷ୍ଟି ହୋଇଛି। ବ୍ରହ୍ମଗିରି-କଣାସ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ଆବାହକ ବିହାରୀ ବନ୍ଧୁ ପଲାଇ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏହି ଦଳରେ କମିଟିର ସମ୍ପାଦକ ରଘୁ ସାହୁ, ପଙ୍କଜ ଭଞ୍ଜ, ବିପିନ ନନ୍ଦ, ଭାଗିରଥି ସାହୁ, ମୁରଲୀଧର ସାହୁ, ଦିଲୀପ ଆଚାର୍ଯ୍ୟ, ଜାହାଙ୍ଗୀର ଉଦ୍ଦିନ୍ ଏବଂ ଦେବରାଜ ବଳିଆରସିଂହ ପ୍ରମୁଖ ସାମିଲ ଥିଲେ।

### ଗଛରେ ପିଟି ହୋଇଗଲା ଡଙ୍ଗା

ନିମାପଡ଼ା,୧୮।୮(ଡି.ଏନ୍.ଏ.): ବଳଙ୍ଗା ମୁଖ୍ୟ ରାସ୍ତାରେ କାଶିଆ ଛକଠାରୁ ଗଡତୋରିହାଁ ପର୍ଯ୍ୟନ୍ତ ରାସ୍ତାରେ ଆଣ୍ଠୁଏ ପାଣିର ସୁଅ ଛୁଟୁଛି। ବୁଧବାର ଏକ ଯାତ୍ରୀବାହୀ ଡଙ୍ଗା ୧୫ ଯାତ୍ରୀଙ୍କୁ ନେଇ କାଶିଆ ଛକରୁ ଗଡତୋରିହାଁ ଯାଉଥିଲା। ସେଠାରେ ଡଙ୍ଗାଟି ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ଡଙ୍ଗାଟି ଟଳମଳ ହେବାରୁ ଲୋକେ ଡଙ୍ଗାରୁ ଓହ୍ଲାଇ ପଡିଥିଲେ। କୌଣସି ଲୋକଙ୍କ କ୍ଷତି ହୋଇ ନ ଥିବାବେଳେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ସରପଞ୍ଚ ଶ୍ରୀଧର ମାହାରୀ କହିଛନ୍ତି।

### ୧୫ ଗର୍ଭବତୀ ଉଦ୍ଧାର, ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର

ନିମାପଡ଼ା,୧୮।୮(ଡି.ଏନ୍.ଏ.): ବନ୍ୟାପ୍ଳାବିତ ଅଞ୍ଚଳରେ ମୋଟ ୩୨ଜଣ ଗର୍ଭବତୀ ମହିଳା ରହିଥିବା ସ୍ଥାନୀୟ ମହିଳା ଓ ଶିଶୁ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଛି। ତନ୍ମଧ୍ୟରୁ ଶଗଡା, ଧନୁଆଁ, ଶାଇଁସଶାସନ, ବଡଶିରୁଳା, ବାମନାଳ, ଅଲଣ୍ଡା, ବଡମାଛପୁର, ରେଞ୍ଚ ଆଦି ୮ ପଞ୍ଚାୟତରୁ ୧୫ଜଣ ଆସନ୍ନପ୍ରସବାଙ୍କୁ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ବନ୍ୟାପାଣିରେ ଥିବା ଗର୍ଭବତୀ ମହିଳା ଓ ଶିଶୁଙ୍କ ପ୍ରତି ସତର୍କ ଦୃଷ୍ଟି ରଖାଯାଇଥିବା ସିଡିପିଓ କୁମୁଦିନୀ ମିଶ୍ର କହିଛନ୍ତି।

# ଏବେ ବି ୭୭ ହଜାର ଲୋକ ଜଳବନ୍ଦୀ

- ୫୫ ପଞ୍ଚାୟତର ୨୦୧ ଗାଁ ପ୍ରଭାବିତ
- ୬୫୭୭ ହେକ୍ଟର ଫସଲ କ୍ଷତିଗ୍ରସ୍ତ
- ଉଦ୍ଧାର, ଖାଦ୍ୟ ବଣ୍ଟନରେ ଲାଗିଛି ପ୍ରଶାସନ

ପୁରୀ ଅଫିସ,୧୮।୮:

ବନ୍ୟାରେ ପୁରୀ ଜିଲାର ଅସ୍ତରଙ୍ଗ, ଗୋପ, ଡେଲାଙ୍ଗ, କଣାସ, ନିମାପଡ଼ା, ପିପିଲି ଓ ପୁରୀ ସଦର ବ୍ଲକ ପ୍ରଭାବିତ ହୋଇଛି। ୫୫ଟି ପଞ୍ଚାୟତ ଅଧୀନ ୨୦୧ଟି ଗ୍ରାମର ୧ ଲକ୍ଷ ୪୩ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଗୁରୁବାର ସୁଦ୍ଧା ୬୮ଟି ଗ୍ରାମର ୭୬ ହଜାର ୮୬୨ ଗ୍ରାମବାସୀ ଜଳବନ୍ଦୀ ରହିଛନ୍ତି। ପ୍ରଶାସନ ୧୬୧ଟି ଆଶ୍ରୟସ୍ଥଳକୁ ୧୨ ହଜାର ୩୧୯ ଜଣଙ୍କୁ ସ୍ଥାନାନ୍ତରଣ କରିଥିବା ବେଳେ ଗୁରୁବାର ୭ଟି ଆଶ୍ରୟସ୍ଥଳୀକୁ ୧୦ ହଜାର ୩୬୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଜିଲାରେ ୨୮ଟି ରିଲିଫ୍ ସେଣ୍ଟର ଖୋଲାଯାଇଛି। ୭ହଜାର ୪୦୪ ସାବାଳକ ଓ ୨ହଜାର ୯୫୬ ନାବାଳକଙ୍କୁ ମାଗଣା ଖାଦ୍ୟ ଦିଆଯାଇଛି। ସେହିଭଳି ୨୩ ହଜାର ୮୪୦ ଗୋରୁ, ୮ ହଜାର ୭୭୯ କ୍ଷୁଦ୍ର ପ୍ରାଣୀ ଓ ୩୭ ହଜାର କୁକୁଡ଼ା ପ୍ରଭାବିତ ହୋଇଛନ୍ତି। ୬ହଜାର ୫୭୭ ହେକ୍ଟର ଜମି ବନ୍ୟାପ୍ଲାବିତ ହୋଇଛି। ୧୮୦ କୁଇଣ୍ଟାଲ ଚାଉଳ, ୬୭୫.୯୯ କୁଇଣ୍ଟାଲ୍ ଚୁଡ଼ା, ୮୭ କୁଇଣ୍ଟାଲ ଗୁଡ଼ କିମ୍ବା ଚିନି ଓ ୨୫ ହଜାର ପାଣି ବୋତଲ ଓ ୮ ହଜାର ପାଣି ପାଉଚ ବଣ୍ଟନ କରାଯାଇଛି। ଗୁରୁବାର ୪୯୦.୧୫ କୁଇଣ୍ଟାଲ ଚୁଡ଼ା, ୪୯.୦୫ କୁଇଣ୍ଟାଲ ଗୁଡ଼ ଓ ଚିନି, ୧୨୨୦ଟି ପାଲ ଓ ୧୩ଶହ ବୋତଲ ପାଣି ବଣ୍ଟନ ହୋଇଛି। ୩ଟି ଅଗ୍ନିଶମ ବାହିନୀ ଟିମ୍ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ୭.୨ ମେଟ୍ରିକ୍ ଟନ୍ ଗୋରୁ ଖାଦ୍ୟ ବଣ୍ଟନ ହୋଇଛି। ସେହିଭଳି ଜିଲାରେ ୧୯ଟି ଡାକ୍ତରୀ ଟିମ୍, ୯ ପ୍ରାଣୀ ଚିକିତ୍ସକ ଟିମ୍ ଓ ୨୦ଟି ଦେଶୀ ଡ଼ଙ୍ଗା ନିୟୋଜିତ କରାଯାଇଛି। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଉଦ୍ଧାର କାର୍ଯ୍ୟ ସମେତ ଶୁଖିଲା ରନ୍ଧା ଖାଦ୍ୟ ବଣ୍ଟନକୁ ପ୍ରାଥମିକତା ଦିଆଯାଉଛି। ଜରୁରିକାଳୀନ ବିଭାଗ ହାଇ ଆଲର୍ଟରେ ରହିଛି। ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ଜିଲା ପ୍ରଶାସନ ସଜାଗ ରହିଛି।



ଗୋପ ବ୍ଲକର ନୂଆଖାଲ ଗ୍ରାମରେ ଜମି ରହିଥିବା ବନ୍ୟାଜଳ ।

## ବନ୍ୟାଘେରରେ ୧୨ ପଞ୍ଚାୟତ

ଡେଲାଙ୍ଗ,୧୮।୮(ଡି.ଏନ୍.ଏ.)

ଦୟାନଦୀ ଘୋରଡିଆରେ ବିପଦ ସଙ୍କେତଠାରୁ ଉପରେ ପ୍ରବାହିତ ହେଉଛି। ଘୋରଡିଆରେ ୬.୨୬ ମିଟର ବିପଦ ସଙ୍କେତ ଥିବାବେଳେ ଗୁରୁବାର ସନ୍ଧ୍ୟା ୫ଟା ସୁଦ୍ଧା ୭.୩୨ ମିଟର ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ଦୟାନଦୀର ପିପିଲି ବ୍ଲକର କଣ୍ଟି ଓ ମାଧିପୁର କାଜରୁ ୩ଫୁଟର ବନ୍ୟାଜଳ ବଢ଼ିବା ଯୋଗୁ ଲୁଣାନଦୀର ଅବବାହିକାରେ ରହିଥିବା ଗ୍ରାମରେ ବନ୍ୟାଜଳ ବୃଦ୍ଧି ଘଟିଛି। ଫଳରେ ରାସ୍ତା ବୁଡି ଗମନାଗମନରେ ବ୍ୟାଘାତ ସୃଷ୍ଟି ହୋଇଛି। ଡେଲାଙ୍ଗ ବ୍ଲକର ୧୨ ପଞ୍ଚାୟତ ଜଳାର୍ଣ୍ଣବ ହୋଇଯାଇଥିବାରୁ ୪୦ ଗ୍ରାମର ୪୩ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ସିଂହବ୍ରହ୍ମପୁର ପଞ୍ଚାୟତର ମଳିଗାଁ, ସୁଜନପୁର ପଞ୍ଚାୟତର ପଟଣପୁର, ରତନପୁର, ଗୌରାଦେଇପୁର, ସୁଜନପୁର, ମୁନିନ୍ଦା ପଞ୍ଚାୟତର ସଙ୍ଖପାଟ, ମୁନିନ୍ଦା, ଡାକପଡା ପ୍ରଭୃତି ଗ୍ରାମର ଲୋକ ଜଳବନ୍ଦି ହୋଇ ରହିଛନ୍ତି। କେତେକ ସ୍ଥାନରେ ଲୋକେ ଛାତ ଉପରେ, କଲ୍ୟାଣମଣ୍ଡପ, ବିଦ୍ୟାଳୟଗୃହରେ ଆଶ୍ରୟ ନେଇଛନ୍ତି। ବିଭିନ୍ନ ସ୍ଥାନରୁ ୧୦ ଜଣ ଗର୍ଭବତୀଙ୍କୁ ଅଗ୍ନିଶମ ଓ ଓଡ୍ରାଫ୍ ଟିମ୍ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଅନ୍ୟପଟେ ପଟ୍ଟନାୟିକିଆ – ଖୋର୍ଦ୍ଧା ରାସ୍ତାର ବେରବୋଇଠାରୁ ଜଗଦଳପୁର ପର୍ଯ୍ୟନ୍ତ ବ୍ଲକର ମୁଖ୍ୟରାସ୍ତା ବନ୍ୟାଜଳରେ ବୁଡ଼ିଯାଇଛି। ସେହିପରି ଡେଲାଙ୍ଗ ହାଟ ବଜାରଠାରୁ କଲ୍ୟାଣପୁର ପର୍ଯ୍ୟନ୍ତ ରାସ୍ତା ଉପରେ ୨/୩ ଫୁଟର ବନ୍ୟାଜଳ ପ୍ରବାହିତ ଯୋଗୁ ଯାତାୟାତ ଠପ ହୋଇଯାଇଛି।

## ରାଜ୍ୟ ଭାଜପା ସଭାପତିଙ୍କ ବନ୍ୟାଞ୍ଚଳ ପରିଦର୍ଶନ

କଣାସ,୧୮।୮(ସ୍ୱ.ପ୍ର.):

ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ଗୁରୁବାର କଣାସ ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ମକରା ନଦୀରେ ଘାଇସ୍ଥଳ ଦେଖିବା ସହିତ ଲୋକଙ୍କୁ ଭେଟିଥିଲେ। ପରେ ଗଡବଳଭଦ୍ରପୁର, କଖାରୁବସ୍ତ, ବୈଦ୍ୟନାଥପାଟଣା, ବଡାସ, ତରପଡା, ବାଲିପାଟଣା, ଦୋକନ୍ଦା ବନ୍ୟା କ୍ଲିଷ୍ଟ ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟା ସମ୍ପର୍କରେ ବୁଝିବା ସହିତ ସରକାରଙ୍କ ପକ୍ଷରୁ ଉପଯୁକ୍ତ ସହାୟତା ପ୍ରଦାନ କରାଯାଇ ନ ଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ସମୀରଙ୍କ ସହ ପୂର୍ବତନ ସତ୍ୟବାଦୀ ବିଧାୟକ ରମାରଞ୍ଜନ ବଳିୟାରସିଂହ, କଣାସ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, ଯୁବ ନେତା ଓମ ପ୍ରକାଶ ମିଶ୍ର, ସୁଶୀଲକାନ୍ତ ରାଉତ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି ଉପସ୍ଥିତ ଥିଲେ।







ପିପିଲି ବନ୍ୟାଞ୍ଚଳରେ ମହିଳାମାନେ ପାନୀୟ ଜଳ ସଂଗ୍ରହ ପାଇଁ ବନ୍ୟାପାଣିରେ ପଶି ଆସୁଛନ୍ତି । ପୁରୀ ଉତ୍ତରକୋଣା ଗ୍ରାମରେ ନିଜ ଉଦ୍ୟମରେ ନିର୍ମିତ କାଠପୋଲ ଯୋଗେ ବିଧାୟକ ଜୟନ୍ତ ଷଡଙ୍ଗୀ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି । ବନ୍ୟା ଘେରରେ ରହିଥିବା କଣାସର ବଡାସ ଗ୍ରାମ ।

# ବନ୍ୟାବିପନ୍ନଙ୍କ ପାଖରେ ପହଞ୍ଚିନି ଖାଦ୍ୟ

କଣାସ,୧୮।୮(ସ୍ୱ.ପ୍ର.):

କଣାସ ବ୍ଲକ ଅଞ୍ଚଳ ଦେଇଯାଇଥିବା କୁଆଖାଇ, ଦୟା ନଦୀରେ ବନ୍ୟାଜଳ ବଢ଼ିଯାଇ ଅଧିକାଂଶ ଗ୍ରାମ ପଶିଯାଇଥିବାରୁ ଲୋକେ ନାନା ଦୁର୍ଦ୍ଦଶା ଭୋଗୁଛନ୍ତି। ଗତ ୫/୬ଦିନ ହେବ ଗାଁରେ ବନ୍ୟାଜଳ ଜମିରହିବା ସହ ଗୃହପାଳିତ ପଶୁ ବିଭିନ୍ନ ରୋଗର ସଂକ୍ରମଣ ହେଉଥିବାବେଳେ ପ୍ରଶାସନ ପକ୍ଷରୁ ସହଯୋଗ ମିଳୁ ନାହିଁ। ଲୋକେ ଖାଇବାକୁ ପାଉ ନ ଥିବାବେଳେ ଭୋକ ଉପାସରେ ରହି ଦିନ କାଟୁଛନ୍ତି। ସେହିପରି ମକରା ନଦୀରେ ଏକ ଘାଇ ହୋଇ ୬ଟି ପଞ୍ଚାୟତ ଜଳାର୍ଣ୍ଣବ ହୋଇପଡିଥିବା ବେଳେ ଯାତାୟାତ ପାଇଁ ସମସ୍ତ ରାସ୍ତା ବୁଡିଯାଇଛି। ଯାତାୟାତ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଡଙ୍ଗା ଯୋଗାଇ ଦିଆଯାଇ ନ ଥିବାରୁ ଗ୍ରାମବାସୀ ଜଳବନ୍ଦୀ ଭାବେ କାଳାତିପାତ କରୁଛନ୍ତି। ନଳକୂପ ଓ ଗଭୀରକୂପ ବୁଡିଯାଇଥିବାରୁ ପାନୀୟଜଳ ପାଇପାରୁନାହାନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ କିମ୍ବା ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇ ନ ଥିବାରୁ ବନ୍ୟାକ୍ଲିଷ୍ଟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପାହିଲୁଣ୍ଡିର ଅନେକ ପରିବାରର ଗୃହ ବନ୍ୟାଜଳରେ ବୁଡିଯିବାରୁ ସେମାନେ ମକରା ନଦୀବନ୍ଧ ଉପରେ କୁଡିଆ କରି ରହିଥିବାବେଳେ କୌଣସି ସରକାରୀ ସହାୟତା ପହଞ୍ଚି ନାହିଁ। ମକରା ନଦୀରେ ଘାଇ ହୋଇଯିବାରୁ ବେଢାତଣ୍ଡୁଳ, ସିରୁଳୀ, ଟାଇଁଲ, ଭାଟପଡା, ସୁନାଖଳା, ସାହୁପଡା, ମଇଁଦିପୁର, ଧୂଆଁଳ, କେଶରପୁର, ରକ୍ତପଟା ଗ୍ରାମ ମଧ୍ୟରେ ବନ୍ୟାଜଳ ପ୍ରବେଶ କରିଛି। ରାଜୁଆ ନଦୀରେ ତିରିମଲ୍ଲଠାରୁ ହଳଦିଆପଡାକୁ ସଂଯୋଗ କରିଥିବା ନଦୀବନ୍ଧ ରାସ୍ତାରେ ବଡ଼ ଘାଇ ହେବାରୁ ସାନପୁଟ ପଞ୍ଚାୟତର ଲୋକାପାଳ, ହଳଦିଆପଡା, ଗଡସାନପୁଟ, ମନ୍ଦାରବସ୍ତ ହରିଜନ ସାହି ଜଳାର୍ଣ୍ଣବ ହୋଇଯାଇଛି। ଲୋକେ ଅସୁବିଧାରେ ଥିବାବେଳେ ପ୍ରଶାସନ ପକ୍ଷରୁ ଜରୁରୀ ସହାୟତା ଯୋଗାଇବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କଣାସ ବିଡିଓ ଲୋଚନ ଦାସଙ୍କୁ ପଚାରିବାରେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ।

### ରିଲିଫ୍ ବଣ୍ଟନ ପାଇଁ ମିଳିଲାନି ଡଙ୍ଗା

କଣାସ,୧୮।୮(ସ୍ୱ.ପ୍ର.):

କଣାସ ବନ୍ୟାଞ୍ଚଳରେ ଏକ ଅନୁଷ୍ଠାନ ବିପନ୍ନଙ୍କୁ ରିଲିଫ ଯୋଗାଇବା ପାଇଁ ଆସିଥିବା ବେଳେ ବ୍ଲକ ପ୍ରଶାସନକୁ ଏକ ଡଙ୍ଗା ଯୋଗାଇ ଦେବାକୁ କୁହାଯାଇଥିବା ବେଳେ ତାହା ମିଳିପାରି ନାହିଁ। ଖବର ଅନୁଯାୟୀ, ଏକ ସାମାଜିକ ଅନୁଷ୍ଠାନ ପକ୍ଷରୁ ବନ୍ୟାକ୍ଲିଷ୍ଟ କଖାରୁବସ୍ତ, ବୈଦ୍ୟନାଥପାଟଣା, ବଡାସ, ତରପଡା, ବାଲିପାଟଣା ଗ୍ରାମକୁ ରିଲିଫ ଦେବା ପାଇଁ ଦୁଇଟି ଡଙ୍ଗା ଯୋଗାଇବାକୁ କହିବାରୁ ବିଡିଓ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପରଦିନ ଅନୁଷ୍ଠାନର କର୍ମଚାରୀମାନେ ରିଲିଫ ଆଣି କଣାସରେ ପହଞ୍ଚିବା ବେଳେ ବିଡିଓ ଡଙ୍ଗା ଦାୟିତ୍ୱରେ ଥିବା ଦେବ ବେହେରାଙ୍କୁ ଦୁଇଟି ଡଙ୍ଗା ଦେବା ପାଇଁ କହିଥିଲେ। କିନ୍ତୁ ସେ ମୋବାଇଲ ସୁଇଚ ଅଫ କରି ଦେଇଥିବାରୁ ପରେ ବିଡିଓ ଅନ୍ୟ ଜଣଙ୍କ ଦ୍ୱାରା ଗୋଟିଏ ଡଙ୍ଗା ଦେଇଥିଲେ।

## ୭ ଦିନ ରିଲିଫ୍ ଦାବିକଲା ଭାଜପା



ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ା ବ୍ଲକରେ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

ନିମାପଡ଼ା,୧୮।୮(ଡି.ଏନ୍.ଏ.):

ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା ଦଳୀୟ ନେତୃବୃନ୍ଦଙ୍କ ସହ ଗୁରୁବାର ନିମାପଡ଼ା ବ୍ଲକର ଧନୁଆଁ, ଶଗଡ଼ା, ବଡ଼ମାଛପୁର, ଅଲଣ୍ଡା, ଶାଇଁସଶାସନ ଆଦି ୫ ପଞ୍ଚାୟତର ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ସେ ଅଞ୍ଚଳର ବିପନ୍ନ ଲୋକଙ୍କ ଅଭାବ ଅସୁବିଧା ଏବଂ ବନ୍ୟା ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଶାସନ ପକ୍ଷରୁ ଜଳବନ୍ଦୀରେ ରହିଥିବା ବନ୍ୟା ବିପନ୍ନଙ୍କୁ ୭ ଦିନ ପାଇଁ ରିଲିଫ୍ ପ୍ରଦାନ ଏବଂ ୩ ଦିନ ହେଲା ପାଣି ଘେରରେ ଭୋକ ଉପାସରେ ଥିବା ବିପନ୍ନ ଗୋସମ୍ପଦ, ଗୃହପାଳିତ ପ୍ରାଣୀଙ୍କୁ ୭ ଦିନ ପାଇଁ ଗୋଖାଦ୍ୟ ଯୋଗାଇ ଦେବାକୁ ଦାବି କରିଛନ୍ତି।

# ୩ ଦିନ ହେଲା ଭୋକରେ ୩୦ ହଜାର ଗୋ-ସମ୍ପଦ

ନିମାପଡ଼ା,୧୮।୮(ଡି.ଏନ୍.ଏ.):

ଧନୁଆଁ ନଦୀରେ ବନ୍ୟା ଯୋଗୁ ନିମାପଡ଼ା ବ୍ଲକର ୧୪ ପଞ୍ଚାୟତ ଜଳାର୍ଣ୍ଣବ ହୋଇ ପଡିଛି। ୧୫୦ ଗ୍ରାମର ୪୫ ହଜାର ଲୋକ ପାଣି ଘେରରେ ଜଳବନ୍ଦୀ ହୋଇ ଅଛନ୍ତି। ଇତିମଧ୍ୟରେ ବନ୍ୟାକୁ ୩ ଦିନ ବିତିଥିଲେ ମଧ୍ୟ ୧୫୦ ଗ୍ରାମକୁ ୧୮ଟି ଡଙ୍ଗା ଯୋଗାଇ ଦିଆଯାଇଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଜଣାପଡିଛି। ବିପନ୍ନଙ୍କ ପାଖରେ ଆଦୌ ସରକାରୀ ରିଲିଫ୍ ପହଞ୍ଚି ପାରି ନାହିଁ।

### ଉପାସରେ ଗୃହପାଳିତ ପ୍ରାଣୀ

ବନ୍ୟାଜଳରେ ଚାଷଜମି ବୁଡ଼ି ଯାଇ ଫସଲସବୁ ନଷ୍ଟ ହୋଇଯାଇଛି। ଗାଁ ଦାଣ୍ଡ, ରାସ୍ତା, ପଡିଆ ଆଦି ବୁଡି ଯାଇଥିବାରୁ ଗୃହପାଳିତ ପ୍ରାଣୀମାନେ ପାଣି ଭିତରେ ଦିନ କାଟୁଛନ୍ତି। ୧୭ ହଜାର ୫୯୦ ଗୋରୁ, ୫ ହଜାର ୨୬୪ ଛେଳି ମେଣ୍ଢାଙ୍କ ଜୀବନ ବିପଦରେ ରହିଛି। ବନ୍ୟାଞ୍ଚଳରେ ୩୦ ହଜାରରୁ ଉର୍ଦ୍ଧ୍ୱ ଗୋସମ୍ପଦ ପାଣି ଘେରରୁ ବାହାରି ନ ପାରି ଉପାସରେ ରହିଛନ୍ତି।

### ବିପନ୍ନଙ୍କ ପାଇଁ ରିଲିଫ୍ ବ୍ୟବସ୍ଥା

ସବୁ ବନ୍ୟାରେ ବିପନ୍ନଙ୍କ ପାଇଁ ଚାଉଳ, ଚୁଡା, ଗୁଡ ରିଲିଫ୍ ଆକାରରେ ଦିଆଯାଇଥାଏ। ହେଲେ ଚଳିତ ବନ୍ୟାରେ ବିପନ୍ନଙ୍କ ପାଇଁ ରିଲିଫ୍ ଯୋଗାଣ ବ୍ୟବସ୍ଥା ହୋଇ ନ ଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବ୍ଲକର ୧୪ ପଞ୍ଚାୟତ ବନ୍ୟା ଘେରରେ ଥିବାବେଳେ କେବଳ ୬ ପଞ୍ଚାୟତର ବିପନ୍ନଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ଏଥିସହ ସେମାନଙ୍କୁ ୧ ହଜାର ୮୧ଜଣଙ୍କୁ ୫୦ କ୍ୱିଣ୍ଟାଲ ଚୁଡା, ୫ କ୍ୱିଣ୍ଟାଲ ଗୁଡ ଏବଂ ୮୭୬ ଜଣଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିବା ବିଡିଓ ବସନ୍ତ ମଲ୍ଲିକ କହିଛନ୍ତି।

**ଗଣଶିକ୍ଷା ମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ**

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଜିଲା ପରିଷଦସଭ୍ୟ ପ୍ରଦୀପ୍ତ ଖଟୋଇ ନିମାପଡ଼ା ବ୍ଲକର ବାମନାଳ, ଧନୁଆଁ, ଅଲଣ୍ଡା, ଶାଇଁସଶାସନ, ବଡଶିରୁଳା, କୋଟକୋସାଙ୍ଗ ଆଦି ପଞ୍ଚାୟତର ୩୦ ବନ୍ୟାପ୍ଲାବିତ ଅଞ୍ଚଳ ବୋଟ ଯୋଗେ ପରିଦର୍ଶନ କରିଛନ୍ତି। ବିପନ୍ନଙ୍କୁ ଭେଟି ମନ୍ତ୍ରୀ ଦାଶ ଅଭାବ ଅସୁବିଧା ପଚାରି ବୁଝିଥିଲେ।



ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୋଟ ଯୋଗେ ବନ୍ୟାପ୍ଲାବିତ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

# କମୁଛି ପାଣି, ବଢୁଛି ଦୁର୍ଦ୍ଦଶା

## ବନ୍ୟାର ୭୨ଘଣ୍ଟା ପରେ ବି ମିଳିନି ରନ୍ଧା ଖାଦ୍ୟ

ପିପିଲି,୧୮।୮(ସ୍ୱ.ପ୍ର.):

ଦୟା ଓ ଭାର୍ଗବୀ ନଦୀରେ ଜଳସ୍ତର ହ୍ରାସ ପାଇଥିବାରୁ କଣ୍ଟି ଓ ମାଧିପୁର କାଜରେ ଆସୁଥିବା ବନ୍ୟାପାଣି ହ୍ରାସ ପାଇଛି। ଅନ୍ୟପଟେ ବିପନ୍ନଙ୍କ ଦୁର୍ଦ୍ଦଶା ବଢିଛି । ବନ୍ୟା ଦ୍ୱାରା ପିପିଲି ବ୍ଲକ ଅଧୀନ ୬ଟି ପଞ୍ଚାୟତର ୧୪ଟି ଗ୍ରାମର ୨୨ଟି ୱାର୍ଡର ୪ହଜାର ୩୪୦ ଲୋକ ପ୍ରଭାବିତ ହୋଇଥିବା ବୁଧବାର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ଗୁରୁବାର ଏହି ସଂଖ୍ୟା ବୃଦ୍ଧି ପାଇଛି। ୨୪ଟି ଗାଁର ୭୧ୱାର୍ଡର ୧୪ହଜାର ୩୩୪ ଲୋକ ପ୍ରଭାବିତ ହୋଇଥିବାବେଳେ କଣ୍ଟି, ଭାରତୀପୁର, ହାଟସାହି ପଞ୍ଚାୟତର ୭ଟି କ୍ୟାମ୍ପରେ ୪୮୯ ଜଣ ବିପନ୍ନ ଆଶ୍ରୟ ନେଇଛନ୍ତି। ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ପୋପରଙ୍ଗା ପଞ୍ଚାୟତ ପାଟଲପୁର ଗ୍ରାମବାସୀଙ୍କୁ ୨ଟି ଡଙ୍ଗା ଯୋଗାଇ ଦିଆଯାଇଛି। ଅନ୍ୟପକ୍ଷରେ ବନ୍ୟାର ୭୨ ଘଣ୍ଟା ପରେ ବି ରନ୍ଧା ଖାଦ୍ୟ ମିଳିନାହିଁ ବୋଲି ଅନେକ ବିପନ୍ନ ଅଭିଯୋଗ କରିଛନ୍ତି। ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବିଘାନ ପୁରୋହିତ, ପିପିଲି ସହକାରୀ ନିର୍ବାହୀ ଯନ୍ତ୍ରୀ ସଦାନନ୍ଦ ପ୍ରଧାନ ଏବଂ ସହକାରୀ ଯନ୍ତ୍ରୀ ଜିତୁକ୍ରିଷ୍ଣ ନନ୍ଦ ଦୟା ଓ ଭାର୍ଗବୀ ନଦୀବନ୍ଧ ପରିଦର୍ଶନ କରିଛନ୍ତି।

### ଗୃହପାଳିତ ପ୍ରାଣୀ ପ୍ରଭାବିତ

୬ଟି ପଞ୍ଚାୟତର ୩୪୧୯ ଗୋରୁ, ୨୩୮ ଛେଳି ମେଣ୍ଢା ଏବଂ ୩୦ ହଜାରରୁ ଉର୍ଦ୍ଧ୍ୱ କୁକୁଡା ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ୧୨ମେଟ୍ରିକ ଟନ୍ ଗୋଖାଦ୍ୟ ପିପିଲିରେ ପହଞ୍ଚିଥିବା ପ୍ରାଣୀ ଚିକିତ୍ସକ ଆଲୋକ କୁମାର ମିଶ୍ର କହିଛନ୍ତି। ୬ଜଣ ଏଲ୍ଆଇଙ୍କୁ ଦାୟିତ୍ୱରେ ରଖାଯାଇଛି।

### ଉଜୁଡ଼ିଲା ଧାନଫସଲ

କଣ୍ଟି, ପାଣିଦୋଳ, ଭାରତୀପୁର, ହାଟସାହି ଏବଂ ପୋପରଙ୍ଗା ପଞ୍ଚାୟତର ଚାଷଜମି ବନ୍ୟା ପାଣିରେ ବୁଡ଼ିରହିଛି। ଫଳରେ ୨ହଜାର ୫୦ ହେକ୍ଟର ଧାନଫସଲ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ଛାଡ଼ିଲେ ଏହି ୫ ପଞ୍ଚାୟତ ସମେତ ଅନ୍ୟ ପଞ୍ଚାୟତର କ୍ଷୟକ୍ଷତି ଆକଳନ କରାଯିବ ବୋଲି ପିପିଲି ବ୍ଲକ ସହକାରୀ କୃଷି ଅଧିକାରୀ ଜୟଲକ୍ଷ୍ମୀ ସାହୁ କହିଛନ୍ତି।

## ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ପିପିଲି ବିଧାୟକ



ପିପିଲି,୧୮।୮(ଡି.ଏନ୍.ଏ./ସ୍ୱ.ପ୍ର.):

ପିପିଲି ବ୍ଲକ ଅଧୀନ ପୋପରଙ୍ଗା, ଜଗନ୍ନାଥପୁର ଓ କଣ୍ଟି ପଞ୍ଚାୟତର ବିଭିନ୍ନ ଗାଁକୁ ଗୁରୁବାର ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯାଇ ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ ବିପନ୍ନଙ୍କୁ ଭେଟି ସମସ୍ୟା ବୁଝିବା ସହ ସରକାରୀ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ପାଣିଘେରରେ ଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଉଦ୍ଧାର କରି ଆଣିବା ସହ ଖାଦ୍ୟ ଓ ପାନୀୟଜଳ ଯୋଗାଇଦେବା ନେଇ ବିଡିଓ ରଶ୍ମିତା ନାଥ ଏବଂ ତହସିଲଦାର ପୁନମ ମହାପାତ୍ରଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ଓ ସରପଞ୍ଚଙ୍କ ପ୍ରତିନିଧି ବିଷ୍ଣୁପ୍ରସାଦ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

### ପାଣି ଘେରରେ ୯ ଅଙ୍ଗନୱାଡି କେନ୍ଦ୍ର

ଉପରୋକ୍ତ ୬ ପଞ୍ଚାୟତରେ ୯ଟି ଅଙ୍ଗନୱାଡି କେନ୍ଦ୍ର ପାଣିଘେରରେ ରହିଛି। ଏହି କେନ୍ଦ୍ର ଗୁଡ଼ିକର ପିଲାଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। ବର୍ତ୍ତମାନ ସ୍ଥିତିରେ ରନ୍ଧା ଖାଦ୍ୟ ଯୋଗାଇଦେବା ସମ୍ଭବ ନୁହେଁ ବୋଲି ସିଡିପିଓ କହିଛନ୍ତି।